୪୭

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଡିସେମ୍ବର ୪/୨୦୧୯ (୨୦ ପୃଷ୍ଠା) Bhubaneswar, Wednesday, December 4/2019 ★★★★

୪୬ଶ ଭାଗ ୧୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-



**ମେସିଙ୍କୁ ରେକର୍ଡ ବାଲୋନ ଡି' ଅର**

ଆର୍ଜେଣ୍ଟିନାର ତାରକା ଫୁଟବଲ ଖେଳାଳି ଲିଓନେଲ ମେସି ସୋମବାର ରେକର୍ଡ ୬ଷ୍ଠ ଥରପାଇଁ ବାଲୋନ ଡି'ଅର ପୁରସ୍କାର ପାଇଛନ୍ତି।

୧୮

୦୨

**ନର୍ଗୀସ୍‌ଙ୍କ ଚାଞ୍ଚଲ୍ୟକର ବୟାନ୍**

ବଲିଉଡ୍ ଫିଲ୍ମ 'ରକ୍‌ଷ୍ଟାର୍'ରୁ ଡେବ୍ୟୁ କରିଥିବା ଆମେରିକାନ୍ ମେଡେଲ ତଥା ଅଭିନେତ୍ରୀ ନର୍ଗୀସ୍ ଫଖ୍‌ରି ନିଜର ନଗ୍ନ ଫଟୋ ଶୁଟ୍ କରାଇ ନ ଥିବା କହିଛନ୍ତି।



# ଅପରାଧର ଶିକାର

ନିକଟରେ ହାଇଦ୍ରାବାଦରେ ମହିଳା ଡାକ୍ତରଙ୍କୁ ଗଣବଳାତ୍କାର ଓ ହତ୍ୟା ଘଟଣା ସମଗ୍ର ଭାରତରେ ଚାଞ୍ଚଲ୍ୟ ଖେଳାଇଛି। ପ୍ରାୟ ସବୁ ଗଣମାଧ୍ୟମରେ ଏ ସମ୍ପର୍କରେ ଆଲୋଚନା ହୋଇସାରିଲାଣି। ତେବେ କେହି ଜଣେ ମଧ୍ୟ କୌଣସି ପ୍ରତିକାର ସମ୍ପର୍କରେ ସ୍ପଷ୍ଟ ମତ ଦେବାର ଆମେ ଦେଖିନାହୁଁ। ସମସ୍ତେ କଠୋର ଆଇନ ପ୍ରଣୟନ ଓ ଦୋଷୀଙ୍କୁ ଦଣ୍ଡ ଦେବା ବିଷୟ ଉଲ୍ଲେଖ କରୁଛନ୍ତି। କେବଳ ହାଇଦ୍ରାବାଦ ନୁହେଁ, ୨୦୧୨ରେ 'ନିର୍ଭୟା', ୨୦୧୮ରେ ଜମ୍ମୁ କଶ୍ମୀରର କଠୁଆ ଏବଂ ଏବେ ଓଡ଼ିଶାର ତୀର୍ଥସ୍ଥାନ ପୁରୀ ଓ ବିହାରର ବକ୍ସର ପର୍ଯ୍ୟନ୍ତ ଏହିଭଳି ଜଘନ୍ୟ ଘଟଣା ସମଗ୍ର ଭାରତବର୍ଷରେ ଘଟିଚାଲିଛି। ଏଭଳି ବଳାତ୍କାର ଘଟଣାରେ ଅପରାଧୀଙ୍କୁ ସର୍ବସମ୍ମୁଖରେ ଫାଶୀ ଦିଆଯାଉ ବୋଲି ପାର୍ଲାମେଣ୍ଟରେ ରାଜ୍ୟ ସଭା ସଦସ୍ୟା ଜୟା ବଚ୍ଚନ ପ୍ରସ୍ତାବ ଦେଇଛନ୍ତି। ବାସ୍ତବ କାରଣକୁ ନ ବୁଝି ତତ୍‌କ୍ଷଣାତ୍ ମତ ଦେଇଦେଲେ ଯେ ବଳାତ୍କାର ଭଳି ଘଟଣା ରାତାରାତି କମିଯିବ ଭାବିବା ଭୁଲ। ଯେଉଁ ଦେଶରେ ପୋଲିସ ବ୍ୟବସ୍ଥା ନିରୀହଙ୍କୁ ଦଣ୍ଡ ଦେଉଛି ଓ ଦୋଷୀଙ୍କୁ ମୁକ୍ତ ବିଚରଣ କରିବା ଲାଗି ଛାଡ଼ିଦେଉଛି, ସେଠାରେ ଲୋକେ ଆଇନକୁ ହାତକୁ ନେଲେ ପରିବର୍ତ୍ତନ ଆସିପାରିବ ବୋଲି ଭାବି ହେଉନାହିଁ। ଏପରି କି 'ନିର୍ଭୟା' ପୂର୍ବରୁ ଏ ଦେଶରେ ବଳାତ୍କାରୀଙ୍କ ପାଇଁ କଠୋର ନିୟମ ରହିଥିଲା। ହେଲେ ତାହା କାର୍ଯ୍ୟକାରୀ ହୋଇ ନ ପାରିବାରୁ ଅମାନୁଷିକ ଘଟଣା ହ୍ରାସ ପାଇପାରୁ ନାହିଁ। ଯୌନ ବିକୃତଜନିତ ଘଟଣା ଲାଗି କିଭଳି ଦଣ୍ଡ ବ୍ୟବସ୍ଥା ରହିଛି ତାହା ସମସ୍ତେ ଜାଣିନାହାନ୍ତି। କାରଣ ଛାପା ଓ ଇଲେକ୍‌ଟ୍ରୋନିକ୍ ଗଣମାଧ୍ୟମରେ କେବଳ ଏହା ବିସ୍ତୃତ ଭାବେ ବର୍ଣ୍ଣନା ହେଉଛି। କାଗଜକଲମ ଓ ଟେଲିଭିଜନ କାର୍ଯ୍ୟକ୍ରମ ଆଲୋଚନାରେ ବସୁଥିବା ବ୍ୟକ୍ତିଙ୍କ କଥାକୁ ସମାଜର ସବୁ ଶ୍ରେଣୀର ଲୋକେ ଦେଖି ନ ଥାଆନ୍ତି। ବଳାତ୍କାର ପରି ଘଟଣା ମାଦକଦ୍ରବ ସେବନକାରୀ ଓ ମାସ ମାସ ଧରି ପରିବାରଠାରୁ ଦୂରରେ ରହୁଥିବା କେବଳ ଡ୍ରାଇଭରମାନେ କରୁଥିବା କହି ଖସିଯିବା ଉଚିତ ନୁହେଁ। ଏଠାରେ ମନେପଡ଼େ କିଛିବର୍ଷ ପୂର୍ବରୁ ରାଜସ୍ଥାନର ଗ୍ରାମାଞ୍ଚଳରେ ମହିଳାଙ୍କ ପ୍ରତି ହେଉଥିବା ଅତ୍ୟାଚାରର ଏକ ଭିଡିଓ ଭାଇରାଲ କଥା । ଜଣେ ନାବାଳିକା ବିଲରେ କାମ କରୁଥିବା ବେଳେ କେହି ଜଣେ ବ୍ୟକ୍ତି ଭିଡିଓ ଉଠାଇଥିଲେ, ଯେଉଁଥିରେ ସ୍ପଷ୍ଟ ଦର୍ଶାଯାଇଥିଲା ୪ଜଣ ବ୍ୟକ୍ତି ସେହି ନାବାଳିକାଙ୍କୁ ତାଙ୍କ ମା'ଙ୍କ ନିକଟରୁ ଜୋରଜବରଦସ୍ତି ଅପହରଣ କରି ନେଉଛନ୍ତି। ସେଥିରୁ ବୁଝିବାକୁ ହେବ ଯେ, ଗ୍ରାମାଞ୍ଚଳ ଏବଂ ଭାରତୀୟ ସହରଗୁଡ଼ିକରେ ଥିବା ବସ୍ତି ଅଞ୍ଚଳରେ ମହିଳା ଓ ଝିଅମାନେ ଅତ୍ୟନ୍ତ ଅସୁରକ୍ଷିତ। ଏହା କେବଳ ହିନ୍ଦୁ, ମୁସଲମାନ ବିଭେଦରେ ବାଣ୍ଟିଦେଲେ ହେବନାହିଁ। ସାଧାରଣରେ ଦେଖାଯାଇଛି ଯେ, ହିନ୍ଦୁ ପୁରୁଷ ଅତ୍ୟାଚାର କରିଥାଏ ହିନ୍ଦୁ ମହିଳାଙ୍କ ଉପରେ। ଅର୍ଥାତ୍ ଅପରାଧୀର ଧର୍ମ ସହିତ କୌଣସି ସମ୍ପର୍କ ନ ଥାଏ।

**ତଥାଗତ ସତପଥୀ**

ଏଭଳି ସ୍ଥଳେ କିଭଳି ଭାବେ ସଚେତନତା ସୃଷ୍ଟି କରାଗଲେ ଏହାର ମାତ୍ରା କମିଯାଇପାରିବ ବୋଲି ଏଠାରେ ପ୍ରଶ୍ନ ଉଠିପାରେ। ଏହି ପରିପ୍ରେକ୍ଷୀରେ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାକୁ ଦୃଷ୍ଟାନ୍ତ ଭାବେ ଦେଖାଯାଉ। ସରକାର ନିଜ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ସହରଠାରୁ ଗାଁ ଯାଏ ଗାଡ଼ିରେ ପୋଷ୍ଟର ମାରି ପ୍ରଚାର କରିଚାଲୁଛନ୍ତି। ଫଳରେ ସାଧାରଣ ଲୋକ ସରକାରୀ ସୁବିଧା ବିଷୟରେ ଜାଣିବା ପାଇଁ ଗାଡ଼ି ନିକଟରେ ରୁଣ୍ଡ ହେଉଛନ୍ତି। ଏପରି କି ଯେଉଁମାନେ ଯୋଜନା ବା କାର୍ଯ୍ୟକ୍ରମ ବିଷୟରେ ଅବୁଝା ରହୁଛନ୍ତି, ସେମାନେ ଅଧିକ ଜାଣିବା ଲାଗି ଅନ୍ୟର ସହାୟତା ନେଉଛନ୍ତି। ସେହି ଦୃଷ୍ଟିରୁ ଦେଖିଲେ ଯଦି ବଳାତ୍କାର ଓ ହତ୍ୟା ପରି ବୀଭତ୍ସ କାଣ୍ଡ ଘଟାଇଥିବା ବ୍ୟକ୍ତିଙ୍କୁ କଠୋର ଦଣ୍ଡ ଦିଆଯିବା ନେଇ ଗାଡ଼ି ଓ ରାସ୍ତାଘାଟରେ ଉଲ୍ଲେଖ କରାଯାଇପାରନ୍ତା, ତାହାହେଲେ ସମ୍ଭବତଃ ଜନଜାଗରଣ ସୃଷ୍ଟି ହୋଇପାରନ୍ତା। କେବଳ ସେତିକି ନୁହେଁ, ସେହି ଦାବିକୁ ସତ୍ୟ ବୋଲି ପ୍ରମାଣ କରିବା ପାଇଁ ଯାଇ ସରକାର ଅତିଶୀଘ୍ର 'ନିର୍ଭୟା' ମାମଲାରେ ଦୋଷୀ ସାବ୍ୟସ୍ତ ବ୍ୟକ୍ତିମାନଙ୍କ ସହ ଦେଶରେ ଅନ୍ୟସବୁ ସାବ୍ୟସ୍ତ ଦୋଷୀଙ୍କୁ ସାଧାରଣରେ ଯଦି ଫାଶୀ ଦେବାର ବନ୍ଦୋବସ୍ତ କରନ୍ତେ, ଏହିଭଳି ଅପରାଧ ହ୍ରାସ ପାଇପାରନ୍ତା। ଅନ୍ୟପଟେ ସଂସଦରେ ଜୟା ବଚ୍ଚନ ଦେଇଥିବା ଭାଷଣକୁ ସମର୍ଥନ କରିପାରୁନାହୁଁ। ଜୟା କହିଛନ୍ତି, ଧରାପଡ଼ିଥିବା ଅପରାଧୀଙ୍କୁ ତତ୍‌କ୍ଷଣାତ୍ ଫାଶୀ ଦିଆଯାଉ। ଏଭଳି ନ୍ୟାୟକୁ ସୁଯୋଗ ଦେଲେ ଅଧିକ ଅନ୍ୟାୟ ଘଟିବାର ସବୁ ଆଶଙ୍କା ରହିଛି। ଭାରତୀୟ ପୋଲିସ ପାଖରେ ଯେକୌଣସି ନାଗରିକର କାର୍ଯ୍ୟ ପଡିଛି, ସମସ୍ତେ ଜାଣିଥିବେ ଯେ ନ୍ୟାୟ ପାଇବା ଅତ୍ୟନ୍ତ କଷ୍ଟକର। ଅଧିକାଂଶ ଘଟଣାରେ ଭାରତୀୟ ପୋଲିସର ଆଭିମୁଖ୍ୟ ଅନୁଯାୟୀ ଅଭିଯୋଗକାରୀ ହେଉଛି ପ୍ରଥମ ଦୋଷୀ। ସେଇଥିପାଇଁ ପୋଲିସ କେବେହେଲେ ଉଚିତ ସମୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେନାହିଁ। ହାଇଦ୍ରାବାଦ ପ୍ରାଣୀ ଡାକ୍ତରାଣୀଙ୍କ ଘଟଣା ତା'ର ଜ୍ୱଳନ୍ତ ଉଦାହରଣ। ତାଙ୍କ ପରିବାରବର୍ଗ ଯେତେବେଳେ ଥାନାରେ ପହଞ୍ଚି ଅଭିଯୋଗ କଲେ ସେତେବେଳେ ହୁଏତ ଝିଅଟି ଜୀବିତ ଥିଲେ। କିନ୍ତୁ ତତ୍‌କ୍ଷଣାତ୍ ଖୋଜିବା ପରିବର୍ତ୍ତେ ପୋଲିସ ଏହି ଘଟଣା ସେହି ଥାନା ଅଞ୍ଚଳରେ ଆସୁନାହିଁ କହି ନିଷ୍କ୍ରିୟ ରହିଲା। ଅନ୍ୟ ଦେଶଗୁଡ଼ିକରେ ଏଭଳି ନିର୍ମମ ମାନସିକତା ପୋଲିସଠାରେ ଦେଖାଦିଏ ନାହିଁ। ଯେକୌଣସି ଥାନାର ଅଧିକାରୀ ପାଖରେ ଅଭିଯୋଗ ପହଞ୍ଚିଲେ ସେମାନେ ଅଞ୍ଚଳ ଦେଖିବା ପରିବର୍ତ୍ତେ ଅପରାଧର ଗମ୍ଭୀରତା ଦେଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତି। ଭାରତରେ ସେଭଳି ପ୍ରତିକ୍ରିୟା ପୋଲିସଠାରୁ ମିଳେନାହିଁ।

ଅନ୍ୟ ଏକ ଦିଗକୁ ଦେଖାଯାଇପାରେ। ମୋଦି ସରକାର ବିଭିନ୍ନ ଆଳରେ 'ଡିଜିଟାଲ ଇଣ୍ଡିଆ'ର ଭିତ୍ତିଭୂମି ପକାଇବାକୁ ବ୍ୟସ୍ତ। ଦୁଃଖର ବିଷୟ ହେଉଛି, ଏହି ଡିଜିଟାଲ ଯୁଗ ସୃଷ୍ଟି କରିବାର ପ୍ରତ୍ୟେକଟି ପଦକ୍ଷେପ କେବଳ ବ୍ୟବସାୟ, ଅର୍ଥ ଓ ବିକାଶ କ୍ଷେତ୍ରରେ ସୀମିତ ରହିଯାଉଛି। ସାମାଜିକ ଅସ୍ଥିରତା ସୃଷ୍ଟି ହେଲେ କୌଣସି ବ୍ୟବସାୟ ସଫଳ ହେବନାହିଁ। ଧର୍ମ, ଜାତିଆଣ ଘୃଣା ଓ ହିଂସା ବୃଦ୍ଧି ପାଉଥିବାରୁ ଭାରତରେ ଅର୍ଥନୈତିକ ମାନ୍ଦାବସ୍ଥା ସୃଷ୍ଟି ହୋଇଛି। ଡିଜିଟାଲ ଇଣ୍ଡିଆକୁ କେବଳ ଅର୍ଥନୀତିରେ ସୀମିତ ନ ରଖି ସାମାଜିକ ସ୍ଥିରତା ସୃଷ୍ଟି କରିବା ଲାଗି ବ୍ୟବହାର କରାଯିବା ଦରକାର। ଅନେକ ହଜାର କୋଟି ଟଙ୍କା ଖର୍ଚ୍ଚ କରି ଆଧାର କାର୍ଡ ତିଆରି କରୁଥିବା ମୋଦି ସରକାର କହୁଥିଲେ ଯେ, ଏହାଦ୍ୱାରା ଅପରାଧୀ ଧରାପଡ଼ିଯିବେ। ବାସ୍ତବତା ତାହାକୁ ଅସତ୍ୟ ବୋଲି ପ୍ରମାଣିତ କରିସାରିଲାଣି। ଆଜିର ଯୁଗରେ ଅପରାଧୀକୁ ଘଟଣା ପରେ ଧରିବାଠାରୁ ଅଧିକ ଗୁରୁତ୍ୱ ବହନ କରୁଛି ଅପରାଧ ଅଟକାଇବା। ସେଥିପାଇଁ ମହିଳାଙ୍କ ପ୍ରତି ହେଉଥିବା ଅତ୍ୟାଚାର ଓ ହିଂସା ଦିଗରେ ଡିଜିଟାଲ ଇଣ୍ଡିଆର ଅବଦାନ ରହିବା ଦରକାର। ଯଦି 'ଉବର' ଏବଂ 'ଓଲା' ଭଳି ଟ୍ୟାକ୍ସି କମ୍ପାନୀ ନିଜ ଡ୍ରାଇଭର ସହ ଗାଡ଼ିକୁ ୫ରୁ ୭ ମିନିଟ ମଧ୍ୟରେ ଯେକୌଣସି ସ୍ଥାନରେ ପହଞ୍ଚାଇ ପାରୁଛନ୍ତି, ତେବେ ସରକାରୀ କଳ ଦ୍ୱାରା ମହିଳାଙ୍କ ସୁରକ୍ଷା ପାଇଁ ସେହିଭଳି ବ୍ୟବସ୍ଥା ଅତି ସହଜରେ କାର୍ଯ୍ୟକାରୀ କରାଯାଇପାରନ୍ତା। କେନ୍ଦ୍ର ସରକାର ଯଦି ଇଚ୍ଛା ପ୍ରକାଶ କରନ୍ତେ, ତେବେ ଉବର ଏବଂ ଓଲା ଭଳି କମ୍ପାନୀ ସହ ଗୁଗଲ୍ ଏବଂ ଅନ୍ୟ ଇଣ୍ଟରନେଟ୍ ଜଡିତ ବୈଷୟିକ କମ୍ପାନୀକୁ ମିଶାଇ ଏକ 'ଆପ୍' ପ୍ରସ୍ତୁତ କରିପାରନ୍ତେ, ଯଦ୍ୱାରା ପ୍ରତ୍ୟେକ ମହିଳା ଉପକୃତ ହୋଇପାରନ୍ତେ। ଅର୍ଥାତ୍ କୌଣସି ମହିଳା ନିଜ ପ୍ରତି ବିପଦ ଆଶଙ୍କା କଲେ ସେହି 'ଆପ୍'କୁ ବ୍ୟବହାର କରି ଅସୁରକ୍ଷିତ ସ୍ଥାନରୁ ନିଜକୁ ନିରାପଦ କରାଇବାର ସୁଯୋଗ ପାଇପାରନ୍ତେ। ଏଥିସହିତ ସେହି ମହିଳାଙ୍କ ସହାୟତା ପାଇଁ ପଠାଯାଇଥିବା ଗାଡ଼ି ବା ପିସିଆର୍‌ର କମ୍ପ୍ୟୁଟର ମାଧ୍ୟମରେ ଟ୍ରାକିଂ ବା ସ୍ଥାନ ନିରୂପଣ ମଧ୍ୟ ହୋଇପାରିବ। ଏହିଭଳି ବ୍ୟବସ୍ଥା ଅନ୍ୟ ଦେଶରେ ଉପଲବ୍ଧ ଅଛି। ସେଥିପାଇଁ ରାଜନୈତିକ ଇଚ୍ଛାଶକ୍ତି ପ୍ରୟୋଜନ। କେନ୍ଦ୍ର ସରକାରଙ୍କ ଦ୍ୱାରା ଆଧାର କାର୍ଡ କରାଇବା ପାଇଁ ଯେତିକି ଜନସଚେତନତା ସୃଷ୍ଟି କରାଯାଇଛି, ସେତିକି ଜନଜାଗରଣ ଯଦି ସୃଷ୍ଟି କରାଯାଇପାରନ୍ତା, ହୁଏତ ବଳାତ୍କାର, ଅସଦାଚରଣ, ବୀଭତ୍ସ ହତ୍ୟା ଭଳି ଘଟୁଥିବା ଅପରାଧ ଅନେକାଂଶରେ ରୋକାଯାଇପାରନ୍ତା। ସେଭଳି ପଦକ୍ଷେପ ଗ୍ରହଣ କଲେ ଭାରତୀୟ ସମାଜରେ ସକାରାତ୍ମକ ପରିବର୍ତ୍ତନ ଘଟିପାରେ। କିନ୍ତୁ ଆଧାର କାର୍ଡ ମାଧ୍ୟମରେ ଗଚ୍ଛିତ ହେଉଥିବା ତଥ୍ୟ (ଡାଟା) ଭଳି ମୂଲ୍ୟବାନ ସମ୍ବଳ ଆଜିର ରାଜନୈତିକ ନେତା କିମ୍ବା ବ୍ୟବସାୟୀଙ୍କୁ ମିଳିପାରିବ ନାହିଁ। ଯେଉଁ ପର୍ଯ୍ୟନ୍ତ ଜନତା ଜାଗିନାହାନ୍ତି, ସେପର୍ଯ୍ୟନ୍ତ ଏହିଭଳି ଅତ୍ୟାଚାରର ଶିକାର ହେବା ପାଇଁ ଆମେ ସମସ୍ତେ ବାଧ୍ୟ।

# ଚେନ୍ନାଇ ଇଞ୍ଜିନିୟର ପାଇଲେ ବିକ୍ରମ ସନ୍ଧାନ

**ଚନ୍ଦ୍ରପୃଷ୍ଠରେ ବିକ୍ରମ ଲ୍ୟାଣ୍ଡର ହାର୍ଡ ଲ୍ୟାଣ୍ଡିଂ କରିବାର ୨୦ ଦିନ ପରେ ଅର୍ଥାତ୍ ସେପ୍ଟେମ୍ବର ୨୬ରେ ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସା ଉକ୍ତ ସ୍ଥାନର ଏକ ମୋଜାଇକ୍ ଛବି ଜାରି କରିଥିଲା। ଏହାସହ ବିକ୍ରମକୁ ଖୋଜି ବାହାର କରିବାରେ ସାହାଯ୍ୟ ପାଇଁ ଲୋକଙ୍କୁ ଅନୁରୋଧ କରିଥିଲା। ଏହାର ମାତ୍ର ସପ୍ତାହେ ପରେ (ଅକ୍ଟୋବର ୩ରେ) ଚେନ୍ନାଇର ୩୩ ବର୍ଷୀୟ ମେକାନିକାଲ୍ ଇଞ୍ଜିନିୟର ଶନମୁଗା ସୁବ୍ରମଣ୍ୟମ୍ ନାସାର ହ୍ୟାଣ୍ଡଲ, ଏହାର ଲୁନାର୍ ରିକନାଇସାନ୍ସ ଅର୍ବିଟର (ଏଲ୍‌ଆର୍‌ଓ) ଏବଂ ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଇସ୍ରୋକୁ ଏକ ଟୁଇଟ୍‌ରେ ଟ୍ୟାଗ୍ କରିଥିଲେ। ଏଥିରେ ସେ ନିରୀହ ଭାବେ ପ୍ରଶ୍ନ କରିଥିଲେ, 'ଏହା ବିକ୍ରମ ଲ୍ୟାଣ୍ଡର କି?' ଶେଷରେ ତାହା ହିଁ ଶନମୁଗାଙ୍କୁ ବାଟ କଢ଼ାଇ ନେଇଯାଇଥିଲା ନିଷ୍କର୍ଷ ଯାଏ।**




ଶନମୁଗା ସୁବ୍ରମଣ୍ୟମ

ୱାଶିଂଟନ/ନୂଆଦିଲ୍ଲୀ,୩।୧୨

୨୦୧୯ ସେପ୍ଟେମ୍ବର ୬ ରାତି ୨ଟା ୧୫ ମିନିଟ। ଏହା ହେଉଛି ସେହି ସମୟ, ଯେତେବେଳେ ଜହ୍ନ ରାଇଜରେ ନିଖୋଜ ହୋଇଯାଇଥିଲା ଭାରତର ଦ୍ୱିତୀୟ ଚନ୍ଦ୍ର ମିଶନ ଚନ୍ଦ୍ରୟାନ-୨ର ଲ୍ୟାଣ୍ଡର 'ବିକ୍ରମ'। ଇସ୍ରୋ ପକ୍ଷରୁ ଜୁଲାଇ ୨୨ରେ ଲଞ୍ଚ୍ ହୋଇଥିବା ଉକ୍ତ ମିଶନର ଲ୍ୟାଣ୍ଡର ରାତି ୧ଟା ୫୩ରେ ଚନ୍ଦ୍ରର ଦକ୍ଷିଣ ମେରୁକୁ ସ୍ପର୍ଶ କରିବାକୁ ଥିବାବେଳେ ଶେଷ ମୁହୂର୍ତ୍ତରେ ଏହାସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଚନ୍ଦ୍ରପୃଷ୍ଠରେ ବିକ୍ରମ ଅବତରଣ କରିବା ପରେ ତା'ଠାରୁ ରୋଭର 'ପ୍ରଜ୍ଞାନ' ଅଲଗା ହୋଇ ଜଳର ସନ୍ଧାନ କରିବା ସହ ଅନ୍ୟାନ୍ୟ ବିଷୟ ଉପରେ ଅନୁଧ୍ୟାନ କରିବ ଏବଂ ଭବିଷ୍ୟତରେ ଚନ୍ଦ୍ରକୁ ମଣିଷର ଯାତ୍ରାରେ ଏହା ସହାୟକ ହେବ ବୋଲି ଆଶା କରାଯାଉଥିଲା। ଏଥିପାଇଁ ସବୁ ପ୍ରସ୍ତୁତି ଶେଷ କରିଥିଲା ଇସ୍ରୋ। ହେଲେ ହାର୍ଡଲ୍ୟାଣ୍ଡିଂର ଶେଷ ୧୫ ମିନିଟ ଅତିକ୍ରମ କରିବା ପରେ ମଧ୍ୟ କଣ୍ଟ୍ରୋଲ ରୁମ୍‌କୁ କୌଣସି ସୂଚନା ମିଳି ନ ଥିଲା। ଶେଷରେ ପୂର୍ବରୁ ହସ୍ତଗତ ହୋଇଥିବା ସଙ୍କେତକୁ ବିଶ୍ଲେଷଣ କରାଯିବ ବୋଲି ଘୋଷଣା କରିଥିଲେ ଇସ୍ରୋ ଅଧ୍ୟକ୍ଷ କେ.ଶିବନ୍। ଏହା ପରେ ଆରମ୍ଭ ହୋଇଥିଲା 'ବିକ୍ରମ' ଖୋଜା। ଏହାକୁ ☞ପୃଷ୍ଠା-୪

- ଚନ୍ଦ୍ରପୃଷ୍ଠରେ ମିଳିଲା ବିକ୍ରମ ଭଗ୍ନାବଶେଷ
- ଟୁଇଟରରେ ଫଟୋ ଶେୟାର କଲା ନାସା
- ସେପ୍ଟେମ୍ବର ୬ ରାତିରେ ନିଖୋଜ ହୋଇଥିଲା ଲ୍ୟାଣ୍ଡର




# ବଳାତ୍କାର ପରେ ଗୁଳି
## ଜାଳିଦେଲେ ଯୁବତୀଙ୍କ ମୃତଦେହ

**ତେଲଙ୍ଗାନା ପରେ ବିହାର**

ବକ୍ସର, ୩।୧୨

ହାଇଦ୍ରାବାଦରେ ଜଣେ ମହିଳା ଡାକ୍ତରଙ୍କୁ ଗଣବଳାତ୍କାର ପରେ ପୋଡ଼ିମାରିଦେବା ଘଟଣାକୁ ନେଇ ଦେଶବ୍ୟାପୀ ନିଆଁ ଜଳୁଥିବାବେଳେ ବିହାରର ବକ୍ସର ଜିଲା ଅନ୍ତର୍ଗତ କୁକୁଡା ଗ୍ରାମରେ ଜଣେ ଯୁବତୀଙ୍କୁ ବଳାତ୍କାର ପରେ ଗୁଳିକରି ହତ୍ୟା କରାଯାଇଛି। ଏପରି କି ପ୍ରମାଣ ନଷ୍ଟ କରିବାକୁ ଯାଇ ମୃତଦେହକୁ ଜାଳିଦେବା ଭଳି ବର୍ବର ଘଟଣା ସାମ୍ନାକୁ ଆସିଛି। ଇଟାଢି ଥାନା ଅଧୀନ ଏକ ଖୋଲା ପଡ଼ିଆରୁ ଯୁବତୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହକୁ ମଙ୍ଗଳବାର ସକାଳେ ପୋଲିସ ଉଦ୍ଧାର କରିଛି। ସୋମବାର ରାତିରେ ପାଟନାରୁ ୧୦୦ କି.ମି. ଦୂର ବକ୍ସରର ଉପାନ୍ତ ଅଞ୍ଚଳରେ ଏଭଳି କାଣ୍ଡ ଘଟିଥିବା ବକ୍ସର ଡିଏସ୍‌ପି ସତୀଶ କୁମାର ପ୍ରକାଶ କରିଛନ୍ତି। ବଳାତ୍କାର ପରେ ଯୁବତୀଙ୍କ ମୁଣ୍ଡକୁ ଗୋଟିଏ ଗୁଳି ମାଡ଼ କରାଯାଇଥିବାବେଳେ ପୋଲିସ ସେଠାରୁ ଏକ ଖୋକା ଜବତ କରିଛି। ଯୁବତୀଙ୍କ ଅଣ୍ଟା ଉପରକୁ ସମ୍ପୂର୍ଣ୍ଣ ଜଳିଯାଇଥିବାରୁ ତାଙ୍କୁ ଚିହ୍ନଟ କରିବା କଷ୍ଟକର ହୋଇପଡ଼ିଛି। ଅନ୍ୟପକ୍ଷରେ ଶବ ବ୍ୟବଚ୍ଛେଦ ପରେ ଯୁବତୀଙ୍କ ବୟସ କେତେ ତାହା ଜଣାପଡ଼ିବ ବୋଲି ପୋଲିସ କହିଛି। ଘଟଣାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଥିବାବେଳେ କାହାରିକୁ ଗିରଫ କରାଯାଇନାହିଁ। ପୋଲିସ ତଦନ୍ତ ଜାରି ରହିଛି।




ହାଇଦ୍ରାବାଦର ୨୬ ବର୍ଷୀୟା ମହିଳା ଡାକ୍ତରଙ୍କୁ ଗଣବଳାତ୍କାର ଓ ହତ୍ୟା ଘଟଣାର ପ୍ରତିବାଦ ଓ ଅପରାଧୀଙ୍କ ବିରୋଧରେ କଠୋର ଦଣ୍ଡବିଧାନ ଦାବିରେ ନୂଆଦିଲ୍ଲୀରେ ମଙ୍ଗଳବାର ସାମାଜିକ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

### ପୋଲିସ କ୍ୱାର୍ଟର୍ସରେ ଗଣବଳାତ୍କାର ଘଟଣା
# '୨୦ ଦିନରେ ଚାର୍ଜଶିଟ୍'

**୨ ଅଭିଯୁକ୍ତ ଜେଲ ଗଲେ, ୨ ଫେରାର**

ପୁରୀ ଅଫିସ, ୩।୧୨

ପୁରୀ ପୋଲିସ କ୍ୱାର୍ଟର୍ସରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର ଘଟଣାରେ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବହିଷ୍କୃତ କନଷ୍ଟେବଳ ଜିତେନ୍ଦ୍ର କୁମାର ସେଠୀ (ସି-୪୫୦) ଏବଂ ପୁରୀ ସଦର ଥାନା ଅଧୀନ ଆରିଡ଼ା ଗ୍ରାମର ରାଜା ଓରଫ ରାଜେଶ କୁମାର ସେଠୀ। ପୀଡ଼ିତାଙ୍କ ବୟାନ ଭିତ୍ତିରେ ସୋମବାର ରାତିରେ ଏହି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରାଯାଇଥିଲା। ମଙ୍ଗଳବାର ଦୁହିଁଙ୍କୁ କୋର୍ଟଚାଲାଣ କରାଯାଇ ଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ଦୁଇଜଣ ଫେରାର ଅଛନ୍ତି। ଉଭୟଙ୍କୁ ଗିରଫ କରିବା ଲାଗି ପୋଲିସ ଉଦ୍ୟମ ଜାରି ରଖିଛି। ଏଥିପାଇଁ ୪ଟି ଟିମ୍ ଗଠନ ହୋଇଥିବାବେଳେ ୨୦ଦିନ ମଧ୍ୟରେ ଚାର୍ଜଶିଟ୍ ପ୍ରସ୍ତୁତ କରାଯାଇ ଫାଷ୍ଟଟ୍ରାକ୍ କୋର୍ଟଙ୍କୁ ବିଚାର ନିମନ୍ତେ ନିବେଦନ କରାଯିବ ବୋଲି ମଙ୍ଗଳବାର ଏସ୍‌ପି ଅଫିସ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରାଞ୍ଚଳ ଡିଆଇଜି ଆଶିଷ ସିଂ ସୂଚନା ଦେଇଛନ୍ତି। ଡିଆଇଜି କହିଛନ୍ତି, ଚାର୍ଜଶିଟ୍ ପରେ ଫାଷ୍ଟଟ୍ରାକ କୋର୍ଟ ମାଧ୍ୟମରେ ଯେପରି ମାମଲାର ତୁରନ୍ତ ଫଇସଲା ହୋଇପାରିବ ସେଥିଲାଗି କୋର୍ଟଙ୍କୁ ନିବେଦନ କରାଯିବ। ଏଥିଲାଗି ଅଭିଜ୍ଞ ପୋଲିସ ଅଫିସରମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି।

# ସରକାରୀ ନିଯୁକ୍ତି ଲାଗି ଗୋଟିଏ ପରୀକ୍ଷା

**ପ୍ରସ୍ତାବିତ ସିଇଟି ଗୋଟିଏ ସଂସ୍ଥା ପରିଚାଳନା କରିବ**

ନୂଆଦିଲ୍ଲୀ,୩।୧୨(ପି.ଟି.)

ସରକାରୀ ସଂସ୍ଥାରେ ଗ୍ରୁପ୍ ବି ଏବଂ ସି ପଦବୀରେ ସମସ୍ତ ନିଯୁକ୍ତି ପାଇଁ ଗୋଟିଏ ପରୀକ୍ଷା ହେବ। ଗୋଟିଏ ସଂସ୍ଥା ଏହି ସାଧାରଣ ଯୋଗ୍ୟତା ପରୀକ୍ଷା (ସିଇଟି) ପରିଚାଳନା କରିବ ବୋଲି କେନ୍ଦ୍ର ସରକାର ପ୍ରସ୍ତାବ ଆଣିଛନ୍ତି। ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍), ଭାରତୀୟ ବିଦେଶ ସେବା (ଆଇଏଫ୍‌ଏସ୍), ଭାରତୀୟ ପୋଲିସ ସେବା (ଆଇପିଏସ୍), ଭାରତୀୟ ଜଙ୍ଗଲ ସେବା (ଆଇଏଫ୍‌ଓଏସ୍) ଲାଗି ଅଫିସର ଚୟନ ନିମନ୍ତେ ପ୍ରତିବର୍ଷ କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ପରୀକ୍ଷା ପରିଚାଳନା କରିଥାଏ। ଏହା ବ୍ୟତୀତ ଗ୍ରୁପ୍ ଏ ଏବଂ ଗ୍ରୁପ୍ ବି (ଗେଜେଟେଡ୍) ସେବା ପାଇଁ ମଧ୍ୟ ଏହି ସଂସ୍ଥା ଅଫିସର ଚୟନ କରିଥାଏ। ସେହିପରି କେନ୍ଦ୍ରୀୟ ସରକାରୀ ବିଭାଗରେ ମୁଖ୍ୟତଃ ଗ୍ରୁପ୍ ବି ପଦବୀରେ କର୍ମଚାରୀ ମନୋନୟନ ଲାଗି ଷ୍ଟାଫ୍ ସିଲେକ୍ସନ କମିଶନ (ଏସ୍‌ଏସ୍‌ସି) ପରୀକ୍ଷା ପରିଚାଳନା କରିଥାଏ। ତେଣୁ ସରକାରୀ ଏବଂ ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ଅଣଗେଜେଟେଡ୍ ଗ୍ରୁପ୍ ବି, କେତେକ ☞ପୃଷ୍ଠା-୪

# ଚିନ୍ତା ବଢ଼ାଉଛି ଔଷଧ ପାର୍ଶ୍ୱ ପ୍ରତିକ୍ରିୟା

କଟକ ଅଫିସ,୩।୧୨

କେତେକ ଔଷଧ ଜୀବନ ନେଉଛି। ଆଉ କେତେକ ଔଷଧ ଖାଇବା ପରେ ରୋଗୀ ଗୁରୁତର ହୋଇପଡୁଛନ୍ତି। ବିଶେଷକରି କାହାର ହୃଦ୍‌ଘାତ ହେଉଛି ତ କାହାର ଶରୀର ଫୁଲିଯାଉଛି। ସେହିପରି କାହା ଶରୀରରେ ସୋଡିୟମ, ପୋଟାସିୟମ ଭାଗ କମ୍ ହୋଇ ଗୁରୁତର ସ୍ୱାସ୍ଥ୍ୟହାନି ହେଉଛି। ସମଗ୍ର ଦେଶରେ ଏହି ସମସ୍ୟା ଏବେ ଉଭୟ ସରକାର ଓ ରୋଗୀଙ୍କ ଚିନ୍ତା ବଢାଇଛି। ଫାର୍ମାକୋ ଭିଜିଲାନ୍ସ ପ୍ରୋଗ୍ରାମ୍ ଅଫ୍ ଇଣ୍ଡିଆ ପକ୍ଷରୁ ହେଉଥିବା ଏଡିଆର୍ (ଆଡଭର୍ସ ଡ୍ରଗ୍ ରିଆକ୍‌ସନ) ମନିଟରିଂରୁ ଏହି ତଥ୍ୟ ଜଣାପଡ଼ିଛି। ଦେଶର ବିଭିନ୍ନ ମେଡିକାଲ କଲେଜରେ ପାଖାପାଖି ୩୫୦ ମନିଟରିଂ କେନ୍ଦ୍ର କାମ କରୁଛି। ଏସ୍‌ସିବି ମେଡିକାଲ କଲେଜର ଫାର୍ମାକୋଲୋଜି ବିଭାଗରେ ଥିବା ଏହି କେନ୍ଦ୍ରରୁ ମିଳିଥିବା ତଥ୍ୟକୁ ଦେଖିଲେ ଔଷଧ ବି କେତେ ଭୟଙ୍କର ତାହା ସ୍ପଷ୍ଟ ହେଉଛି।

୨୦୧୫ରେ ବାତ ରୋଗ ପାଇଁ ଉଦ୍ଦିଷ୍ଟ କାର୍ବାମାଜେପାଇନ ନାମକ ଏକ ଔଷଧ ଦେଶର ବିଭିନ୍ନ ଅଞ୍ଚଳରେ ୧୨୨ଜଣ ରୋଗୀଙ୍କ ଜୀବନ ନେଇଥିଲା।



- ୨୦୧୫ରେ ନେଇଥିଲା ୧୨୨ ଜୀବନ
- ୧୪ ମେଡିସିନର ଲେବଲ୍ ପରିବର୍ତ୍ତନ ପାଇଁ ସୁପାରିସ

ଉକ୍ତ ଘଟଣା ପରେ ୨୦୧୬ରେ ୧୪ ପ୍ରକାର ଔଷଧର ଲେବଲ୍ ପରିବର୍ତ୍ତନ କରିବା ପାଇଁ ଇଣ୍ଡିଆନ ଫାର୍ମାକୋପିଆ କମିଶନ ସୁପାରିସ କରିଥିଲେ। ଅର୍ଥାତ୍ ଏହିସବୁ ମେଡିସିନର ଲେବଲ୍ ଉପରେ ସ୍ପଷ୍ଟ ଉଲ୍ଲେଖ ରହିବ ଯେ, ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଲେ ଏହାକୁ ପୁନର୍ବାର ରୋଗୀଙ୍କୁ ଦିଆଯିବ ନାହିଁ। ଓଡ଼ିଶାରେ ୨୦୧୧ରୁ ଫାର୍ମାକୋ ଭିଜିଲାନ୍ସ ପ୍ରୋଗ୍ରାମ କାମ କରୁଛି। ଏସ୍‌ସିବି, ବ୍ରହ୍ମପୁର, ବୁର୍ଲା ମେଡିକାଲ କଲେଜ ସହିତ ଭୁବନେଶ୍ୱରର ଏମ୍ସ ଏବଂ ଅନ୍ୟ ଦୁଇଟି ଘରୋଇ ମେଡିକାଲ କଲେଜରେ ଏହା କାର୍ଯ୍ୟ କରୁଛି। ୨୦୧୧ରେ ରାଜ୍ୟରୁ ୧୬୭ଟି ପାର୍ଶ୍ୱ ପ୍ରତିକ୍ରିୟା ସମ୍ପର୍କିତ ରିପୋର୍ଟ ମିଳିଥିବାବେଳେ ୨୦୧୨ରେ ୩୬୩, ୨୦୧୩ରେ ୫୮୦, ୨୦୧୪ରେ ୧୦୦୬, ୨୦୧୫ରେ ୧୧୫୯, ୨୦୧୬ରେ ୧୪୧୭ ଓ ୨୦୧୭ରେ ୫୮୬ ରିପୋର୍ଟ ସେଣ୍ଟ୍ରାଲ ଡାଟାବେସକୁ ପଠାଯାଇଛି। କେବଳ ଏସ୍‌ସିବି ମେଡିକାଲକୁ ଦେଖିଲେ ପ୍ରତିବର୍ଷ ୫୦୦ରୁ ଅଧିକ ରିପୋର୍ଟ ଡାଟାବେସକୁ ପଠାଯାଉଥିବା ସୂଚନା ମିଳିଛି।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଔଷଧ ପାର୍ଶ୍ୱ ପ୍ରତିକ୍ରିୟା ସମ୍ପର୍କିତ ଘଟଣାର ତଦାରଖ କରିବା ପାଇଁ ଏଭଳି ଏକ ବ୍ୟବସ୍ଥା କାମ କରୁଛି ବୋଲି ରୋଗୀ ତ ଦୂରର କଥା, ମେଡିକାଲ କର୍ମଚାରୀ ମଧ୍ୟ ଜାଣିନାହାନ୍ତି। ଏମିତି କି ରାଜ୍ୟରେ ଅନେକ ଘରୋଇ ମେଡିକାଲ କଲେଜ ଥିଲେ ମଧ୍ୟ ସମସ୍ତ ମେଡିକାଲ କଲେଜ ଏହି ବ୍ୟବସ୍ଥାକୁ ଆପଣାଇ ନାହାନ୍ତି, ଯଦ୍ୱାରା ☞ପୃଷ୍ଠା-୪

**ଆଜିର ମନ୍ତବ୍ୟ**

"ସରକାରଙ୍କ ମୁଣ୍ଡରେ କେବଳ ଗାନ୍ଧୀ ପରିବାର ନୁହେଁ, ବରଂ ୧୩୦ କୋଟି ଭାରତୀୟଙ୍କ ସୁରକ୍ଷା ଚିନ୍ତା ରହିଛି।

**-ଅମିତ୍ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ**

**କିଛି ତଥ୍ୟ**

ଚଳିତ ବର୍ଷ ସେପ୍ଟେମ୍ବର ଶେଷ ସୁଦ୍ଧା ନ୍ୟାଶନାଲ କମ୍ପାନୀ ଲ ଟ୍ରିବ୍ୟୁନାଲରେ ୧୦,୮୬୦ ଇନସଲଭେନ୍ସି ମାମଲା ପଡି ରହିଛି।

**- କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ**

Taste the difference! Vencobb FRESH CHICKEN

03.12.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 76 | 127 | 137 |
| DKL | 75 | 126 | 136 |
| BDK | 75 | 126 | 136 |
| BLS | 75 | 126 | 136 |
| ANG | 77 | 128 | 138 |
| BHM | 74 | 124 | 134 |

*Conditions Apply

Issued in the Interest of Consumers



“ଇଣ୍ଡିଆନ୍ ଆଇଡଲ ୧୧ର ବିଚାରପତି ପ୍ୟାନେଲରେ ମୋତେ ନିଆଯାଇଥିବାରୁ ମୁଁ ବହୁତ ଖୁସି। ମୋ ଦାୟିତ୍ୱ ଦୁଇଗୁଣ ବଢ଼ିଯାଇଛି।
-ହିମେଶ୍ ରେଶମିୟା
ସଙ୍ଗୀତକାର

# ଜାଗ୍ରତ ପ୍ରହରୀ ନୌସେନା

ପ୍ରତିରକ୍ଷା କ୍ଷେତ୍ରରେ ଭାରତୀୟ ନୌସେନାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହାର ସଫଳତା ଓ ଉଲ୍ଲେଖନୀୟ କାର୍ଯ୍ୟକୁ ମନେ ପକାଇବା ଲାଗି ପ୍ରତିବର୍ଷ ୪ ଡିସେମ୍ବରରେ ନୌସେନା ଦିବସ ପାଳନ କରାଯାଉଛି। ଦେଶର ଉପକୂଳକୁ ବାହ୍ୟଶତ୍ରୁଙ୍କ ଆକ୍ରମଣରୁ ରକ୍ଷା କରିବାରେ ନୌସେନା ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛି। ଅତୀତରୁ ଏବେ ଯାଏ ନୌସେନା ଦେଶ ପାଇଁ ଜାଗ୍ରତ ପ୍ରହରୀ ଭାବେ ରହିଆସିଛି। ଭାରତୀୟ ନୌସେନାର ଆଧୁନିକୀକରଣ ମଧ୍ୟ ହୋଇଛି। ଏବେ ଏଥିରେ ୬୭,୦୦୦ କର୍ମଚାରୀ ରହିଥିବାବେଳେ ୧୫୦ ଜାହାଜ ଓ ଯୁଦ୍ଧ ଜାହାଜ ରହିଛି। ସ୍ୱାଧୀନତା ପୂର୍ବରୁ ୧୯୪୪ରେ ପ୍ରଥମେ ରୟାଲ ଇଣ୍ଡିଆନ ନାଭି ଅକ୍ଟୋବରରେ ଆରମ୍ଭ ହୋଇଥିବାରୁ ଏହି ମାସରେ ନୌସେନା ଦିବସ ପାଳନ କରାଯାଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୧୯୪୫ରେ ନୌସେନା ଦିବସ ୧ ଡିସେମ୍ବରରେ ପାଳନ କରାଯାଇଥିଲା। କିନ୍ତୁ ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧରେ ଭାରତୀୟ ନୌସେନା କରାଚୀ ବନ୍ଦର ଉପରେ ଆକ୍ରମଣ କରି ଯେଉଁ ବୀରତ୍ୱ ପ୍ରଦର୍ଶନ କରିଥିଲା ତାହାକୁ ମନେପକାଇବା ପାଇଁ ୪ ଡିସେମ୍ବରରେ ଏହି ଦିବସ ପାଳନ କରାଯାଉଛି। ୪ ଡିସେମ୍ବର ୧୯୭୧ର ଘଟଣା। ଏହି ଦିନ ଭାରତୀୟ ନୌସେନା ତା'ର ଅଦମ୍ୟ ସାହସ ପ୍ରଦର୍ଶନ କରି ଅପରେଶନ ଟ୍ରାଇଡେଣ୍ଟରେ ପାକିସ୍ତାନର ପିଏନ୍ଏସ ଖୈବର ସମେତ ୪ଟି ଯୁଦ୍ଧଜାହାଜକୁ ବୁଡ଼ାଇ ଦେଇଥିଲା। ଏଥିରେ ପାକିସ୍ତାନର ଶହଶହ ନୌସେନା କର୍ମଚାରୀଙ୍କର ମୃତ୍ୟୁ ଘଟିଥିଲା। ଏହି ଦିବସରେ ଭାରତ- ପାକିସ୍ତାନ ଯୁଦ୍ଧରେ ମୃତ୍ୟୁହୋଇଥିବା ବ୍ୟକ୍ତିଙ୍କୁ ମଧ୍ୟ ସ୍ମରଣ କରାଯାଇଥାଏ। ୨୦୧୯ରେ ଏହି ଦିବସର ସ୍ଲୋଗାନ୍ 'ସାଇଲେଣ୍ଟ, ଷ୍ଟ୍ରଙ୍ଗ୍ ଆଣ୍ଡ ସ୍ୱିଫ୍ଟ ' ବା 'ଶାନ୍ତ ,ମଜଭୁତ ଓ ଦ୍ରୁତଗାମୀ' ରଖାଯାଇଛି।

ନୌସେନା ଦିବସ ଅବସରରେ ଦେଶର ବହୁ ସ୍ଥାନରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ନୌସେନା ପକ୍ଷରୁ ସମୁଦ୍ରରେ ସୁଇମିଂ ପ୍ରତିଯୋଗିତା କରାଯାଏ। ଯୁଦ୍ଧ ଜାହାଜଗୁଡିକୁ ଦେଖିବା ଲାଗି ସ୍କୁଲ୍‌ପିଲା ଓ ଅନ୍ୟମାନଙ୍କ ପାଇଁ ଖୋଲା ରଖାଯାଏ। ଇଣ୍ଟରସ୍କୁଲ୍ କୁଇଜ୍ ପ୍ରତିଯୋଗିତା ଏବଂ ଏକ ହାଫ୍ ମାରାଥନ୍ ନୌସେନା ଦ୍ୱାରା ଆୟୋଜନ କରାଯାଏ।




# 'କେବେ ବି ନଗ୍ନ ଫଟୋ ଶୁଟ୍ କରିନି'

**ମୁମ୍ବାଇ:** ବଲିଉଡ୍‌ର ଲୋକପ୍ରିୟ ଫିଲ୍ମ ନିର୍ମାତା ଇମ୍‌ତିୟାଜ୍ ଅଲୀଙ୍କ ସୁପରହିଟ ଫିଲ୍ମ 'ରକ୍‌ଷ୍ଟାର୍'ରୁ ଡେବ୍ୟୁ କରିଥିବା ଆମେରିକାନ୍ ମେଡେଲ ତଥା ଅଭିନେତ୍ରୀ ନର୍ଗୀସ୍ ଫଖ୍‌ରି ଏବେ ଚର୍ଚ୍ଚାରେ। ଏକ ସାକ୍ଷାତ୍‌କାରରେ କିଛି ଚାଞ୍ଚଲ୍ୟକର ବୟାନ୍ ଦେଇଥିବାରୁ ନର୍ଗୀସ୍‌ଙ୍କୁ ନେଇ ଚର୍ଚ୍ଚା ଜୋର୍ ଧରିଛି। 'ରକ୍‌ଷ୍ଟାର୍' ପରେ 'ମାଦ୍ରାସ୍ କୈଫେ', 'ମେଁ ତେରା ହିରୋ' ଏବଂ 'ହାଉସ୍‌ଫୁଲ୍-୩' ଭଳି ସୁପର୍‌ହିଟ୍ ଫିଲ୍ମରେ ତାଙ୍କୁ ଦେଖିବାକୁ ମିଳିଥିଲା। ଏହାଛଡ଼ା ସେ ହଲିଉଡ୍ ଫିଲ୍ମ 'ସ୍ପାଏ'ରେ ମଧ୍ୟ ନଜରକୁ ଆସିଥିଲେ। ତେବେ ଦୀର୍ଘଦିନ ହେଲା ସେ ଇଣ୍ଡଷ୍ଟ୍ରିରୁ ଗାଏବ ହୋଇଯାଇଥିବା ବେଳେ ଏବେ ତାଙ୍କ ସାକ୍ଷାତ୍‌କାରକୁ ନେଇ ସେ ପୁଣି ଚର୍ଚ୍ଚାରେ। ନିକଟରେ ପୂର୍ବ ପର୍ଣ୍ଣଷ୍ଟାର୍ ବ୍ରିଟିନୀ ଦେଲା ମୋରାଙ୍କ ସହ ଆୟୋଜିତ ଏକ ସାକ୍ଷାତ୍‌କାରରେ ନର୍ଗୀସ୍ କିଛି ଚାଞ୍ଚଲ୍ୟକର ଉତ୍ତର ଦେଇଛନ୍ତି। ସେ କହିଛନ୍ତି, ଫିଲ୍ମ ପାଇବାକୁ ସେ କୌଣସି ନିର୍ଦ୍ଦେଶକଙ୍କ ସହ ରାତ୍ରିଯାପନ କରିନାହାନ୍ତି। ଏହି କାରଣରୁ ତାଙ୍କ ହାତରୁ ଅନେକ ଭଲ ଫିଲ୍ମ ଚାଲିଯାଇଛି। ଏହାସହ ସେ କେବେ ନିଜର ନଗ୍ନ ଫଟୋ ଶୁଟ୍ ମଧ୍ୟ କରାଇ ନ ଥିବା କହିଛନ୍ତି। ବ୍ରିଟିନୀ ନର୍ଗୀସ୍‌ଙ୍କୁ ପଚାରିଥିଲେ, "ଆପଣ କିଭଳି ନିଜ ସୀମା ଧାର୍ଯ୍ୟ କରିଛନ୍ତି ? ଯେପରି ମୁଁ ନିଶ୍ଚିତ ଥିଲି ଯେ, ମୋ ଜୀବନରେ ମୁଁ କ'ଣ କରିବି, ତଥାପି ମୁଁ ପର୍ଣ୍ଣ ଇଣ୍ଡଷ୍ଟ୍ରିକୁ ଆସିଗଲି। ତେବେ ଆପଣଙ୍କ ଜୀବନରେ ନୈତିକତା ଦୃଷ୍ଟିକୋଣରୁ କିପରି ସୀମା ଧାର୍ଯ୍ୟ କରିଛନ୍ତି? " ଏହାର ଉତ୍ତରରେ ନର୍ଗୀସ୍ କହିଥିଲେ, "ମୋ ମା' ଯେଉଁଭଳି ମୋର ଲାଳନପାଳନ କରି ବଢ଼ାଇଛନ୍ତି, ସେଥିରୁ ମୁଁ ମୋ ସୀମା ଧାର୍ଯ୍ୟ କରିପାରିଛି। ମା' ମୋତେ ପୁରୁଷ, ରିଲେଶନଶିପ୍ ଏବଂ ସେକ୍ସ ପ୍ରତି ଡରାଇଦେଇଥିଲେ। ଆଉ ସେହି ସଂସ୍କାରରୁ ମୋତେ କେବେ ନଗ୍ନ ନ ହେବାକୁ ଏବଂ କାମ ହାସଲ ପାଇଁ ଯୌନ ସମ୍ପର୍କ ନ ରଖିବାକୁ ନୈତିକ ଶିକ୍ଷା ମିଳିଛି।" ନର୍ଗୀସ୍ ଆହୁରି ମଧ୍ୟ କହିଛନ୍ତି, ମୁଁ ବହୁତ ଲାଜକୁଳି। ସାଙ୍ଗମାନଙ୍କୁ ଭୁଲ୍ ରାସ୍ତାରେ ଯିବା ମୁଁ ଦେଖିଛି। ଲୋକପ୍ରିୟ ହେବା ଭୋକ ମୋ ପାଖରେ ନାହିଁ। ଏଥିପାଇଁ ମୁଁ କେବେ ନଗ୍ନ ଫଟୋ ଶୁଟ୍ କରିନାହିଁ ବା ଫିଲ୍ମ ପାଇବାକୁ ନିର୍ଦ୍ଦେଶକଙ୍କ ସର୍ତ୍ତ ଅନୁଯାୟୀ ସେମାନଙ୍କ ସହ ରାତ୍ରିଯାପନ କରିନାହିଁ। ଏହି କାରଣରୁ ତାଙ୍କୁ କାମ ମିଳିଲାନାହିଁ। ତେବେ ଏଭଳି ପରିସ୍ଥିତି ଅନେକଥର ତାଙ୍କ ସହ ହୋଇଥିବା ନର୍ଗୀସ୍ କହିଛନ୍ତି।


ନର୍ଗୀସ୍ ଫଖ୍‌ରି

# କୁନି ଝିଅକୁ ଭେଟିଲେ ଆବୁ ଧାବି କ୍ରାଉନ୍ ପ୍ରିନ୍ସ

**ଆବୁ ଧାବି:** ଆବୁ ଧାବିର କ୍ରାଉନ୍ ପ୍ରିନ୍ସ ତଥା ୟୁଏଇ ସେନାର ଡେପୁଟି ସୁପ୍ରିମ କମାଣ୍ଡର ଶେଖ୍ ମହମ୍ମଦ ବିନ୍ ଜାୟେଦ୍ ସୋମବାର ଜଣେ ୟୁଏଇ ଝିଅଙ୍କ ଘରକୁ ଯାଇ ସାକ୍ଷାତ୍ କରିଛନ୍ତି। ସେହି ଝିଅଙ୍କ ସହ କ୍ରାଉନ୍ ପ୍ରିନ୍ସଙ୍କ ସାକ୍ଷାତ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଗୋଟିଏ ଦେଶର ରାଜା ଜଣେ ସାଧାରଣ ଝିଅଙ୍କ ଘରକୁ ଯାଇ କାହିଁକି ଦେଖାକରିଛନ୍ତି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନା ମୁତାବକ ଆବୁ ଧାବିରେ ସୌଦି ଆରବର କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ ବିନ୍ ଅବଦୁଲ ଅଜିଜଙ୍କ ସ୍ୱାଗତ ପାଇଁ କିଛି ସ୍କୁଲପିଲାଙ୍କୁ ଚୟନ କରାଯାଇଥିଲା। ସେଥିମଧ୍ୟରେ ଆୟଶା ନାମକ ଜଣେ ଝିଅ ରହିଥିଲେ। ସ୍ୱାଗତ ସମାରୋହରେ ଆବୁ ଧାବିର କ୍ରାଉନ ପ୍ରିନ୍ସ ଶେଖ୍ ମହମ୍ମଦ କାରପେଟ୍‌ରେ ଆସୁଥିବା ବେଳେ ଆୟଶା ତାଙ୍କ ସହ ହାତ ମିଳାଇବା ପାଇଁ ଆଗକୁ ମାଡ଼ିଆସିଥିଲେ। ହେଲେ ଭଡ଼ ଯୋଗୁ ସେ ହାତ ମିଳାଇପାରି ନ ଥିବାରୁ ମନଦୁଃଖ କରିଥିଲେ। ଏନେଇ ପ୍ରିନ୍ସ ଶେଖ୍ ମହମ୍ମଦ ଜାଣିବା ପରେ ଆୟଶାଙ୍କ ଘରକୁ ଯାଇ ତାଙ୍କୁ ସାକ୍ଷାତ୍ କରିଥିଲେ। ସେହି ସମୟର ଏକ ଫଟୋକୁ ଶେଖ୍ ମହମ୍ମଦ ଟୁଇଟରରେ ଶେୟାର କରିଛନ୍ତି। ଏଥିସହ କ୍ୟାପଶନ୍‌ରେ ଲେଖିଛନ୍ତି, କୁନି ଝିଅ ଆୟଶା ଓ ତାଙ୍କ ପରିବାରକୁ ଭେଟି ବହୁତ ଖୁସି ଅନୁଭବ କଲି। ତେବେ କ୍ରାଉନ୍ ପ୍ରିନ୍ସଙ୍କ ଏହି ଉଦାରତାକୁ ସାଧାରଣରେ ପ୍ରଶଂସା କରାଯାଇଥିବାବେଳେ ଏହା ଏକ ଉଦାହରଣ ସୃଷ୍ଟି କରିଛି ବୋଲି ଚର୍ଚ୍ଚା ହେଉଛି। ଅନ୍ୟପଟେ ଏହା ଶେୟାର୍ ହେବାର କିଛି ସମୟ ମଧ୍ୟରେ ଫଟୋକୁ ଲକ୍ଷାଧିକ ଲାଇକ୍ ମିଳିବା ସହ ୫ହଜାର ଥର ରିଟୁଇଟ କରାଯାଇଥିବା ଜଣାପଡ଼ିଛି।



# ଅବୁଝା ବିଲେଇର ମନ ମାନଚିତ୍ର

**ଓଣ୍ଟାରିଓ:** ଗୃହପାଳିତ ପ୍ରାଣୀ ବିଲେଇଙ୍କୁ କିଏ ବା ନ ଜାଣେ। କେଉଁ ଆବହମାନ କାଳରୁ ଏହି ପୋଷା ଜୀବ ମଣିଷ ସହିତ ରହିଆସିଛି। ହେଲେ ବିଲେଇର ମନ କିପରି ଅଛି, ସେ ଖୁସି ଅଛି ନା ଦୁଃଖୀ ଏକଥା ଜାଣିବା ବହୁତ କଷ୍ଟକର। ହାତଗଣିତ ମଣିଷ ହିଁ ବିଲେଇର ମନୋଭାବକୁ ପଢ଼ିପାରିଥାନ୍ତି। କାନାଡ଼ାର ୟୁନିଭରସିଟି ଅଫ୍ ଗୁଏଲ୍ଫର ଡିପାର୍ଟମେଣ୍ଟ ଅଫ୍ ଆନିମଲ ବାୟୋ ସାଇନ୍ସର ବିଶେଷଜ୍ଞମାନେ କରିଥିବା ଏକ ସର୍ଭେରୁ ଏପରି ତଥ୍ୟ ପଦାକୁ ଆସିଛି। ବିଲେଇଙ୍କ ମୁହଁକୁ ଏହି ମାଂସାଶୀ ପ୍ରାଣୀକୁ କେତେ ବୁଝିପାରେ ମଣିଷ ? ଏହାର ଉତ୍ତର ଖୋଜିବାକୁ ୟୁନିଭର୍ସିଟିର ବିଶେଷଜ୍ଞ ଟିମ୍ ପକ୍ଷରୁ କାନାଡ଼ାରେ ସର୍ଭେ କରାଯାଇଥିଲା, ଯେଉଁଥିରେ ସାମିଲ ହୋଇଥିଲେ ୮୫ ଦେଶର ୬୦୦୦ ଜଣ। ସର୍ଭେରେ ବିଭିନ୍ନ ପ୍ରଜାତିର ବିଲେଇଙ୍କ ଭିଡିଓ ପ୍ରଦର୍ଶିତ ହୋଇଥିଲା। ସର୍ଭେରେ ସାମିଲ ହୋଇଥିବା ୬୦% ଲୋକ ବିଲେଇଙ୍କ ହାବଭାବ ଦେଖି ସେମାନଙ୍କ ମନୋଭାବ ଜାଣିବାକୁ ଉଦ୍ୟମ କରିଥିଲେ। ହେଲେ ସେମାନଙ୍କ ମଧ୍ୟରୁ ମାତ୍ର ୧୩% ହିଁ ୭୫% ସ୍କୋର କରିପାରିଥିଲେ। ଏଥିରୁ ଜଣାପଡ଼ିଛି, ବିଲେଇଙ୍କ ଚେହେରା ପଛରେ ଅନେକ ଭାବନା ଲୁଚି ରହିଥାଏ ହେଲେ ହାତଗଣତି ଲୋକ ହିଁ ତାକୁ ପଢ଼ିପାରିଥାନ୍ତି। ଗବେଷଣା ଟିମ୍‌ର ପ୍ରମୁଖ ସଦସ୍ୟ ପ୍ରଫେସର ଜର୍ଜିଆ ମେସନଙ୍କ କହିବା କଥା, ତାଙ୍କ ପାଳିତ ବିଲେଇକୁ ଦେଖି ସେ ସହଜରେ କହିଦେଇପାରିବେ ତାଙ୍କ ବିଲେଇ ଖୁସି ଅଛି କି ଦୁଃଖୀ। ହେଲେ ଅଧିକାଂଶ ଲୋକଙ୍କ ପକ୍ଷେ ଏହା ବୁଝିବା କଷ୍ଟକର। ଏହାକୁ ଜାଣିବା ପାଇଁ ସେ କେତେଜଣ ବିଶେଷଜ୍ଞଙ୍କୁ ନେଇ ସର୍ଭେ କରିଥିଲେ। ଏଥି ଲାଗି ଅଲଗା ଅଲଗା ପ୍ରଜାତିର ଶବ୍ଦଶୂନ୍ୟ (ସାଇଲେଣ୍ଟ) ଭିଡିଓ ପ୍ରଦର୍ଶିତ କରାଯାଇଥିଲା। ହେଲେ ଏଥିରେ ସେମାନଙ୍କ ମୁଖମଣ୍ଡଳ ବ୍ୟତୀତ ଅନ୍ୟ ସବୁ ଅଂଶକୁ ଲୁଚାଇ ଦିଆଯାଇଥିଲା। ବିଲେଇଟି କେଉଁ ପରିସ୍ଥିତିରେ ଅଛି ତାକୁ ପ୍ରଦର୍ଶନ କରାଯାଇ ନ ଥିଲା।



# ୨ବର୍ଷରେ ପ୍ଲାଷ୍ଟିକ୍ ଫ୍ରି ଥାଇଲାଣ୍ଡ

**ବ୍ୟାଙ୍କକ୍:** ଥାଇଲାଣ୍ଡ ସରକାର ୨୦୨୨ ସୁଦ୍ଧା ଦେଶକୁ ପ୍ଲାଷ୍ଟିକ ମୁକ୍ତ କରିବାକୁ ସଂକଳ୍ପ କରିଛନ୍ତି। ଥାଇଲାଣ୍ଡବାସୀ ପାଣିରେ ପ୍ଲାଷ୍ଟିକ କଣିକା ପିଉଛନ୍ତି। ଲୁଣ ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀ ମଧ୍ୟ ଏଥିରୁ ବାଦ୍ ପଡୁନି। ପ୍ରତିବର୍ଷ ହାରାହାରି ଏକ ଲକ୍ଷରୁ ଊର୍ଦ୍ଧ୍ୱ ଜଳଚର ଜୀବଙ୍କ ମୃତ୍ୟୁର କାରଣ ପ୍ଲାଷ୍ଟିକ ପ୍ରଦୂଷଣ ବୋଲି ଜଣାପଡ଼ିଛି। ନିକଟରେ ଏକ ବିଶାଳକାୟ ହ୍ୱେଲର ମୃତ୍ୟୁ ପଛର କାରଣ ସାଜିଥିଲା ପ୍ଲାଷ୍ଟିକ। ଏହି ବିଶାଳକାୟ ଜଳଚର ଜୀବ ଖାଦ୍ୟଲୋଭରେ ୮୦ରୁ ଊର୍ଦ୍ଧ୍ୱ ପ୍ଲାଷ୍ଟିକ ବ୍ୟାଗ ଗିଳି ଦେଇଥିଲା। ଦିନକୁ ଦିନ ପ୍ଲାଷ୍ଟିକ ପଞ୍ଝାରେ ଜୀବଜଗତ ଅଣନିଃଶ୍ୱାସୀ ହୋଇ ପଡୁଥିବାବେଳେ ଥାଇଲାଣ୍ଡ ସରକାର ପ୍ଲାଷ୍ଟିକ୍ ଫ୍ରି ଅଭିଯାନ ଆରମ୍ଭ କରିବାକୁ ଯୋଜନା କରୁଛନ୍ତି।

ସରକାରୀ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ପ୍ଲାଷ୍ଟିକ୍ ଥଳି, ଥର୍ମୋକୁଲ ଭଳି ସାମଗ୍ରୀ ଉପରେ ୩ବର୍ଷ ମଧ୍ୟରେ ପର୍ଯ୍ୟାୟକ୍ରମେ ପ୍ରତିବନ୍ଧକ ଲଗାଯିବ। ଅନେକ ଦେଶ ପରିବେଶ ସୁରକ୍ଷା ପାଇଁ ପ୍ଲାଷ୍ଟିକ୍ ସାମଗ୍ରୀ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଇସାରିଲେଣି। ଏ କ୍ଷେତ୍ରରେ ଥାଇଲାଣ୍ଡ ମଧ୍ୟ କାମ କରିବାକୁ ଯାଉଛି। ପ୍ରାଥମିକ ପର୍ଯ୍ୟାୟରେ ଦେଶର ୪୩ଟି ବୃହତ୍ ଫାର୍ମ ଏ ଦିଗରେ ପ୍ରସ୍ତୁତି ଆରମ୍ଭ କରିସାରିଲେଣି। ୨୦୨୧ ସୁଦ୍ଧା ସିଙ୍ଗଲ ୟୁଜଡ ପ୍ଲାଷ୍ଟିକ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଯିବ। ଏଥିସହ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଦିଗରେ ସରକାର କାର୍ଯ୍ୟ କରିବେ।

ଏ ନେଇ ପରିବେଶ ମନ୍ତ୍ରୀ ବରୱତ ଶିଲ୍ପା ଅର୍ଚ୍ଚା କହିଛନ୍ତି, ସବୁଠାରୁ ବଡ଼ ପରିବର୍ତ୍ତନ ଆଣିବା ଦାୟିତ୍ୱ ଜନତାଙ୍କର। ସିଙ୍ଗଲ ୟୁଜଡ ପ୍ଲାଷ୍ଟିକ ଉପରେ ପ୍ରତିବନ୍ଧକ ଲାଗିବ ସୁନିଶ୍ଚିତ। ଏହା ପୂର୍ବରୁ ଲୋକମାନେ କାଗଜ ଏବଂ କପଡ଼ା ବ୍ୟାଗ ପ୍ରସ୍ତୁତ କରି ରଖିବା ଆବଶ୍ୟକ ବୋଲି ସେ ଆହ୍ୱାନ ଦେଇଛନ୍ତି।



# ବାଘ ବେଶରେ କୁକୁର

**ବେଙ୍ଗାଲୁରୁ:** ଧାନ ଫସଲକୁ ପଶୁଙ୍କ କବଳରୁ ରକ୍ଷାକରିବା ଲାଗି ବିଲ ମଝିରେ ପାଳଭୂତ କରାଯାଏ। ଜୀବଜନ୍ତୁ ଭୟରେ ଏହାକୁ ଦେଖି ବିଲକୁ ଆସୁ ନ ଥିଲେ। ଅନୁରୂପ ଭାବେ କର୍ଣାଟକରେ ଚାଷୀ କଫି ବଗିଚାକୁ ମାଙ୍କଡ଼ଙ୍କଠାରୁ ସୁରକ୍ଷିତ ରଖିବା ପାଇଁ ଏକ ନିଆରା ଉପାୟ ଅବଲମ୍ବନ କରିଛନ୍ତି। ସେ ବାଘ ଭଳି କୁକୁରଙ୍କ ଦେହରେ କଳା ରଙ୍ଗ ବୋଳିଛନ୍ତି। ମାଙ୍କଡ଼ ପୋଷା କୁକୁରକୁ ବାଘ ବୋଲି ମନେକରି ଭୟରେ ପଳାଇ ଯାଉଥିବା ଚାଷୀ କହିଛନ୍ତି। ଶିବାମୋଗା ଜିଲାର ନାଲୁରୁ ଗାଁର ଚାଷୀ ଶ୍ରୀକାନ୍ତ ଗୌଡ଼ାଙ୍କ ଏଭଳି ପଦକ୍ଷେପ ଯୋଗୁ କଫି ବଗିଚାକୁ ମାଙ୍କଡ଼ ଆସୁନାହାନ୍ତି। ପୂର୍ବରୁ ସେ ମଣିଷ ଆକୃତିର କଣ୍ଢେଇ ଏଥି ପାଇଁ ବ୍ୟବହାର କରୁଥିଲେ। ତେବେ ଏହାକୁ ମାଙ୍କଡ଼ ଭୟ କରୁ ନ ଥିଲେ।



# କାର୍ତ୍ତିକଙ୍କ ପ୍ରେରଣା 'ବାଜିଗର'

**ମୁମ୍ବାଇ:** ବଲିଉଡ୍ ଆକ୍ଟର କାର୍ତ୍ତିକ ଆର୍ୟନ ଯୁବପିଢ଼ିଙ୍କ ପ୍ରଥମ ପସନ୍ଦ ପାଲଟିଛନ୍ତି। ସେହିଭଳି ବି-ଟାଉନ୍‌କୁ ନୂଆ ନୂଆ ଅଭିନେତା ହେବାକୁ ଆସି ଷ୍ଟ୍ରଗଲ୍ କରୁଥିବା ଅନେକ କଳାକାରଙ୍କ ପାଇଁ ମଧ୍ୟ ସେ ପ୍ରେରଣା ସାଜିଛନ୍ତି। ଏବେ କାର୍ତ୍ତିକଙ୍କ ହାତରେ ଅନେକ ବଡ଼ ବଡ଼ ଫିଲ୍ମ ରହିଥିବାବେଳେ ସେ ବଲିଉଡ୍‌ର ଦାମୀ କଳାକାର (ହାଇପେଡ୍ ଆକ୍ଟର)ଙ୍କ ମଧ୍ୟରୁ ଜଣେ। ବର୍ତ୍ତମାନ ସେ ନିଜ ଅପ୍‌କମିଂ ଫିଲ୍ମ 'ପତି, ପତ୍ନୀ ଔର୍ ୱ'ର ପ୍ରମୋଶନରେ ବ୍ୟସ୍ତ ଅଛନ୍ତି। ତେବେ ବଲିଉଡ୍‌ରେ ଖୁବ୍ କମ୍ ସମୟ ଭିତରେ ସଫଳତା ପାଇଥିବା କାର୍ତ୍ତିକଙ୍କ ପ୍ରେରଣା କିଏ? ଆସନ୍ତୁ ଜାଣିବା... ନିକଟରେ ବଲିଉଡ୍‌ରେ କାର୍ତ୍ତିକ କାହାକୁ ନିଜ ପ୍ରେରଣା ବୋଲି ଭାବନ୍ତି, ସେନେଇ ଖୁଲାସା କରିଛନ୍ତି। ସେ କହିଛନ୍ତି ବଲିଉଡ୍ ବାଦ୍‌ଶାହ ଶାହରୁଖ ଖାନ୍‌ଙ୍କ ଏଭରଗ୍ରୀନ୍ ଫିଲ୍ମ 'ବାଜିଗର' ତାଙ୍କୁ ଅଭିନେତା ହେବା ଲାଗି ପ୍ରେରଣା ଯୋଗାଇଥିଲା। ଫିଲ୍ମରୁ ପ୍ରେରିତ ହୋଇ ମୁମ୍ବାଇରେ ପାଠପଢ଼ା ସମୟରୁ ହିଁ ସେ ଅନେକ ଅଡିଶନ୍ ଦେଇଥିଲେ। ତେବେ ଶେଷରେ ତାଙ୍କୁ ଫୋନ୍ ଆସିଲା, ସୁଯୋଗ ମିଳିଲା ଆଉ ତାଙ୍କ ଜୀବନ ବଦଳିଗଲା। ଆଗକୁ ଆହୁରି ଲମ୍ବା ଯାତ୍ରା ବାକି ଅଛି ବୋଲି କାର୍ତ୍ତିକ କହିଛନ୍ତି। ଅନ୍ୟପକ୍ଷରେ, କାର୍ତ୍ତିକ ଆର୍ୟନଙ୍କ ଫିଲ 'ପତି, ପତ୍ନୀ ଔର୍ ୱ' ଡିସେମ୍ବର ୬ରେ ରିଲିଜ୍ ହେବ। ମୁଦାସ୍‌ର ଅଜିଜ୍‌ଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ କାର୍ତ୍ତିକଙ୍କ ସହ ଭୂମି ପାଡନେକର୍ ଏବଂ ଅନନ୍ୟା ପାଣ୍ଡେ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ଫିଲ୍ମଟି ବକ୍ସ-ଅଫିସ୍‌ରେ ଅର୍ଜୁନ କପୁରଙ୍କ ଫିଲ୍ମ 'ପାନିପତ୍' ସହ ଟକ୍କର ଦେବ। ଏହାଛଡ଼ା ଆଗକୁ 'ଭୁଲ୍ ଭୁଲୈୟା', 'ଦୋସ୍ତାନା-୨' ଏବଂ 'ଆଜ୍‌କଲ୍'ରେ ମଧ୍ୟ କାର୍ତ୍ତିକ ନଜରକୁ ଆସିବେ। 'ଆଜ୍‌କଲ୍'ରେ କାର୍ତ୍ତିକ-ସାରା ଅଲୀ ଖାନ୍‌ଙ୍କ ଯୋଡ଼ି ଦେଖିବାକୁ ମିଳିବ।


କାର୍ତ୍ତିକ ଆର୍ୟନ

# ଟୋଲ୍ ଫ୍ରି ନମ୍ବରକୁ ୨୪ ହଜାର କଲ୍

**ଟୋକିଓ:** ଗ୍ରାହକଙ୍କ ଅଭିଯୋଗ ଶୁଣିବା ଓ ଏହାର ସମାଧାନ ଦିଗରେ ସୂଚନା ପ୍ରଦାନ ପାଇଁ କମ୍ପାନୀଗୁଡ଼ିକ ଟୋଲ୍ ଫ୍ରି ନମ୍ବରର ସୁବିଧା ଯୋଗାଇ ଦେଇଥାଆନ୍ତି। ଏହି ନମ୍ବରକୁ ଫୋନ୍ କଲେ ଗ୍ରାହକଙ୍କୁ କୌଣସି ଶୁଳ୍କ ଦେବାକୁ ପଡ଼ି ନ ଥାଏ। ହେଲେ ଏହି ଟୋଲ୍ ଫ୍ରି ନମ୍ବରକୁ କଲ୍ କରି ଜାପାନର ଜଣେ ୭୧ ବର୍ଷୀୟ ବୃଦ୍ଧ ଏକିଟୋସୀ ଓକାମୋଟୋଙ୍କୁ ଜେଲ୍ ଯିବାକୁ ପଡ଼ିଛି। ଏକିଟୋସୀ ଅଭିଯୋଗ କରିବା ପାଇଁ ଟୋଲ୍ ଫ୍ରି ନମ୍ବରକୁ ୨୪ ହଜାର ଥର କରିଥିଲେ। ତେବେ ଉକ୍ତ କମ୍ପାନୀ ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକିଟୋସୀଙ୍କୁ ଗିରଫ କରିଛି। ଏକିଟୋସୀ ସୋତାମାରେ ରୁହନ୍ତି। ସେ ଲଗାତାର ଭାବେ ରେଡିଓ ବ୍ରଡ଼କାଷ୍ଟ ସର୍ଭିସ ବ୍ୟବହାର କରିପାରୁ ନ ଥିବାରୁ ଅଭିଯୋଗ କରିବା ସକାଶେ ଗତ ଅକ୍ଟୋବର ମାସର ଗୋଟିଏ ସପ୍ତାହରେ ଉକ୍ତ କମ୍ପାନୀର ଟୋଲ୍ ଫ୍ରି ନମ୍ବରକୁ ୪୧୧ଥର ଫୋନ୍ କରିଥିଲେ। ଟେଲିକମ୍ କମ୍ପାନୀ 'କେଡିଡିଆଇ' ପକ୍ଷରୁ କୁହାଯାଇଛି, ଏକିଟୋସୀ ଗତ ଦୁଇ ବର୍ଷ ଭିତରେ ଟୋଲ୍ ଫ୍ରି ନମ୍ବରକୁ ୨୪,୦୦୦ ଥର କଲ୍ କରିଛନ୍ତି। ପ୍ରତିଦିନ ପାଖାପାଖି ୩୩ଥର ସେ ଫୋନ୍ କରୁଥିବା କମ୍ପାନୀ ରେକର୍ଡରୁ ଜଣାପଡ଼ିଛି। ଜାପାନ ମିଡିଆ ରିପୋର୍ଟ ଅନୁସାରେ, ଏକିଟୋସୀଙ୍କୁ କମ୍ପାନୀ ଟୋଲ ଫ୍ରି ନମ୍ବରକୁ କଲ୍ କରିବା ପରେ ଖରାପ ସର୍ଭିସ ପାଇଁ ତାଙ୍କ ନିକଟକୁ ଆସି ଭୁଲ୍ ମାଗିବାକୁ କହୁଥିଲେ। ପ୍ରଥମେ ପ୍ରଥମେ କମ୍ପାନୀ ତାଙ୍କ ଫୋନ୍‌କୁ ଅଣଦେଖା କରିଥିଲେ, କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କ ବିରୋଧରେ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକିଟୋସୀଙ୍କୁ ଗିରଫ କରି ଘଟଣାର ତଦନ୍ତ ଚଳାଇଛି।






# 'ମଧୁ ଆପ୍' ଲୋକାର୍ପିତ

## ■ ଭିଡିଓ ମାଧ୍ୟମରେ ପାଠପଢ଼ିବେ ଛାତ୍ରୀଛାତ୍ର



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ 'ମଧୁ ଆପ୍'ର ଲୋକାର୍ପଣ କରୁଛନ୍ତି।

**ଭୁବନେଶ୍ୱର, ୩।୧୨(ବ୍ୟୁରୋ)/ ଛତ୍ରପୁର (ଡି.ଏନ.ଏ.)**

ପିଲାମାନଙ୍କୁ ସହଜରେ ପାଠ ବୁଝାଇବା ଏବଂ ବିଭିନ୍ନ ପ୍ରଶ୍ନର ଅଭ୍ୟାସ କରାଇବା ଲକ୍ଷ୍ୟ ନେଇ ଗଞ୍ଜାମ ଜିଲା ପ୍ରଶାସନ 'ମଧୁ ଆପ୍' ଆରମ୍ଭ କରିଛି। ଛାତ୍ରୀଛାତ୍ରମାନେ 'ମଧୁ ଆପ୍'କୁ ମୋବାଇଲ ଫୋନ୍‌ରେ ଡାଉନ୍‌ଲୋଡ୍ କରି ସେଥିରୁ ଭିଡିଓ ମାଧ୍ୟମରେ ଶ୍ରେଣୀରେ ପଢ଼ା ଯାଇଥିବା ପାଠ ବୁଝିପାରିବେ। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ନାମରେ ନାମିତ ଏହି ନୂଆ 'ମଧୁ ଆପ୍'କୁ ମଙ୍ଗଳବାର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଲୋକର୍ପିତ କରିଛନ୍ତି।

ଏହି ଅବସରରେ ଆୟୋଜିତ ଭିଡିଓ କନ୍‌ଫରେନ୍‌ସିଂ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାର ୨୨ବ୍ଲକର ଛାତ୍ରୀଛାତ୍ରମାନଙ୍କ ସହ ମୁଖ୍ୟମନ୍ତ୍ରୀ 'ମଧୁ ଆପ୍' ସମ୍ପର୍କରେ କଥାବାର୍ତ୍ତା କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ପିଲାମାନଙ୍କ ପାଇଁ ଶିକ୍ଷାର ବିକଳ୍ପ ନାହିଁ। ତେଣୁ ଭଲ ପାଠ ପଢ଼ି ଦେଶର ଗୌରବ ବୃଦ୍ଧି ପାଇଁ କାମ କରିବାକୁ ସେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଓଡ଼ିଆ ଜାତି ପାଇଁ ଉତ୍କଳ ଗୌରବ ମଧୁସୂଦନଙ୍କ ତ୍ୟାଗ ବିଷୟରେ ଆଲୋଚନା କରି ମଧୁବାବୁ ସମସ୍ତଙ୍କ ପାଇଁ ପ୍ରେରଣା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ଅଧ୍ୟକ୍ଷ ବିଜୟ ସାହୁ, ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଆର୍. ବାଲକ୍ରୀଷ୍ଣନ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଚିତ୍ରା ଅରୁମୁଗମ୍, ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଆପ୍ ସମ୍ପର୍କରେ ଗଞ୍ଜାମ ଜିଲାପାଳ କୁଲାଙ୍ଗେ ସ୍କୁଲ ଛାତ୍ରୀଛାତ୍ରମାନଙ୍କ ଶିକ୍ଷାର ବିକାଶରେ ଏହା ସହାୟକ ହେବ ବୋଲି କହିଛନ୍ତି। ଛତ୍ରପୁରସ୍ଥିତ ଅନସ୍ଲୋ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ଗାୟତ୍ରୀ ଶତପଥୀ ଓ ନବମ ଶ୍ରେଣୀ ଛାତ୍ର ପଦ୍ମନାଭ ନନ୍ଦ ଆଉ ଟ୍ୟୁଶନ ଆବଶ୍ୟକ ପଡ଼ିବନି ବୋଲି ମୁଖ୍ୟମନ୍ତ୍ରୀଙ୍କ ସହ ବାର୍ତ୍ତାଳାପ ବେଳେ କହିଛନ୍ତି। ସୂଚନାଯୋଗ୍ୟ, ଏହି ଆପ୍‌କୁ ଓଡ଼ିଆ ମାଧ୍ୟମ ଛାତ୍ରୀଛାତ୍ରମାନେ ମୋବାଇଲ ଫୋନରେ ଡାଉନଲୋଡ୍ କରି ଗଣିତ, ବିଜ୍ଞାନ ଓ ଅନ୍ୟାନ୍ୟ ବିଷୟ ଉପରେ ଥିବା ନିଜର ଦ୍ୱନ୍ଦ୍ୱ ଦୂର କରିପାରିବେ। ପ୍ରତ୍ୟେକ ପାଠ୍ୟ ବିଷୟକୁ ଜିଲାର ଶିକ୍ଷୟିତ୍ରୀ, ଶିକ୍ଷକ ସରଳ ଭାବେ ବୁଝାଇଥିବା ଭିଡିଓ କରାଯାଇଛି। ଉକ୍ତ ଭିଡିଓ ପ୍ରସ୍ତୁତି ନିମନ୍ତେ ଛତ୍ରପୁରରେ ରେକର୍ଡିଂ ସେଣ୍ଟର ପ୍ରତିଷ୍ଠା ହୋଇଛି।

# ଧାରଣା ସ୍ଥଳରେ ଟଳିପଡ଼ିଲେ ଶିକ୍ଷକ

■ ମୟୂରଭଞ୍ଜ ଜିଲା ଗଣଶିକ୍ଷକ ସଂଘ ସଭାପତି ଥିଲେ

■ ଅଧୁରା ରହିଗଲା ଦାବି ପୂରଣ



ନିରଞ୍ଜନ ବାରିକଙ୍କ ଫାଇଲ ଫଟୋ।

**ଭୁବନେଶ୍ୱର,୩।୧୨ (ବ୍ୟୁରୋ)/ କୁଆମରା/ ଖୁଣ୍ଟା(ଡି.ଏନ୍.ଏ)**

ଦାବି ପୂରଣ ପାଇଁ ଆସିଥିଲେ ରାଜଧାନୀ। ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିର ଆନ୍ଦୋଳନସ୍ଥଳରେ ଅନ୍ୟ ଶିକ୍ଷକଙ୍କ ସହ ଧାରଣା ଦେଇଥିଲେ। ବିକ୍ଷୋଭ ଓ ପ୍ରତିବାଦ କରୁଥିବା ସମୟରେ ମଙ୍ଗଳବାର ଅପରାହ୍ନରେ ହଠାତ୍ ଟଳିପଡିଥିଲେ ମୟୂରଭଞ୍ଜର ଶିକ୍ଷକ ନିରଞ୍ଜନ ବାରିକ। ସେଠାରେ ଉପସ୍ଥିତ ପୋଲିସ ଓ ଅନ୍ୟ କେତେଜଣ ଶିକ୍ଷକ ତାଙ୍କୁ ତୁରନ୍ତ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଡାକ୍ତର ନିରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ। କ୍ୟାପିଟାଲ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ପରିବାର ଲୋକଙ୍କୁ ଖବର ଦେଇଛି। ବୁଧବାର ବ୍ୟବଚ୍ଛେଦ ପରେ ମୃତଦେହ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ ସୂଚନା ଦେଇଛନ୍ତି। ମୃତ ଶିକ୍ଷକ ନିରଞ୍ଜନଙ୍କ ଘର ମୟୂରଭଞ୍ଜ ଜିଲା ବଡ଼ଖୁଣ୍ଟା ଗ୍ରାମରେ। ସେ ଗୋପବନ୍ଧୁନଗର ବ୍ଲକ ସାନଖୁଣ୍ଟା ପଞ୍ଚାୟତର ବାଲଡିହା ଆଶ୍ରମ ସ୍କୁଲରେ ଶିକ୍ଷକତା କରୁଥିଲେ। ସେ ୧୯୯୫ରେ ନନ୍‌ଫର୍ମାଲରୁ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ। ୨୦୦୮ରେ ଗଣଶିକ୍ଷକ ଓ ୨୦୧୮ରେ ରେଗୁଲାର ହୋଇଥିଲେ। ନିରଞ୍ଜନ ଗଣଶିକ୍ଷକ ସଂଘର ମୟୂରଭଞ୍ଜ ଜିଲା ସଭାପତି ଅଛନ୍ତି। ଘରେ ତାଙ୍କର ସ୍ତ୍ରୀ ଓ ଦୁଇ ପୁଅ ଥିବା ଜଣାପଡିଛି।

**'ଦାବି ପୂରଣ ନ ହେଲେ ସମସ୍ତେ ଜୀବନ ହାରିବୁ'**

ଓଟିଇଟି ପରୀକ୍ଷାର ପୁନଃ ମୂଲ୍ୟାୟନ, ବାଦ୍‌ପଡ଼ିଥିବା ଗଣଶିକ୍ଷକଙ୍କୁ ନିୟମିତ କରିବା, ମୃତ ଶିକ୍ଷକଙ୍କ ପରିବାରକୁ ଚାକିରି ସହିତ ମୃତ୍ୟୁକାଳୀନ ସହାୟତା ଆଦି ଦାବିରେ ରାଜ୍ୟ ପ୍ରାଥମିକ ଶିକ୍ଷକ (ଏକ୍ସକ୍ୟାଡର) ମହାସଂଘ ପକ୍ଷରୁ ଲୋୟର ପିଏମ୍‌ଜିରେ ଧାରଣା ଚାଲିଛି। ଶିକ୍ଷକ ନିରଞ୍ଜନଙ୍କ ମୃତ୍ୟୁରେ ଅନ୍ୟମାନେ ଦୁଃଖ ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି ଯେ, ଦାବି ପୂରଣ ନ ହେଲେ ନିରଞ୍ଜନଙ୍କ ଭଳି ଆମେ ସମସ୍ତେ ଜୀବନ ହାରିଦେବୁ। ୨୦୧୪ରୁ ସଂଘ ନିଜର ଦାବି ନେଇ ଆନ୍ଦୋଳନ ଜାରି ରଖିଛି। ସରକାର ଭୁଆଁ ବୁଲାଇ ଚାଲିଛନ୍ତି। ପୂର୍ବରୁ ମଧ୍ୟ ସଂଘ ସଦସ୍ୟ ଥିବା ଜଣେ ଶିକ୍ଷକ ଦାବି ପୂରଣ ନ ହେବାରୁ ଆତ୍ମହତ୍ୟା କରିଛନ୍ତି।

## ■ ସ୍ମିତାରାଣୀ ମୃତ୍ୟୁ ମାମଲା

# ହାଇକୋର୍ଟରେ ରୂପେଶ ଭଦ୍ର

**କଟକ ଅଫିସ, ୩।୧୨:** ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ(ପିଇଓ) ସ୍ମିତାରାଣୀ ବିଶ୍ୱାଳ ମୃତ୍ୟୁ ମାମଲାରେ ଗିରଫ ହୋଇଥିବା ରୂପେଶ ଭଦ୍ର ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ଶୁକ୍ରବାର ଯାଜପୁର ଜିଲା ଓ ଦୌରାଜଜ ରୂପେଶଙ୍କ ଜାମିନ ଆବେଦନ ଖାରଜ ହୋଇଥିଲା। ସୂଚନାଥାଉ କି, ସ୍ମିତାରାଣୀ ହରିଦାସପୁର ପିଇଓ ଭାବେ କାର୍ଯ୍ୟ କରୁଥିଲେ। ଗତ ଅକ୍ଟୋବର ୧୬ରେ ସ୍ମିତାରାଣୀଙ୍କ ମୃତଦେହକୁ ଧର୍ମଶାଳା ଥାନା ଅଧୀନ ବାଲିଘରି ନିକଟରେ ଥିବା ଏକ ଗେଷ୍ଟ ହାଉସରୁ ପୋଲିସ ଜବତ କରିଥିଲା। ଉକ୍ତ ଗେଷ୍ଟ ହାଉସର ମାଲିକ ହେଉଛନ୍ତି ହରିଦାସପୁର ସରପଞ୍ଚଙ୍କ ସ୍ୱାମୀ ତଥା ଉକ୍ତ ମାମଲାର ଅଭିଯୁକ୍ତ ରୂପେଶ ଭଦ୍ର। ସ୍ମିତାରାଣୀଙ୍କୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ପୋଲିସ ରୂପେଶଙ୍କୁ ଅକ୍ଟୋବର ୧୮ ତାରିଖରେ ଗିରଫ କରିଥିଲା।






## ଜନ୍ମଦିନର ଶୁଭେଚ୍ଛା

ନାମ: ........................................
ବୟସ:........................................
ଜନ୍ମ ତାରିଖ: ..................................


କ୍ରିଷ୍ଣା କୁମାରୀ
ପରିବାରବର୍ଗ


ସାଗ୍ନିକ୍ ସୌରଭ
ପରିବାରବର୍ଗ


ସାଇସ୍ମିତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।

**ପ୍ରଥମ ପୃଷ୍ଠାରୁ...**

## ଚେନ୍ନାଇ ଇଞ୍ଜିନିୟର ...

ଠାବ କରିବା ପାଇଁ ନାସା ମଧ ସହାୟତାର ହାତ ବଢ଼ାଇଥିଲା । ହେଲେ ଆମେରିକାର ମହାକାଶ ଗବେଷଣା ସଂସ୍ଥାକୁ ବି ମିଳି ନ ଥିଲା ବିଶେଷ ସଫଳତା । ବିଶ୍ୱର ଅନେକ ମହାକାଶ ବିଜ୍ଞାନୀ ଏଥିରେ ଫେଲ୍ ମାରିବା ପରେ ମେକାନିକାଲ ଇଞ୍ଜିନିୟର ତଥା କମ୍ପ୍ୟୁଟର ପ୍ରୋଗ୍ରାମର୍ ଶାନମୁଗା ସୁବ୍ରମଣ୍ୟମ୍ ବିକ୍ରମର ଭଗ୍ନାବଶେଷକୁ ଠାବ କରିଛନ୍ତି । ନାସା ପକ୍ଷରୁ ଜାରି ଫଟୋକୁ ଉପଯୋଗ କରି ସେ ଚନ୍ଦ୍ରର ଦକ୍ଷିଣ ମେରୁରେ ଏହାର ସନ୍ଧାନ ପାଇଛନ୍ତି । ଚେନ୍ନାଇସ୍ଥିତ ଲେନୋକ୍ସ ଇଣ୍ଡିଆ ଟେକ୍ନୋଲୋଜି ସେଣ୍ଟରରେ ଜଣେ ବୈଷୟିକ ସ୍ଥପତି ଭାବେ କାର୍ଯ୍ୟରତ ଶନମୁଗାଙ୍କ ଘର ତାମିଲନାଡୁର ମଦୁରାଇରେ । ସେ ପୂର୍ବରୁ କଗ୍ନିଜେଣ୍ଟ ପାଇଁ ଜଣେ ପ୍ରୋଗ୍ରାମ ଆନାଲିଷ୍ଟ ଭାବେ କାର୍ଯ୍ୟ କରିଥିଲେ । ନାସାର ଏଲ୍ଆର୍ଓ ସେପ୍ଟେମ୍ବର ୧୭, ଅକ୍ଟୋବର ୧୪, ୧୫ ଓ ନଭେମ୍ବର ୧୧ରେ ଉଠାଇଥିବା ଫଟୋଗୁଡ଼ିକୁ ଶନମୁଗା ଅନୁଧ୍ୟାନ କରି ବିକ୍ରମର ଭଗ୍ନାବଶେଷକୁ ଠାବ କରିଥିଲେ । ଏହି ଆବିଷ୍କାର ପରେ ନିଜ ସଫଳତା ନେଇ ସେ ନାସାକୁ ଇ-ମେଲ୍‌ରେ ଅବଗତ କରାଇଥିଲେ । ଶନମୁଗାଙ୍କ କୃତିତ୍ୱକୁ ସୁନିଶ୍ଚିତ କରିବା ପାଇଁ ନାସା କିଛି ସମୟ ନେଇଥିଲା । ଶେଷରେ ଏହା ହିଁ ବିକ୍ରମର ଭଗ୍ନାବଶେଷ ବୋଲି ନାସା ଡେପୁଟି ପ୍ରୋଜେକ୍ଟ ସାଇଣ୍ଟିଷ୍ଟ (ଏଲ୍ଆର୍ଓ ମିଶନ) ଜନ୍ କେଲର୍ ମଙ୍ଗଳବାର ତାଙ୍କ ନିକଟକୁ ପତ୍ର ଲେଖି ଧନ୍ୟବାଦ ଦେବା ସହ ଅଭିନନ୍ଦନ ଜଣାଇଛନ୍ତି । ନାସା ପକ୍ଷରୁ ବିକ୍ରମର ଅବସ୍ଥିତି ସମ୍ପର୍କିତ ଫଟୋକୁ ମଧ ଟୁଇଟ୍ କରାଯାଇଛି । ଏହି ବିରଳ ସଫଳତା ପରେ ଶନମୁଗା କହିଛନ୍ତି, ବିକ୍ରମର କ୍ରାଶ୍ ସାଇଟ୍‌ରୁ ଭଗ୍ନାବଶେଷର ଦୂରତା ହେଉଛି ୭୫୦ ମିଟର । ନାସାର ମୋଜାଇକ୍ ଫଟୋରେ ଏକ କ୍ଷୀଣ ଆଲୋକ ରହିଥିଲା, ଯାହାକି ଲ୍ୟାଣ୍ଡିଂ ପୂର୍ବ ଫଟୋରେ ନ ଥିଲା । ତାହା ହିଁ ବିକ୍ରମ ବୋଲି ମୋ ମନରେ ଧାରଣା ସୃଷ୍ଟି ହେଲା । ଏହା ପ୍ରମାଣିତ କରିବା ପାଇଁ ଦିନକୁ ୭ରୁ ୮ ଘଣ୍ଟା ଧରି ଫଟୋଗୁଡ଼ିକୁ ଅନୁଧ୍ୟାନ କରୁଥିଲି । କଠିନ ପରିଶ୍ରମ ପରେ ସଫଳତା ମିଳିଥିବାରୁ ମୁଁ ବହୁତ ଖୁସି ।

## ଚିନ୍ତା ବଢ଼ାଉଛି ଔଷଧ ...

ଉକ୍ତ ମେଡିକାଲ କଲେଜରେ ଔଷଧ ପାର୍ଶ୍ୱ ପ୍ରତିକ୍ରିୟା ସମ୍ପର୍କିତ ଠିକ ରିପୋର୍ଟ ମିଳିପାରୁ ନ ଥିବା କୁହାଯାଉଛି । ଏସ୍‌ସିବି ଫାର୍ମାକୋ ଭିଜିଲାନ୍ସ ସଂଯୋଜକ ପ୍ରଫେସର ଡା. ସବିତା ମହାପାତ୍ରଙ୍କ କହିବାନୁଯାୟୀ, ପ୍ରତ୍ୟେକ ଔଷଧରେ ବିଷ ରହିଛି । ତେଣୁ ରୋଗୀ କେଉଁ ଔଷଧ କେତେ ପରିମାଣରେ ଖାଇବେ ଓ କିଭଳି ଖାଇବେ ତାହା ଗୁରୁତ୍ୱପୂର୍ଣ୍ଣ । ଫାର୍ମାକୋ ଭିଜିଲାନ୍ସ ସମ୍ପର୍କରେ ରୋଗୀ ସଚେତନ ହେବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି । ଫାର୍ମାକୋ ଭିଜିଲାନ୍ସ ମନିଟରିଂ କେନ୍ଦ୍ରର ସହାୟକ ସ୍ୱୟଂ ସ୍ୱରୂପ ସାହୁ କୁହନ୍ତି, କୌଣସି ମେଡିସିନକୁ ନେଇ ଯଦି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦିଏ, ତେବେ ଆମେ ତୁରନ୍ତ ରିପୋର୍ଟ କରିଥାଉ । ଆମେ ଦେଇଥିବା ରିପୋର୍ଟ ଭଳି ଯଦି ସମାନ ଧରଣର ରିପୋର୍ଟ ଦେଶର ଅନ୍ୟ ଆଡୁ ଆସେ, ତେବେ ସମ୍ପୃକ୍ତ ଔଷଧକୁ ନିଷିଦ୍ଧ କରାଯାଇଥାଏ । ସୂଚନାଥାଉ କି, ୨୦୦୦ ଜୁନରେ ଏସ୍‌ସିବି ମେଡିକାଲରେ ଅପମିଶ୍ରିତ ସାଲାଇନ ନେବା ଦ୍ୱାରା ୫ଜଣ ରୋଗୀଙ୍କ ମୃତ୍ୟୁ ଘଟିଥିଲା । ଏହାକୁ ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା । ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବାକୁ ହାଇକୋର୍ଟ ଆଦେଶ ଦେଇଥିଲେ ।

## ସରକାରୀ ନିଯୁକ୍ତି ...

ଗ୍ରୁପ୍ ବି ଗେଜେଟେଡ୍ ପଦବୀ ଏବଂ ଗ୍ରୁପ୍ ସି ପଦବୀରେ ନିଯୁକ୍ତି ନିମନ୍ତେ ପ୍ରାର୍ଥୀମାନଙ୍କ ସଂକ୍ଷିପ୍ତ ତାଲିକା ପ୍ରସ୍ତୁତି ଲାଗି ସିଇଟି ପରୀକ୍ଷା କରିବାକୁ କେନ୍ଦ୍ର ସରକାର ଯୋଜନା କରିଛନ୍ତି । ଏକ ସ୍ୱତନ୍ତ୍ର ସଂସ୍ଥା ଏହି ପରୀକ୍ଷା ପରିଚାଳନା କରିବ ବୋଲି କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

ପ୍ରସ୍ତାବିତ ପଦକ୍ଷେପ ଦ୍ୱାରା ସବୁ ପ୍ରାର୍ଥୀଙ୍କୁ ସଫଳତା ପାଇଁ ସମାନ ସୁଯୋଗ ମିଳିପାରିବ ଏବଂ ଖର୍ଚ୍ଚ ମଧ କମିଯିବ ବୋଲି କାର୍ମିକ ବିଭାଗ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି । ଶାସନକୁ ସହଜ କରିବା ସହ ଜୀବନଧାରଣକୁ ସୁବିଧାଜନକ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶକ୍ରମେ ନିଆଯାଉଥିବା ଅନେକ ପଦକ୍ଷେପ ମଧ୍ୟରୁ ଏହା ଅନ୍ୟତମ । ଏଥିପାଇଁ ବିଭିନ୍ନ ମନ୍ତ୍ରଣାଳୟ, ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସରକାର ଏବଂ ଭାଗୀଦାରମାନଙ୍କ ମତାମତ ଲୋଡ଼ାଯାଇଛି । ସଦ୍ୟତମ ସରକାରୀ ତଥ୍ୟ ଅନୁଯାୟୀ, ୨୦୧୮ ମାର୍ଚ୍ଚ ୧ ସୁଦ୍ଧା କେନ୍ଦ୍ରୀୟ ସରକାରୀ ବିଭାଗଗୁଡ଼ିକରେ ମୋଟ ୬,୮୩,୮୨୩ ପଦବୀ ଖାଲିପଡିଛି । ସେଥିରୁ ଗ୍ରୁପ୍ ଏ'ରେ ୧୯,୮୯୬ ପଦବୀ, ଗ୍ରୁପ୍ ବି'ରେ ୮୯,୬୩୮ ଏବଂ ଗ୍ରୁପ୍ ସି'ରେ ୫,୭୪,୨୮୯ ପଦବୀ ଅନ୍ତର୍ଭୁକ୍ତ । ସମ୍ପ୍ରତି ସରକାରୀ ନିଯୁକ୍ତି ଚାହୁଁଥିବା ପ୍ରାର୍ଥୀମାନଙ୍କୁ ସମାନ ଯୋଗ୍ୟତା ମାନଦଣ୍ଡ ଥିବା ବିଭିନ୍ନ ପଦବୀ ଲାଗି ଭିନ୍ନ ଭିନ୍ନ ସଂସ୍ଥା ଅଧୀନରେ ଅନେକ ପରୀକ୍ଷା ଦେବାକୁ ପଡୁଛି । ସେଥିରେ ପୁଣି ତିନି ସ୍ତରୀୟ ପରୀକ୍ଷା ସହ ଦକ୍ଷତା ଓ ଅନ୍ୟାନ୍ୟ ପରୀକ୍ଷା କରାଯାଉଛି । ପ୍ରତିବର୍ଷ ହାରାହାରି ୧.୨୫ ଲକ୍ଷ ଖାଲି ପଦବୀ ପାଇଁ ପ୍ରାୟ ୨.୫ କୋଟି ପ୍ରାର୍ଥୀ ଏକାଧିକ ପରୀକ୍ଷା ଦେଉଛନ୍ତି । ଏହିସବୁ ସମସ୍ୟା ଦୂର କରିବା ଲାଗି ଗୋଟିଏ ସାଧାରଣ ଯୋଗ୍ୟତା ପରୀକ୍ଷା କରାଇବାକୁ ସରକାର ପ୍ରସ୍ତାବ ଆଣିଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଚନ୍ଦ୍ର ପ୍ରଭାବରେ ଦିନଟି ଆପଣଙ୍କର ପ୍ରାୟତଃ ଭଲରେ ଯିବ ତଥାପି ତରବରିଆ ନ ହୋଇ ଧୀରସ୍ଥିର ପଦକ୍ଷେପ ନେଲେ ଉପକୃତ ହେବେ । ଦୂରଯାତ୍ରାର ସୁଯୋଗ ପାଇବେ ମାତ୍ର ରାସ୍ତାରେ କୌଣସି ବ୍ୟକ୍ତିଙ୍କ ସହ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି । ଆଜି ହିଁ ସମ୍ପନ୍ନ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି ।

**ବୃଷ** – ରବିଙ୍କ ଦୃଷ୍ଟିରୁ ସ୍ୱାସ୍ଥ୍ୟ କେତେକାଂଶରେ ଭଲ ରହିବ । ପ୍ରତ୍ୟେକ କ୍ଷେତ୍ରରେ ବିନୟପୂର୍ଣ୍ଣ କଥା କହି ପରିସ୍ଥିତିକୁ ହାଲୁକା କରିବେ । ରୋହିଣୀ ନକ୍ଷତ୍ରର ଅର୍ଥ, ଭୋଗ ବିଳାସ ମଧ୍ୟରେ ସମୟଟି ଭଲରେ କଟିବ । ପାରିବାରିକ କ୍ଷେତ୍ରରେ ସୁଯୋଗ ପାଇବା ସଙ୍ଗକୁ ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ ।

**ମିଥୁନ** – ନବମ ଚନ୍ଦ୍ର ହେତୁ ଚିନ୍ତା ନ କରି ନିର୍ଭୟରେ ଆଗକୁ ମାଡି ଚାଲନ୍ତୁ, ଦେଖିବେ ଚେଷ୍ଟା ନିଶ୍ଚିତ ଫଳବତୀ ହେବ । ସନ୍ଧ୍ୟାରେ ହଠାତ୍ ସାଧାରଣ କଥାକୁ କେନ୍ଦ୍ର କରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ । ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରୁହନ୍ତୁ ଅନ୍ୟଥା ତାହା ହିଁ ସମସ୍ୟାର କେନ୍ଦ୍ରବିନ୍ଦୁ ହୋଇପଡିବ । ଆନୁଷ୍ଠାନିକ କାମ ସକାଶେ ତତ୍ପରତା ବଢିପାରେ ।

**କର୍କଟ** – ବୁଧ ଦୃଷ୍ଟି ପ୍ରଭାବରେ କର୍ମକ୍ଷେତ୍ରରେ ମଉଜିଆ କଥା କହି ଅନ୍ୟମାନଙ୍କୁ ନିଜର କରିବାରେ ସକ୍ଷମ ହେବେ । ଅତି ନିକଟରେ ରହୁଥିବା ମିତ୍ରମାନେ କିଛି ପାଇବା ଆଶାରେ ପ୍ରଶଂସା ଗାଇ ବୁଲିବେ । କ୍ରୀଡା, କଳା, ସାହିତ୍ୟ,ସାମ୍ବାଦିକତା ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ । ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି ।

**ସିଂହ** – ତୃତୀୟସ୍ଥ ମଙ୍ଗଳ ଭ୍ରାତୃସମ୍ପର୍କ ନଷ୍ଟ କରିବା ସହ ଅତୀତର ଘଟଣାଗୁଡିକର ସମୀକ୍ଷା କରି ମନଟି ଭଲ ଲାଗିବ ନାହିଁ । ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି । ଋଣ ସୂତ୍ରରେ ଅର୍ଥଲାଭ କରିବେ ଏବଂ ବାଣିଜ୍ୟ,ବ୍ୟବସାୟରେ ଉନ୍ନତି ଘଟିବ । ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ ।

**କନ୍ୟା** – ରାଶ୍ୟାଧିପତି ଅଷ୍ଟମାଧିପତି ଯୁକ୍ତ କାରଣରୁ ଭାବୁଥିବା କାମଟି ବିଧିବଦ୍ଧ ଭାବରେ କରିପାରିବେ ନାହିଁ ଫଳରେ ସୁଯୋଗ ହାତଛଡା ହୋଇପାରେ । ଭଲ କଥା କହିଲେ ମଧ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି । ଉପରିସ୍ଥଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇ ପାରନ୍ତି ।

**ତୁଳା** – ଷଷ୍ଠସ୍ଥାନ ଦୃଷ୍ଟିଜନିତ ପାପାକ୍ରାନ୍ତ ଯୋଗୁ ସମ୍ପର୍କୀୟ ଲୋକମାନଙ୍କ ଶତ୍ରୁତା ଯୋଗୁ ବିଚଳିତବୋଧ କରିବାକୁ ପଡିବ । ହଠାତ୍ କୌଣସି କ୍ଷେତ୍ରରେ ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ । ପାରିବାରିକ ସଦ୍ଭାବ ଅକ୍ଷୁଣ୍ଣ ରହିବ । ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିବେ ଏବଂ ଆପଣଙ୍କ କାମରେ ସହଯୋଗ ମଧ କରିବେ ।

**ବିଛା** – କେନ୍ଦ୍ରସ୍ଥ ଚନ୍ଦ୍ର ଯୋଗୁ ଲୋକସମ୍ପର୍କ ବୃଦ୍ଧି ପାଇବାରେ ନିଜ ଲୋକମାନେ ହିଁ ପ୍ରତିବନ୍ଧକ ସୃଷ୍ଟି କରିବେ । ଅଫିସ୍‌ରେ ଥିବା ସମୟରେ ବନ୍ଧୁମାନଙ୍କ ବିଷୟରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ । ମାତ୍ର କର୍ମକ୍ଷେତ୍ରରେ ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବେ । ପର କଥାରେ ପଡି ଘର ଲୋକମାନଙ୍କୁ ଭୁଲ୍ ବୁଝିପାରନ୍ତି ।

**ଧନୁ** – ଦଶମ ସ୍ଥାନ ପାପଦୃଷ୍ଟି ବିବର୍ଜିତ ହେତୁ କର୍ମକ୍ଷେତ୍ରରେ କୌଶଳ ପ୍ରୟୋଗ କରି ନିଜ ପରିସରରେ ପ୍ରତିଷ୍ଠିତ ହେବାର ସମ୍ଭାବନା ରହିଛି । ବନ୍ଧୁମାନଙ୍କ ଆହ୍ୱାନକ୍ରମେ କୌଣସି ଶୁଭକାର୍ଯ୍ୟରେ ଯୋଗଦେଇପାରନ୍ତି । ଆଜିର ଅଧିକାଂଶ ସମୟ ଆଳାପ ଆଲୋଚନାରେ ସମୟ କଟାଇବେ । ପ୍ରକାଶନ, ପ୍ରଶାସନ, ଆନୁଷ୍ଠାନିକ କାର୍ଯ୍ୟ ପାଇଁ ଦିନଟି ବହୁତ ଭଲ ।

**ମକର** – ମୁହଁରେ ଚନ୍ଦ୍ର ଯୋଗୁ ହସିଲେ କଥା କହିବେ ଏବଂ ପ୍ରତ୍ୟେକ କ୍ଷେତ୍ରରେ ମନର ବଳ ଖୁବ୍ ଟାଣ ରହିବ । କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ । ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ ଝଗଡା ଲାଗିପାରେ ମାତ୍ର ସଭାସମିତିରେ, ଆଲୋଚନା, ଗଠନମୂଳକ କାମ, ଲେଖାପଢା କ୍ଷେତ୍ରରୁ ଶୁଭଫଳ ପାଇବେ ।

**କୁମ୍ଭ** – ଏକାଦଶରେ ଏକାଧିକ ଗ୍ରହ ଯୋଗୁଁ ଗତକାଲି ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ଆଜି ସମର୍ଥ ହେବେ । ଭୁଲ୍ ବୁଝାମଣା ଓ ସନ୍ଦେହ ବୃଦ୍ଧି ପାଇବା କାରଣରୁ ପରିବାରରେ ବିଶୃଙ୍ଖଳା ଦେଖା ଦେଇପାରେ । ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରୁହନ୍ତୁ, ଅନ୍ୟଥା ଅଦଳ ବଦଳ ହୋଇଯାଇପାରେ ।

**ମୀନ** – ବଳବାନ ରାହୁ ଓ କର୍ମସ୍ଥ ଗ୍ରହପ୍ରଭାବରେ ପ୍ରତ୍ୟେକ ବିଷମ ପରିସ୍ଥିତିରେ ମଧ ସାହସିକତାର ପରିଚୟ ଦେଇ ପ୍ରଶଂସିତ ହେବେ । ସ୍ୱାର୍ଥ ସାଧନର ମସୁଧା କରି ଭଲ ସମ୍ପର୍କ ଥିବା ବନ୍ଧୁ ଅସୁବିଧାରେ ପକାଇପାରନ୍ତି । କଳା,ସଂଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ ।

ଆଜି ମାର୍ଗଶିର ଶୁକ୍ଳ ଅଷ୍ଟମୀ ବୁଧବାର,ଡିସେମ୍ବର ୪ ତାରିଖ, ଭାରତୀୟ ନୌସେନା ଦିବସ, ରାଶି ନକ୍ଷତ୍ର-ଶତଭିଷା/କୁମ୍ଭ, କର୍କଟ ରାଶିର ଘାତବାର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୭।୩୭ମି. ଗତେ ଘ.୮।୨୦ମି. ମଧ୍ୟେ ଅମୃତ ବେଳା । ଦିବା ଘ.୧୦।୧୮ମି. ଗତେ ଘ.୧୧।୩୮ମି. ମଧ୍ୟେ ମାହେନ୍ଦ୍ରବେଳା । ଦିବା ଘ.୧୧।୩୬ମି. ଗତେ ଘ.୧୨।୫୭ମି. ମଧ୍ୟେ ରାହୁକାଳ ।


# classifieds Everyday
0674-2580101, 2549302




### BRIDE WANTED

Wanted fair, beautiful bride for Bania boy, 32+, Software Engineer, Chennai, Caste-no-bar, Contact: 7008017424, 8093742890. D-67731

Eligible Hindu bride required for prospective groom. Caste-no-bar. Mob: 9438649952. D-15552

Deserving Khandayat groom B.Tech+ M.Tech (IIT) working as a Manager, (Caste-No- Bar), Contact: 9861022750. D-68906

Kshtriya boy 1984, 5'9" Serving Manager Nationalised Bank "Sunasansar", 9937512659. D-15503

Son age 29 B.Tech, M.Tech IIT Delhi working in Scientist researcher Hyderabad salary 25 lakhs 7008986005. D-15554

Son age 30 B.Tech NIT Rourkela working in Engineer ONGC 7008986003. D-15555

56 ବର୍ଷରୁ ଉର୍ଦ୍ଧ୍ୱ ପେନ୍‌ସନର୍/ନନ୍-ପେନ୍‌ସନର୍, ବିଧବା/ Divorcee ନୀରୋଗ ସୁସ୍ୱାସ୍ଥ୍ୟ ଗୋରା, ପଛେ କେହି ନାହାନ୍ତି, ଅସହାୟ ସ୍ତ୍ରୀଲୋକ ଜଣେ ପେନ୍‌ସନର୍ ପାଇଁ ଜୀବନସାଥୀ ଆବଶ୍ୟକ । 6372228707. D-15549

Bhubaneswar based Khatriya boy 1989, 5'9", M.Tech, serving Branch Manager, Nationalised Bank requires suitable bride (Govt./Bank). Contact: 9437056287. D-15547

**Wanted bride for Karan groom July 83, 5'10" Software Professional in Bangalore, Tula, 14/7 for early marriage. Contact: 9937284888, 9777523051.** D-67514

Wanted brahmin homely bride for 1980 born 5'9'' Diploma Engineer Brahmin boy Contact: 9437633089, 6370737397. D-68520

Dhoba boy 28, B.Tech, software Engineer at Hyderabad Infosys. Ph- 8917341265. D-15475

### GROOM WANTED

34,5.4,M.Sc B.ED, Govt. Teacher. ମାସିକ ଆୟ 38,000/-, ପାଇଁ ବର ଆବଶ୍ୟକ । ଅବିବାହିତ, ଛାଡ଼ପତ୍ର ପ୍ରାପ୍ତ ଗ୍ରହଣୀୟ ହେବେ । 9713925270. D-15516

Suitable match for fair slim Bengali girl Baishya 29 yrs 5 feet B.COM, MFC Teacher in Paradip. Prefer Educated family, well established Bengali groom, 7749033208, 7749869975. D-15515

Divorcee bride Manager 31, Teacher 39, Clerk 42 (caste-no-bar), 7873374269. D-68621

ବ୍ରାହ୍ମଣ, କରଣ, ଖଣ୍ଡାୟତ, ତେଲି ଏବଂ ସବୁ ଜାତିର ବରପାତ୍ର ଆବଶ୍ୟକ । "AkankshyaGroup", 7978736177. D-68219

Girl age 27 B.Tech CET working in Bank of Baroda (Caste-no-bar) 8144589551. D-15553

ଓଡ଼ିଆ ଘରର 48 ବର୍ଷର ବିଧବା ଝିଅ ପାଇଁ ବରପାତ୍ର ଆବଶ୍ୟକ । Central Schoolରେ PGT Teacher ଭାବରେ କାର୍ଯ୍ୟରତ, ଘର ସୁନାବେଡ଼ା । Ph: 8763284487. D-68805




### SALE

Toyota Fortuner, Passat, Verna, Breeza, Mitsubishi Lancer, Hyundai Elantra. 7381091234, 9861194627. D-68439

4.11 years ATUL GEM PASS & 7.8 years Mahindra Alfa passenger auto for sale. Contact Satya- 8327786035, 9861460111. D-68909

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

### HIRE

JCB Machine Excavators 38T, 21T, 10T, 8T, Excavator & Loader- 2DX, 3DX, JCB Compactor, JCB Load all available for hire/sale. Contact immediately: 9556240228, 9937292015. Email- enquiry@kttorissa.com D-15185

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।




### SALE

ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ **NH-16କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି ।** ପ୍ରଥମେ **Possession** ଦିଆଯାଉଛି, ତା'ପରେ ରେଜିଷ୍ଟ୍ରିହେଉଛି । **Project** ଭିତରେ **30ft road** ଦିଆଯାଇଛି । **8018474890.** D-68431

4300sqft. converted land at Kalinga Nagar near BDA Housing, 10500sqft. near Mancheswar, 6 acres N.H facing land at Bhandari Pokhari, Bhadrak for sale. Contact details: 9337413323, 7008388915. D-67727

**BDA Residential plots at Patia railwaystation just 3.5K.M from Big Bazar, 7008613186.** D-68518

Booking open 3BR Luxurious Apartment SahidNagar, Bhubaneswar, Contact: 9777017120. D-68196

Commercial building for sale near NuaBazar Cuttack main highway. For more details Contact: 7326023269, 9556720780. D-15512

**Bhubaneswar Uttarachhakaରୁ 5K.M sqft.-550/-, କଟକ ତ୍ରିଶୂଳିଆରୁ 4K.M- 280/-, ଜଟଣୀଗେଟ୍‌ଠାରେ 200/, ନଖରା DPS ପାଖରେ 700/-ର ଘରବାରି ପ୍ଲଟ୍ ମିଳୁଅଛି । 9348020724, 7978939440.** D-68433

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରି ପ୍ଲଟ ପଚ୍ଚାରୁ ବିକ୍ରିହେବ । 9178660666. D-68911

**New Bhubaneswar Railway station ପାଖରେ 30ft ରାସ୍ତାଥାଇ immediate ଘରକଲାଭଳି yellowzone plot sqft.1400/-ରେ ମିଳୁଅଛି । 7978286401, 9861411038.** D-68438

3500sqft. commercial land for near Khandagiri, Bhubaneswar. Price: 1.57 crore. Contact: 9861234908. D-68910

**ନଖରା ତ୍ରିନାଥବଜାରଠାରେ SC Plot 1200sqft. 4,44,000/-, ଘରବାରୀ ପାଚେରୀ ଥାଇ outrightରେ ମିଳୁଅଛି- 9348817649, 6371569855.** D-68443

Bhubaneswarରେ ନଖରା= 750/-, କେସୁରା= 1450/-, ଖଣ୍ଡଗିରି= 2200/- ଗୀତାଗାନ୍ଧୀ ପାଖରେ= 1150/- ଗୁଡିଆ ପୋଖରି= 750/-, ସୁନ୍ଦରପଦା= 850/-, ଆଗ possession ସହ ଜାଗା କିଣନ୍ତୁ 7978641199. D-68717

**Fully developed 30'road, electricity, Gharabari residential corner plot at canalroad, Hanspal@7,80,000/- 9437033320.** D-68444

Sale gharabari plot near ITER College, Jagamara Bhubaneswar, Contact: 7978751719. D-67516

**ଭୁବନେଶ୍ୱର Tamandoରେ yellozone plot 30ft ରାସ୍ତାଥାଇ କିଣନ୍ତୁ, ବାଲିଅନ୍ତାରେ ready to move Duplex, 9348767829.** D-68441

### PURCHASE

Land required on Sharing Basis in Bhubaneswar, Cuttack. Contact: 9124721060. D-67515




3BHK flat Rs. 22000/- with mentanance near Patia main road, 9658197163. D-61068

160000sqft. vacant land with boundary wall and outhouse to-let or lease for commercial purpose at Totapada adjacent to NH-16 near Khorda. Contact: 7854918287. D-60955

**6500 Square feet hall type 3 storied building on 100 feet Bhimtangi Main Road for office and commercial. Contact: 9958003695.** D-15405

2BHK ground floor Rs. 10000/-, near Sailshree Vihar DAV School, 9658197163. D-61069




Shivam logistic packers movers. Household/ car relocation countrywide. 9777044177, 9338461133. D-15348

India's No.1 Packers Leo Packers & Movers Car, Household & Office movement. Countrywide, 9438133699. D-15534

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Rejuvenate and ayurvedic full body massage by smart therapist. 9114402304. D-68904

Sai herbal spa refresh your body with smart, expert therapist. 7608062524. D-68905

"Ayurvedic body massage & steam bath by trained male therapist only. Phone: 9337337007. Bhubaneswar." D-15508

Full body herbal massage with refreshment expert therapist. 7381239385, 06742540855. D-68200

Experience full body massage with us (expert). Call: 7377048581, 06742597822. D-68901

Herbal full body massage by smart / expert therapist. Contact: 8338067247. D-68902

Summer special mesmerizing offer expert therapeutic refreshing massage appointment. 9668374480. D-68903

Newly open full body massage by ladies, gents therapist. 8018656899 D-60855

Ayurvedic full body massage by ladies, gents therapist. 7008773793 D-60856

Refresh your mind and soul with best therapy at Orchid Salon/Spa. 9937287222. D-68716

Ayurvedic full body massage ladies and gents. Contact: 9861064981. D-68715

Ayurvedic full body massage ladies & gents smart therapist, 9668814589. D-68719

### EDUCATION

Medical courses ପାଇଁ Registration କରନ୍ତୁ । BDS, BAMS, BHMS, BUMS, D.Pharma, ANM, GNM (Only for practioners) Whatsapp/ Call- 9893869473 (Agent excuse). D-68912

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ରାଜଶ୍ରୀ ପ୍ରଭାତି ମହାନ୍ତି


ସ୍ୱିନୋଜ ପଟ୍ଟନାଏକ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

### ଶୋଇବା ଘରେ ନିଆଁ ଲାଗିଲା

## ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର


ଅଗ୍ନିକାଣ୍ଡରେ ପୋଡ଼ିଯାଇଥିବା ଖଟ।

ବାଲେଶ୍ୱର ଅଫିସ, ୩।୧୨

ବାଲେଶ୍ୱର ଜିଲା ସଦର ଥାନା ଅଧୀନ ସୁନ୍ଦୁରି ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଏକ ଦମ୍ପତି ଘରେ ଶୋଇଥିବା ବେଳେ ହଠାତ୍ ନିଆଁ ଲାଗିଯିବାରୁ ଘଟଣାସ୍ଥଳରେ ସ୍ୱାମୀ କୁଶଭାରତୀଙ୍କ ମୃତ୍ୟୁ ହୋଇଛି। ସ୍ତ୍ରୀ ସତ୍ୟବତୀଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, କୁଶଙ୍କ ୩ ବଖରା ବିଶିଷ୍ଟ କୋଠାଘର ରହିଛି। କୁଶ ଓ ସତ୍ୟବତୀ ଗୋଟିଏ ଘରେ ଶୋଇଥିବା ବେଳେ ହଠାତ୍ ନିଆଁ ଲାଗି ଯାଇଥିଲା। ଏଥିରେ କୁଶ ଓ ସତ୍ୟବତୀ ପୋଡିଯାଇଥିଲେ। ଉଭୟଙ୍କୁ ଡାକ୍ତରଖାନା ନେବା ପୂର୍ବରୁ କୁଶଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସଦର ଥାନା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଏନେଇ ପରିବାର ପକ୍ଷରୁ ସଦର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ବ୍ୟବସାୟିକ ଶତ୍ରୁତା କାରଣରୁ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ପରିବାର ଲୋକ ଅଭିଯୋଗ ଆଣିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ତଦନ୍ତକାରୀ ଅଧିକାରୀ ଇନ୍ସପେକ୍ଟର ସୁବ୍ରତ ବେହୁରିଆ କହିଛନ୍ତି।

### ■ ରାଜନୈତିକ ଶତ୍ରୁତାରୁ ହତ୍ୟା ଉଦ୍ୟମ

## ବିଜୁଯୁବ ବାହିନୀ ସଦସ୍ୟଙ୍କୁ ଗୋଡ଼ାଇ ହାଣିଲେ


ଦିଗପହଣ୍ଡି,୩।୧୨(ଡି.ଏନ.ଏ.)

### ବମ୍‌କେଇରେ ଉତ୍ତେଜନା, ପୋଲିସ ମୁତୟନ

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ବମ୍‌କେଇ ଗାଁରେ ମଙ୍ଗଳବାର ରାଜନୈତିକ ଶତ୍ରୁତାରୁ ବିଜୁ ଯୁବବାହିନୀର ସଦସ୍ୟ ନିରାକାର ପ୍ରଧାନଙ୍କୁ ହତ୍ୟା ଉଦ୍ୟମ କରାଯାଇଥିବା କେ.ନୂଆଗାଁ ଥାନାରେ ଅଭିଯୋଗ ହୋଇଛି। କେ.ନୂଆଗାଁ ଆଇଆଇସି ମାଧବାନନ୍ଦ ନାୟକ, ଏସ୍ଆଇ ଜ୍ଞାନରଞ୍ଜନ ସେଠୀ ସଦଳବଳ ଗାଁରେ ପହଞ୍ଚି ଘଟଣାର ତଦନ୍ତ କରି ଫେରିଛନ୍ତି। ଗଣ୍ଡଗୋଳ ଆଶଙ୍କାରେ ଗ୍ରାମରେ ପୋଲିସ ମୁତୟନ କରାଯାଇଛି। ଏଥିରେ ସମ୍ପୃକ୍ତ ଏକ ନିର୍ଦ୍ଦିଷ୍ଟ ଦଳର ୩ ଜଣ ସମର୍ଥକଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି କହିଛନ୍ତି।

ପ୍ରକାଶ ଯେ, ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନଙ୍କ ଗାଁ ବମ୍‌କେଇରେ ବିଜୁ ଯୁବବାହିନୀ ଶାଖାର ଜଣେ ସକ୍ରିୟ ସଦସ୍ୟ ଭାବେ ନିରାକାର କାର୍ଯ୍ୟ କରୁଥିଲେ। କିଛିଦିନ ହେଲା ସେ ସ୍ଥାନୀୟ ଚିଦାନନ୍ଦ ସରସ୍ୱତୀ ଯୁକ୍ତ ୩ କଲେଜରେ ଅସ୍ଥାୟୀ କିରାଣି ଭାବେ କାର୍ଯ୍ୟ କରୁଛନ୍ତି। ପୂର୍ବାହ୍ନ ସାଢ଼େ ୧୦ଟାରେ ନିରାକାର ବାଇକ୍ ଯୋଗେ କଲେଜକୁ ଯାଉଥିବା ବେଳେ ଗାଁ ଛକରେ ଏକ ନିର୍ଦ୍ଦିଷ୍ଟ ଦଳର ୩ ଜଣ ସମର୍ଥକ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ନିରାକାରଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ପ୍ରକାଶଯୋଗ୍ୟ, ଗତ ଅଗଷ୍ଟ ୧୯ରେ ବମ୍‌କେଇ ପଞ୍ଚାୟତ ସିନ୍ଧୁଖାଳି ଛକରେ ଅନ୍ୟଦଳର ଟୁନା ପ୍ରଧାନ ଏବଂ ଗତ ଅକ୍ଟୋବର ୯ ତାରିଖରେ ଅଟୋ ଚାଳକ ହୃଷୀକେଶ ପ୍ରଧାନଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଏହି ଆକ୍ରମଣରେ ସମ୍ପୃକ୍ତ ଥିବା ନିରାକାରଙ୍କୁ ଅକ୍ଟୋବର ୧୩ ତାରିଖରେ ପ୍ରତିପକ୍ଷ ଗୋଷ୍ଠୀ ପକ୍ଷରୁ ଲୁହାଛଡ଼ରେ ଆକ୍ରମଣ କରାଯାଇଥିଲା। ପରେ ନିରାକାରଙ୍କ ସମର୍ଥକମାନେ ଅପରଗୋଷ୍ଠୀ ଉପରେ ପ୍ରତି ଆକ୍ରମଣ କରିଥିଲେ। ଏ ନେଇ କେ.ନୂଆଗାଁ ପୋଲିସ ନଂ. ୧୯୫/୧୯ରେ ମାମଲା ରୁଜୁ କରି ନିରାକାରଙ୍କୁ କୋର୍ଟ ଚାଲାଣ କରିଥିଲା।




### ■ ବଳାତ୍କାର ପୀଡ଼ିତା ଅଧ୍ୟାପିକାଙ୍କ ଆତ୍ମହତ୍ୟା ଘଟଣା

## ମୃତକଙ୍କ ପରିବାରକୁ ଭେଟିଲେ ମହିଳା କମିଶନ ଅଧ୍ୟକ୍ଷା

ବାରିପଦା ଅଫିସ/ ରାଇରଙ୍ଗପୁର,୩।୧୨(ଡି.ଏନ୍.ଏ.)


ମହିଳା କମିଶନ ଅଧ୍ୟକ୍ଷା ମୃତା ଅଧ୍ୟାପିକାଙ୍କ ପରିବାର ସଦସ୍ୟଙ୍କ ସହିତ ଆଲୋଚନା କରୁଛନ୍ତି।

ମୟୂରଭଞ୍ଜ ଜିଲା ପୋଲିସର ଅବହେଳା କାରଣରୁ ବଳାତ୍କାର ପୀଡ଼ିତା ଜଣେ ଅଧ୍ୟାପିକା ନ୍ୟାୟ ନ ପାଇ ଜୀବନ ହାରିବା ଘଟଣା ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାକୁ ଗୁରୁତର ଭାବେ ନେଇ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଡ.ମିନତୀ ବେହେରା ମଙ୍ଗଳବାର ଦିନିକିଆ ମୟୂରଭଞ୍ଜ ଜିଲା ଗସ୍ତରେ ଆସିଥିଲେ। ସେ ବାରିପଦାରେ ପହଞ୍ଚି ପ୍ରଥମେ ଜିଲା ଏସ୍‌ପି ପରମାର ସ୍ମିଥ ପୁରୁଷୋତ୍ତମଦାସଙ୍କ ସହିତ ଆଲୋଚନା କରିଥିଲେ। ପରେ ପୀଡିତାଙ୍କ ଗ୍ରାମକୁ ଯାଇ ତାଙ୍କ ପରିବାର ଲୋକଙ୍କ ସହିତ ଆଲୋଚନା କରିବା ସହିତ ସମବେଦନା ଜଣାଇଥିଲେ। ଅଭିଯୁକ୍ତମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ପୀଡିତା ଆତ୍ମହତ୍ୟା କରିଥିବା ରାଇରଙ୍ଗପୁର କଲେଜର ହଷ୍ଟେଲ ପରିଦର୍ଶନ କରିବା ସହିତ ସେଠାକାର କର୍ମଚାରୀ ଓ କଲେଜର ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରି ଫେରିଯାଇଛନ୍ତି। ସମସ୍ତ ଘଟଣାର ସମୀକ୍ଷା ପରେ ରାଜ୍ୟ ସରକାରଙ୍କୁ ସେ ଏକ ରିପୋର୍ଟ ପ୍ରଦାନ କରିବେ ବୋଲି କହିଛନ୍ତି। ତାଙ୍କ ସହିତ ଆଡିଶନାଲ ଏସ୍‌ପି ବିଜୟା ବାରୱା ଓ ନିର୍ବାହୀ ଅଧିକାରୀ ଅରବିନ୍ଦ ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ।

ଉଲ୍ଲେଖଯୋଗ୍ୟ ଯେ, ଝାରପୋଖରିଆ ଭାଇ ଶ୍ୟାମରଞ୍ଜନ ସାହୁ ତାଙ୍କୁ ବଳାତ୍କାର କରିଥିଲେ। ଅଧ୍ୟାପିକା ଜଣକ ଘରକୁ ଫେରି ସବୁ କଥା ଜଣାଇବା ସହିତ ସେହି ମାସ ୩୦ ତାରିଖରେ ଝାରପୋଖରିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୧୨୫/୧୯) ରୁଜୁ କରିଥିଲା। ହେଲେ ଅଭିଯୁକ୍ତଙ୍କୁ ଗିରଫ କରି ନ ଥିଲା। ମାମଲା ପ୍ରତ୍ୟାହାର କରିନେବାକୁ ଅଭିଯୁକ୍ତ ସାହୁ ବିଭିନ୍ନ ସମୟରେ ଅଧ୍ୟାପିକାଙ୍କୁ

### ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ

ଥାନା ଅଞ୍ଚଳର ଜଣେ ଅଧ୍ୟାପିକା ରାଇରଙ୍ଗପୁର କଲେଜରେ ଅଧ୍ୟାପନା କରୁଥିଲେ। ସେ ଗତ ଅକ୍ଟୋବର ୨୬ ତାରିଖରେ କେନ୍ଦୁଝରସ୍ଥିତ ତାଙ୍କର ଜଣେ ସମ୍ପର୍କୀୟା ଭାଉଜଙ୍କ ଘରକୁ ଯାଇଥିଲେ। ସେହିଦିନ ରାତିରେ ତାଙ୍କ ସମ୍ପର୍କୀୟା ଭାଉଜଙ୍କ ଧମକ ଚମକ ଦେଇ ଆସୁଥିଲେ। ଫଳରେ ଅଧ୍ୟାପିକା ମାନସିକ ଚାପରେ ରହୁଥିଲେ। ଗତ ଶନିବାର ରାତି ପ୍ରାୟ ୮ ଟା ବେଳେ ସେ ଅଧ୍ୟାପନା କରୁଥିବା କଲେଜର ହଷ୍ଟେଲ କୋଠରିରୁ ତାଙ୍କ ଝୁଲନ୍ତା ମୃତଦେହକୁ ଉଦ୍ଧାର କରାଯାଇଥିଲା। ଏହି ଘଟଣାରେ ରାଇରଙ୍ଗପୁର ଟାଉନ ଥାନାରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଜଣଙ୍କୁ ପୋଲିସ ଗିରଫ କରିଥିଲା। ସେହିପରି ଏସ୍‌ପି ପୁରୁଷୋତ୍ତମଦାସ ଏହି ମାମଲାର ତଦନ୍ତକାରୀ ଅଧିକାରୀ ପ୍ରଶାନ୍ତ କୁମାର ସ୍ୱାଇଁଙ୍କୁ ରବିବାର ନିଲମ୍ବିତ କରିଥିଲେ। ଥାନା ଅଧିକାରୀ ଶରତ କୁମାର ମହାଲିକଙ୍କୁ ଜିଲା ମୁଖ୍ୟାଳୟକୁ ବଦଳି କରି ଅଣାଯାଇଥିଲା। ସୋମବାର କାର୍ଯ୍ୟରେ ଅବହେଳା ଦର୍ଶାଇ ମହାଲିକଙ୍କୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି।

## ଜିଲା ଚିଠି



### ବାଲେଶ୍ୱର

## ପ୍ରଦୂଷିତ ସହର

ବାଲେଶ୍ୱର ସହର ପ୍ରଦୂଷିତ ବୋଲି ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ରିପୋର୍ଟରେ ଦର୍ଶାଯାଇଛି। ଏହି ସହରର ଜଳବାୟୁ ଜନଜୀବନ ପାଇଁ ଅସ୍ୱାସ୍ଥ୍ୟକର। ପ୍ରତିକାର ନ କଲେ ଆଗାମୀ ଦିନରେ ଏହା ଏକ ମୁଖ୍ୟ ସମସ୍ୟା ହେବ ବୋଲି ରିପୋର୍ଟ କହିଛି। ଜନଜୀବନ ପାଇଁ ପ୍ରଦୂଷଣ ଏବେ ମୁଖ୍ୟ ସମସ୍ୟା ପାଲଟିଛି। ଏଥିପାଇଁ ସଚେତନତା ସୃଷ୍ଟି କରିବା ଲାଗି ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଆଲୋଚନା ଜାରି ରଖି ତା'ର ନିୟମକୁ କଡ଼ାକଡ଼ି କରିଛି। କିନ୍ତୁ ବାଲେଶ୍ୱର ଜିଲାରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ରାଜ୍ୟର ଯେଉଁ ୬ଟି ପ୍ରଦୂଷିତ ସହର ଘୋଷଣା କରାଯାଇଛି ସେଥିରେ ବାଲେଶ୍ୱର ସ୍ଥାନ ପାଇଛି। ବେଆଇନ ଭାବେ ଚାଲିଥିବା ଇଟାଭାଟି, କଳକାରଖାନାର ଧୂଆଁ ଏହାର ମୁଖ୍ୟ କାରଣ ହୋଇଛି। ଏଣେ ଯାନବାହନରୁ ନିର୍ଗତ ହେଉଥିବା ଧୂଆଁ ଏଥିରେ ସହାୟକ ହେଉଛି। ଯେଉଁ ସହରରେ ୫୦ହଜାରରୁ ୧ଲକ୍ଷ ଜନସଂଖ୍ୟା ଥିବ ତା'ର ଜନବସତିଠାରୁ ୨କି.ମି. ଏବଂ ୧ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ଥିବା ଅଞ୍ଚଳଠାରୁ ୫କି.ମି. ମଧ୍ୟରେ ଇଟାଭାଟି ନିର୍ମାଣ ପାଇଁ ଅନୁମତି ମିଳିବନି ବୋଲି ଆଇନ ରହିଛି। କିନ୍ତୁ ଏହାକୁ ଅବମାନନା କରି ସହରର ମାତ୍ର ଅଳ୍ପ ଦୂରରେ ଶହ ଶହ ବେଆଇନ ଇଟାଭାଟି ଚାଲିଛି। ନିର୍ଗତ ହେଉଥିବା ଧୂଆଁ ଯୋଗୁ ସହରରେ ପ୍ରଦୂଷଣ ବଢିଚାଲିଛି। ଜିଲାରେ ୭ଶହରୁ ଊର୍ଦ୍ଧ୍ୱ ବେଆଇନ୍ ଇଟାଭାଟି ଚାଲିଥିବାବେଳେ ଏହାଦ୍ୱାରା କେବଳ ବାୟୁମଣ୍ଡଳ ପ୍ରଦୂଷିତ ହେଉନି ବରଂ ହଜାର ହଜାର ଏକର ଚାଷ ଜମି ପଡ଼ିଆ ପଡୁଛି। ସେହିପରି ରେମୁଣା ବ୍ଲକ ଶିଳ୍ପାଞ୍ଚଳରେ ବଡ଼ କାରଖାନା ସମେତ ୩ ଶହରୁ ଊର୍ଦ୍ଧ୍ୱ ଛୋଟବଡ଼ କଳକାରଖାନା ରହିଛି। ପ୍ରାୟ ୯୦ପ୍ରତିଶତ କଳକାରଖାନା ପ୍ରଦୂଷଣ ନିୟମ ଉଲ୍ଲଂଘନ କରୁଛନ୍ତି। ଦିନ ଦି'ପ୍ରହରରେ ମଧ୍ୟ ପ୍ରଦୂଷିତ କଳା ଧୂଆଁ ଆକାଶକୁ ଛାଡୁଛନ୍ତି। କେବଳ ଏତିକି ନୁହେଁ, ଅଧିକାଂଶ କଳକାରଖାନାର ବର୍ଜ୍ୟବସ୍ତୁ ପାଣିକୁ ବିନା ଟ୍ରିଟ୍‌ମେଣ୍ଟରେ ସେମାନେ ସୋନ ଓ ବୁଢ଼ାବଳଙ୍ଗ ନଦୀକୁ ଛାଡୁଛନ୍ତି। ନଦୀ ଜଳ ବି ପ୍ରଦୂଷିତ ହେଉଛି। ବର୍ଜ୍ୟବସ୍ତୁର ସୁପରିଚାଳନା ନ କରିବା ସହର ପରିବେଶ ପ୍ରଦୂଷିତ ହେବାର ଅନ୍ୟ ଏକ କାରଣ। ବର୍ଜ୍ୟବସ୍ତୁକୁ କମ୍ପୋଷ୍ଟ ନ କରି ଖୋଲାରେ ପକାଯାଉଛି। ଅମୃତ ସହର ଯୋଜନାରେ ସହର ଉପକଣ୍ଠରେ ଏକ ବର୍ଜ୍ୟବସ୍ତୁ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ହେବାର ନିଷ୍ପତ୍ତି ଥିବାବେଳେ ବିବାଦ ପାଇଁ ଉକ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନି। ଦ୍ରୁତ ଯାନବାହନ ବୃଦ୍ଧି ସହର ପ୍ରଦୂଷିତ ହେବାର ଅନ୍ୟ ଏକ ପ୍ରମୁଖ କାରଣ ହୋଇଛି। ବିଭିନ୍ନ ଆଳରେ ଗଛ କଟାଯାଉଛି। କିନ୍ତୁ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦିଆଯାଉ ନ ଥିବାରୁ ପ୍ରଦୂଷଣ ମାତ୍ରା ବଢ଼ି ଚାଲିଛି। ଯାହାକୁ ନେଇ ବୁଦ୍ଧିଜୀବୀମାନେ ଚିନ୍ତାବ୍ୟକ୍ତ କରିଛନ୍ତି।

– ମାନସ ବିଶ୍ୱାଳ

## ଭିନ୍ନକ୍ଷମମାନେ ସମାଜର ଗୁରୁତ୍ୱପୂର୍ଣ୍ଣ ଅଂଶ: ମୁଖ୍ୟମନ୍ତ୍ରୀ



### ରାଜ୍ୟସ୍ତରୀୟ ଭିନ୍ନକ୍ଷମ ଦିବସ ଉତ୍ସବ

- ■ ୮ ପ୍ରତିଭା ପୁରସ୍କୃତ
- ■ ସମ୍ବଲପୁର ଜିଲାକୁ 'ବେଷ୍ଟ ପର୍‌ଫର୍ମିଂ ଡିଷ୍ଟ୍ରିକ୍ଟ' ପୁରସ୍କାର

ଭୁବନେଶ୍ୱର, ୩।୧୨(ବ୍ୟୁରୋ)

ଭିନ୍ନକ୍ଷମମାନେ ସମାଜର ଗୁରୁତ୍ୱପୂର୍ଣ୍ଣ ଅଂଶ। ସମାଜର ବିକାଶରେ ସେମାନଙ୍କର ମଧ୍ୟ ଅବଦାନ ରହିଛି। ଉପଯୁକ୍ତ ତାଲିମ ଓ ପ୍ରୋତ୍ସାହନ ଦ୍ୱାରା ସେମାନେ ମଧ୍ୟ ଦକ୍ଷତା ଓ ପ୍ରତିଭା ଦେଖାଇ ପାରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ବିଶ୍ୱ ଭିନ୍ନକ୍ଷମ ଦିବସ ଅବସରରେ ମଙ୍ଗଳବାର ଭୁବନେଶ୍ୱରର ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ଭିନ୍ନକ୍ଷମମାନେ ଯେପରି ସେମାନଙ୍କ ଅଧିକାରରୁ ବଞ୍ଚିତ ନ ହୁଅନ୍ତି, ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥିବା ୮ଜଣ ପ୍ରତିଭାଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ। ପୁରସ୍କାର ବାବଦରେ ସେମାନଙ୍କୁ ୨୫,୦୦୦ଟଙ୍କା ଓ ସ୍ମାରକ ପ୍ରଦାନ କରାଯାଇଥିଲା। ପୁରସ୍କୃତ ବ୍ୟକ୍ତିମାନେ ହେଲେ ନୂଆପଡ଼ାର ରବି ଶବର, ଭଦ୍ରକର ମଦନ ମୋହନ ଚୌଧୁରୀ, ପୁରୀର ଗଜଲକ୍ଷ୍ମୀ ରାୟ, ଭଦ୍ରକର ରାଖାଲ କୁମାର ସେଠୀ, ରାୟଗଡ଼ାର ଅମରେନ୍ଦ୍ର ନାଥ, ଭୁବନେଶ୍ୱରର ସୁରେଶ ବେହେରା, ଅନୁଷ୍କା ଆଚାର୍ଯ୍ୟ ଓ ଦେବାଶିଷ ସେନାପତି। ମୁଖ୍ୟମନ୍ତ୍ରୀ ଦୁଇଜଣ ହିତାଧିକାରୀଙ୍କୁ ତିନିଚକିଆ ଗାଡ଼ି ଓ ଦୁଇଜଣ ଛାତ୍ରୀଛାତ୍ରଙ୍କୁ ଲାପଟପ୍ ପ୍ରଦାନ କରିଥିଲେ। ସମ୍ବଲପୁର ଜିଲାକୁ ଭିନ୍ନକ୍ଷମ କଲ୍ୟାଣ କ୍ଷେତ୍ରରେ ଉଲ୍ଲେଖନୀୟ କାମ ପାଇଁ 'ବେଷ୍ଟ ପରଫର୍ମିଂ ଡିଷ୍ଟ୍ରିକ୍ଟ' ଭାବେ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବାବଦରେ ୫୦,୦୦୦ଟଙ୍କା ଓ ସ୍ମାରକ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଭିନ୍ନକ୍ଷମମାନଙ୍କ ଦ୍ୱାରା ଆୟୋଜିତ ଫଟୋ ପ୍ରଦର୍ଶନୀ ଏବଂ ସେମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀର ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଏଥିସହିତ ବିଭାଗ ପକ୍ଷରୁ ପ୍ରସ୍ତୁତ ଏକ ୱେବ୍‌ପୋର୍ଟାଲ୍ ଓ ମୋବାଇଲ୍ ଆପ୍‌କୁ ଲୋକାର୍ପଣ କରିଥିଲେ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ କହିଲେ ଯେ, ବର୍ତ୍ତମାନ ରାଜ୍ୟରେ ୯ ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର କାର୍ଯ୍ୟ କରୁଛି। ଖୁବ୍‌ଶୀଘ୍ର ଆଉ କେତେକ ଜିଲାରେ ଏହି କେନ୍ଦ୍ର ପ୍ରତିଷ୍ଠା ହେବାକୁ ଯାଉଛି। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଶାସନ ସଚିବ ଭାସ୍କର ଶର୍ମା ଉପସ୍ଥିତ ଥିଲେ।



ପରିପୂର୍ଣ୍ଣ ବିଶ୍ୱଜନୀନ ଦୃଷ୍ଟି ଓ ବିଶ୍ୱଜନୀନ ଭାବ ହେଲା, ସବୁକିଛି ଭ୍ରାନ୍ତି ଓ ଦୁଃଖ ବେଦନାରୁ ଆରୋଗ୍ୟର ମାର୍ଗ। କିନ୍ତୁ ଅଧିକାଂଶ ମଣିଷ କେବଳ ସେମାନଙ୍କର ଅହଂକାରକୁ ପ୍ରସାରିତ କରି ଚାଲିଥାନ୍ତି। –ଶ୍ରୀଅରବିନ୍ଦ



# ପୁନଃ ଶୂନଗାଡ଼ି



ଡ. ପ୍ରଫୁଲ୍ଲ କୁମାର ସାହୁ

ଊନବିଂଶ ଶତାବ୍ଦୀରେ ଦୁଇଚକିଆ ଓ ଚାରିଚକିଆ ଯାନର ଉଦ୍ଭାବନ ଥିଲା ସମଗ୍ର ମାନବଜାତି ପାଇଁ ଏକ ବଡ଼ ଉପଲବ୍ଧି। ମୋଟର ଯାନର ବ୍ୟବହାର ଯୋଗୁ ସହଜ, ସରଳ ଓ ଆରାମଦାୟକ ହୋଇପାରିଲା ଗମନ ଓ ପରିବହନ। ମାତ୍ର କ୍ରମଶଃ ଯାନବାହନର ଉତ୍ପାଦନ ଓ ବ୍ୟବହାର ଏତେ ବଢ଼ିଲା ଯେ, ମାନବ ସମାଜ ପାଇଁ ବିପଦ ହୋଇ ଉଭାହେଲା ତା'ର ନକାରାତ୍ମକ ପ୍ରଭାବ। ୧୯୫୧ ମସିହା ବେଳକୁ ଆମ ଦେଶରେ ବାର୍ଷିକ ୩ଲକ୍ଷ ମୋଟର ଗାଡ଼ି ପଞ୍ଜୀକୃତ ହୋଇଥିବା ବେଳେ ଏବେ ବର୍ଷକୁ ପଞ୍ଜୀକୃତ ହେଉଥିବା ଗାଡ଼ିର ସଂଖ୍ୟା ୧କୋଟିରୁ ଅଧିକ। କେବଳ ଦିଲ୍ଲୀ ସହରରେ ରାଜାରାସ୍ତାକୁ ପ୍ରତିଦିନ ଓହ୍ଲାଉଛି ଦେଢ଼ ହଜାର ନୂଆ କାର। ମୋଟର ଯାନ ସଂଖ୍ୟା ଯେତେ ବଢୁଛି, ତା'ର ଚଳପ୍ରଚଳକୁ ସୁଗମ କରିବା ପାଇଁ ସେତେ ଚଉଡ଼ା ହେଉଛି ରାସ୍ତା। ତଥାପି ବିପୁଳ ସଂଖ୍ୟାର ଗାଡ଼ିକୁ ଛାତିରେ ସ୍ଥାନ ଦେବା ପାଇଁ ଅକ୍ଷମ ହୋଇପଡୁଛି ରାସ୍ତା। ଫଳରେ ସୃଷ୍ଟି ହେଉଛି ଟ୍ରାଫିକ୍ ସମସ୍ୟା। କେବଳ ଟ୍ରାଫିକ୍ ସମସ୍ୟା ନୁହେଁ, ନିଶବ୍ଦ ଘାତକରେ ପରିଣତ ହେଲାଣି ମୋଟରଯାନରୁ ନିର୍ଗତ ବିଷାକ୍ତ ଧୂଆଁ। ଜୀବନଧାରଣ ପାଇଁ ମଣିଷର ପ୍ରଥମ ଆବଶ୍ୟକତା ହେଉଛି ବାୟୁ। ମାତ୍ର ଶ୍ୱାସକ୍ରିୟା ପାଇଁ ବିଶୁଦ୍ଧ ବାୟୁ ଆଉ କାହିଁ? ଧୂଳିଧୂଆଁରେ ରୁନ୍ଧି ହୋଇଗଲାଣି ବାୟୁମଣ୍ଡଳ। ଏହି ପ୍ରଦୂଷଣ ପାଇଁ କଳକାରଖାନା ପରେ ଯାନବାହନର ଯୋଗଦାନ ସର୍ବାଧିକ। କେବଳ ଯାନ ଚଳାଚଳ ଯୋଗୁ ଦିଲ୍ଲୀରେ ଦୈନିକ ନିର୍ଗତ ହେଉଛି ହାରାହାରି ୫୦୦ମେଟ୍ରିକ୍ ଟନ୍ ଅଙ୍ଗାରକାମ୍ଳ। ଗାଡ଼ିରେ ବ୍ୟବହୃତ ଇନ୍ଧନ ଯୋଗୁ ସେଥିରୁ ନିର୍ଗତ ରାସାୟନିକ ଧୂଳିକଣା ଓ ଜଳି ନ ଥିବା ଗ୍ୟାସୋଲିନ୍ ଆଦି ମିଶି ସୃଷ୍ଟି ହେଉଛି ସ୍ମଗ୍ ବା ଧୂଆଁ ମିଶା କୁହୁଡ଼ି। ଏଥିସହ ବିଷାକ୍ତ ବାଷ୍ପର ଆସ୍ତରଣ ଯୋଗୁ ଘଣ୍ଟା ଘଣ୍ଟା ଧରି ଅଚଳ ହୋଇଯାଉଛି ମହାନଗରୀର ଜୀବନଯାତ୍ରା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସୂଚନାନୁଯାୟୀ ବାୟୁ ପ୍ରଦୂଷଣ ଯୋଗୁ ସୃଷ୍ଟି ହେଉଛି ଫୁସ୍‌ଫୁସ୍ ସଂକ୍ରମଣ, ଆଜ୍‌ମା, ବ୍ରୋଙ୍କାଇଟିସ୍ ଓ ନାନା ପ୍ରକାର ଚକ୍ଷୁରୋଗ। ବାୟୁ ପ୍ରଦୂଷଣ ଶିଶୁମାନଙ୍କ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଉଥିବାରୁ ଦିଲ୍ଲୀ ଛାଡ଼ି ଅନ୍ୟତ୍ର ଚାଲିଯିବାକୁ ଇଚ୍ଛା ପ୍ରକଟ କଲେଣି ଅନେକ ସ୍ୱାସ୍ଥ୍ୟ ସଚେତନ ବ୍ୟକ୍ତି। କେବଳ ଦିଲ୍ଲୀ ନୁହେଁ, ଦେଶର ଗୁଡ଼୍‌ଗାଁଓ ଏବଂ ଅନ୍ୟାନ୍ୟ ସହରକୁ ମଧ୍ୟ ବ୍ୟାପିଲାଣି ସମାନ ଅବସ୍ଥା। ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି କେଉଁଠି କାର୍ ବିରାମ ଦିବସ ପାଳନ ହେଉଛି ତ କେଉଁଠି ପ୍ରୟୋଗ ହେଉଛି ଯୁଗ୍ମ-ଅଯୁଗ୍ମ ତତ୍ତ୍ୱ।

ମୋଟରଯାନର ବ୍ୟାପକ ବ୍ୟବହାର ଯୋଗୁ କେବଳ ବାୟୁ ପ୍ରଦୂଷିତ ହେଉଛି, ତାହା ନୁହେଁ ବରଂ ଏହାଦ୍ୱାରା ନାନାଭାବରେ ଦୁର୍ବଳ ହେଉଛି ଦେଶର ଅର୍ଥନୀତି। ଆଗେ କମ୍ ଇନ୍ଧନରେ ଅଧିକ ଦୂର ଅତିକ୍ରମ କଲାଭଳି ଯାନ ନିର୍ମାଣ ଉପରେ ଗୁରୁତ୍ୱ ଦେଉଥିଲେ ତା'ର ପ୍ରସ୍ତୁତକର୍ତ୍ତା। ବର୍ତ୍ତମାନ ଇନ୍ଧନ ନୁହେଁ, ଯାନର ଆକାର ପ୍ରକାର, ଶକ୍ତି ଓ ବେଗ ଉପରେ ନିର୍ଭର କରୁଛି ତା'ର ପରିଚୟ ଓ ଚାହିଦା। ଏକ ବିକାଶଶୀଳ ଦେଶ ଭାବରେ ମୋଟରଯାନରେ ଇନ୍ଧନ ଆବଶ୍ୟକତା ମେଣ୍ଟାଇବା ପାଇଁ ଭାରତ ବିଦେଶରୁ ଆମଦାନି କରୁଛି ଚାହିଦାର ପ୍ରାୟ ସତୁରି ଭାଗ ତେଲ। ଅର୍ଥାତ୍ ଦେଶରେ ଯାନବାହନ ସଂଖ୍ୟା ଯେତେ ବଢୁଛି ତା'ର ସିଧାସଳଖ ପ୍ରଭାବ ପଡୁଛି ଆମର ବୈଦେଶିକ ମୁଦ୍ରା ପାଣ୍ଠି ଉପରେ। ଏତଦ୍‌ଭିନ୍ନ ଗାଡ଼ିର ଭିଡ଼ କମାଇବା ପାଇଁ ବିପୁଳ ଅର୍ଥ ବ୍ୟୟରେ କେଉଁଠି ୪ଲେନ୍ ବିଶିଷ୍ଟ ରାସ୍ତାକୁ ୬ଲେନ୍ କରାଯାଉଛି ତ କେଉଁଠି ୮ଲେନ୍‌ରେ ପରିଣତ ହେଉଛି ୬ଲେନ୍ ବିଶିଷ୍ଟ ରାସ୍ତା। ନୂଆ ରାସ୍ତା ତିଆରି ଓ ରାସ୍ତା ପ୍ରଶସ୍ତୀକରଣ ପାଇଁ ଭଙ୍ଗାଯାଉଛି ଦୋକାନ ବଜାର, କଟାଯାଉଛି ରାଜୁଡ଼ା ଅମଳର ମହାଦ୍ରୁମ। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁସାରେ ଆମ ଦେଶରେ ପ୍ରାୟ ପ୍ରତି ମିନିଟ୍‌ରେ ଗୋଟିଏ ସଡ଼କ ଦୁର୍ଘଟଣା ଘଟୁଛି ଏବଂ ଏହାଦ୍ୱାରା ହାରାହାରି ୧୬ଜଣ ବ୍ୟକ୍ତି ପ୍ରାଣ ହରାଉଛନ୍ତି ପ୍ରତି ଘଣ୍ଟାରେ। ଦୁର୍ଘଟଣା ଯୋଗୁ କାହାର ବଞ୍ଚି ରହିବା ପାଇଁ ବ୍ୟୟବହୁଳ ଚିକିତ୍ସା ଆବଶ୍ୟକ ହେଉଛି ତ କିଏ ଅକର୍ମଣ୍ୟ ହୋଇପଡୁଛି ସାରା ଜୀବନ। ସେଥିପାଇଁ ଉଜୁଡ଼ି ଯାଉଛି ହଜାର ହଜାର ପରିବାର। ମୋଟରଯାନ ଉପରେ ମାତ୍ରାଧିକ ନିର୍ଭରଶୀଳତା ଆମ ଜୀବନଶୈଳୀରେ ବି ଆଣିଛି ବ୍ୟାପକ ପରିବର୍ତ୍ତନ। ସୌଖୀନ ଜୀବନଯାପନ କରିବାକୁ ଯାଇ ଦିନକୁ ଦିନ ଅଳସୁଆ ହୋଇଯାଉଛି ମଣିଷ। ତା'ର ଚାଲିବା ଅଭ୍ୟାସ କମିଯିବା ଫଳରେ ବଢୁଛି ମେଦବହୁଳତା, ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ ଓ ମଧୁମେହ ରୋଗର ପ୍ରାଦୁର୍ଭାବ। ଏହାର ସିଧାସଳଖ ପ୍ରଭାବ ପଡୁଛି ଆମ ଅର୍ଥନୀତି ଉପରେ। ଦୂରତ୍ୱକୁ ପରାହତ କରି ସମୟର ସଦୁପଯୋଗ ନିମନ୍ତେ ମୋଟର ଯାନ ଥିଲା ମଣିଷର ଏକ ଯୁଗାନ୍ତକାରୀ ଉଦ୍ଭାବନ। ମାତ୍ର ଏବେ ଆମର ସେ ଧାରଣାକୁ ବଦଳାଇ ଦେଲାଣି ଯାନ ଯନ୍ତ୍ରଣା। ବଡ଼ ବଡ଼ ସହରରେ ଅଳ୍ପ କେଇ ମିନିଟ୍ ପାଇଁ ଟ୍ରାଫିକ୍ ଜାମ୍ ହୋଇଗଲେ ପଛକୁ ପଛ ଛିଡ଼ାହୋଇଯାଉଛି ହଜାର ହଜାର ଗାଡ଼ି। କେଉଁଠି ଦଶ କିଲୋମିଟର ରାସ୍ତା ଅତିକ୍ରମ କରିବା ପାଇଁ ଦୁଇ ତିନି ଘଣ୍ଟା ସମୟ ଲାଗିଯାଉଛି ତ କେଉଁଠି ଘଣ୍ଟା ଘଣ୍ଟା ଧରି ରାସ୍ତାରେ ହଲଚଲ ହୋଇପାରୁନି ଗାଡ଼ି। ଏଭଳି ଟ୍ରାଫିକ୍ ଜାମ୍ କେବଳ ଭାରତବର୍ଷରେ ନୁହେଁ, ଏହି ସମସ୍ୟା ଦେଖିବାକୁ ମିଳୁଛି ବିଶ୍ୱର ପ୍ରାୟ ଅଧିକାଂଶ ଦେଶରେ। ଖବରକାଗଜରେ ପ୍ରକାଶିତ ତଥ୍ୟ ଅନୁସାରେ ଅଷ୍ଟ୍ରେଲିଆର ମେଲବୋର୍ନ, ସିଡ୍‌ନୀ, ବ୍ରିସ୍‌ବେନ୍ ଓ ପର୍ଥ ଆଦି ସହରରେ ଟ୍ରାଫିକ୍ ସମସ୍ୟା ଖୁବ୍ ଉତ୍କଟ। ବାଲାଂଦେଶର ଢାକା ସହରରେ ଏହା ଏବେ ନିୟନ୍ତ୍ରଣ ବାହାରେ। ବିଶେଷଜ୍ଞଙ୍କ ମତରେ କେବଳ ରାସ୍ତା ଚଉଡ଼ା ହେଲେ ସମାଧାନ ହୋଇଯାଏନି ଟ୍ରାଫିକ୍ ସମସ୍ୟା। ଚାଇନାର ୫୦ଲେନ୍ ବିଶିଷ୍ଟ ବେଜିଂ-ହଂକଂ-ମାକାଓ ରାଜପଥରେ ହେଉଥିବା ଟ୍ରାଫିକ୍ ଜାମ୍ ତାହାର ଏକ ଉଦାହରଣ। ମୋଟର ଯାନ ବୃଦ୍ଧି ହାରରେ ଚାଇନା ଏବେ ପୃଥିବୀର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ତା' ପଛକୁ ଅଛି ଭାରତ। ଏ କଥା ସତ୍ୟ ଯେ ସବୁ ଦେଶର ବିକାଶର ଗତିକୁ ତ୍ୱରାନ୍ୱିତ କରିଛି ମୋଟରଯାନ। ମାତ୍ର ତା'ର ମାତ୍ରାଧିକ ବ୍ୟବହାରଜନିତ ବାୟୁ ପ୍ରଦୂଷଣକୁ ନେଇ ମାନବ ଜାତିର ଅସ୍ତିତ୍ୱ ପ୍ରତି ସୃଷ୍ଟି ହେଲାଣି ଆହ୍ୱାନ। ଏଥିରୁ ମୁକୁଳିବା ପାଇଁ ବିଶ୍ୱର ଶୀର୍ଷ ସ୍ତରୀୟ ନେତାମାନଙ୍କ ଭିତରେ ଘନଘନ ଚାଲିଛି ବିଚାର ବିମର୍ଶ। ଯାନ ଯନ୍ତ୍ରଣାକୁ ଉପଲବ୍ଧି କରି କାର୍ ଛାଡ଼ି ସାଇକେଲ ବ୍ୟବହାର କଲେଣି ୟୁରୋପ, ଆମେରିକା ଓ ଜାପାନ୍‌ର ଲୋକେ। ୟୁରୋପର ଅଧିକାଂଶ ସହରରେ ସାଇକେଲ୍ ଚାଳକଙ୍କ ପାଇଁ ତିଆରି ହେଲାଣି ସ୍ୱତନ୍ତ୍ର ଲେନ୍। ସେଠାରେ ଟ୍ରେନ୍ ଯୋଗେ ଗୋଟିଏ ସହରରୁ ଆଉ ଗୋଟିଏ ସହରକୁ ଗଲାବେଳେ ସାଥିରେ ସାଇକେଲ ନେବା ପାଇଁ ଟ୍ରେନ୍‌ରେ ସଂଯୋଗ ହେଲାଣି ସ୍ୱତନ୍ତ୍ର ବଗି। ସାଇକେଲ ଚାଳନାର ଉପଯୋଗିତା ସମ୍ପର୍କରେ ବିଶ୍ୱକୁ ବାର୍ତ୍ତା ଦେବା ପାଇଁ ଫ୍ରାନ୍ସରେ ନିୟମିତ ଆୟୋଜିତ ହେଲାଣି ସାଇକେଲ ପ୍ରତିଯୋଗିତା। ସାଧାରଣତଃ ସାଇକେଲ କୌଣସି ଇନ୍ଧନ ଲୋଡେନି କି ସାଇକେଲ ଚାଳନା ଯୋଗୁ ନ ଥାଏ ପରିବେଶ ପ୍ରଦୂଷଣର ପ୍ରଶ୍ନ। ବରଂ ସାଇକେଲ ଚାଳନା କରିବା ଦ୍ୱାରା ମାଂସପେଶୀ ଅଧିକ ସଚଳ ହୁଏ ଏବଂ ଦୂର ହୋଇଯାଏ ଗଣ୍ଠି ଜନିତ ସମସ୍ୟା। ତେଣୁ କାର୍ ଛାଡ଼ି ନିୟମିତ ସାଇକେଲ ଚାଳନା ଉପରେ ଗୁରୁତ୍ୱ ଦେଲେଣି ବିକଶିତ ଦେଶର କୋଟିପତି ବ୍ୟବସାୟୀମାନେ। ଅଥଚ ଆମ ଦେଶରେ ଆବଶ୍ୟକତା ନ ଥାଇ ମଧ୍ୟ ଲୋକ କାର୍ କିଣୁଛନ୍ତି ନିଜର ସାମାଜିକ ପ୍ରତିଷ୍ଠା ତଥା ଆପଣା ଅହଂ ପ୍ରଦର୍ଶନ ପାଇଁ। ଏ କ୍ଷେତ୍ରରେ ମୋଟର କମ୍ପାନୀ ଦ୍ୱାରା ପ୍ରଭାବିତ ହୋଇ ଆମ ସରକାର ବି ଲୋକଙ୍କୁ ଯୋଗାଉଛନ୍ତି ପ୍ରୋତ୍ସାହନ। ସେହି କାରଣରୁ ଏଠି ଚାଷୀଙ୍କୁ ଋଣ ଦେବା ପାଇଁ କୁଣ୍ଠା ପ୍ରକାଶ କରୁଥିବା ବ୍ୟାଙ୍କ ଲୋକଙ୍କୁ କାର୍ ଋଣ ଯୋଗାଇ ଦେଉଛି ସହଜ କିସ୍ତି ଓ ରିହାତି ସୁଧହାରରେ।

ଯାନ ଯନ୍ତ୍ରଣାରୁ ମୁକ୍ତି ପାଇଁ ସରକାର ତଥା ଲୋକଙ୍କର ଏହି ମାନସିକତାରେ ପରିବର୍ତ୍ତନ ଆସିବା ଦରକାର। ଗମନାଗମନ ନିମନ୍ତେ ଆମକୁ ବାଇକ୍ ଓ କାର୍ ବଦଳରେ ନିର୍ଭର କରିବାକୁ ପଡ଼ିବ ସର୍ବସାଧାରଣ ଯାନ ଉପରେ। ସହର ଭିତରେ କିମ୍ବା ଅଳ୍ପ ଦୂରତା ଅତିକ୍ରମ କରିବାକୁ ଥିଲେ ଆମକୁ ପୁଣି ଫେରିବାକୁ ପଡ଼ିବ ସେଇ ଶୂନଗାଡ଼ି ବା ସାଇକେଲ ପାଖକୁ, ଯାହା ଆମ ଆଭିଜାତ୍ୟର ସଂକେତ ବହନ କରୁଥିଲା ବିଂଶ ଶତାବ୍ଦୀର ମଧ୍ୟଭାଗରେ। ଏ ସମ୍ପର୍କରେ ସଚେତନତା ସୃଷ୍ଟି ହେବା ସହିତ ସରକାରଙ୍କ ପ୍ରୋତ୍ସାହନ ରହିଲେ ମୋଟରବାଇକ୍ ଛାଡ଼ି ସାଇକେଲ ଚଢ଼ି କଲେଜ ଆସିବାକୁ ଆଗ୍ରହ ପ୍ରକାଶ କରିବେ ଛାତ୍ରୀଛାତ୍ର। ସାଇକେଲ ଚଢ଼ି ଅଫିସ ଆସିବା ପାଇଁ କର୍ମଚାରୀମାନଙ୍କ ଭିତରେ ମଧ୍ୟ ଉତ୍ସାହ ସୃଷ୍ଟି କରିବା ଦରକାର।

ବିଜୁପଟ୍ଟନାୟକ ନଗର, ଭଦ୍ରକ, ମୋ-୯୪୩୮୮୫୫୦୮

# ଉଦ୍ଦେଶ୍ୟ ମହତ୍ ହେଲେ ହେଲା



ଡ. ଚିନ୍ତାମଣି ପଣ୍ଡା

ରାଜ୍ୟ ଶାସନ କରିବାକୁ ହେଲେ ଚାଣକ୍ୟଙ୍କର ଚତୁରଙ୍ଗ ନୀତିକୁ ଅନେକେ ଅନୁକରଣ କରିଥାନ୍ତି। ତାହା ହେଲା ସାମ, ଦାନ, ଦଣ୍ଡ ଓ ଭେଦ। 'ଦଣ୍ଡେନ ପାଳୟେତ୍ ପ୍ରଜା।' ଏହି ଦଣ୍ଡ ପୁଣି ଉଚିତ ମାତ୍ରାରେ, ଉଚିତ ବ୍ୟକ୍ତିଙ୍କୁ ଉଚିତ ସମୟରେ ଅନୁଚିତ କାର୍ଯ୍ୟ ପାଇଁ ପ୍ରଦାନ କରିବାକୁ ହେଲେ ବିବିଧ ନ୍ୟାୟନୀତିର ଅନୁସରଣ କରିବାକୁ ପଡ଼େ। କିନ୍ତୁ ଏହି ନ୍ୟାୟ ବ୍ୟବସ୍ଥାବଳୀ ଏତେ ଜଟିଳ ଯେ, ଦଣ୍ଡ ପ୍ରଦାନକାରୀଙ୍କର ସାମାନ୍ୟ ତ୍ରୁଟି ଦେଖାଦେଲେ ଅପରାଧୀ ଖସିଯାଇଥାଏ, ନିର୍ଦ୍ଦୋଷ ଦଣ୍ଡ ପାଇଥାଏ ଏବଂ ବେଳେ ବେଳେ ଦଣ୍ଡଛତ୍ରଧାରୀ ମଧ୍ୟ ଫସିଯାଇଥାନ୍ତି। ସେଥିଲାଗି ସବୁଦିଗକୁ ଧ୍ୟାନଦେଇ ନିଜର ଜ୍ଞାନ ଓ ବିବେକକୁ ଉପଯୋଗ କରି ଦଣ୍ଡ ନିର୍ଦ୍ଧାରଣ କରାଯିବା ଉଚିତ। ଏହି ପରିପ୍ରେକ୍ଷୀରେ ଆଇନର ଗଳାବାଟ ଦେଇ ଅଭିଯୁକ୍ତକୁ ଦଣ୍ଡମୁକ୍ତ କରାଇବାରେ ସମର୍ଥ ଆଇନ ବିଶାରଦମାନେ ମଧ୍ୟ ଅଛନ୍ତି। ତେଣୁ ଜନସାଧାରଣଙ୍କ ମତରେ ସେମାନେ କଳାକୁ ଧଳା କରିପାରନ୍ତି।

ଆଇନର ବିଭିନ୍ନ ଦିଗକୁ ତର୍ଜମା କଲେ ଆମେ ଅନେକ କୌତୂହଳପୂର୍ଣ୍ଣ ବିଷୟବସ୍ତୁ ମଧ୍ୟ ପାଇବା। ଶୁଣାଯାଏ ମନ୍ଦିରରୁ ମୂର୍ତ୍ତି ଚୋରି କରୁଥିବା ବ୍ୟକ୍ତିର ଚାରିତ୍ରିକ ସଂସ୍କାର ପାଇଁ ଅଦାଲତ ତାକୁ ପ୍ରତ୍ୟହ ସକାଳେ ମନ୍ଦିର ବେଢ଼ାର ମାର୍ଜନା କରିବାକୁ ଆଦେଶ ଦିଅନ୍ତି। ଏହି ପୃଷ୍ଠଭୂମିରେ ଦେଖିବାକୁ ଗଲେ ଆରକ୍ଷୀ ଅଧୀକ୍ଷକ ମହୋଦୟାଙ୍କର ସୁଲଳିତ କଣ୍ଠରୁ ନିଃସୃତ ସଙ୍ଗୀତର ମୂର୍ଚ୍ଛନାରେ ମାଓବାଦୀ ସାଜିବାକୁ ଇଚ୍ଛୁକ ଯୁବପିଢ଼ି ଆକର୍ଷିତ ହୋଇ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ଏକ ଖିଆଲ ହୋଇ ନ ପାରେ। ଏହାର ପ୍ରଭାବ ଯାହା ହେଉ ନା କାହିଁକି ଏହା ପଛରେ ଥିବା ମନୋବୃତ୍ତି ହିଁ ଶୁଦ୍ଧ ଆଶାବାଦୀ ଏବଂ ଏ ପ୍ରକାରର ପ୍ରୟାସ ତାତ୍ପର୍ଯ୍ୟପୂର୍ଣ୍ଣ। ତା'ପରେ ପୁଣି ସେହି ବାଦ୍ୟ ସଙ୍ଗୀତର ତାଳେ ତାଳେ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟବାନ ରହିବା ପାଇଁ ସ୍ୱୟଂ ଯୋଗଗୁରୁ ସାଜିବା ନିଶ୍ଚିତ ଭାବରେ ଦୃଷ୍ଟାନ୍ତମୂଳକ।

ଦ୍ୱିତୀୟ ଉଦାହରଣରେ, ସାଧାରଣ ଜନତାଙ୍କ ପନ୍ଥା ଅନୁସରଣ କରି ଜିଲାପାଳ ନିଜର ସ୍ତ୍ରୀଙ୍କୁ ବୁଝାଇ ଶୁଝାଇ ସରକାରୀ ଡାକ୍ତରଖାନାରେ ପ୍ରସବ କରାଇବା ଉଲ୍ଲେଖନୀୟ। ପଇସାବାଲା ଲୋକଙ୍କ ମୁହଁରେ ବ୍ରଣଟିଏ ହେଲେ ଅତ୍ୟାଧୁନିକ ଡାକ୍ତରଖାନାର ଶୀତତାପ ନିୟନ୍ତ୍ରିତ କକ୍ଷରେ ଚିକିତ୍ସିତ ହେବା ଗତାନୁଗତିକ ଧାରା। କିନ୍ତୁ ଏହାଠାରୁ ପାଦେ ଆଗକୁ ଯାଇ ଏକ ଜିଲାପାଳ ଦମ୍ପତି ଜନସାଧାରଣଙ୍କ ଆସ୍ଥା ହରାଇଥିବା ଏବଂ ମୌଳିକ ସୁବିଧା ସୁଯୋଗର ଭରସା ନ ଥିବା ସରକାରୀ ଡାକ୍ତରଖାନାର ଆଶ୍ରୟ ନେବା ନିଶ୍ଚୟ ଏକ ଦୁଃସାହସିକ ପଦକ୍ଷେପ, ଯାହା ପଛର ମନୋବୃତ୍ତି ଆତ୍ମବିଜ୍ଞାପନ ପାଇଁ ଉଦ୍ଦିଷ୍ଟ ନ ହୋଇଥିଲେ ପ୍ରଶଂସାଯୋଗ୍ୟ ନିଶ୍ଚୟ। ପ୍ରଶାସନିକ ସଂହିତାରେ ଏ ପ୍ରକାରର ବିଧି ବ୍ୟବସ୍ଥା ନ ଥିବା ବେଳେ ନିଜର ମାନସିକତା ହିଁ ଏପରି କାର୍ଯ୍ୟ କରିବାକୁ ବ୍ୟକ୍ତିଟିକୁ ପ୍ରେରିତ କରିଥାଏ।

ଅନ୍ୟ ଏକ ଉଦାହରଣରେ ଜଣେ ଯୁବ ଡାକ୍ତର ତାଙ୍କ ରୋଗୀଟିକୁ ଉତ୍ତମ ଚିକିତ୍ସା ସୁବିଧା ଯୋଗାଇ ଦେବା ପାଇଁ ନିଜ କାନ୍ଧରେ ତା'ର ଖଟିଆକୁ ନଦୀ ନାଳ ପାର ହୋଇ ଡାକ୍ତରଖାନାକୁ ବୋହି ନେବା କିମ୍ବା ଆବଶ୍ୟକ ପଡିଲେ ନିଜ ଦେହରୁ ରକ୍ତଦାନ କରିବା ବିରଳ ନିଶ୍ଚୟ। ଏହାଦ୍ୱାରା ଜଣେ ଚିକିତ୍ସକଙ୍କୁ ଦ୍ୱିତୀୟ ଈଶ୍ୱର କହିବାକୁ ଏ ସମାଜ କେବେ ବି କୁଣ୍ଠିତ ହୋଇନାହିଁ। କାରଣ ଯା ପଛର ଅଭିପ୍ରାୟ ହିଁ ମହତ୍। କିନ୍ତୁ ବେଳେବେଳେ ମହତ୍ତ୍ୱାକାଂକ୍ଷୀ ହୋଇ ଆମେ ନିଜ ଜୀବନକୁ ବିପଦରେ ପକାଇଥାଉ। ଯେମିତି ଜଣେ ଗୋଷ୍ଠୀ ଶିକ୍ଷାଧିକାରୀ ପାଗଳର ଛଦ୍ମବେଶରେ ଆସି ସ୍କୁଲ ସମ୍ମୁଖରେ ଶିକ୍ଷକମାନଙ୍କ ନିୟମିତତାର ଅନୁଧ୍ୟାନ କରୁ କରୁ ଧରାପଡିଗଲେ। ଉଦ୍ଦେଶ୍ୟ ତାଙ୍କର ପ୍ରଶଂସନୀୟ ଥିବା ସତ୍ତ୍ୱେ ଉଦ୍ୟମ ବିପଦସଙ୍କୁଳ, ଯହିଁରେ ଜୀବନ ହାନି ଘଟିବାର ଆଶଙ୍କାକୁ ଏଡାଇ ହେବନି। କିନ୍ତୁ ଏ ପ୍ରକାର ମାନସିକତା ମନ୍ତ୍ରୀ କିମ୍ବା ଜିଲାପାଳ ଶ୍ରେଣୀଗୃହକୁ ଧସେଇ ପଶି ଶିକ୍ଷାଦାନ କରିବାଠାରୁ ଭିନ୍ନ। ଆଉ ସମ୍ପୂର୍ଣ୍ଣ ଭିନ୍ନ, କୌତୂହଳୀ ହୋଇ ଯେତେବେଳେ ଜମିରେ ଖୋଦ ଜିଲାପାଳ ହଳ କରନ୍ତି କିମ୍ବା କାଦୁଅରେ ପଶି ତଳି ରୁଅନ୍ତି। ଆମ ମତରେ ଯେତେ ଭଲ ଉଦ୍ଦେଶ୍ୟ ଥିଲେ ବି ସମାଜ ଏହାକୁ ଆତ୍ମବିଜ୍ଞାପନ ହିସାବରେ ଧରିନେବ। ଯାହାକୁ ଆମେ ନିଛକ ଓଡ଼ିଆରେ 'ଦେଖାଇହେବା' ବୋଲି କହୁ।

ଅନେକ ସମୟରେ ସଚେତନତା ସୃଷ୍ଟି ପାଇଁ ଆମେ ସାଇକେଲ ଶୋଭାଯାତ୍ରା କରୁ। ପଞ୍ଚତାରକା ହୋଟେଲ କକ୍ଷରେ ସମ୍ମିଳନୀମାନ ଆୟୋଜନ କରୁ। ମାନବଶୃଙ୍ଖଳ କରୁ, ଅବୋଧ ବାଳକମାନଙ୍କୁ ଶୋଭାଯାତ୍ରାରେ ସାମିଲ କରି ସମାଜକୁ ବିଭିନ୍ନ ବାର୍ତ୍ତା ଦେଉ। କିନ୍ତୁ ଏହାର କେତେ ପ୍ରଭାବ ପଡେ ତା'ର କେବେ ମୂଲ୍ୟାୟନ କରୁ କି? ନା, ସେ ଦିଗ ପ୍ରତି କୌଣସି ଧ୍ୟାନ ନ ଦେଇ କେବଳ ଚିତ୍ର କିଛି ଉତ୍ତୋଳନ କରି ଗଣମାଧ୍ୟମକୁ ଦେଇଦେବାରେ ଆମର କାର୍ଯ୍ୟକଳାପ ସୀମିତ ରୁହେ। ଅପରନ୍ତୁ ବାରମ୍ବାର ଜେଲରୁ ମୁକୁଳି ଆପରାଧିକ କାର୍ଯ୍ୟରେ ଲିପ୍ତ ରହୁଥିବା ଦାଗୀକୁ ତଡ଼ି ପାର କଲାବେଳେ କିମ୍ବା ତା'ର ଅନଧିକୃତ ଗୃହକୁ ଭଙ୍ଗା ଗଲାବେଳେ ମାନବାଧିକାର କ୍ଷୁଣ୍ଣ ହେବାର ଅଭିଯୋଗ ଆଣୁ। ଏ ପ୍ରକାର ମାନସିକତା କୃତ୍ରିମ, ପ୍ରହେଳିକାପୂର୍ଣ୍ଣ ତଥା ଅପରିଣାମଦର୍ଶୀ। ଏ ପ୍ରକାର ବ୍ୟକ୍ତିତ୍ୱ କଦାପି ସମାଜ କିମ୍ବା ଦେଶର ହିତକାରୀ ନୁହନ୍ତି। ଅତଏବ ସମାଜର ମଙ୍ଗଳ ପାଇଁ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତିତ୍ୱ ସରକାରୀ କି ବେସରକାରୀ ହେଇଥାନ୍ତୁ ପଛେ ନିଜର ଖିଆଲି ମସ୍ତିଷ୍କକୁ କାର୍ଯ୍ୟରେ ବିନିଯୋଗ କଲେ ଯାଇ ଭିନ୍ନ ଢଙ୍ଗରେ ଦେଶ ଓ ଦଶର ସେବା କରି ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିପାରିବେ। କେବଳ ଉଦ୍ଦେଶ୍ୟ ଆନ୍ତରିକତାରେ ପୂର୍ଣ୍ଣ ଥିଲେ ହେଲା।

ପ୍ରାଧ୍ୟାପକ, କୃଷି ମହାବିଦ୍ୟାଳୟ, ଭୁବନେଶ୍ୱର, ମୋ-୯୪୩୭୦୧୮୫୧୭୫

## ଏଇ ଭାରତରେ

ଛତିଶଗଡ଼ରେ ଏମିତି ଏକ ସ୍କୁଲ୍ ରହିଛି ଯେଉଁଠି ନିୟମିତ ଜାତୀୟସଙ୍ଗୀତଗାନକରାଯାଉଛି। ଏହାପରେସମ୍ବିଧାନ ପ୍ରତି ସମ୍ମାନ ପ୍ରଦର୍ଶନ କରାଯାଉଛି। ଏହି ଅବସରରେ ସ୍କୁଲ ପିଲା ଓ ଶିକ୍ଷକ ସମ୍ବିଧାନର ପ୍ରସ୍ତାବନାକୁ ଏକାଠି ପଢୁଛନ୍ତି। ବିଳାଶପୁର ଜିଲା ଦୂରସ୍ଥ ବନାଞ୍ଚଳର ମର୍‌ବାହି ବ୍ଲକ୍ ଅନ୍ତର୍ଗତ ନାକା ଗାଁର ପ୍ରାଥମିକ ସ୍କୁଲରେ ଏଭଳି ଧାରା ୮ ବର୍ଷ ହେବ ଚଳିଆସୁଛି। ସ୍କୁଲ୍‌ର ବିଶେଷତା ହେଉଛି ଯେ, ଏହାର ସବୁ ଛାତ୍ର ଆଦିବାସୀ ବର୍ଗର। ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଯାଏ ସବୁ ଛାତ୍ର ଏକାଠି ହୋଇ ପ୍ରଥମେ ଜାତୀୟ ସଙ୍ଗୀତ ଗାଇଥାନ୍ତି। ପରେ ସମ୍ବିଧାନର ପ୍ରସ୍ତାବନା ପଢିଥାନ୍ତି। ଚାରିଜଣ ଛାତ୍ର ଜଣେ ପରେ ଜଣେ ପାଳି କରି ପ୍ରତିଦିନ ସମ୍ବିଧାନର ପ୍ରସ୍ତାବନା ପଢନ୍ତି ଓ ତା'ପରେ ପିଲାମାନେ ତାହାକୁ ଉଚ୍ଚାରଣ କରିଥାନ୍ତି। ଏହି ୪ ଜଣ ପିଲା ୭ମ ଶ୍ରେଣୀରେ ପଢୁଛନ୍ତି। ଅଷ୍ଟମରେ ପଢୁଥିବା ଦୁଇଜଣ ଛାତ୍ରୀ କଳାବତୀ ବାକରେ ଓ କିରଣ ମରାବ ଅନର୍ଗଳ ନିର୍ଭୁଲ ଭାବେ ସମ୍ବିଧାନ ପ୍ରସ୍ତାବନା ଉଚ୍ଚାରଣ କରିପାରୁଛନ୍ତି। ସ୍କୁଲ୍‌ର ପ୍ରଧାନଶିକ୍ଷକ ଏ.ଏଲ୍. ଧ୍ରୁବ କୁହନ୍ତି, ଯେବେଠୁ ସେ ସ୍କୁଲ୍‌ରେ ରହିଲେ ସେବେଠୁ ଶିକ୍ଷକ ମହମ୍ମଦ ଜାହିର ଆବାସ ସମ୍ବିଧାନ ପ୍ରସ୍ତାବନା ପଢିବା ଲାଗି ଚିନ୍ତା କରିଥିଲେ। ଆରମ୍ଭରୁ ଏହା କଠିନ ଥିଲା, କିନ୍ତୁ ପରେ ଚାରିଜଣ ଛାତ୍ର ତାହାକୁ ଆଗକୁ ବଢାଇଥିଲେ।

## ଚିରନ୍ତନୀ

ଉଭା ହେଲ ହେ ମାନବ! ଉଚ୍ଚତମ ଗିରିରୂପେ ଆଜି
ମୌସୁମୀ ସମାନ ତହିଁ ଶତ ଯୁକ୍ତି ଲେଉଟଇ ବାଜି।
କେତେ ବଜ୍ର କେତେ ଝଞ୍ଜା ଅଙ୍ଗେ ତବ କରିଛି ନିନାଦ
ଜଳ ହୋଇ ଫେରିଅଛି କେତେ ତର୍କ କେତେ ପ୍ରତିବାଦ।
ପ୍ରାସାଦ-କୁଟୀର ଭେଦ ମମତାର ବନ୍ଧନରେ ବାନ୍ଧି
ସକଳ ସଂଘର୍ଷ ପରେ ଶାନ୍ତି ଢାଳି ଜାଗ ଜାଗ ଗାନ୍ଧି!
ଜାଗ ଜାଗ ଯୁଗେ ଯୁଗେ କହି ତବ କଲ୍ୟାଣ ବାରତା-
ଲଭିପାରେ ଶାନ୍ତି ଧରା ନ ଗଡାଇ ପୁଞ୍ଜିପତି ମଥା।
ଶକତିର ସେବୀ ସୁଦ୍ଧା ଶୁଣିପାରେ ଯୁକତିର ବାଣୀ
ବଦଳାଇ ପାରେ ହୃଦ ମଥା ତାର ଲୋଡା ନାହିଁ ହାଣି
ମାଲିକ ଶ୍ରମିକ ପ୍ରଜା ନିଷ୍ପେସିତ ଦୀନ ଧନବାନ
ବିନା ରକ୍ତେ ସମ୍ଭବଇ ସକଳ ଭେଦର ଅବସାନ!
କହ କହ ଆଉଥରେ ଶୁଣିବାକୁ ଉତ୍କର୍ଣ୍ଣା ଧରଣୀ
ଜ୍ୱଳନ୍ତ ତା' କ୍ଷତ ପରେ ଲାଗୁ ତବ ବିଷଲ୍ୟକରଣୀ
ଶୁଣାଅ ଶୁଣାଅ ପୁଣି କିଏ ମିଥ୍ୟା କିଏ ପଥଭ୍ରାନ୍ତ
ହେ ଅଟଳ ସତ୍ୟସନ୍ଧ! ହେ କଠୋର ସାଧକ ଅଶାନ୍ତ।
(ଜାଗ ଜାଗ ଗାନ୍ଧି)


-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

### ୪ ଡିସେମ୍ବର ୧୯୯୪

- ଅର୍ଥନୈତିକସହଯୋଗକୁସ୍ୱାଭାବିକକରିବାଲକ୍ଷ୍ୟନେଇ ଜାତିସଂଘ ସୁରକ୍ଷା ବଳ ସଦର ଦପ୍ତରଠାରେ କ୍ରାଜିନା ଓ କ୍ରୋଏସିଆ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।
- ସମ୍ପ୍ରତି ୟେମେନରେ ସଂଘଟିତ ଯୁଦ୍ଧ ବେଳେ ବିପନ୍ନ ସୈନିକ ଓ ସୈନିକଙ୍କ ପରିବାରବର୍ଗଙ୍କୁ ଆନ୍ତର୍ଜାତିକ ସଂଗଠନ ଜରିଆରେ ଜାପାନ ୫ ଲକ୍ଷ ଡଲାର ସହାୟତା ଯୋଗାଇ ଦେଇଛି।
- ଓଡିଶାରେ ଅନ୍ୟ ଅନୁନ୍ନତ ଶ୍ରେଣୀ (ଓବିସି) ସଂରକ୍ଷଣ ୧୧.୫ ଭାଗରୁ ୨୭%କୁ ବୃଦ୍ଧି କରିବା ନେଇ ନିଷ୍ପତ୍ତି।

# କମୁନି ଗରିବୀ



ହରିଶଙ୍କର ମିଶ୍ର

ସୂର୍ଯ୍ୟକିରଣ କେବଳ ଜଳୀୟ ଉତ୍ସକୁ ବାଷ୍ପ କରାଏ। ସେଇ ବାଷ୍ପ ମେଘ ହୋଇ ପର୍ବତଠାରୁ ସମୁଦ୍ର ଯାଏ ବର୍ଷିଯାଏ। ଉଚିତ ରାଜଧର୍ମରେ ସେପରି କେବଳ ଧନୀଙ୍କଠାରୁ ଟିକସ ଆଦାୟ କରାଯାଇ ସାମୂହିକ କଲ୍ୟାଣ କରାଯାଇଥାଏ। ଦେଶ ସ୍ୱାଧୀନ ହେବା ପରେ ସାମୂହିକ କଲ୍ୟାଣ ପାଇଁ କେନ୍ଦ୍ର ଓ ରାଜ୍ୟ ସ୍ତରରେ ଗୋଷ୍ଠୀ ଉନ୍ନୟନ ଓ ଗ୍ରାମ୍ୟ ପୁନର୍ଗଠନ ବିଭାଗ କାର୍ଯ୍ୟକ୍ଷମ ହୋଇଥିଲା। ୧୯୭୭ ମସିହାରେ ଦେଶରେ ଗଠିତ ପ୍ରଥମ ଅଣକଂଗ୍ରେସ ସରକାର ପ୍ରତ୍ୟେକ ଗ୍ରାମର ପାଞ୍ଚୋଟି ଗରିବତମ ପରିବାର ପାଇଁ ଅନ୍ତ୍ୟୋଦୟ ଯୋଜନା ସହ ଯଥେଷ୍ଟ ରିହାତି ଦରରେ ଚାଉଳ, ଗହମ ଦେଇ ପ୍ରତିବଦଳରେ ଶ୍ରମ ଭିତ୍ତିକ କାର୍ଯ୍ୟ କରାଇଲେ।

୧୯୮୦ ମସିହାରେ କଂଗ୍ରେସ ପୁନଃ କ୍ଷମତା ଲାଭ କଲା। ଗରିବୀ ହଟାଅ ସେଇ ଦଳର ପୂର୍ବ ଡାକରା ଥିବାରୁ ଅନେକ ଗରିବ କଲ୍ୟାଣ ଯୋଜନା ଆରମ୍ଭ କରାଗଲା। ବୈଷୟିକ ତାଲିମ ଦିଆଯାଇ ଗାଈ, କୁକୁଡ଼ା ପାଳନ, ଗ୍ରାମୀଣ ଶିଳ୍ପ, ଫଳ, ମାଛଚାଷ ଏବଂ ବିବିଧ ବ୍ୟବସାୟ ପାଇଁ ଆର୍ଥିକ ସାହାଯ୍ୟ ଦିଆଗଲା। ଭୂମିହୀନଙ୍କ ପାଇଁ କେନାଲ କୂଳର ୨୦ଟି ନଡ଼ିଆଗଛର ମାଲିକାନା ମଧ୍ୟ ଦିଆଗଲା। ମୂଳଧନରୁ ପଚାଶ ଶତାଂଶ ପର୍ଯ୍ୟନ୍ତ ଛାଡ଼ କରାଯାଇ ଅଳ୍ପ ସୁଧରେ ବ୍ୟାଙ୍କ ଋଣ ମଞ୍ଜୁର କରାଗଲା। ପୂର୍ବରୁ ବ୍ଲକ ମାଧ୍ୟମରେ ଦିଆଯାଉଥିବା ଗୃହଋଣ ବ୍ୟବସ୍ଥା ଉଚ୍ଛେଦ କରାଯାଇ ପୂର୍ଣ୍ଣ ଅର୍ଥ ସହାୟତାରେ ଇନ୍ଦିରା ଆବାସ ଯୋଜନା ଆରମ୍ଭ ହେଲା।

ତିନି ଦଶନ୍ଧି, ଶତାଧିକ ଯୋଜନା ଏବଂ ବହୁ ଲକ୍ଷ କୋଟି ଟଙ୍କା ବ୍ୟୟ ସତ୍ତ୍ୱେ ଗରିବଙ୍କର ଆର୍ଥିକ ପ୍ରଗତି କାଗଜପତ୍ରରେ ଯେତେ ବଢ଼ିଲେ ବି ଗରିବଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଲା। ବ୍ୟାଙ୍କ ଋଣ ପରିଶୋଧ ନ ହେବାରୁ ତାହା ସରକାରଙ୍କ ଦେୟ ହୋଇଗଲା। ସରକାରୀ ଅର୍ଥ ଦୁରୁପଯୋଗକାରୀଙ୍କୁ ଦଣ୍ଡ ପରିବର୍ତ୍ତେ ପୁନଃ ସର୍ବେକ୍ଷଣରେ ସେମାନଙ୍କୁ ଗରିବ ଦର୍ଶାଯାଇ ଆର୍ଥିକ ସୀମା ନିର୍ଦ୍ଧାରଣ କରାଗଲା। ସେମାନଙ୍କ ପାଇଁ ମାଗଣା ବହୁବିଧ ସୁଯୋଗ ରଖାଯିବାରୁ ଦରିଦ୍ର ତାଲିକାଭୁକ୍ତ ହେବାକୁ କଳବଳକୌଶଳ ଓ ଚାପ ପ୍ରୟୋଗ କରାଗଲା। ପୂର୍ବର ଖାଦ୍ୟ ପାଇଁ କାର୍ଯ୍ୟ ଯୋଜନା ବନ୍ଦ କରାଯାଇ ସାମାଜିକ ଖାଦ୍ୟ ସୁରକ୍ଷା ନିୟମରେ କି.ଗ୍ରା. ପ୍ରତି ତିନି ଟଙ୍କାରେ ଖାଉଟି କାର୍ଡ ମାଧ୍ୟମରେ ଖାଦ୍ୟ ପ୍ରଦାନ କରାଗଲା, ଯାହାକି ଆମ ରାଜ୍ୟରେ ପରେ ଯଥାକ୍ରମେ ଦୁଇ ଟଙ୍କା ଓ ଏକ ଟଙ୍କାରେ ଦିଆଯିବାର ଉଦ୍ଦେଶ୍ୟ ଓ ସଫଳତା ସର୍ବଜନବିଦିତ। ବିଭିନ୍ନ ଯୋଜନାରେ ରାଜ୍ୟରେ ଏ ଯାବତ୍ ୫୦ ଲକ୍ଷରୁ ଅଧିକ ଘର ତିଆରି ସତ୍ତ୍ୱେ ଗୃହହୀନଙ୍କ ସଂଖ୍ୟା ବଢ଼ି ଚାଲିଛି। ଆମ ରାଜ୍ୟରେ ଏବେ ୩,୨୨,୫୫,୦୦ ପରିବାର ଟଙ୍କିକିଆ ଚାଉଳ, ଗହମ ଏବଂ ୭ ଲକ୍ଷ ପରିବାର ଅନ୍ନପୂର୍ଣ୍ଣା ଯୋଜନାରେ ମାଗଣା ଚାଉଳ ପାଉଛନ୍ତି।

ମମତାଠାରୁ ହରିଶ୍ଚନ୍ଦ୍ର, ଆହାରଠାରୁ ମଧ୍ୟାହ୍ନଭୋଜନ, ପୋଷାକଠାରୁ ଲାପ୍‌ଟପ୍, ଚିକିତ୍ସା ଓ ଭ୍ରମଣ ସୁଯୋଗ, ଅଙ୍ଗନୱାଡ଼ି, ମୋ ପୋଖରୀ, ଆବାସିକ ବିଦ୍ୟାଳୟର ନିଃଶୁଳ୍କ ଶିକ୍ଷା, ସ୍ୱୟଂ ସହାୟିକା ଓ ଅନ୍ୟାନ୍ୟ ଉପକୃତଙ୍କ ସଂଖ୍ୟା ସ୍ୱତଃ ଜଣାଏ ଯେ, ରାଜ୍ୟ ଲୋକସଂଖ୍ୟାର ୮୫ ଶତାଂଶ ଏକାଧିକ ସରକାରୀ ସହାୟତା ପାଉଛନ୍ତି। ଲୋକପ୍ରିୟତା ପାଇଁ ସଂସ୍କୃତିକୁ ବି ମାଧ୍ୟମ କରାଯାଉଛି। ହବିଷ୍ୟ ଯୋଜନାର ପରିକଳ୍ପନା ଓ ଆଦୃତି ଏହାର ଶ୍ରେଷ୍ଠ ନମୁନା। ହିସାବ କିନ୍ତୁ ଅଟକୁଛି ନିର୍ମାଣ ଶ୍ରମିକ ଓ କାଳିଆ ଯୋଜନାର ହିତାଧିକାରୀଙ୍କ ପାଖରେ। ଆତ୍ମସଫଳତା ପାଇଁ ନିର୍ମାଣ ଶ୍ରମିକ ସଂଘ ସମ୍ପାଦକଙ୍କର ପ୍ରସ୍ତାବ ସରକାର ଗ୍ରହଣ କରି ପ୍ରତ୍ୟେକ ନିର୍ମାଣ ଅଟକଳର ଏକ ଶତାଂଶ ଶ୍ରମିକ ସେସ୍ ଆଦାୟ କରୁଛନ୍ତି। ଏ ପର୍ଯ୍ୟନ୍ତ ଆଦାୟ ଶ୍ରମିକ ସେସ୍ ୨୧୦୦ କୋଟି ଟଙ୍କାରୁ ୧୮୦୦ କୋଟି ସରକାରୀ ଅର୍ଥ ରହିଛି। ରାଜ୍ୟରେ ୨୫ ଲକ୍ଷ ନିର୍ମାଣ ଶ୍ରମିକ ପରିବାରର ୧ କୋଟି ଲୋକଙ୍କୁ ଅର୍ଥନୈତିକ ସହାୟତା ଏହାର ଉଦ୍ଦେଶ୍ୟ ଥିବାରୁ ଜିଲା ଶ୍ରମ କାର୍ଯ୍ୟାଳୟଗୁଡ଼ିକରେ ଦାମୀ ଗାଡ଼ି, ପୋଷାକ ଓ ମୋବାଇଲ ଫୋନ୍‌ଧାରୀ ଯୁବକ ଓ ମହିଳାଙ୍କ ଭିଡ଼ ରହୁଛି। ସରକାରୀ ଅର୍ଥରେ ନିର୍ବାଚନୀ ସଫଳତା ଦେଇଥିବାରୁ ସଂଘ ସମ୍ପାଦକଙ୍କର ରାଜନୈତିକ ଥଇଥାନ ଓ ପତିଆରା ବୃଦ୍ଧି ପାଇଛି। ପ୍ରାକ୍ ଆକଳନରେ ରାଜ୍ୟର ୨୬ ଲକ୍ଷ କୃଷି ଶ୍ରମିକ ଓ ୪୧ ଲକ୍ଷ କୃଷକ ଚିହ୍ନଟ ହୋଇଥିଲେ। ମାତ୍ର କାଳିଆ ଯୋଜନାରେ ୫୦ ଲକ୍ଷ କୃଷକ ଓ ୨୫ ଲକ୍ଷ କୃଷି ଶ୍ରମିକଙ୍କୁ ଉପକୃତ କରାଇବା ଲକ୍ଷ୍ୟରେ ପ୍ରଥମେ ୫୩ ଲକ୍ଷ ପରିବାରଙ୍କୁ ଅର୍ଥ ଦିଆଯାଇଛି। ପରିବାର ପିଛା ପାଞ୍ଚ ଜଣ ହିସାବରେ ହିତାଧିକାରୀଙ୍କ ସଂଖ୍ୟା ୩ କୋଟି ୭୫ ଲକ୍ଷ ହେଉଥିବା ବେଳେ ୧ କୋଟି ନିର୍ମାଣ ଶ୍ରମିକ ପରିବାର ସଦସ୍ୟଙ୍କୁ ମିଶାଇଲେ ୪ କୋଟି ୭୫ ଲକ୍ଷ ହେଉଥିବା ବେଳେ ରାଜ୍ୟ ଲୋକସଂଖ୍ୟା ୪ କୋଟି ୫୦ ଲକ୍ଷ ରହିଛି। ଅର୍ଥାତ୍ ରାଜ୍ୟ ଲୋକସଂଖ୍ୟାଠାରୁ ୨୫ ଲକ୍ଷ ଅଧିକ କେବଳ କୃଷି, ନିର୍ମାଣ ଶ୍ରମିକ ଓ କୃଷକଙ୍କ ପରିସଂଖ୍ୟାନର ସତ୍ୟତାକୁ ସ୍ୱତଃ ପ୍ରଶ୍ନ କରୁଛି। କୃଷକଙ୍କ ଜୀବିକା ଓ କୃଷିର ଉନ୍ନତି ଯୋଜନାରେ ଶ୍ରମିକଙ୍କୁ ଅର୍ଥ ପ୍ରଦାନ କେବଳ ନିର୍ବାଚନୀ ସଫଳତାକୁ ସ୍ପଷ୍ଟ କରୁଛି। ଗରିବ ସୃଷ୍ଟି କରାଯାଇ ରାଜସ୍ୱ ବିନିମୟରେ କ୍ଷମତା ପ୍ରାପ୍ତିର ଧାରା ଗୋଟିଏ ସ୍ୱାଭିମାନୀ ଜାତି ମନରେ ଛତ୍ରଖିଆ ଭାବ ସୃଷ୍ଟି କରିସାରିଛି। ଟିକସଦାତାଙ୍କ ଅର୍ଥର ଅସତ୍ ବିନିଯୋଗ ମଧ୍ୟ ଜଳ ଜଳ ଦେଖାଯାଉଛି।

୧୧୩, ଗୁଣ୍ଡିଚା ବିହାର, ପୁରୀ, ମୋ-୭୯୭୮୭୮୫୪୭୮

## ଆମ ସମସ୍ୟା

### ମୋ ସରକାର ଏକ ଭଲ ଯୋଜନା

ମହାଶୟ,

ମୋ ସରକାର ଏକ ଭଲ ଯୋଜନା। ଥାନା ଓ ଡାକ୍ତରଖାନାକୁ ଆସୁଥିବା ସାଧାରଣ ଲୋକ ଉପଯୁକ୍ତ ସେବା ପାଇବା ମୁଖ୍ୟମନ୍ତ୍ରୀଙ୍କ ମୂଳ ଲକ୍ଷ୍ୟ। କିନ୍ତୁ ପରିତାପର ବିଷୟ, ପୁରୀ ଜିଲା ସରକାରୀ ଡାକ୍ତରଖାନା ଓ ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହାର ପ୍ରଭାବ ଦେଖିବାକୁ ମିଳୁନାହିଁ। ତେଣୁ ଯେଉଁ ଡାକ୍ତର କର୍ତ୍ତବ୍ୟରେ ହେଳା କରୁଛନ୍ତି ତାଙ୍କୁ ଚାକିରିରୁ ବିତାଡ଼ିତ କରାଯାଉ। ଠିକ୍ ଭାବରେ ଏହି ଯୋଜନା କାର୍ଯ୍ୟକାରୀ ହେଲେ ନିଶ୍ଚୟ ଜନସାଧାରଣ ଉପକୃତ ହେବେ, ଏଥିରେ ସନ୍ଦେହ ନାହିଁ।

ଦେବଚିତ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

ମୁଖ୍ୟମନ୍ତ୍ରୀ, ଚିଫ୍ ସେକ୍ରେଟାରି ଓ ବିଭାଗୀୟ ଶାସନ ସଚିବଙ୍କୁ ଜନସାଧାରଣ ଅଭିଯୋଗ କରିବା ପାଇଁ ଇ-ଅଭିଯୋଗର ଅନ୍‌ଲାଇନ ବ୍ୟବସ୍ଥା ପ୍ରଚଳନ କରାଯିବା ଆନନ୍ଦର ବିଷୟ। କିନ୍ତୁ ଏହି ଅଭିଯୋଗଗୁଡ଼ିକ ସରକାରୀ ବିଭାଗରେ ସମାଧାନ କରା ନ ଯାଇ ବହୁଦିନ ପଡିରହୁଛି। ଫଳରେ ଇ-ଅଭିଯୋଗର ସୁଫଳ ମିଳୁନାହିଁ। ତେଣୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପ୍ରାପ୍ତ ଅଭିଯୋଗଗୁଡିକ ୫-ଟିରେ ଅନ୍ତର୍ଭୁକ୍ତ କରାଯାଇ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାଧାନ କରାଯାଉ।

ଦୀନବନ୍ଧୁ ପରିଡ଼ା, ପଞ୍ଚସଖାନଗର, ଡୁମୁଡୁମା, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | D | | | | 7 | | 6 | | B | 0 | | | | |
| | | | | | A | | | | 6 | | | | 4 | |
| | 5 | E | | | 1 | C | | | | | 7 | | 3 | 9 |
| 1 | | C | | | | | | A | | | | D | | |
| | | 9 | E | | | | | 3 | | | | | B | 2 |
| | | | | | 8 | E | | 0 | | | B | | | |
| 2 | | 3 | C | A | | 8 | | | | | | | E | |
| | | A | 7 | | | | 9 | | E | 8 | 5 | | 1 | |
| 0 | | D | | | 3 | | | | | | A | 5 | 2 | 4 |
| | | 1 | 2 | | 4 | | | | | | D | | 7 | |
| D | | 5 | | 9 | | | | | | | 8 | | | |
| | | | D | | C | | | | | | | A | 9 | |
| | 6 | 7 | | 3 | | | 1 | | 0 | | | 2 | | |
| | 3 | | | 2 | | A | | | | D | | 6 | | |
| B | | | 4 | | 6 | | | 7 | | 9 | 1 | | C | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 9 | 2 | B | 0 | 4 | 5 | E | A | C | 7 | 3 | 1 | 8 | D |
| 3 | 0 | 5 | A | 6 | 1 | D | 7 | C | 9 | B | 8 | E | 2 | 4 |
| 8 | 7 | C | 5 | 9 | D | 4 | 1 | B | 0 | E | 2 | 6 | 3 | A |
| D | E | 4 | 2 | 3 | 7 | 8 | 6 | 9 | A | 1 | 5 | B | 0 | C |
| B | 1 | A | 8 | E | C | 2 | 3 | 0 | D | 4 | 6 | 9 | 5 | 7 |
| E | B | 7 | 1 | 8 | 0 | A | 5 | 2 | 6 | 9 | D | C | 4 | 3 |
| C | D | 3 | 7 | A | 6 | B | 0 | 8 | 1 | 5 | 4 | 2 | E | 9 |
| 5 | 8 | 9 | D | 2 | E | 3 | 4 | 7 | B | C | 0 | A | 1 | 6 |
| A | 4 | 1 | 3 | 5 | B | 9 | C | 6 | 7 | 2 | E | 8 | D | 0 |
| 2 | 6 | 0 | 4 | C | 9 | E | D | 1 | 8 | 3 | A | 5 | 7 | B |
| 0 | A | 8 | E | 4 | 2 | 6 | 9 | 3 | 5 | D | C | 7 | B | 1 |
| 4 | 3 | D | C | 7 | 8 | 1 | B | 5 | 2 | 6 | 9 | 0 | A | E |
| 7 | 5 | E | 6 | 1 | A | C | 8 | D | 3 | 0 | B | 4 | 9 | 2 |
| 9 | 2 | 6 | 0 | B | 3 | 7 | A | E | 4 | 8 | 1 | D | C | 5 |
| 1 | C | B | 9 | D | 5 | 0 | 2 | 4 | E | A | 7 | 3 | 6 | 8 |

ଗତକାଲିର ଉତ୍ତର

# ଲୋକ ସଭାରେ 'ଫନୀ' ଚର୍ଚ୍ଚା

## ସ୍ୱତନ୍ତ୍ର ଧାନକୈନ୍ଦ୍ରିକ ରାଜ୍ୟ ସହ ଉଠିଲା କୋଇଲା ରୟାଲ୍‌ଟି ସଂଶୋଧନ ପ୍ରସଙ୍ଗ

ଭୁବନେଶ୍ୱର,୩।୧୨(ବ୍ୟୁରୋ)

ସାମୁଦ୍ରିକ ଝଡ 'ଫନୀ' ଦ୍ୱାରା ଉପକୂଳ ଓଡ଼ିଶାର ବହୁତ କ୍ଷତି ହୋଇଛି। ଓଡ଼ିଶାର ଭୌଗୋଳିକ ଅବସ୍ଥିତି ନିୟମିତ ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରୁଛି। 'ଫନୀ' ପୁନରୁଦ୍ଧାର ଏବଂ ଭିତ୍ତିଭୂମି ସଜଡା କାର୍ଯ୍ୟ ଜାରି ରହିଥିବାବେଳେ ନିକଟରେ 'ବୁଲ୍‌ବୁଲ' ମଧ୍ୟ ଉପକୂଳ ଓଡ଼ିଶାକୁ ପ୍ରଭାବିତ କରିଥିଲା। ତେଣୁ ରାଜ୍ୟ କେନ୍ଦ୍ରୀୟ ସହାୟତା ଏବଂ ଅନୁକମ୍ପାର ହକ୍‌ଦାର ବୋଲି ମଙ୍ଗଳବାର ବିଜେଡି ସଂସଦୀୟ ଦଳ ନେତା(ଲୋକ ସଭା) ପିନାକୀ ମିଶ୍ର ପାର୍ଲାମେଣ୍ଟରେ କହିଛନ୍ତି।

ଲୋକ ସଭାର ପ୍ରଶ୍ନକାଳ ଚାଲିଥିବା ସମୟରେ ଅଂଶଗ୍ରହଣ କରି ପିନାକୀ କହିଥିଲେ ଯେ ଫନୀ ଦ୍ୱାରା ପୁରୀ ଜିଲା ବହୁତ କ୍ଷତିଗ୍ରସ୍ତ ହୋଇଛି। ଏମ୍‌ପି ଜୁଏଲ ଓରାମ ପ୍ରଶ୍ନ କରିଥିବାରୁ ଧନ୍ୟବାଦ, ହେଲେ ସେ ଏଥିରେ ରାଜନୀତି ଭର୍ତ୍ତି କରିଦେଇଛନ୍ତି। ବିଶ୍ୱବ୍ୟାଙ୍କ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପୁନରୁଦ୍ଧାର କାର୍ଯ୍ୟ ନେଇ ସମସ୍ତେ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଚେଷ୍ଟା କାରଣରୁ ଏହି ବିପତ୍ତି ସମୟରେ ପ୍ରାୟ ୧୨ ଲକ୍ଷ ଲୋକଙ୍କୁ ଉଦ୍ଧାର କରାଯାଇଥିଲା। ମାତ୍ର ୭ରୁ ୮ ଲୋକଙ୍କ ମୃତ୍ୟୁ ହୋଇଛି। ୨୫ରୁ ୩୦ ହଜାର କୋଟି ଟଙ୍କାର କ୍ଷତି ହୋଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏଠାରେ ବସିଛନ୍ତି। ସେ ନିଶ୍ଚିତ ଭାବେ ବୁଝି ପାରିଥିବେ, ଫନୀ କେତେ ଭୟାନକ ଥିଲା । ଝଡ଼ ଯେଉଁ ସ୍ଥାନ ଦେଇ ଅତିକ୍ରମ କରିଥିଲା, ସେହି ସମସ୍ତ ସ୍ଥାନରେ ଗଛ, ବିଦ୍ୟୁତ୍ ଖୁଣ୍ଟ ଏବଂ କଚ୍ଚାଘର ଛିଡା ହୋଇ ପାରି ନ ଥିଲା। ପ୍ରତିବର୍ଷ ଓଡ଼ିଶାକୁ ଏପରି ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି, ଅନ୍ୟ କୌଣସି ରାଜ୍ୟକୁ ଏପରି ଦୁର୍ଦ୍ଦଶାର ସାମ୍ନା କରିବାକୁ ପଡୁନାହିଁ। ତେଣୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରକୁ ଦେଇଥିବା ପ୍ରସ୍ତାବ ସ୍ୱତନ୍ତ୍ର ଅନୁଦାନ ଏବଂ ସ୍ୱତନ୍ତ୍ର ଧାନକୈନ୍ଦ୍ରିକ ସହାୟତା ପ୍ରଦାନ କରାଯାଉ ବୋଲି ପିନାକୀ କହିଥିଲେ। ଓଡ଼ିଶା ଯେପରି ନିଜସ୍ୱ ସମ୍ବଳ ବୃଦ୍ଧି କରିପାରିବ, ସେ ଦିଗରେ କେନ୍ଦ୍ର ପଦକ୍ଷେପ ନେଉ। କୋଇଲା, ଲୁହାପଥର ଏବଂ ମାଙ୍ଗାନିଜ ଆଦିର ରୟାଲ୍‌ଟି ସଂଶୋଧନ କରାଯାଉ। ଏହା ଦ୍ୱାରା ଓଡ଼ିଶାକୁ ଆଉ ଭିକ ମାଗିବାକୁ ବାରମ୍ବାର ଦିଲ୍ଲୀ ଆସିବାକୁ ପଡିବ ନାହିଁ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ପିନାକୀ ଅନୁରୋଧ କରିଥିଲେ। ପିନାକୀଙ୍କ ଉପସ୍ଥାପନା ପରେ କେନ୍ଦ୍ର ପକ୍ଷରୁ ଉତ୍ତର ରଖି ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଥିଲେ ଯେ, କେନ୍ଦ୍ର ଦେଇଥିବା ସହାୟତା ଏବଂ ରାଜ୍ୟ ପକ୍ଷରୁ ମଗାଯାଇଥିବା ଅନୁଦାନ ମଧ୍ୟରେ ପ୍ରଭେଦ ରହିଛି। ହେଲେ ଅନୁଦାନ ଦେବା ଏକ ପ୍ରକ୍ରିୟା, ଓଡ଼ିଶାର ସ୍ଥିତି ନେଇ କ୍ୟାବିନେଟ୍ ସଚିବଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ସଙ୍କଟ ପ୍ରବର୍ତ୍ତନ ସମିତି ପକ୍ଷରୁ ଫନୀ ପାଇଁ ୧୯ ଏପ୍ରିଲରୁ ୧୦ ମେ ମଧ୍ୟରେ ୧୧ ଥର ବୈଠକ କରିଛି। ଏହାର ରିପୋର୍ଟ ଆଧାରରେ ସହାୟତା ପ୍ରଦାନ କରାଯାଉଥିବା ଉଲ୍ଲେଖ କରିଥିଲେ। ସୁନ୍ଦରଗଡ ଏମ୍‌ପି ଜୁଏଲ୍ ଓରାମ ଫନୀ ସହାୟତା ନେଇ କେନ୍ଦ୍ର କେତେ ଅର୍ଥ ଦେଇଛି, ସେ ସମ୍ପର୍କରେ ପ୍ରଶ୍ନ ପଚାରିଥିଲେ। ଏହାର ଉତ୍ତରରେ ନିତ୍ୟାନନ୍ଦ ରାଏ କହିଥିଲେ ଯେ, ଏନ୍‌ଡିଆରଏଫ୍ ଗାଇଡ୍‌ଲାଇନ ଅନୁଯାୟୀ ଓଡ଼ିଶାକୁ ୩୩୩୮ କୋଟି ଟଙ୍କାର ସହାୟତା ଦିଆଯାଇଥିଲା। ଏହା ବ୍ୟତୀତ ଫନୀ ପରବର୍ତ୍ତୀ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗସ୍ତ କରି ୧୦୦୦ କୋଟି ଏବଂ ପୂର୍ବରୁ ୩୪୦.୮୭୫ କୋଟି ଟଙ୍କାର ସହାୟତା ପ୍ରଦାନ କରିଥିବା ନିତ୍ୟାନନ୍ଦ ଉଲ୍ଲେଖ କରିଥିଲେ। ଏହିପରି ଭାବେ କେନ୍ଦ୍ର ୪୬୭୯.୦୯ କୋଟି ଟଙ୍କା କେବଳ ଫନୀ ବାବଦକୁ ପ୍ରଦାନ କରିଥିବା ଜଣାପଡିଛି।

### ବୁଲ୍‌ବୁଲ୍: ଓଡ଼ିଶାକୁ ମିଳିଛି ୫୫୨ କୋଟି

**ଭୁବନେଶ୍ୱର, ୩।୧୨ (ବ୍ୟୁରୋ):** ବାତ୍ୟା 'ବୁଲ୍‌ବୁଲ' କ୍ଷତି ଭରଣା ପାଇଁ କେନ୍ଦ୍ର ସରକାର ଓଡ଼ିଶାର ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି(ଏସ୍‌ଡିଆରଏଫ୍)କୁ ୫୫୨ କୋଟି ଟଙ୍କା ପ୍ରଦାନ କରିଛନ୍ତି। ମଙ୍ଗଳବାର ଲୋକ ସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଜି. କିଷନ ରେଡ୍ଡୀ। ପଶ୍ଚିମବଙ୍ଗ ସରକାର ଜଣାଇଥିଲେ ଯେ, ବୁଲ୍‌ବୁଲ ଯୋଗୁ ରାଜ୍ୟରେ ୧୧ ଜଣଙ୍କର ଜୀବନହାନି ହୋଇଥିବାବେଳେ ୩୫.୫୭ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ସେହିପରି ଓଡ଼ିଶା ସରକାର ଜଣାଇଥିଲେ ଯେ, ବାତ୍ୟା ଯୋଗୁ ରାଜ୍ୟରେ କୌଣସି ଜୀବନହାନି ହୋଇ ନ ଥିବାବେଳେ ୩୮.୦୮ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। କ୍ଷତିଭରଣା ପାଇଁ ପଶ୍ଚିମବଙ୍ଗକୁ ୪୧୪.୯୦ କୋଟି ଏବଂ ଓଡ଼ିଶାକୁ ୫୫୨ କୋଟି ଟଙ୍କା ପ୍ରଦାନ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ଯେ ନଭେମ୍ବର ୯ ତାରିଖରେ ବାତ୍ୟା ବୁଲ୍‌ବୁଲ ଓଡ଼ିଶା ଉପକୂଳ ଦେଇ ପଶ୍ଚିମବଙ୍ଗର ସୁନ୍ଦରବନରେ ସ୍ଥଳଭାଗ ଅତିକ୍ରମ କରିଥିଲା।

# ୫ରୁ ମିଶନ ଶକ୍ତି ମେଳା

ଭୁବନେଶ୍ୱର, ୩।୧୨(ବ୍ୟୁରୋ)



ଖବରଦାତା ସମ୍ମିଳନୀରେ ମିଶନ ଶକ୍ତିର କମିଶନର ତଥା ନିର୍ଦ୍ଦେଶକ ସୁଜାତା ଆର୍. କାର୍ତ୍ତିକେୟନ ସୂଚନା ପ୍ରଦାନ କରୁଛନ୍ତି।


■ ଯୋଗଦେବେ ୨୫୧ ସ୍ୱୟଂ ସହାୟକ ଗୋଷ୍ଠୀ

■ ଗ୍ରାମୀଣ ଦ୍ରବ୍ୟର ହେବ ସମାହାର

ମିଶନ ଶକ୍ତି ନିର୍ଦ୍ଦେଶାଳୟ, ମହିଳା ଓ ଶିଶୁ ବିକାଶ ଏବଂ ମିଶନ୍ ଶକ୍ତି ବିଭାଗ ପକ୍ଷରୁ ରାଜ୍ୟରେ ପ୍ରଥମ ଥର ପାଇଁ ଆସନ୍ତା ୫ତାରିଖରୁ 'ମିଶନ ଶକ୍ତି ମେଳା' ଆୟୋଜିତ ହେବ। ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ଦ୍ରବ୍ୟର ବିକ୍ରୟ ଲାଗି ବିଭାଗ ପକ୍ଷରୁ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଏହି ମେଳାର ଆୟୋଜନ କରାଯାଉଛି। ମେଳାରେ ୨୦୦ ଷ୍ଟଲ ମାଧ୍ୟମରେ ବିଭିନ୍ନ ପ୍ରକାରର ହସ୍ତତନ୍ତ, ହସ୍ତଶିଳ୍ପ, ଜଙ୍ଗଲଜାତ ଦ୍ରବ୍ୟ, ଖାଦ୍ୟ ଜାତୀୟ ଦ୍ରବ୍ୟ, ମସଲା ଏବଂ ଅଣକୃଷି ଜାତୀୟ ଦ୍ରବ୍ୟ ପ୍ରଦର୍ଶନ ଓ ବିକ୍ରୟ କରାଯିବ। ଭୁବନେଶ୍ୱର ଭଳି ସହରାଞ୍ଚଳର ଲୋକମାନଙ୍କ ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପଦାର୍ଥ ବିଷୟରେ ସୂଚନା ଦେବା ଏବଂ ଏହାକୁ ଉପଲବ୍ଧ କରାଇବା ମେଳାର ଉଦ୍ଦେଶ୍ୟ। ଏହା ଗ୍ରାମାଞ୍ଚଳ ଓ ସହରାଞ୍ଚଳର ମହିଳା ଉତ୍ପାଦକ ଗୋଷ୍ଠୀମାନଙ୍କ ଦ୍ୱାରା ଉତ୍ପାଦିତ ପଦାର୍ଥର ପ୍ରଦର୍ଶନ, ବିକ୍ରୟ ପାଇଁ ବଜାର ବ୍ୟବସ୍ଥା ଓ ଖାଉଟିମାନଙ୍କ ପ୍ରାଥମିକତା ଆଧାରରେ ପଦାର୍ଥଗୁଡ଼ିକର ମାନବୃଦ୍ଧି କରାଇବାରେ ବିଶେଷ ସହାୟକ ହେବ। ମେଳାରେ ବିଭିନ୍ନ ପ୍ରକାରର ଗ୍ରାମୀଣ ଦ୍ରବ୍ୟ ଯଥା ହସ୍ତତନ୍ତ, ହସ୍ତକଳା, ଜଙ୍ଗଲଜାତ ଦ୍ରବ୍ୟ, ବିଭିନ୍ନ ଖାଦ୍ୟ ପଦାର୍ଥ, ମସଲା ଏବଂ ଅଣକୃଷି ଜାତୀୟ ଦ୍ରବ୍ୟ ଆଦି ଉପଲବ୍ଧ ହେବ। ମେଳାକୁ ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁ ଉଦ୍‌ଘାଟନ କରିବେ ବୋଲି ମିଶନ ଶକ୍ତିର କମିଶନର ତଥା ନିର୍ଦ୍ଦେଶକ ସୁଜାତା ଆର୍. କାର୍ତ୍ତିକେୟନ ସୂଚନା ଦେଇଛନ୍ତି। ମଙ୍ଗଳବାର ବିଭାଗ ପକ୍ଷରୁ ମିଶନ ଶକ୍ତି ଭବନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୁଜାତା ଆର୍. କାର୍ତ୍ତିକେୟନ କହିଥିଲେ, ରାଜ୍ୟର ଗ୍ରାମାଞ୍ଚଳ ଓ ସହରାଞ୍ଚଳର ମହିଳା ସଶକ୍ତୀକରଣ ପାଇଁ ୨୦୦୧ରେ ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ମିଶନ ଶକ୍ତି ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଉତ୍ପାଦକ ଗୋଷ୍ଠୀଙ୍କୁ ସ୍ଥାୟୀ ରୋଜଗାର ଉତ୍ସ ମାଧ୍ୟମରେ ଦୀର୍ଘ ରୋଜଗାର ଯୋଗାଇଦେବା ଏହାର ପ୍ରମୁଖ ଆଭିମୁଖ୍ୟ। ସ୍ଥାନୀୟ ପ୍ରଦର୍ଶନୀ ପଡ଼ିଆରେ ଆସନ୍ତା ୫ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ମେଳା ଡିସେମ୍ବର ୧୬ ପର୍ଯ୍ୟନ୍ତ ପ୍ରତ୍ୟହ ସକାଳ ୧୧ଟାରୁ ରାତି ୯ଟା ପର୍ଯ୍ୟନ୍ତ ଚାଲିବ। ୩୦ ଜିଲାର ୨୫୧ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଉତ୍ପାଦକ ଗୋଷ୍ଠୀରୁ ୫୦୦ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କ ଦ୍ରବ୍ୟ ସହିତ ଅଂଶଗ୍ରହଣ କରିବେ। ଖବରଦାତା ସମ୍ମିଳନୀରେ ମିଶନ ଶକ୍ତି ଯୁଗ୍ମ ସଚିବ ସୁଧାଂଶୁ ଶେଖର ନାୟକ ଏବଂ ଉପସଚିବ ବିନୋଦ କୁମାର ଜେନା ଉପସ୍ଥିତ ଥିଲେ।

# କୃଷି ପରିବେଶକୁ ଧ୍ୱଂସ କରୁଛି କର୍ପୋରେଟ୍ ଶୈଳ୍ପିକ କୃଷି

## କୃଷିର ନିରନ୍ତରତା ପାଇଁ ସମବାୟ କୃଷି ଲୋଡ଼ା



ପରାମର୍ଶ ସଭାରେ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ଓ ଅନ୍ୟମାନେ।

ଭୁବନେଶ୍ୱର, ୩।୧୨(ବ୍ୟୁରୋ)

ଗ୍ରୀନ୍‌ପିସ୍ ଇଣ୍ଡିଆ ଦ୍ୱାରା ମହିଳା ଶ୍ରମଜୀବୀ ମଞ୍ଚ, ଓଡ଼ିଶା ଏବଂ ଓଡ଼ିଶା ଶ୍ରମଜୀବୀ ମଞ୍ଚ ସହଯୋଗରେ ମାଟି ସ୍ୱାସ୍ଥ୍ୟର ସ୍ଥିତି ଏବଂ ଓଡ଼ିଶାରେ କୃଷିର ନିରନ୍ତରତା ଉପରେ ଏକ ପରାମର୍ଶ ସଭା ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ଯୋଗଦେଇ କୃଷି ପରିବେଶର ଧ୍ୱଂସ ସାଧନ ପାଇଁ କର୍ପୋରେଟ ନିୟନ୍ତ୍ରିତ ଶୈଳ୍ପିକ କୃଷିକୁ ଦାୟୀ କରିଥିଲେ। ଯଦି ଆମେ କୃଷିର ଅର୍ଥନୈତିକ ଏବଂ ପାରିବେଶିକ ନିରନ୍ତରତାକୁ ରକ୍ଷା କରିବାକୁ ଚାହୁଁ, ତେବେ କର୍ପୋରେଟ କୃଷି ନୁହେଁ, ସମବାୟ କୃଷି ଲୋଡ଼ା ବୋଲି ସାମନ୍ତରା ଗୁରୁତ୍ୱାରୋପ କରିଥିଲେ। ଓୟୁଏଟି ମୃତ୍ତିକା ବିଶେଷଜ୍ଞ ପ୍ରଫେସର ଆର.କେ. ରାଉତ କହିଥିଲେ, ଜମିରେ ଅତ୍ୟଧିକ କୃଷି ରସାୟନ ବ୍ୟବହାର ମାଟିର ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଏହାଦ୍ୱାରା ଆମର ଜଳଉତ୍ସ, ଜୈବ ସନ୍ତୁଳନ ଏବଂ ବାୟୁମଣ୍ଡଳ ଉପରେ ପ୍ରତିକୂଳ ପ୍ରଭାବ ପଡୁଛି। ମାଟିର ସ୍ୱାସ୍ଥ୍ୟ ଆବଶ୍ୟକତାକୁ ଗୁରୁତ୍ୱପୂର୍ଣ୍ଣ ଦର୍ଶାଇ ଗ୍ରୀନ୍‌ପିସ୍ ଇଣ୍ଡିଆର ବରିଷ୍ଠ ପ୍ରଚାରକ ଇସ୍ତେୟାକ ଅହମଦ କହିଥିଲେ, ଜୀବନ୍ତ ମାଟିର ପାରିବେଶିକ ସ୍ଥିତି ବୃକ୍ଷଲତାଗୁଡ଼ିକୁ ଏକ ସୁସ୍ଥ ମାଧ୍ୟମ ଦେଇ ଲାଳନ ପାଳନ କରେ। ଜୀବିତ ମାଟି ଅଭିଯାନ ମାଧ୍ୟମରେ ଗ୍ରୀନ୍‌ପିସ୍ ଇଣ୍ଡିଆ ମାଟିର ସ୍ୱାସ୍ଥ୍ୟ ପ୍ରସଙ୍ଗ ଉପରେ ଏକ ଜାତୀୟ ବିତର୍କର ସୂତ୍ରପାତ ସହ ଏହାର ନିର୍ଭରଯୋଗ୍ୟ ସମାଧାନ ଚିହ୍ନଟ ତଥା ଗୁରୁତ୍ୱ ପ୍ରଦାନ କରିବାକୁ ପ୍ରୟାସ କରୁଛି। ଏହି ଅବସରରେ ପ୍ରଫେସର ରାଧାମୋହନ ଏବଂ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଉପସ୍ଥିତ ଥିଲେ। ବହୁ ଜୈବିକ ଚାଷୀ ଓ କୃଷି ବିଶେଷଜ୍ଞ ଯଥା– ନଟବର ଷଡ଼ଙ୍ଗୀ, ଦେବଜିତ ମହାନ୍ତି, ଅନାଦି ଯାଦବ, ସୀମାଞ୍ଚଳ ଜୀ ଏବଂ ଅକ୍ଷୟ ବିଶ୍ୱାଳ, ବିଶ୍ୱଜିତ ମହାନ୍ତି, ଗିରି ରାଓ କାର୍ଯ୍ୟକ୍ରମରେ ବକ୍ତବ୍ୟ ପ୍ରଦାନ କରିଥିଲେ। ରାଜ୍ୟରେ ରାସାୟନିକ କୃଷିର ପାରିବେଶିକ, ସାମାଜିକ, ଆର୍ଥନୀତିକ ଏବଂ ସାଂସ୍କୃତିକ ପ୍ରଭାବ ସମ୍ପର୍କରେ ମୌଳିକ ଜ୍ଞାନର ବିକାଶ ଲାଗି ଏହି ସଭାରେ ବିଭିନ୍ନ ଭାଗୀଦାର ଯଥା ଚାଷୀ, କୃଷି ବିଶେଷଜ୍ଞ, ସମ୍ପୃକ୍ତ ସରକାରୀ ଅଧିକାରୀ, ସିଏସ୍‌ଓ ପ୍ରତିନିଧି ଏବଂ ପ୍ରଭାବିତ ଜନସାଧାରଣ ଯୋଗ ଦେଇଥିଲେ।

■ ଶ୍ରୀମନ୍ଦିର ଚାରିପଟୁ ଘର ଉଚ୍ଛେଦ ପ୍ରସଙ୍ଗ

# ଅଧିକ ୭ଦିନ ସମୟ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩।୧୨(ବ୍ୟୁରୋ)

ଶ୍ରୀମନ୍ଦିର ଚାରି ପାଖରୁ ୭୫ମିଟର ପରିସୀମା ମଧ୍ୟରେ ଯେତେସବୁ ଘର ଅଛି ତାକୁ ଭାଙ୍ଗିବା ଲାଗି ସରକାର ନିଷ୍ପତ୍ତି ନେଇଥିଲେ। ସେହି ଅନୁଯାୟୀ ଜିଲା ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ୭୫ପ୍ରତିଶତ ବାସିନ୍ଦା ନିଜ ଜମି ସ୍ୱେଚ୍ଛାକୃତ ଭାବେ ଦାନ କରିଛନ୍ତି। ଏଥିଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହାସହ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ସକାଶେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହାର ଦିନକପରେ ଅର୍ଥାତ୍ ମଙ୍ଗଳବାର ରାଜ୍ୟ ସରକାର ଶ୍ରୀମନ୍ଦିର ସୁରକ୍ଷା ପାଇଁ ସ୍ୱେଚ୍ଛାକୃତଭାବେ ଜମି ବିକ୍ରି ଲାଗି ସ୍ଥାନୀୟ ବାସିନ୍ଦାଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ଏହି ସମୟ ସୀମାକୁ ଆସନ୍ତା ୭ଦିନ ବୃଦ୍ଧି କରିଛନ୍ତି। ଡିସେମ୍ବର ୯ ତାରିଖ ପର୍ଯ୍ୟନ୍ତ ଏହି ସମୟ ବୃଦ୍ଧି କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିବେଦନକ୍ରମେ ଶ୍ରୀମନ୍ଦିର ସନ୍ନିକଟ ଅନେକ ବାସିନ୍ଦା ସରକାରଙ୍କ ପୁନର୍ବାସ ଓ ଥଇଥାନ ନୀତିକୁ ସ୍ୱେଚ୍ଛାକୃତଭାବେ ଗ୍ରହଣ କରିଛନ୍ତି। ନିରାପତ୍ତା ବଳୟ ସକାଶେ ନିଜ ଜମି ମଧ୍ୟ ପ୍ରଦାନ କରିଛନ୍ତି। ମିଳିଥିବା ସୂଚନା ମୁତାବକ ୨୦୧୯ ଡିସେମ୍ବର ୨ ତାରିଖ ପର୍ଯ୍ୟନ୍ତ ସିଧାସଳଖ ବିକ୍ରୟ ଯୋଜନାରେ ୧୦୬ଟି ପ୍ଲଟ ପାଇଁ ୮୦ଟି ବିକ୍ରି କବଲା କରାଯାଇଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ଆଜି ବନକଲାଗି, ୪ ଘଣ୍ଟା ମହାପ୍ରଭୁଙ୍କ ଦର୍ଶନ ବନ୍ଦ

ପୁରୀ ଅଫିସ, ୩।୧୨

ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଅପରାହ୍ନ ପ୍ରାୟ ୪ଟାରୁ ରାତି ୮ଟା ପର୍ଯ୍ୟନ୍ତ ୪ ଘଣ୍ଟା ଶ୍ରଦ୍ଧାଳୁ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ ନାହିଁ ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି। ତାଙ୍କ ସୂଚନା ମୁତାବକ, ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଶ୍ରୀମନ୍ଦିର ଜୟ ବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧନରେ ଶ୍ରୀବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାର କରାଯିବ। ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥାନ୍ତି।


**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ବିବିଧ କାର୍ଯ୍ୟ ପାଇଁ ଇ-ଟେଣ୍ଡର ବିଜ୍ଞପ୍ତି**

ଟେଣ୍ଡର ବିଜ୍ଞପ୍ତି ନଂ.: ସିଇସି/ବିଏସ୍‌ପି/୧୯-୨୦/୫୬, ତାରିଖ: ୨୮।୧୧।୨୦୧୯ (ଖୋଲା ଟେଣ୍ଡର)

କାର୍ଯ୍ୟର ନାମ: ''ଛିନ୍ଦୱାଡ଼ା – ନୈନପୁର – ମାଣ୍ଡଲା ଫୋର୍ଟ ଗେଜ୍ ପରିବର୍ତ୍ତନ ପ୍ରକଳ୍ପ ସଂକ୍ରାନ୍ତରେ ସିଓନି ଓ ନୈନପୁର ସେକ୍ସନ ମଧ୍ୟରେ ଶିଫ୍ଟେଡ୍ ଆଲାଇନ୍‌ମେଣ୍ଟରେ ବ୍ରୋଡ୍ ଗେଜ୍ ପାଇଁ ୧୦ ଗୋଟି ବଡ଼ ସେତୁର ବଳକା କାର୍ଯ୍ୟ, ସେତୁ ଆପ୍ରୋଚ୍‌ରେ ମାଟିକାମ, ସୁରକ୍ଷା କାର୍ଯ୍ୟ, ତତ୍‌ସମ୍ପର୍କିତ ତଥା ବିବିଧ କାର୍ଯ୍ୟ ନିର୍ବାହ''। ଟେଣ୍ଡର ମୂଲ୍ୟ: ₹୯୩୮.୨୪୨ ଲକ୍ଷ । ଇଏମ୍‌ଡି: ₹୬,୧୯,୨୦୦/–। ଟେଣ୍ଡର କାଗଜପତ୍ର ମୂଲ୍ୟ: ₹୧୦,୦୦୦/–। କାର୍ଯ୍ୟର ସମାପ୍ତି ଅବଧି: ୦୫ ମାସ । ଟେଣ୍ଡର ସମାପ୍ତିର ତାରିଖ ଓ ସମୟ: ତା୨୪।୧୨।୨୦୧୯ରିଖ ୧୫.୦୦ ଘଟିକା । ଟେଣ୍ଡର କାଗଜପତ୍ର ସମ୍ପର୍କିତ ଅଧିକ ବିବରଣୀ, ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ଚିଫ୍ ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର/ନିର୍ମାଣ/ଏସ୍.ଇ.ସି.ଆର୍./ବିଳାସପୁର, ପିନ୍–୪୯୫୦୦୪ଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍ www.ireps.gov.in ଦେଖନ୍ତୁ ।

ଡେପୁଟି ଚିଫ୍ ଇଞ୍ଜିନିୟର/ସିଓଏନ୍
CPR/10/343 ଏସ୍.ଇ.ସି. ରେଳପଥ, ବିଳାସପୁର

South East Central Railway @secrail



**ତହସିଲ କାର୍ଯ୍ୟାଳୟ, ବଅଁରପାଳ**

ବିଜ୍ଞପ୍ତି ସଂଖ୍ୟା.4897 ତାରିଖ: 29.11.2019

**ଲଘୁ ଖଣିଜ ସକାଶେ ଲିଜ୍ ଇସ୍ତାହାର**

No.F–72 :– ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଅନୁଗୋଳ ଜିଲ୍ଲା ଅଧୀନସ୍ଥ ବଅଁରପାଳ ତହସିଲ ଅନ୍ତର୍ଗତ ୨ଗୋଟି ଲଘୁ ଖଣିଜ ଦ୍ରବ୍ୟର ଉତ୍ସକୁ ଲିଜ୍ ଆକାରରେ ବନ୍ଦୋବସ୍ତ କରିବା ପାଇଁ ଦରଖାସ୍ତ ଗ୍ରହଣ କରାଯାଉଅଛି। 'ଦରଖାସ୍ତ ଗ୍ରହଣର ଶେଷ ତାରିଖ୧୫।୦୧।୨୦୨୦ ସନ୍ଧ୍ୟା ୫ଘଟିକା ପର୍ଯ୍ୟନ୍ତ। ସଇରାତ ଉତ୍ସଗୁଡିକର ସମ୍ପୂର୍ଣ୍ଣ ବିବରଣୀ ତଥା ଦରଖାସ୍ତ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଛୁଟିଦିନ ବ୍ୟତୀତ ଅନ୍ୟ ଦିନମାନଙ୍କରେ ତହସିଲ କାର୍ଯ୍ୟାଳୟରେ ଏବଂ ଅନୁଗୁଳ ଜିଲ୍ଲା ୱେବ୍‌ସାଇଟ (www.angul.nic.in)ରେ ଉପଲବ୍ଧ ହୋଇପାରିବ।

ସ୍ୱା./-
24078/11/0001/1920 ତହସିଲଦାର, ବଅଁରପାଳ



**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**୧ମ ଶୁଦ୍ଧିପତ୍ରର** ସନ୍ଦର୍ଭ

ଟେଣ୍ଡର ବିଜ୍ଞପ୍ତି ନଂ.: ସିଇସି/ବିଏସ୍‌ପି/୧୯-୨୦/୫୫, ତାରିଖ: ୨୧।୧୧।୨୦୧୯

କାର୍ଯ୍ୟ: ''ଛିନ୍ଦୱାଡ଼ା – ନୈନପୁର – ମାଣ୍ଡଲାଫୋର୍ଟ ଗେଜ୍ ପରିବର୍ତ୍ତନ ପ୍ରକଳ୍ପ ସଂକ୍ରାନ୍ତରେ ପଲାରୀରୁ ଛିନ୍ଦୱାଡ଼ା ପର୍ଯ୍ୟନ୍ତ ପି.ୱେ ସାମଗ୍ରୀଗୁଡ଼ିକର ପରିବହନର ବଳକା କାର୍ଯ୍ୟ''। ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିରେ ନିମ୍ନଲିଖିତ ପରିବର୍ତ୍ତନ କରାଯାଇଛି:

| କ୍ର.ସଂ. | ବର୍ଣ୍ଣନା | ମୂଳ ଏନ୍‌ଆଇଟିରେ ଦର୍ଶାଯାଇଥିବା ଅନୁଯାୟୀ | ସଂଶୋଧିତ |
|---|---|---|---|
| ୧. | ଇଏମ୍‌ଡି | ₹୫,୫୭,୪୦୦/– | ₹୬,୦୭,୪୦୦ |

ମୂଳ ଏନ୍‌ଆଇଟିରେ ଦର୍ଶାଯାଇଥିବା ଅନୁଯାୟୀ ଅନ୍ୟ ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ । ଏହାକୁ ଆମ ୱେବ୍‌ସାଇଟ୍: www.ireps.gov.inରେ ଅପ୍‌ଲୋଡ୍ କରାଯାଇଛି ।

CPR/10/345 ଡେପୁଟି ଚିଫ୍ ଇଞ୍ଜିନିୟର/ନିର୍ମାଣ/ବିଳାସପୁରଙ୍କ ପାଇଁ

South East Central Railway @secrail



**GOVERNMENT OF ODISHA**
**OFFICE OF THE EXECUTIVE ENGINEER, JEYPORE (R&B) DIVISION, JEYPORE**

E-mail ID :eerbjeypore@rocketmail.com
ID: ee.randbjyp@gmail.com
Tel & Fax -06854-231 114(O)

e-Procurement Notice
Bid Identification No. E.E (R&B)-02/2019-20/JYP(K)

No. 4118 Date: 30.11.19

No.B-379:- Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

| | | | |
|---|---|---|---|
| 1. | Name of the Work | : | Civil Works as mentioned in DTCN. |
| 2. | No. of Works | : | 01 No. |
| 3. | Estimated Cost | : | Rs. 52.58 lakhs |
| 4. | Period of completion | : | 6 Months |
| 5. | Date & Time of Bidding | : | From 11.00 hours of 10.12.2019 upto 16.00 hours of 25.12.2019. |
| 6. | Last date & time for receipt of bids in portal | : | 16.00 hours of 25.12.2019. |
| 7. | Bids received online shall be opened on | : | 11.00 hours of 26.12.2019. |
| 8. | Name and address of the officer inviting Bid | : | Executive Engineer, Jeypore (R&B) Division, Jeypore |

Further details can be seen from the www.tendersodisha.gov.in.

34027/11/0002/1920 Sd./- Executive Engineer,Jeypore (R&B) Division, Jeypore






**M/s. SOUMIK JEWELS**
1st Floor of Hero Showroom, Dala Chawak
Near SBI Main Branch, Jajpur Road
Jajpur, Odisha-755019
Mob : 6371771930, E-mail: jajpur@sencogold.co.in



**THE ANGUL UNITED CENTRAL CO-OP. BANK, ANGUL**
Regd. No.9D Dt.08.10.1956
Reserve Bank License No.RPCD, Bhubaneswar/14/2011-12 Dt.02.05.2012
At/P.O/Dist. - Angul, In front of Collector's Office, Near NH-55,Telephone No. (06764) 233116, 230350




OUR OFFICE

Sri Bhakteswar Malik, Secretary — Sri Akshaya Ku. Mohanty, President

FACILITIES PROVIDED
- Provide Higher Rate of Interest in Deposits
- Covered under Deposit Insurance Credit Gurantee Scheme
- Issue of Bank Draft all over India.
- Safe Deposit Locker facilities available.
- Kissan Credit Card Loan @1% interest.
- Financing JLG @1% interest upto Rs.50,000/-
- Advancing Farm Mechanization / Agril. Term Loan.
- Issue of Rupay Kissan Credit Card.
- Fully computerized - Core Banking Solution (CBS)
- Direct RTGS / NEFT / IMPS.
- ATM facilities available.
- PACS as One Stop Shop / Multi Service Center
- Provide input facilities to the farmer members through PACS.
- Micro ATM facilities are available at PACS level for Deposit & Drawal.

FINANCIAL HIGH LIGHTS

| PARTICULARS | | 31.03.2019 (Rs. in Crores) |
|---|---|---|
| WORKING CAPITAL | : | 1741.39 |
| DEPOSITS | : | 937.60 |
| LOANS AND ADVANCES | : | 776.91 |
| RESERVES | : | 71.26 |
| INVESTMENTS | : | 847.25 |
| SHARE CAPITAL | : | 78.33 |
| PROFIT | : | 41.10 |
| CRAR | : | 20.81% |
| NO. OF BRANCHES | : | 17 |
| ATM | : | 3 |
| AUDIT CLASSIFICATION | : | A |

ATTRACTIVE DEPOSITS RATES

| Period of Deposit | Rate of interest |
|---|---|
| 7 to 14 days | 4.00% |
| 15 days to 29 days | 4.00% |
| 30 days to 45 days | 5.50% |
| 46 days to 90 days | 6.00% |
| 91 days to 180 days | 6.75% |
| 181 days & less than 1 year | 7.00% |
| 1 year & less than 2 years | 7.25% |
| 2 years & less than 3 years | 7.25% |
| 3 years & less than 5 years | 7.00% |
| 5 years to less than 8 years | 7.00% |
| 8 years to 10 years | 7.00% |
| Senior Citizens :- (Additional) | 0.50% |



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, BALANGIR (R&B) CIRCLE: BALANGIR**
Mail ID : sepwdbalangir@gmail.com
Fax/Ph. No.06652-231866

No.B-370 :-
e - Procurement Notice
BID IDENTIFICATION No: SE(R&B) BGR / 04/ 2019-20

No.4120 Dtd.29.11.2019

1. The Superintending Engineer, Bolangir (R&B) Circle, Bolangir on behalf of Governor of Odisha invites percentage rate bid in double cover system in ONLINE MODE for the construction of works detailed in the table below from A / Special Class Contractors registered with the State Governments and contractors of equivalent Grade/ Class registered with Central Government/ MES/ Railways for execution of Civil works. The proof of registration from the appropriate authority shall be enclosed along with the bid.
2. Nature of Work : Building work
3. No. of tender : Building-02 Nos.
4. Tender Cost : Rs.10,000/-
5. Class of Contractor : A and Special Class.
6. Date & Time of sale & Receipt of Bids : From Dt.09.12.2019, 10.00 A.M. to Dt.23.12.2019 upto 05.00. P.M.
7. Date of opening Bid : Dt.26.12.2019 at 11.00 A.M.
8. The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendum will be available on ONLINE MODE only.

Sd./- Superintending Engineer, Balangir (R&B) Circle, Balangir
34131/11/0005/1920

## ସଂକ୍ଷେପରେ

### ଅଶ୍ଳୀଳ ଭିଡିଓ ଭାଇରାଲ କରି ଯୁବକ ଗିରଫ

**ଡେରାବିଶ, ୩।୧୨(ସ୍ୱ.ପ୍ର.) :** ଏକ ଚୋରା ମୋବାଇଲ ଦ୍ୱାରା ଜଣେ ମହିଳାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରି ଡେରାବିଶ ଥାନା ଅଞ୍ଚଳର ଜଣେ ଯୁବକ ସୋମବାର ରାତିରେ ଗିରଫ ହୋଇଛନ୍ତି । ଗିରଫ ଯୁବକ ଜଣକ ହେଲେ ଥାନା ଅନ୍ତର୍ଗତ ଚାଟରାଶାସନ ଗ୍ରାମର ଲକ୍ଷ୍ମଣ ମଳିକ(୩୨)। ପୋଲିସ ସୂଚନା ଅନୁଯାୟୀ, ଯାଜପୁର ଜିଲା ଅଧୀନ ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ଗତ ସପ୍ତାହରେ ଜଣେ କଲେଜ ଛାତ୍ରୀଙ୍କ ଭ୍ୟାନିଟି ବ୍ୟାଗ ଚୋରି ହୋଇଯାଇଥିଲା। ଏହି ବ୍ୟାଗରେ ଛାତ୍ରୀଙ୍କ ଏକ ଦାମିକିଆ ମୋବାଇଲ ରହିଥିଲା। ଏହି ଚୋରି ଘଟଣା ନେଇ ଛାତ୍ରୀ ଜଣକ ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଥାନା ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ମାତ୍ର ପରେ ଛାତ୍ରୀଙ୍କ ଚୋରି ଯାଇଥିବା ମୋବାଇଲ ନମ୍ବରରୁ ଜଣେ ମହିଳାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ହୋଇଥିଲା। ଏ ସମ୍ପର୍କରେ ଯାଜପୁର ଏସପିଙ୍କ ନିକଟରେ ଅଭିଯୋଗ ହେବା ପରେ ତାଙ୍କ ନିର୍ଦ୍ଦେଶ କ୍ରମେ ଜିଲା ପୋଲିସର ସ୍ପେଶାଲ ସ୍କ୍ୱାଡ୍ ଓ ବାଲିଚନ୍ଦ୍ରପୁର ଥାନା ପକ୍ଷରୁ ମିଳିତ ଭାବେ ତଦନ୍ତ ଆରମ୍ଭ ହୋଇଥିଲା। ସଂପୃକ୍ତ ମୋବାଇଲର ନମ୍ବର ଟ୍ରାକିଂ କରିବା ପରେ ଚୋରି ହୋଇଥିବା ମୋବାଇଲ ଡେରାବିଶ ଥାନା ଅଞ୍ଚଳର ଚାଟରାଶାସନ ଗ୍ରାମରେ ରହିଥିବା ଜଣାଯାଇଥିଲା। ସୋମବାର ରାତିରେ ବାଲିଚନ୍ଦ୍ରପୁର ଥାନା ଅଧିକାରୀ ସୁକାନ୍ତ ପାତ୍ରଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଡେରାବିଶ ଥାନା ଅଧିକାରୀ ଉମାକାନ୍ତ ନାୟକଙ୍କ ସହାୟତାରେ ଅଭିଯୁକ୍ତ ଲକ୍ଷ୍ମଣଙ୍କ ଘରେ ଚଢାଉ କରି ମୋବାଇଲ ଉଦ୍ଧାର କରିଥିଲେ । ଏହି ଘଟଣାରେ ଲକ୍ଷ୍ମଣଙ୍କୁ ଗିରଫ କରାଯାଇଥିଲା ।

### ନିକିରାଇ ଥାନା ଅଞ୍ଚଳରେ ରାହାଜାନି
### ଦମ୍ପତିଙ୍କଠାରୁ ସୁନା ଚେନ, ୨୦ହଜାର ଟଙ୍କା ଲୁଟ୍

ଡେରାବିଶ,୩।୧୨(ସ୍ୱ.ପ୍ର.) ନିକିରାଇ ଥାନା ଅଧୀନ ତିଲୋତ୍ତମାଦେଇପୁର-ଗୁଣ୍ଡୁପୁର ରାସ୍ତାରେ ଶନିବାର ରାହାଜାନି ହୋଇଛି । ଦୁର୍ବୃତ୍ତମାନେ ଏକ ଦମ୍ପତିଙ୍କୁ ବନ୍ଧୁକ ଓ ଭୁଜାଲି ଦେଖାଇ ସୁନା ଚେନ, ନଗଦ ୨୦ହଜାର ଟଙ୍କା ଓ ଦରକାରୀ କାଗଜପତ୍ର ଲୁଟି ନେଇଛନ୍ତି । ଡେରାବିଶ ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ଗ୍ରାମର ପ୍ରମୋଦ କୁମାର ଜେନା (୫୧) ଗତ ଶନିବାର ସନ୍ଧ୍ୟାରେ କେନ୍ଦ୍ରାପଡାର ଏକ ବ୍ୟାଙ୍କରୁ ଟଙ୍କା ଉଠାଇ ସ୍କୁଟିରେ ସ୍ତ୍ରୀଙ୍କୁ ବସାଇ ଘରକୁ ଫେରୁଥିଲେ। ତିଲୋତ୍ତମାଦେଇ- ଗୁଣ୍ଡୁପୁର ରାସ୍ତାର ମାଣିପୁରା ନିକଟ ଏକ ନିଛାଟିଆ ସ୍ଥାନରେ ତିନି ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ପଛ ଆଡୁ ଆସି ପ୍ରମୋଦଙ୍କୁ ଅଟକିବା ପାଇଁ ଧମକ ଦେଇଥିଲେ। ପ୍ରମୋଦ ନ ଅଟକିବାରୁ ବାଇକ୍‌ରେ ବସିଥିବା ଜଣେ ଦୁର୍ବୃତ୍ତ ସ୍କୁଟିକୁ ଗୋଇଠା ମାରିବାରୁ ସେ ଓ ତାଙ୍କ ସ୍ତ୍ରୀ ତଳେ ପଡି ଯାଇଥିଲେ। ପ୍ରମୋଦ ପାଟି କରିବାରୁ ଜଣେ ତାଙ୍କୁ ମାଡି ବସି ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଦେଇଥିଲା। ଅନ୍ୟ ଜଣେ ଦୁର୍ବୃତ୍ତ ପ୍ରମୋଦଙ୍କ ସ୍ତ୍ରୀଙ୍କୁ ଭୁଜାଲି ଦେଖାଇ ବିଭିନ୍ନ ଧମକଚମକ ଦେବା ସହିତ ସେ ବେକରେ ପିନ୍ଧିଥିବା ସୁନା ଚେନକୁ ଛିଣ୍ଡାଇ ନେଇଥିଲା। ଏଥିସହିତ ହାତରେ ଧରିଥିବା ବ୍ୟାଗକୁ ଝାମ୍ପି ନେଇ ବାଇକ୍‌ରେ ଫେରାର ହୋଇଯାଇଥିଲେ। ଉକ୍ତ ବ୍ୟାଗରେ ନଗଦ ୨୦ହଜାର ଟଙ୍କା ସହିତ ଅନ୍ୟାନ୍ୟ ଦରକାରୀ କାଗଜପତ୍ର ରହିଥିଲା। ଏନେଇ ଉଭୟ ନିକିରାଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ପକ୍ଷରୁ ୧୧୬/୧୯ନଂରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରଖିଥିବା ଜଣାଯାଇଛି।

### କାଳିଆ ଟଙ୍କାରୁ ବଞ୍ଚିତ ହିତାଧିକାରୀଙ୍କ ଧାରଣା

**ଡେରାବିଶ,୩।୧୨(ସ୍ୱ.ପ୍ର.) :** କାଳିଆ ଯୋଜନା ହିତାଧିକାରୀ ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ବହୁ ଯୋଗ୍ୟ ବ୍ୟକ୍ତିଙ୍କ ନାମ ତାଲିକାରେ ନ ଥିବା ଓ ପ୍ରକୃତ ଚାଷୀମାନେ କାଳିଆ ଟଙ୍କା ପାଇ ପାରି ନ ଥିବା ଅଭିଯୋଗ କରି ମଙ୍ଗଳବାର ଡେରାବିଶ ବ୍ଲକ ଅନ୍ତର୍ଗତ ନହଙ୍ଗ ପଞ୍ଚାୟତର ଶତାଧିକ ହିତାଧିକାରୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଟଙ୍କା ପାଇବାରୁ ବଞ୍ଚିତ ହୋଇଥିବା ହିତାଧିକାରୀମାନେ ଯୋଜନାର ନୋଡାଲ ଅଫିସରଙ୍କୁ ଘେରାଉ କରିବା ସହିତ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ । ଦାବି ପୂରଣ ନ ହେଲେ ଆମରଣ ଅନଶନ କରାଯିବ ବୋଲି ଧାରଣାକାରୀମାନେ ଚେତାବନୀ ଦେଇଛନ୍ତି। ଚାଷୀ ନରୋତ୍ତମ ନାୟକ, ବଳରାମ ପରିଡା, ଗୋପୀନାଥ ତ୍ରିପାଠୀ, ଶୁକଦେବ ସାହୁ, ବାବାଜୀ ବେହେରା, ଛବି ପାତ୍ର, ବିକ୍ରମ କେଶରୀ ସେଠୀଙ୍କ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ ।

■ଭିତରକନିକାରେ ସ୍ତନ୍ୟପାୟୀ ବନ୍ୟଜନ୍ତୁ ଗଣନା ଶେଷ

# ଚଳିତବର୍ଷ ବନ୍ୟଜନ୍ତୁ ସଂଖ୍ୟା ବଢ଼ିଛି

**ରାଜନଗର,୩।୧୨(ଡି.ଏନ.ଏ.)**




କେନ୍ଦ୍ରାପଡା ଜିଲାର ଭିତରକନିକା ଜାତୀୟ ଉଦ୍ୟାନରେ ରହୁଥିବା ସ୍ତନ୍ୟପାୟୀ ବନ୍ୟଜନ୍ତୁମାନଙ୍କର ଗଣନା ଶେଷ ହୋଇଛି। ଗତମାସ ୨୫ରୁ ୨୭ ତାରିଖ ଯାଏଁ ୩ ଦିନ ଧରି ଚାଲିଥିବା ଗଣନାରେ ଭିତରକନିକାରେ ବନ୍ୟଜନ୍ତୁଙ୍କ ସଂଖ୍ୟା ବଢିଥିବା ରିପୋର୍ଟରୁ ଜଣାପଡିଛି। ଗତବର୍ଷ ଜାତୀୟ ଉଦ୍ୟାନରେ ୭୭୨୮ ବନ୍ୟଜନ୍ତୁ ଥିବା ବେଳେ ଚଳିତବର୍ଷ ଏହି ସଂଖ୍ୟା ୮,୧୦୫କୁ ବୃଦ୍ଧି ପାଇଛି। ବନ୍ୟଜନ୍ତୁଙ୍କ ସଂଖ୍ୟା ବଢିଥିଲେ ମଧ୍ୟ ହରିଣ, ବିଲୁଆ, ଗଧିଆ, ପାଣିଓଧ, ଝିଙ୍କ, ଶାଳିଆପାତନି ଓ ଠେକୁଆଙ୍କ ସଂଖ୍ୟା ହ୍ରାସ ପାଇଛି। ଜଙ୍ଗଲୀ ବାର୍‌ହା, ପାତିମାଙ୍କଡ, ହନୁମାଙ୍କଡ, ବିଲୁଆ, ଫିସିଙ୍ଗ କ୍ୟାଟ, କଟାସ, ନେଉଳ, କୋକି ଶିଆଳଙ୍କ ସଂଖ୍ୟା ବୃଦ୍ଧି ପାଇଛି।

ଚଳିତବର୍ଷ ଭିତରକନିକା ଜାତୀୟ ଉଦ୍ୟାନରେ କନିକା, ରାଜନଗର, ଗହୀରମଥା, ମହାକାଳପଡା ଓ କୁଜଙ୍ଗ ବନ୍ୟପ୍ରାଣୀ ରେଞ୍ଜ ଅଞ୍ଚଳରେ ବାସ କରୁଥିବା ସ୍ତନ୍ୟପାୟୀ ବନ୍ୟଜନ୍ତୁମାନଙ୍କ ଗଣନା କରାଯାଇଥିଲା। ଗଣନା ରିପୋର୍ଟ ଅନୁଯାୟୀ ମୋଟ ଉପରେ ହରିଣଙ୍କ ସଂଖ୍ୟା ୩୧୦୮, ଜଙ୍ଗଲୀ ବାର୍‌ହା ୧୯୨୬, ସମ୍ବର ୧, ହନୁମାଙ୍କଡ ୨୪, ପାତିମାଙ୍କଡ ୨୪୫୦, ବିଲୁଆ ୩୭୧, ମାଛରଙ୍କା ବିରାଡି ୩୧, ଗଧିଆ ୧୦, ଓଧ ୮୯, ବଣବିରାଡି ୬, ନେଉଳ ୩୬, କୋକିଶିଆଳି ୨୮, ଚିତାବିରାଡି ୧, ଝିଙ୍କ ୧୪, ଠେକୁଆ ୨, ଶାଳିଆପାତନୀ ୮ରେ ପହଞ୍ଚିଛି।

କନିକା ରେଞ୍ଜ ଅଞ୍ଚଳରେ ହରିଣ ୧୯୭୬, ଜଙ୍ଗଲୀ ବାର୍‌ହା ୧୦୫୦, ସମ୍ବର ୧, ହନୁମାଙ୍କଡ ୩, ପାତିମାଙ୍କଡ ୧୫୩୬, ବିଲୁଆ ୬୦, ମାଛରଙ୍କା ବିରାଡି ୨୬, ହେଟାବାଘ ୮, ଓଧ ୬୩, ବଣବିରାଡି ୪, ଚିତାବିରାଡି ୧, ନେଉଳ ୨, ଝିଙ୍କ ୧୧କୁ ମିଶାଇ ମୋଟ ୪୭୪୧ ବନ୍ୟଜନ୍ତୁ ଅଛନ୍ତି । ରାଜନଗର ରେଞ୍ଜ ଅଞ୍ଚଳରେ ହରିଣ ୮୦୯, ଜଙ୍ଗଲୀ ବାର୍‌ହା ୪୦୩, ହନୁମାଙ୍କଡ ୧୨, ବିଲୁଆ ୫୬, ପାତିମାଙ୍କଡ ୨୦୫, ମାଛରଙ୍କା ବିରାଡି ୪, ଓଧ ୧୩, ଝିଙ୍କ ୩, ନେଉଳ ୨କୁ ମିଶାଇ ୧୫୦୯ ବନ୍ୟଜନ୍ତୁ ରହିଛନ୍ତି।

ଗହୀରମଥା ରେଞ୍ଜ ଅଞ୍ଚଳରେ ହରିଣ ୧୮, ବାର୍‌ହା ୮୮, ପାତିମାଙ୍କଡ ୧୦୧, ବିଲୁଆ ୧୯କୁ ମିଶାଇ ୨୩୪ ବନ୍ୟଜନ୍ତୁ ରହିଛନ୍ତି। ମହାକାଳପଡା ରେଞ୍ଜ ଅଞ୍ଚଳରେ ହରିଣ ୨୧୮, ଜଙ୍ଗଲୀ ବାର୍‌ହା ୩୨୦, ପାତିମାଙ୍କଡ ୫୨୯, ବିଲୁଆ ୮୫, ମାଛରଙ୍କା ବିରାଡି ୧, ଓଧ ୧୦କୁ ମିଶାଇ ୧୧୬୩ ବନ୍ୟଜନ୍ତୁ ଥିବା ବେଳେ କୁଜଙ୍ଗ ରେଞ୍ଜ ଅଞ୍ଚଳରେ ହରିଣ ୮୭, ଜଙ୍ଗଲୀ ବାର୍‌ହା ୬୫, ହନୁମାଙ୍କଡ ୯, ପାତି ମାଙ୍କଡ ୭୯, ବିଲୁଆ ୧୫୧, ହେଟାବାଘ ୨, ଓଧ ୩, ନେଉଳ ୩୨, କୋକିଶିଆଳି ୨୮, ଠେକୁଆ ୨କୁ ମିଶାଇ ମୋଟ ୪୫୮ ବନ୍ୟଜନ୍ତୁ ରହିଥିବା ଡିଏଫ୍‌ଓ ବିକାଶ ରଞ୍ଜନ ଦାଶ ସୂଚନା ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୋଳଥ ବୋତି**
**କାଳୀ ଗୋଡ଼ରେ ହଳଦୀ ବୋଳିଲେ**
**କଉଡ଼ି କ୍ଷତି ।**

ଯେତେ ବାହ୍ୟ ଉପଚାର କଲେ ବି ଦେହର ପ୍ରକୃତ ରଙ୍ଗ କେବେ ବଦଳିପାରି ନ ଥାଏ। ଶ୍ୟାମଳ ଦେହକୁ ଯେତେ ଘଷିମାଜିଲେ କି ହଳଦୀ ମାଖିଲେ ଦେହର ବର୍ଣ୍ଣ ଗୋରା ହୋଇପାରି ନ ଥାଏ। ସେ ନେଇ କରାଯାଉଥିବା ସକଳ ଚେଷ୍ଟା ବୃଥା ପ୍ରମାଣିତ ହୋଇଥାଏ। ହଳଦୀ ରଙ୍ଗରେ ଶ୍ୟାମଳ ବର୍ଣ୍ଣ ଗୋରା ହୁଏନା ବରଂ ଅର୍ଥ ନଷ୍ଟ ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**କଅଁଳ କାକୁଡ଼ି ବହଳ ଚୋପା**
**କାଟିଦେଲି ପରିବାକୁ**
**ଅଳପ ଦିନକୁ ବହୁତ କଥା**
**ଝୁରି ଝୁରି ମରିବାକୁ ।**

ଅଳ୍ପ ସମୟ ଭିତରେ ବ୍ୟକ୍ତି ଏତେ ଭଲ କାମ କରିଥାଏ ଯେ ମୃତ୍ୟୁବରଣ କଲେ ତା'କଥା ସୁମରିବାକୁ ସମସ୍ତେ ବାଧ ହୁଅନ୍ତି। ତାଙ୍କ ଗୁଣଗ୍ରାମ ଏତେ ମୁଗ୍ଧକର ହୋଇଥାଏ ଯେ ସେ ମରିଗଲା ପରେ ବି ପିତାମାତା, ଜ୍ଞାତିକୁଟୁମ୍ବ, ପରିଜନ ଆଖିରୁ ଲୁହ ଗଡ଼ାଇବା ସହ ବାହୁନିଥାନ୍ତି। ସେମାନେ ଅଳ୍ପଦିନ ମଧ୍ୟରେ ବେଶି ଭଲ କାମ କରି ଭଲ ଗୁଣ ଦେଖେଇ ଚାଲିଯାଆନ୍ତି। ପରୋକ୍ଷରେ ଅଳ୍ପଦିନର ଘନିଷ୍ଠତା ମନରେ ବହୁ ସ୍ମୃତି ସାଇତି କରି ରଖିଦିଏ ଯାହାକି ମନକୁ ଏକାନ୍ତରେ ଘାରି ଦେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି:

# ନାବାଳିକା ଗଙ୍ଗାଙ୍କ ମୃତ୍ୟୁ ସନ୍ଦେହ ଘେରରେ

**ରାଜନଗର,୩।୧୨(ଡି.ଏନ.ଏ.)**

ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ଅଧୀନରେ ଥିବା କେରୁଆଁପାଳ ପଞ୍ଚାୟତ ଗିରିଆପାହି ଗାଁର ସମୀରଣ ପାଳଙ୍କ ୧୫ବର୍ଷର ଝିଅ ଗଙ୍ଗାଙ୍କର ରବିବାର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ପାରିପାର୍ଶ୍ୱିକ ଘଟଣାବଳୀ ଓ ପରିବାର ଲୋକଙ୍କ କଥାରେ ତାଳମେଳ ରହୁ ନ ଥିବାରୁ ସନ୍ଦେହ ପ୍ରକାଶ ପାଇଛି। ଝିଅର ମାଆ ୨ତାରିଖ ପୂର୍ବାହ୍ନ ୧୦ଟା ପରେ ଝିଅକୁ ସାପ କାମୁଡିଥିବା କହୁଥିବା ବେଳେ ବାପା ଥାନାରେ କରିଥିବା ଅଭିଯୋଗରେ ୧ ତାରିଖ ରାତି ୭ଟାରେ ସାପ କାମୁଡିଥିବା କଥା ଉଲ୍ଲେଖ ରହିଛି। ପୋଲିସ ବିଳମ୍ବରେ ଖବରପାଇ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି।

ଅଭିଯୋଗ ଅନୁଯାୟୀ, ୧ ତାରିଖ ସନ୍ଧ୍ୟା ୭ଟା ରେ ପୋଖରୀରେ ଜାଲ ପକାଇବା ସମୟରେ କ'ଣ ଗୋଟେ କାମୁଡିଛି ବୋଲି ଗଙ୍ଗା ଘରେ କହିଥିଲେ। ତାପରେ ଆଉ କୌଣସି ଅସୁବିଧା ହୋଇ ନ ଥିଲା। ୨ ତାରିଖ ସକାଳେ ତାଙ୍କ ବାପା ଧାନ କାଟିବାକୁ ଚାଲି ଯାଇଥିଲେ। ଧାନକାଟି ଫେରିବା ପରେ ଝିଅର ପାଟି ଓ ନାକରୁ ଫେଣ ବାହାରିଥିବା ଦେଖିଥିଲେ । ପରେ ଗଙ୍ଗାଙ୍କୁ ତାଳଚୁଆ ମେଡିକାଲକୁ ନିଆଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ରେଫର କରାଯାଇଥିଲା କିନ୍ତୁ ସେଠାକୁ ନିଆଯିବା ପୂର୍ବରୁ ସେଠାରେ ନାବାଳିକାଙ୍କ ମୃତ୍ୟୁ ହୋଇଥିଲା। ପରିବାର ଲୋକେ ତରବରିଆ ଭାବେ ଘରକୁ ମୃତଦେହ ନେଇ ଆସିଥିଲେ । କିନ୍ତୁ ପରେ ଏ ସଂପର୍କରେ ଗାଁରେ ମୁରବୀମାନଙ୍କୁ ନେଇ ନିଶାପ ହୋଇଥିବାରୁ ଏହି ଘଟଣା ରହସ୍ୟାବୃତ୍ତ ହୋଇ ରହିଛି । ଏନେଇ ତାଳଚୁଆ ସାମୁଦ୍ରିକ ଥାନାରେ ଏକ ଅପମୃତ୍ୟୁ ମାମଲା (୭/୧୯) ରୁଜୁ ହୋଇ ତଦନ୍ତ ଚାଲିଛି ।

# ନାବାଳିକା ବିବାହ ମାମଲାରେ ବୟାନ ରେକର୍ଡ

**କେନ୍ଦ୍ରାପଡା ଅଫିସ, ୩।୧୨**

ଫୋନ ନମ୍ବର ଟ୍ରାକିଂ କରି ସଦର ପୋଲିସ ଏକ ନାବାଳିକା ବିବାହ ମାମଲାରେ ଅଭିଯୁକ୍ତ ଓରଗଳ ଗ୍ରାମର ରାଜକିଶୋର ମଲ୍ଲିକଙ୍କୁ ମଙ୍ଗଳବାର ଗିରଫ କରିଛି। ଏଥିସହିତ ଜେଏମଏଫସି ଶର୍ମିଷ୍ଠା ଜେନାଙ୍କ କୋର୍ଟରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଛି । ଏହି ମାମଲା (ନଂ- ୧୯୦/୧୯) ଅନୁଯାୟୀ, ରାଜକିଶୋର ସଂପୃକ୍ତ ନାବାଳିକାଙ୍କୁ ଗତ ଜୁଲାଇ ମାସରେ ଉଠାଇ ନେଇଥିବା ନେଇ ଥାନାରେ ନାବାଳିକାଙ୍କ ବାପା ଅଭିଯୋଗ କରିଥିଲେ। ଝିଅର ବୟସ ମାତ୍ର ୧୬ ବର୍ଷ ୧୧ ମାସ ହୋଇଥିବା ବେଳେ ବିବାହ ପାଇଁ ଅନୁପଯୁକ୍ତ ବୋଲି ଦର୍ଶାଇଥିଲେ । ଏହି ମାମଲାର ତଦନ୍ତ ଅଧିକାରୀ ଏସଆଇ ରମାକାନ୍ତ ବେହେରା ଫୋନ ଟ୍ରାକିଂ କରି ଜଗତସିଂହପୁର ଜିଲା ପାରଦୀପ ନୂଆଗଡ ଠାରେ ରାଜକିଶୋର ରହୁଥିବା ଜାଣି ପାରିଥିଲେ । ରାଜକିଶୋରଙ୍କ ଜାମିନ ନାମଞ୍ଜୁର ହୋଇଥିବା ବେଳେ ସଂପୃକ୍ତ ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ସବୁ ଯୋଜନା ଅଧୀନରେ ସବୁ ବ୍ୟାଙ୍କରୁ
କମ୍ କିମ୍ବା ଖରାପ CIBIL ସ୍କୋର୍‌ଧାରୀଙ୍କୁ ମଧ୍ୟ ଋଣ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ବ୍ୟବସାୟ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ ୨% ସୁଧ - ୪୦% ରିହାତିରେ
୨୪ ଘଣ୍ଟା ମଧ୍ୟରେ ଘରେ ବସି ପାଆନ୍ତୁ
ସତ୍ୟମ୍ ଫାଇନାନ୍ସ
9953125459 9667227985
Sec-102, Sukh Complex, Noida (Delhi)

NATIONAL FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ସରକାରୀ କର୍ମଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
9473568261

KUBER FINANCE
All Odisha
★ Mudra Loan ★ Cash Credit Loan ★ Vehicle Loan ★ Agriculture Loan ★ Personal Loan ★ Business Loan ★ Mortgage Loan ★ Housing Loan
All types of Loan@ 1% Interest 50% Subsidy Fund Received in 24 Hours
7599779418, 9599068151
B-34/A Block, Vijay Enclave, Burari, New Delhi

MAHESHWARI FINANCE
ବିନା ଗ୍ୟାରେଣ୍ଟିରେ ମହିଳା/ପୁରୁଷ (ଦୋକାନୀ) ୫ ଲକ୍ଷରୁ ୨୫ ଲକ୍ଷ ଲୋନ ୨% ସୁଧ ୫୦% ରିହାତି ମାର୍କଶିଟ୍ ଓ ପ୍ରପର୍ଟି ଲୋନ।
E-mail - maheshwarifinance111@gmail.com
Ph - 9716825082 9716001694

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429 8750311430
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397 9953959390

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ASTROLOGY ASTROLOGY

BUSINESS BUSINESS

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଳେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋଡାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋଡାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ । ସମସ୍ତ ପ୍ରକାର LOAN BARSA FINANCE ଯୋଗାଇ ଦେଉଛି । ସୁଧ=1%
MOB - 9853098838 7656825259 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ASTRO / VASTU
ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
କ'ଣ ଆପଣ ଚିନ୍ତିତ କି ?
2 ଘଣ୍ଟାରେ ୧୦୦% ସମାଧାନ । ତନ୍ତ୍ର ମନ୍ତ୍ରର ସମ୍ରାଟ
ଇଚ୍ଛାନୁସାରେ ବଶୀକରଣ, ପ୍ରେମ ବିବାହ ପାଇଁ ଘରଲୋକଙ୍କୁ ମନାଇବା, ପତିପତ୍ନୀ ମନାନ୍ତର, ସନ୍ତାନ ପ୍ରାପ୍ତି, ବେପାର ବୃଦ୍ଧି, ଶତ୍ରୁ ଦମନ, ବାରମ୍ବାର ବିବାହ ପ୍ରସ୍ତାବ ଭାଙ୍ଗୁଥିଲେ, ପୁରୁଣା ରୋଗର ଔଷଧ କାମ ନ କରିବା ଆଦି ସମସ୍ୟାର ତୁରନ୍ତ ସମାଧାନ କରନ୍ତୁ।
ଯଦି କାହାର ପତି ଓ ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ।
9938991467
BHUBANESWAR-09

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1988ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra

DHARITRI Career appointment Every Wednesday and Saturday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସରେ ଅନେକ ଅନେକ ଶୁଭେଚ୍ଛା। ଏହି ଅବସରରେ ବ୍ରାହ୍ମଣବାଟୀ ଗ୍ରାମପଞ୍ଚାୟତର ଉତ୍ତୋରତ୍ତର କାମନା କରୁଛି।

**ଗାୟତ୍ରୀ ରାଉତରାୟ**

ସରପଞ୍ଚ, ବ୍ରାହ୍ମଣବାଟୀ ଗ୍ରାମପଞ୍ଚାୟତ
କଣ୍ଟାପଡା ବ୍ଲକ



ଧରିତ୍ରୀର ୪୬ତମ ଜନ୍ମଦିନରେ ଉରାଢ ଗ୍ରାମପଞ୍ଚାୟତ ଜନସାଧାରଣଙ୍କୁ ତରଫରୁ ଅନେକ ଅନେକ ଶୁଭେଚ୍ଛା।

**ବିଭୂତି ଭୂଷଣ ସ୍ୱାଇଁ**

ସରପଞ୍ଚ, ଉରାଢ ଗ୍ରାମପଞ୍ଚାୟତ
କଣ୍ଟାପଡା ବ୍ଲକ



ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ଶୁଭେଚ୍ଛା ଜଣାଉଛି। ଏହି ଅବସରରେ କଣ୍ଟାପଡା ବ୍ଲକର ଜନସାଧାରଣଙ୍କ ସୁସ୍ଥ ଜୀବନ କାମନା କରୁଛି।

**ସ୍ମିତାରାଣୀ ସ୍ୱାଇଁ**

କଣ୍ଟାପଡା ବ୍ଲକ ପଞ୍ଚାୟତ ସମିତି ଅଧ୍ୟକ୍ଷା



ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ବାଣପୁରର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଉଛି ।

**ରୋଜାଲିନୀ ସାମନ୍ତରା**

ସରପଞ୍ଚ, ଗାଲୁଆ ପଞ୍ଚାୟତ
ବାଣପୁର



ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ବାଣପୁରର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଉଛି ।

**ମନୋଜ କୁମାର ପ୍ରଧାନ**

ସରପଞ୍ଚ, କୁମାରାଙ୍ଗ,
ବାଣପୁର (ଖୋର୍ଦ୍ଧା)

## ରଶ୍ମି ଟ୍ରେଡର୍ସ, ଆଠଗଡ଼



ଦୈନିକ ଖବରକାଗଜ 'ଧରିତ୍ରୀ'ର ସ୍ୱନକ୍ଷତ୍ର ଉପଲକ୍ଷେ ଅଗଣିତ ପାଠକ, ମାନ୍ୟବର ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀଯୁକ୍ତ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶୁଭେଚ୍ଛା।।

**ରଶ୍ମିପ୍ରଭା ମହାନ୍ତି**

ପ୍ରୋପ୍ରାଇଟର

## ବିଜ୍ଞାପିତ ଅଞ୍ଚଳ ପରିଷଦ (ବାଣପୁର)



ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ବାଣପୁରର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଉଛି ।

**ସନ୍ତୋଷ କୁମାର ନିହାଲ**

କାର୍ଯ୍ୟନିର୍ବାହୀ ଅଧିକାରୀ



ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ବାଣପୁରର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଉଛି ।

**ପ୍ରଫୁଲ କୁମାର ସୁବୁଦ୍ଧି**

କଣ୍ଟ୍ରାକ୍ଟର (ଚମ୍ପାଦେଇପୁର)
ବାଣପୁର (ଖୋର୍ଦ୍ଧା)

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାରକୁ ମୋର ଆନ୍ତରିକ ଶୁଭେଚ୍ଛା। ଏହି ଅବସରରେ ଗୋବିନ୍ଦପୁର ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।



**ଲଲାଟେନ୍ଦୁ ପ୍ରସାଦ ଦାଶ**

ସରପଞ୍ଚ, ଗୋବିନ୍ଦପୁର ଗ୍ରାମପଞ୍ଚାୟତ
କଣ୍ଟାପଡା ବ୍ଲକ

With Best Compliments From

## ଶ୍ରୀ ବାଣେଶ୍ୱର ଡିଗ୍ରୀ କଲେଜ

ବେଣ୍ଟପୁର, ବାଲିଅନ୍ତା, ଖୋର୍ଦ୍ଧା
ମୋ: ୯୯୩୭୭୩୮୦୩୪

| | |
|---|---|
| ଯୁକ୍ତ ୩-କଳା: | ୨୫୬ ସିଟ୍ |
| ଯୁକ୍ତ-୩-ବିଜ୍ଞାନ: | ୧୨୮ ସିଟ୍ |
| ଯୁକ୍ତ-୩-ବାଣିଜ୍ୟ: | ୬୪ ସିଟ୍ |

(ସବୁ ବିଭାଗର ସମସ୍ତ ସିଟ୍‌ରେ ଅନର୍ସ ଅଛି)

ଭଇଁତୁଆ ସେବା ସମବାୟ ସମିତିର ସମସ୍ତ କୃଷି ଓ କୃଷକଙ୍କ ବିକାଶ ପାଇଁ ଆମେ ସଂକଳ୍ପବଦ୍ଧ। ସମବାୟ ଆନ୍ଦୋଳନକୁ ପ୍ରତ୍ୟେକ ଚାଷୀଭାଇଙ୍କ ନିକଟରେ ପହଞ୍ଚାଇବା ଆମର ଲକ୍ଷ୍ୟ।



**ଦେବେନ୍ଦ୍ର କୁମାର ପୃଷ୍ଟି**
ସମ୍ପାଦକ



**ବେଣୁଧର ପରିଡ଼ା**
ସଭାପତି



ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ବାଣପୁରର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଉଛି ।

**ଅମରେନ୍ଦ୍ର ରଣସିଂହ**

ନଂ.–୧୩ ଜିଲ୍ଲା ପରିଷଦ ସଭ୍ୟ
ବାଣପୁର (ଖୋର୍ଦ୍ଧା)



ଧରିତ୍ରୀର ୪୬ତମ ଜନ୍ମଦିନରେ ଶୁଭେଚ୍ଛା ଜଣାଉଛି।

**ବିମାନ ବିହାରୀ ବେହେରା**

ଜଗତସିଂହପୁର ସାଂସଦଙ୍କ
କଣ୍ଟାପଡା ବ୍ଲକ ପ୍ରତିନିଧି

ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଉଛି ।

**M/S. H.L. INFRASTRUCTURE**

Jharpada,
Bhubaneswar





ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସରେ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ।

**ପୁଷ୍ପା ରାଇସ**

ଅଲାରପୁର, କଣ୍ଟାପଡା, ବାଇରୋଇ, କଟକ

See Career Appointment on every Wednesday & Saturday

Classified Display on Every Tuesday and Friday



ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ବାଣପୁରର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଉଛି ।

**ଜିତେନ୍ଦ୍ର କୁମାର ଭୋଳ**

ସରପଞ୍ଚ, ଭେଟେଶ୍ୱର
ବାଣପୁର (ଖୋର୍ଦ୍ଧା)

ଧରିତ୍ରୀ ଖବର କାଗଜର ଉପସ୍ଥାପନା ଶୈଳୀ ନିରପେକ୍ଷ ଉଚ୍ଚକୋଟିର ଅଟେ। ଏହାର ଯାତ୍ରା ଆଗକୁ ଆହୁରି ସୁଗମ କଣ୍ଟକ ରହିତ ହେଉ। ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଉଛି। ଏହି ଅବସରରେ ଏସ୍.ଭି. ନିରତାରରେ ଚିକିତ୍ସାଧିନ ସମସ୍ତ ଅନ୍ତେବାସୀ ଦିବ୍ୟାଙ୍ଗମାନଙ୍କ ସୁସ୍ଥ ଓ ଦୀର୍ଘ ଜୀବନ ସହ ଆରୋଗ୍ୟ କାମନା କରୁଛି।



**ଡା. ଶକ୍ତିପ୍ରସାଦ ଦାସ**

ନିର୍ଦ୍ଦେଶକ
ଏସ୍.ଭି.ନିରତାର, ଓଲଟପୁର, କଟକ

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାରକୁ ମୋର ଆନ୍ତରିକ ଶୁଭେଚ୍ଛା। ଏହି ଅବସରରେ ଉତ୍ତାରଣ ଗ୍ରାମ ପଞ୍ଚାୟତର ସମସ୍ତ ଭାଇ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।



**ମନସ୍ୱିନୀ କାନୁନ୍‌ଗୋ**

ସରପଞ୍ଚ, ଉତ୍ତାରଣ ଗ୍ରାମପଞ୍ଚାୟତ
କଣ୍ଟାପଡା ବ୍ଲକ



Dr. Manoj Dash
Chairman

**ADMISSION OPEN**
Play Group to Class-X




Advantages:
- Best Quality Teaching
- Smart Board enabled Classroom
- International School Partnership
- Dedicated & Seasoned Faculties
- Child Friendly Environment
- CC TV for internal Security
- Transport facility available

**DADHICHI PUBLIC SCHOOL**
AFFILIATED TO CBSE, NEW DELHI
Dadhichi Group of Institutions
Vidyavihar, Sundargram, Cuttack-754002
Ph.: 0671-2856071, 9776555497, 9090146145

Dadhichi Group of Institutions
Public School | +2 Science | ITI | Deploma Engg. | D-Pharm | B-Pharm | M-Pharm



କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସୁରକ୍ଷାରେ ତ୍ରୁଟିକୁ ନେଇ ସିଆର୍‌ପିଏଫ୍‌ର ୩ ଜଣ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସରକାର ନିର୍ଦ୍ଦେଶ ଦେଇଥିବା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ରାଜ୍ୟ ସଭାରେ ଘୋଷଣା କରିଛନ୍ତି।



# ଭୟ କମାଉଛି ବିଳମ୍ବିତ ନ୍ୟାୟ




ହାଇଦ୍ରାବାଦ ଗଣବଳାତ୍କାର ଓ ହତ୍ୟାକାଣ୍ଡ ପ୍ରତିବାଦରେ ମୁମ୍ବାଇର ଜଣେ ଶିଶୁ ପ୍ଲାକାର୍ଡ ଦେଖାଉଛନ୍ତି।




ମୁମ୍ବାଇସ୍ଥିତ ଏକ ପ୍ରାଣୀ ଚିକିତ୍ସା କଲେଜର ଛାତ୍ରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ପରିସଂଖ୍ୟାନ କହେ ପ୍ରତି ୧୫ ମିନିଟରେ ଭାରତର କେଉଁଠି ନା କେଉଁଠି ଜଣେ ମହିଳା ବଳାତ୍କାରର ଶିକାର ହେଉଛନ୍ତି। ୨୦୧୭ରେ ରୁଜୁ ହୋଇଥିବା ମୋଟ ୩୨,୫୫୯ ବଳାତ୍କାର ମାମଲା ମଧ୍ୟରୁ ୨୯୮ ଘଟଣା (୦.୯%) ଏପରି ରହିଛି, ଯେଉଁଠି ପୀଡ଼ିତା ଶିଶୁକନ୍ୟାଙ୍କ ବୟସ ୬ ବର୍ଷରୁ କମ୍। ସେହିପରି ୨.୪% ବଳାତ୍କୃତାଙ୍କ ବୟସ ୬ରୁ ୧୨ ବର୍ଷ। ୧୨-୧୬ ବର୍ଷର ଝିଅ ୧୧.୨%, ୧୬-୧୮ ବର୍ଷୀୟା ଯୁବତୀ ୧୫.୯%, ୩୦-୪୫ ବର୍ଷର ମହିଳା ୧୭.୫% ଯୌନ ବିକୃତିକୁ ସାମ୍ନା କରିଛନ୍ତି। ଅନୁରୂପ ଭାବେ ୧.୫% ପୀଡ଼ିତାଙ୍କ ବୟସ ୪୫ରୁ ୫୦ ବର୍ଷ ଭିତରେ ହୋଇଥିବାବେଳେ ୬୦ ବର୍ଷରୁ କମ୍ ବୟସର ୦.୪% ମହିଳା ବଳାତ୍କାରର ଶିକାର ହୋଇଛନ୍ତି। ଅର୍ଦ୍ଧାଧିକ ଅର୍ଥାତ୍ ୫୦.୨% ପୀଡ଼ିତାଙ୍କ ବୟସ ୧୮ରୁ ୩୦ ବର୍ଷ ଭିତରେ ବୋଲି ଗତ ଅକ୍ଟୋବର ୨୮ରେ ପ୍ରକାଶିତ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ରିପୋର୍ଟରେ ଦର୍ଶାଯାଇଛି।**

## ଦିଲ୍ଲୀ, ହାଇଦ୍ରାବାଦ ପୀଡ଼ିତାଙ୍କ ମଧ୍ୟରେ ଅନେକ ସାମଞ୍ଜସ୍ୟ

**ନୂଆଦିଲ୍ଲୀ,୩।୧୨**

କୁହାଯାଏ ବିଳମ୍ବିତ ନ୍ୟାୟ ହେଉଛି ବିଡ଼ମ୍ବିତ ନ୍ୟାୟ। ଅର୍ଥାତ୍ ବିଳମ୍ବରେ ନ୍ୟାୟ ମିଳିଲେ ତାହା ନ୍ୟାୟ ନ ମିଳିବା ସହ ସମାନ। ଅଭିଯୁକ୍ତଙ୍କୁ ଆଇନର କାଠଗଡ଼ାରେ ଛିଡ଼ା କରାଇ ଦୋଷୀ ସାବ୍ୟସ୍ତ କରିଦେଲେ କାମ ସରିଯାଏ ନାହିଁ। ବଳାତ୍କାରୀଙ୍କୁ ଫାଶୀଖୁଣ୍ଟରେ ଝୁଲା ନ ଯିବା ଯାଏ ବର୍ବରତାର ଶିକାର ହୋଇଥିବା ନିରୀହ ପୀଡ଼ିତାଙ୍କ ଆତ୍ମାକୁ ଶାନ୍ତି ମିଳେ ନାହିଁ। ଅନ୍ୟପକ୍ଷେ ଥାନାରୁ ନେଇ ସୁପ୍ରିମକୋର୍ଟ ଯାଏ ପୀଡ଼ିତାଙ୍କ ପରିବାର ଧାଉଁଥିବାବେଳେ ଆଇନକୁ ବେଖାତିର ଯୌନ ବିକୃତ ମଣିଷ ଘଟାଇ ଚାଲିଥାଏ ଗୋଟିଏ ପରେ ଗୋଟିଏ ଜଘନ୍ୟ କାଣ୍ଡ। ୨୦୧୨ ଡିସେମ୍ବର ୧୬ରେ ଦିଲ୍ଲୀରେ ନିର୍ଭୟା କାଣ୍ଡ ଭିଆଇଥିବା ବଳାତ୍କାରୀମାନେ ଏବେ ବି ଜୀବିତ। ତିହାର ଜେଲରେ ଘାତକ ନ ଥିବାରୁ ସେମାନଙ୍କ ଆୟୁଷ ବଢ଼ି ବଢ଼ି ଚାଲିଛି। ସମ୍ଭବତଃ ଏହା ଏକ ଦୃଷ୍ଟାନ୍ତ ଭାବେ ଘୃଣ୍ୟ ମାନସିକତା ସମ୍ପନ୍ନ ପୁରୁଷଙ୍କୁ ପରୋକ୍ଷରେ କୁକାର୍ଯ୍ୟ କରିବା ପାଇଁ ପ୍ରେରିତ କରୁଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଦ୍ରୁତ ନ୍ୟାୟ ମର୍ଯ୍ୟାଦାର ସହ ଜୀବନ ବିତାଇବା ନିମନ୍ତେ କେବଳ ଏକ ଅଧିକାର ନୁହେଁ, ବରଂ ଏହାସହ ଆଇନର ଅବ୍ୟର୍ଥତା ମଧ୍ୟ। ୨୦୧୨ ନିର୍ଭୟା ଗଣବଳାତ୍କାର ମାମଲାର ରିପୋର୍ଟ ଉପସଂହାରରେ ଜଷ୍ଟିସ୍ ଜେ.ଏସ୍. ବର୍ମା କମିଟି ଏହା ଉଲ୍ଲେଖ କରିଥିଲେ। ଏହି ମାମଲା ଅଦ୍ୟାବଧି ଶେଷ ହୋଇନାହିଁ। ୨୦୧୨ ଦିଲ୍ଲୀ ଗଣବଳାତ୍କାର ପୀଡ଼ିତା ଓ ହାଇଦ୍ରାବାଦ ଗଣବଳାତ୍କାର ପୀଡ଼ିତାଙ୍କ ମଧ୍ୟରେ କେତେକ ସାମଞ୍ଜସ୍ୟ ରହିଛି। ଉଭୟଙ୍କ ପେସା ଥିଲା ଡାକ୍ତରୀ। ନିର୍ଭୟା ପାରାମେଡିକାଲ ଛାତ୍ରୀ ହୋଇଥିବାବେଳେ ହାଇଦ୍ରାବାଦ ପୀଡ଼ିତା ଜଣେ ପ୍ରାଣୀ ଚିକିତ୍ସକ। ଉଭୟେ ଗଣବଳାତ୍କାରର ଶିକାର ହେବା ପରେ ପରିବହନ କ୍ଷେତ୍ରରେ କାର୍ଯ୍ୟରତ କାମାସକ୍ତ ବ୍ୟକ୍ତିଙ୍କ ଦ୍ୱାରା ପୋଡ଼ିହୋଇ ଜୀବନ ହାରିଥିଲେ। ତେଣୁ ଦୁଇଟିଯାକ ମାମଲାର ପରିଣାମ ସମାନ ନ ହୋଇ ହାଇଦ୍ରାବାଦ ପୀଡ଼ିତାଙ୍କ ବଳାତ୍କାରୀଙ୍କୁ ତୁରନ୍ତ ଫାଶୀ ଦିଆଯାଉ ବୋଲି ସାଧାରଣରେ ଆକ୍ରୋଶ ଓ କ୍ଷୋଭ ଦେଖିବାକୁ ମିଳିଛି।

## ଘାତକ ଖୋଜୁଛି ତିହାର ଜେଲ
# ନିର୍ଭୟା ବଳାତ୍କାରୀଙ୍କୁ ଖୁବ୍‌ଶୀଘ୍ର ଫାଶୀ

**ନୂଆଦିଲ୍ଲୀ,୩।୧୨**

ଦିଲ୍ଲୀର ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାରେ ଅପରାଧୀଙ୍କୁ ଖୁବ୍‌ଶୀଘ୍ର ଫାଶୀ ମିଳିବାକୁ ଯାଉଛି। ତେବେ ତିହାର ଜେଲରେ ଘାତକ ନ ଥିବାରୁ ଜେଲ କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ିଯାଇଛି। ଦିଲ୍ଲୀ ରାଜ୍ୟପାଳ ଅପରାଧୀ ବିନୟ କୁମାରଙ୍କ କ୍ଷମା ଆବେଦନକୁ ଅଗ୍ରାହ୍ୟ କରିସାରିଛନ୍ତି। ରାଷ୍ଟ୍ରପତି କ୍ଷମା ଆବେଦନ ଅଗ୍ରାହ୍ୟ କଲା ପରେ ଫାଶୀ ଦେବା ପାଇଁ କୋର୍ଟ ବ୍ଲାକ୍ ୱାରେଣ୍ଟ ଜାରି କରିବେ। ତେଣୁ ମାସକ ମଧ୍ୟରେ ଯେକୌଣସି ଦିନ ଅପରାଧୀମାନଙ୍କୁ ଫାଶୀ ମିଳିପାରେ ବୋଲି ଜେଲ ଅଧିକାରୀମାନେ ଆଶଙ୍କା କରୁଛନ୍ତି।

ପାର୍ଲାମେଣ୍ଟ ଭବନ ଆକ୍ରମଣକାରୀ ଅଫଜଲ ଗୁରୁଙ୍କୁ ଫାଶୀ ଦେବା ପାଇଁ ରାତାରାତ ନିଷ୍ପତ୍ତି ହେବାରୁ ତିହାର ପ୍ରଶାସନ ଅଡୁଆରେ ପଡିଥିଲେ। ସେତେବେଳେ ଜଣେ ଜେଲ ଅଧିକାରୀ ଲିଭର ଟାଣିବା ପାଇଁ ରାଜି ହୋଇଥିଲେ ବୋଲି ଏକ ସୂତ୍ରରୁ ଜଣାପଡିଛି। ଏଥର ସେଭଳି ସ୍ଥିତି ନ ଘଟିବା ପାଇଁ ତିହାର କର୍ତ୍ତୃପକ୍ଷ ଅନ୍ୟ ଜେଲ୍‌ରୁ ଘାତକ ସନ୍ଧାନରେ ଅଛନ୍ତି। ଏହା ପୂର୍ବରୁ ଯେଉଁ ଘାତକ ଫାଶୀ ଦେଉଥିଲେ ତାଙ୍କୁ ପାଇବା ପାଇଁ ଉତ୍ତରପ୍ରଦେଶର କେତେକ ଗାଁରେ ଖୋଜାଖୋଜି କରାଯାଉଛି। ବିରଳରୁ ବିରଳତମ ମାମଲାରେ ଫାଶୀଦଣ୍ଡ ଦିଆଯାଉଥିବାରୁ ଏଥର ମଧ୍ୟ ତିହାର ଜେଲ କର୍ତ୍ତୃପକ୍ଷ ସ୍ଥାୟୀ ଘାତକ ନିଯୁକ୍ତି ନ କରି ଗୋଟିଏ ଥର ପାଇଁ ଠିକାରେ ନିଯୁକ୍ତି ଦେବାକୁ ଚାହୁଁଛନ୍ତି। ସ୍ଥାୟୀ ଘାତକ ମିଳିବା ସମ୍ଭବ ହେଉ ନ ଥିବା ଜଣେ ଜେଲ୍ ଅଧିକାରୀ କହିଛନ୍ତି।

ନିର୍ଭୟା ମାମଲାରେ ୪ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରାଯାଇ ଫାଶୀ ଦଣ୍ଡାଦେଶ ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ କେବଳ ବିନୟ କୁମାର ରାଜକ୍ଷମା ପାଇଁ ଆବେଦନ କରିଥିଲେ। ତିହାର କର୍ତ୍ତୃପକ୍ଷ ଏହାକୁ ଦିଲ୍ଲୀ ସରକାରଙ୍କ ପାଖକୁ ପଠାଇଦେଇଥିଲେ। ଦିଲ୍ଲୀ ସରକାରଙ୍କ ସୁପାରିସ କ୍ରମେ ଉପରାଜ୍ୟପାଳ ଅନିଲ ବୈଜଲ କ୍ଷମା ଆବେଦନକୁ ଖାରଜ କରିଦେଇଛନ୍ତି। ଏହା ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କଲେ ଏ ସମ୍ପର୍କରେ ତିହାର କର୍ତ୍ତୃପକ୍ଷଙ୍କୁ ଜଣାଇଦିଆଯିବ।



ଜେଲ୍ କର୍ତ୍ତୃପକ୍ଷ ଏ ସମ୍ପର୍କରେ କୋର୍ଟଙ୍କୁ ଜଣାଇ ବ୍ଲାକ୍ ୱାରେଣ୍ଟ ଜାରି ପାଇଁ ଅନୁରୋଧ କରିବେ। ବ୍ଲାକ୍ ୱାରେଣ୍ଟ ଜାରି ହେବା ପରେ ଅପରାଧୀ ଓ ତାଙ୍କ ପରିବାରଙ୍କୁ ଫାଶୀ ଦିଆଯିବା ସମ୍ପର୍କରେ ଜଣାଇଦିଆଯିବ। ଅନ୍ୟ ଅପରାଧୀ ମୁକେଶ, ପଓ୍ବନ ଏବଂ ଅକ୍ଷୟ କ୍ଷମା ଆବେଦନ କରି ନ ଥିଲେ।

୨୦୧୨ ଡିସେମ୍ବର ୧୬ ରାତିରେ ଦକ୍ଷିଣ ଦିଲ୍ଲୀର ବସନ୍ତ ବିହାର ଅଞ୍ଚଳରେ ପାରାମେଡିକ୍ ଛାତ୍ରୀଙ୍କୁ ଚଳନ୍ତା ବସ୍‌ରେ ଗଣବଳାତ୍କାର ପରେ ହତ୍ୟା କରାଯାଇଥିଲା। ଏହି ଘଟଣାରେ ୬ ଅଭିଯୁକ୍ତଙ୍କ ମଧ୍ୟରୁ ରାମ ସିଂ ତିହାର ଜେଲ୍‌ରେ ଆତ୍ମହତ୍ୟା କରିଥିଲେ। ନାବାଳକ ଅପରାଧୀଙ୍କ ବିଚାର ଜୁଭେନାଇଲ ଜଷ୍ଟିସ୍ କୋର୍ଟରେ ହୋଇ ଦଣ୍ଡବିଧାନ କରାଯାଇଥିଲା। ଅନ୍ୟ ୪ ଜଣଙ୍କୁ ତଳକୋର୍ଟ ଦୋଷୀସାବ୍ୟସ୍ତ କରି ମୃତ୍ୟୁ ଦଣ୍ଡାଦେଶ ଦେଇଥିବାବେଳେ ଗତବର୍ଷ ସୁପ୍ରିମକୋର୍ଟ ଏହାକୁ କାଏମ ରଖିଥିଲେ।

## ନାବାଳିକାଙ୍କୁ ବଳାତ୍କାର, ହତ୍ୟା

**ବେଙ୍ଗାଲୁରୁ, ୩।୧୨**

କର୍ନାଟକର ଚିଟୋଲି ତାଲୁକ ଅନ୍ତର୍ଗତ ସୁଲେପେଟ୍‌ରେ ଜଣେ ନାବାଳିକା(୯)ଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି। ସୋମବାର ସନ୍ଧ୍ୟାରୁ ସେ ନିଖୋଜ ଥିଲେ। ସାଙ୍ଗ ସହ ଖେଳିବାକୁ ଯାଇଥିବା ବେଳେ ଘରକୁ ଫେରି ନ ଥିଲେ। ସୋମବାର ରାତିରେ ତାଙ୍କ ରକ୍ତଭିଜା ଉଲଗ୍ନ ମରଶରୀରକୁ ପୋଲିସ ଗାଁ ପାଖ ଏକ ପୋଖରୀ ନିକଟରୁ ଉଦ୍ଧାର କରିଛି। କେହି ତାଙ୍କୁ ବଳାତ୍କାର କରିବା ପରେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏନେଇ ୟାଲାପ୍ପା ମହାଦେବପ୍ପା ସେଦାମ୍(୩୪) ନାମକ ଜଣେ ଟେଲରଙ୍କୁ



ପୋଲସ ଗିରଫ କରିଛି। ନାବାଳିକା ଜଣକୁ ସେ କିଛି ଖାଇବାକୁ ଦେଇ ବିଲ ଭିତରକୁ ନେଇ ଏଭଳି କାଣ୍ଡ ରଚିଥିବା ପୋଲିସ ଅଭିଯୋଗ କରିଛି। ଏହାକୁ ନେଇ ସୁଲେପେଟ୍ ଗ୍ରାମରେ ଉତ୍ତେଜନା ଲାଗିରହିଛି। ବଳାତ୍କାରୀଙ୍କୁ କଠୋର ଦଣ୍ଡ ଦାବିରେ ଶତାଧିକ ଲୋକ ରାସ୍ତା ଅବରୋଧ କରି ବିକ୍ଷୋଭ କରିଛନ୍ତି।

## ଏକୁଟିଆ ଦେଖି ବୃଦ୍ଧାଙ୍କୁ ବଳାତ୍କାର

**ସୋନେଭଦ୍ର, ୩।୧୨**

ଉତ୍ତରପ୍ରଦେଶର ସୋନେଭଦ୍ର ଜିଲାରେ ଜଣେ ୭୦ ବର୍ଷୀୟା ବୃଦ୍ଧାଙ୍କୁ ଜଣେ ମଦ୍ୟପ ଯୁବକ(୨୭) ଘରେ କେହି ନ ଥିବାର ସୁଯୋଗ ନେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ପୀଡ଼ିତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତିକରାଯାଇଥିବା ବେଳେ ଅଭିଯୁକ୍ତ ରାମ କିଷନଙ୍କୁ ପୋଲିସ ଗିରଫ କରିଛି। ରାମ କିଷନ ଜଣେ ରଙ୍ଗମିସ୍ତ୍ରୀ ଓ ସେ ୨ ପିଲାଙ୍କ ବାପା। ସେ ମଦ ନିଶାରେ ବୃଦ୍ଧାଙ୍କୁ ଏକୁଟିଆ ପାଇ ଏଭଳି କାଣ୍ଡ କରିଥିବା ଆନ୍‌ପାର ପୋଲିସ ଷ୍ଟେଶନ ଏସ୍ଏଚ୍ଓ ଶୈଳେଶ କୁମାର ରାୟ କହିଛନ୍ତି।

## ରାଜ୍ୟ ସଭାରେ ଏସ୍‌ପିଜି ବିଲ୍ ଗୃହୀତ



କେବଳ ଗାନ୍ଧୀ ପରିବାର ନୁହେଁ, ସମସ୍ତ ୧୩୦ କୋଟି ଭାରତୀୟଙ୍କ ସୁରକ୍ଷା ପାଇଁ ସରକାର ଚିନ୍ତିତ। -ଅମିତ୍ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ

**ନୂଆଦିଲ୍ଲୀ,୩।୧୨(ପି.ଟି.)**

### କଂଗ୍ରେସର କକ୍ଷତ୍ୟାଗ

ଏସ୍‌ପିଜି ସଂଶୋଧନ ବିଲ୍ ମଙ୍ଗଳବାର ରାଜ୍ୟ ସଭାରେ ଗୃହୀତ ହୋଇଯାଇଛି। ଏହା ଏକ ରାଜନୈତିକ ଷଡ଼ଯନ୍ତ୍ର ବୋଲି ବିରୋଧୀ ଦଳଗୁଡିକ କରିଥିବା ଅଭିଯୋଗକୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ପ୍ରତ୍ୟାଖ୍ୟାନ କରିଥିଲେ। କେବଳ ଗାନ୍ଧୀ ପରିବାର ନୁହେଁ, ସମସ୍ତ ୧୩୦ କୋଟି ଭାରତୀୟଙ୍କ ସୁରକ୍ଷା ପାଇଁ ସରକାର ଚିନ୍ତିତ ବୋଲି ଶାହା କହିଥିଲେ। ସରକାର ଉଦ୍ଦେଶ୍ୟମୂଳକ ଭାବେ କୌଣସି ପଦକ୍ଷେପ ନେଉନାହାନ୍ତି। ଅତୀତରେ କଂଗ୍ରେସ ଏଭଳି କେତେକ ନିଷ୍ପତ୍ତି ନେଇଥିବା ସ୍ୱରାଷ୍ଟ୍ରମନ୍ତ୍ରୀ କହିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓ, ଆଇ.କେ. ଗୁଜରାଲ, ଚନ୍ଦ୍ରଶେଖର, ଏଚ୍.ଡି. ଦେବେଗୌଡା ଏବଂ ମନମୋହନ ସିଂଙ୍କ ସୁରକ୍ଷାର ସମୀକ୍ଷା ବେଳେ କୌଣସି ଆଲୋଚନା ହୋଇ ନ ଥିଲା। ସୁରକ୍ଷା କାହାର ବ୍ୟକ୍ତିଗତ ପ୍ରତିଷ୍ଠାର ପ୍ରତୀକ ଭାବେ ଦେଖାଯିବା ଉଚିତ ନୁହେଁ ବୋଲି ଶାହା କହିଥିଲେ। ଏସ୍‌ପିଜି ଆଇନରେ ସଂଶୋଧନକୁ ବିରୋଧ କରି କଂଗ୍ରେସ କକ୍ଷତ୍ୟାଗ କରିଥିଲା।

### ଗୃହରେ ପିଆଜ ଝଡ଼

ପିଆଜର ଆକାଶଛୁଆଁ ଦରବୃଦ୍ଧିକୁ ନେଇ ମଙ୍ଗଳବାର ରାଜ୍ୟ ସଭାରେ ତୁମ୍ବିତୋଫାନ ହୋଇଛି। ପିଆଜ ଦର ହୁହୁ ହୋଇ ବଢୁଥିବାବେଳେ ସରକାର ନୀରବଦ୍ରଷ୍ଟା ସାଜିଥିବାରୁ ମହଜୁଦକାରୀ ପରିସ୍ଥିତିର ଫାଇଦା ଉଠାଉଥିବା ସଦସ୍ୟମାନେ ଅଭିଯୋଗ କରିଥିଲେ। ଦେଶର ବିଭିନ୍ନ ସ୍ଥାନରେ ପିଆଜ ଦର ୧୨୦ ଟଙ୍କା ଛୁଇଁଲାଣି ବୋଲି ଶୂନ୍ୟକାଳରେ ସିପିଏମ୍ ସଦସ୍ୟ କେ.କେ. ରାଗେଶ କହିଥିଲେ। ଗୋଦାମରେ ୩୨ ହଜାର ଟନ୍ ପିଆଜ ପଚିଗଲା। ଏହାକୁ ବଜାରକୁ ଛଡ଼ାଯାଇଥିଲେ ଦରକୁ ନିୟନ୍ତ୍ରଣ କରାଯାଇପାରିଥାନ୍ତା ବୋଲି ସେ କହିଥିଲେ। ପ୍ରତିବର୍ଷ ଅକ୍ଟୋବର-ନଭେମ୍ବରରେ ପିଆଜ ଦର ବଢୁଥିବା ଜାଣି ମଧ୍ୟ ସରକାର କୌଣସି ପଦକ୍ଷେପ ନ ନେବା ଦୁର୍ଭାଗ୍ୟଜନକ ବୋଲି ସିପିଏମ୍ ଏମ୍‌ପି କହିଥିଲେ। ପିଆଜ ଦର କମାଇବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ।

## ଅନୁପସ୍ଥିତ ଏମ୍‌ପିଙ୍କୁ ମିଳିବନି ପ୍ରଶ୍ନ ପଚାରିବା ସୁଯୋଗ

**ନୂଆଦିଲ୍ଲୀ,୩।୧୨(ପି.ଟି.)**

ପ୍ରଶ୍ନୋତ୍ତର କାଳରେ ଯେଉଁ ଏମ୍‌ପିମାନେ ପ୍ରଶ୍ନ ପଚାରିବାକୁ ନାଁ ଦେଉଛନ୍ତି, ସେମାନେ ଅନୁପସ୍ଥିତ ରହିଲେ ଅଧିବେଶନର ଅବଶିଷ୍ଟ ସମୟରେ ପ୍ରଶ୍ନ ପଚାରିବାକୁ ସେମାନଙ୍କୁ ସୁଯୋଗ ମିଳିବ ନାହିଁ ବୋଲି ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ମଙ୍ଗଳବାର ଘୋଷଣା କରିଛନ୍ତି। ଶିବସେନା ଏମ୍‌ପି ପ୍ରତାପରାଓ ଗଣପତରାଓ ଯାଦବ ରସାୟନ ଓ ସାର ମନ୍ତ୍ରଣାଳୟ ସମ୍ପର୍କରେ ପ୍ରଶ୍ନ ପଚାରିବାକୁ ନାଁ ଦେଇ ଅନୁପସ୍ଥିତ ରହିବାରୁ ବାଚସ୍ପତି ଏଭଳି ରୁଲିଂ ଜାରି କରିଥିଲେ। ଭାଜପା ଏମ୍‌ପିମାନେ ଅନୁପସ୍ଥିତ ରହୁଥିବା ପ୍ରସଙ୍ଗ ମଙ୍ଗଳବାର ସଂସଦୀୟ ଦଳ ବୈଠକରେ ଉଠିଥିଲା। ଏନେଇ ପ୍ରଧାନମନ୍ତ୍ରୀଙ୍କ ଅସନ୍ତୋଷ ସମ୍ପର୍କରେ ବରିଷ୍ଠ ନେତା ରାଜନାଥ ସିଂ ଜଣାଇଥିଲେ। ନାଗରିକତା (ସଂଶୋଧନ) ବିଲ୍ ସମେତ କେତେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଗତ ହେବାକୁ ଥିବାରୁ ବହୁସଂଖ୍ୟାରେ ଉପସ୍ଥିତ ରହିବାକୁ ରାଜନାଥ ଦଳୀୟ ସଦସ୍ୟମାନଙ୍କୁ କହିଥିଲେ।

## ଚାଇନା ଜାହାଜକୁ ତଡ଼ିଲା ନୌସେନା

**ନୂଆଦିଲ୍ଲୀ,୩।୧୨:** ଚାଇନା ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ)ର ଏକ ଜାହାଜ ବିନା ଅନୁମତିରେ ଭାରତୀୟ ଜଳରାଶିରେ ପ୍ରବେଶ କରିଥିଲା। ଭାରତୀୟ ନୌସେନା ଏହାକୁ ତଡ଼ିଥିଲା ବୋଲି ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଆଡମିରାଲ କରମବୀର ସିଂ ପ୍ରକାଶ କରିଛନ୍ତି। ସେପ୍ଟେମ୍ବରରେ ଆଣ୍ଡାମାନ ସାଗରରେ ଥିବା ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ ମଧ୍ୟକୁ ଚାଇନା ପିଏଲ୍ଏର ଏକ ଗବେଷଣା ଜାହାଜ ଶି ୟାନ୍ ୧ ପଶିଆସିଥିଲା। ଏହା ପୋର୍ଟ ବ୍ଲେୟାର



ନିକଟରେ ଗବେଷଣା ଚଳାଇଥିଲା। ବିନା ଅନୁମତିରେ ପ୍ରବେଶ କରିଥିବା ଉକ୍ତ ଜାହାଜ ଗୁପ୍ତଚର ବୃତ୍ତିରେ ନିୟୋଜିତ ଥାଇପାରେ ବୋଲି ଆଶଙ୍କା କରାଯାଇଥିଲା। ନୌସେନାର ବିରୋଧ ଯୋଗୁ ଏହା ଫେରିଯିବାକୁ ବାଧ୍ୟ ହୋଇଥିଲା ବୋଲି ଆଡମିରାଲ କରମବୀର କହିଛନ୍ତି।

### ସଂକ୍ଷେପରେ

## ପାକିସ୍ତାନର ସେଲ୍ ମାଡ଼ରେ ୨ ମୃତ

**ଜମ୍ମୁ,୩।୧୨(ପି.ଟି.):** ଜମ୍ମୁ-କଶ୍ମୀରର ପୁଞ୍ଛ୍ ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା (ଏଲ୍ଓସି) ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକ ଉପରେ ମଙ୍ଗଳବାର ପାକିସ୍ତାନୀ ସେନା ସେଲ୍ ମାଡ଼ କରିବାରୁ ୧୬ ବର୍ଷର ବାଳକ ଓ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି ଏବଂ ୯ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ୨ ଜଣ ମହିଳା ଓ ଜଣେ ଶିଶୁ ଅଛନ୍ତି। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ କେତେଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି। ଭାରତୀୟ ସେନା ପକ୍ଷରୁ ପାଲଟା ଜବାବ ଦିଆଯାଇଥିଲେ ହେଁ ପାକିସ୍ତାନୀ ପକ୍ଷର ମୃତାହତଙ୍କ ସମ୍ପର୍କରେ ଜଣାପଡିନାହିଁ। ଅପରାହ୍ନ ୨ଟା ୩୦ ସମୟରେ ପାକିସ୍ତାନୀ ସେନା ଶାହପୁର ଏବଂ କିର୍ନି ସେକ୍ଟରରେ ଅସ୍ତ୍ରବିରତି ଉଲ୍ଲଂଘନ କରି ସେଲ୍ ଓ ମୋର୍ଟାର ମାଡ଼ କରିଥିଲା ବୋଲି ସେନା ମୁଖପାତ୍ର ସୂଚନା ଦେଇଛନ୍ତି।

## ଲାଲୁ ଆର୍‌ଜେଡି ଅଧ୍ୟକ୍ଷ ପୁନଃ ନିର୍ବାଚିତ



**ପାଟନା,୩।୧୨(ପି.ଟି.):** ଜେଲ୍‌ରେ ଥିବା ଲାଲୁପ୍ରସାଦ ଯାଦବ କ୍ରମାଗତ ଏକାଦଶ ଥର ପାଇଁ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଅଧ୍ୟକ୍ଷ ଭାବେ ମଙ୍ଗଳବାର ପୁନଃ ନିର୍ବାଚିତ ହୋଇଛନ୍ତି। ୧୯୯୭ରେ ଆରଜେଡି ପ୍ରତିଷ୍ଠା କରିଥିବା ଲାଲୁ ଗୋଖାଦ୍ୟ ଦୁର୍ନୀତି ମାମଲାରେ ଦୋଷୀସାବ୍ୟସ୍ତ ହୋଇ ଏବେ ରାଞ୍ଚି ଜେଲ୍‌ରେ ଅଛନ୍ତି। ତାଙ୍କ ତରଫରୁ ପୁଅ ତେଜସ୍ୱୀ ଯାଦବ ଓ ତେଜପ୍ରତାପ ଆର୍‌ଜେଡି ମୁଖ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିଥିଲେ। ସେ ନିର୍ଦ୍ୱନ୍ଦ୍ୱରେ ଦଳ ଅଧ୍ୟକ୍ଷ ନିର୍ବାଚିତ ହୋଇଥିବା ଆର୍‌ଜେଡି ପକ୍ଷରୁ ଘୋଷଣା କରାଯାଇଛି।

## ଜୁନ୍‌ରୁ 'ଗୋଟିଏ ରାଷ୍ଟ୍ର ଗୋଟିଏ ରାଶନ କାର୍ଡ'



**ନୂଆଦିଲ୍ଲୀ,୩।୧୨(ପି.ଟି.):** ଆସନ୍ତା ବର୍ଷ ଜୁନ୍ ୧ରୁ ସାରା ଦେଶରେ 'ୱାନ୍ ନେଶନ ୱାନ୍ ରାଶନ କାର୍ଡ' ନୀତି କାର୍ଯ୍ୟକାରୀ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ରାମବିଳାସ ପାଶ୍ୱାନ ମଙ୍ଗଳବାର କହିଛନ୍ତି। ଏହାଦ୍ୱାରା ଯୋଗ୍ୟ ହିତାଧିକାରୀ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ କଣ୍ଟ୍ରୋଲ ଦୋକାନରୁ ସେମାନଙ୍କ ନ୍ୟାଯ୍ୟ ପ୍ରାପ୍ୟ ପାଇପାରିବେ। ଇଲେକ୍ଟ୍ରୋନିକ୍ ପଏଣ୍ଟ ଅଫ୍ ସେଲ୍ (ଇପିଓଏସ୍)ଗୁଡ଼ିକରେ ବାୟୋମେଟ୍ରିକ ବା ଆଧାର ପ୍ରାମାଣିକତା ଉପକରଣ ସ୍ଥାପନ ହେବା ପରେ ଏହି ପଦକ୍ଷେପ ଗ୍ରହଣ କରାଯିବ ବୋଲି ଲୋକ ସଭାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କହିଛନ୍ତି। ଏହାଦ୍ୱାରା କାମ ପାଇଁ ବିଭିନ୍ନ ସ୍ଥାନକୁ ଯାଉଥିବା ଦାଦନ ଶ୍ରମିକ, ଦିନ ମଜୁରିଆମାନେ ଉପକୃତ ହୋଇପାରିବେ।

### [ଇତିହାସର ଆଇନାରେ]
## ଡିସେମ୍ବର ୪ର ପ୍ରମୁଖ ଘଟଣା

୧୯୭୭ ଡିସେମ୍ବର ୪ରେ ମାଲେସିଆର ଏକ ଘରୋଇ ବିମାନକୁ ଅପହରଣ କରାଯାଇ ଧ୍ୱଂସ କରାଯାଇଥିଲା। ଏଥିରେ ଥିବା ଶତାଧିକ ଯାତ୍ରୀ ପ୍ରାଣ ହରାଇଥିଲେ। ବିମାନଟି ପେନାଙ୍ଗରୁ କୁଆଲାଲୁମ୍ପୁର ଯିବାକୁ ଥିବାବେଳେ ସିଙ୍ଗାପୁରକୁ ଅପହରଣ କରାଯାଇ ଧ୍ୱଂସ କରାଯାଇଥିଲା। ମାଲେସିଆ କୃଷିମନ୍ତ୍ରୀଙ୍କ ସହ ଅନେକ ବରିଷ୍ଠ ଅଧିକାରୀ ଏଥିରେ ପ୍ରାଣ ହରାଇଥିଲେ।

୨୦୦୫ ଡିସେମ୍ବର ୪ରେ ହଂକଂରେ ହଜାର ହଜାର ଲୋକ ଗଣତନ୍ତ୍ର ସପକ୍ଷରେ ସରକାରଙ୍କ ବିରୋଧରେ ବିକ୍ଷୋଭକରିବା ସହ ସମାନ ମତାଧିକାର ସାବ୍ୟସ୍ତ ଲାଗି ଦାବିକରିଥିଲେ। ସିଭିଲ ହ୍ୟୁମାନ ରାଇଟ୍ସ ଫ୍ରଣ୍ଟ ପକ୍ଷରୁ କରାଯାଇଥିବା ଏହି ବିକ୍ଷୋଭରେ ଅଢ଼େଇ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଭାଗନେଇଥିଲେ।

## ସଂକ୍ଷେପରେ

### ଟ୍ରକ୍-ବସ୍ ମୁହାଁମୁହିଁ, ୮ ଆହତ



**ମାର୍ଶାଘାଇ, ୩।୧୨ (ଡି.ଏନ୍.ଏ.):** ମାର୍ଶାଘାଇ ଥାନା ଅଧୀନ ୫ ନଂ. (କ) ଜାତୀୟ ରାଜପଥର ତାରିଣୀ ଗୋଡ଼ା-କଳାଗଡ ଗୋଡା ମଝିରେ ମଙ୍ଗଳବାର ଏକ ୧୪ ଚକିଆ ଟ୍ରକ ଓ ଯାତ୍ରୀବାହୀ ବସ୍ ମୁହାଁମୁହିଁ ହେବା ଫଳରେ ୮ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ମାର୍ଶାଘାଇ ଦମକଳ ବାହିନୀ ଉଦ୍ଧାର କରିବା ପରେ ଆମ୍ବୁଲାନ୍ସ ଯୋଗେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ଏହି ଘଟଣାକୁ ନେଇ କିଛି ସମୟ ଧରି ଦୁର୍ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ମାର୍ଶାଘାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିବା ବେଳେ ଦୁର୍ଘଟଣାଗ୍ରସ୍ତ ଟ୍ରକ ଓ ବସ୍‌ର ଡ୍ରାଇଭର ଫେରାର ହୋଇଯାଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ୫ ନଂ. ଜାତୀୟ ରାଜପଥ ଦେଇ ପାରାଦୀପ ଯାଉଥିବା ଏକ ବସ୍ (ନଂ. ଓଆର୍-୦୪-ଏଜେ-୯୪୯୫) ବିପରୀତ ଦିଗରୁ ଆସୁଥିବା ଟ୍ରକ୍ (ଓଆର୍-୦୪-ଏଲ-୦୮୦୧)ସହ ଧକ୍କା ହୋଇଥିଲା। ଉଭୟ ଗାଡ଼ିର ଗତି ଧିମା ଥିବାରୁ ଏକ ଭୟାନକ ଦୁର୍ଘଟଣାରୁ ବର୍ତ୍ତି ଯାଇଛି। ତେବେ ୮ଯାତ୍ରୀ ଆହତ ହୋଇଛନ୍ତି। ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ପୋଲିସ ଜବତ କରି ହେପାଜତକୁ ନେଇଛି।

### ବାଲି ଚାଲାଣ ବେଳେ ଟ୍ରାକ୍ଟର ଜବତ

**ମାର୍ଶାଘାଇ, ୩।୧୨ (ଡି.ଏନ୍.ଏ.):** ମାର୍ଶାଘାଇ ତହସିଲ ଅଞ୍ଚଳରୁ ଚୋରା ବାଲିଚାଲଣ ବେଳେ ମଙ୍ଗଳବାର ତହସିଲଦାର ନିରଞ୍ଜନ ସାହୁ ଏକ ବାଲି ବୋଝେଇ ଟ୍ରାକ୍ଟର (ଓଡ଼ି-୨୯-ଜି-୧୧୭୨) ଜବତ କରିଛନ୍ତି। ବଡପାଳ ନିକଟ ଲୁଣାନଦୀ ପଠାରୁ ଉକ୍ତ ଟ୍ରାକ୍ଟର ଯୋଗେ ବାଲି ଚୋରା ଚାଲାଣ କରାଯାଉଥିଲା। ଜବତ ଟ୍ରାକ୍ଟର ମାର୍ଶାଘାଇ ଥାନା ଜିମା ଦିଆଯାଇଛି।

### ପୋଖରୀରେ ବୁଡ଼ି ମହିଳା ମୃତ

**ମହାକାଳପଡା, ୩।୧୨ (ଡି.ଏନ୍.ଏ.):** ମହାକାଳପଡ଼ା ବ୍ଲକ ତନ୍ତିଆପାଳ ଥାନା ଅଧୀନ କଂସାର ଗ୍ରାମର ପଦ୍ମଲୋଚନ ବସନ୍ତିଆଙ୍କ ପତ୍ନୀ ସେବତୀ(୪୫) ଶୌଚ ହେବାକୁ ଯାଇଥିବା ବେଳେ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ଖବରପାଇ ତନ୍ତିଆପାଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଏ ନେଇ ନଂ. ୭/୧୯ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଜ୍ୟୋତିରଞ୍ଜନ ସ୍ୱାଇଁ ସୂଚନା ଦେଇଛନ୍ତି।

### ସ୍ୱାଗତ ଓ ବିଦାୟ ସମ୍ବର୍ଦ୍ଧନା

**ଆଳି,୩।୧୨(ଡି.ଏନ.ଏ):** ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ଆଳି ଶାଖା ପକ୍ଷରୁ ରବିବାର ନୂତନ ବ୍ଲକ ଶିକ୍ଷା ଅଧିକାରୀଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପୂର୍ବତନ ବିଇଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ମେଣ୍ଢପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଓ ମହମ୍ମଦ ହସିମୁଦ୍ଦିନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ସଂଘର କାର୍ଯ୍ୟକାରୀ ସଭାପତି ସୁବ୍ରତ ପାତ୍ର ଅଧକ୍ଷତା କରିଥିଲେ। ନୂତନ ଭାବେ ଯୋଗ ଦେଇଥିବା ବ୍ଲକ ଶିକ୍ଷା ଅଧିକାରୀ ସରୋଜକାନ୍ତ ବିହାରୀଙ୍କୁ ସ୍ୱାଗତ କରାଯାଇ ମାନପତ୍ର ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଆଳି ବ୍ଲକ ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟକରି ଗତ ଅକ୍ଟୋବରରେ ଅବସର ନେଇଥିବା ଧ୍ରୁବଚରଣ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଅବସରପ୍ରାପ୍ତ ବିଆର୍‌ସିସି ପ୍ରଦୀପ୍ତ କୁମାର ରଥଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ନିୟମିତ ଶିକ୍ଷକ ଭାବେ ଯୋଗ୍ୟତା ଅର୍ଜନ କରିଥିବା ୨୪ ଜଣଙ୍କୁ ସଂଘ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏଥିରେ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ମହାନ୍ତି ମୁଖ୍ୟଅତିଥି ଓ ଗାଳ୍ପିକ ବି.ଏମ୍. ସେନାପତି ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲା। ସଂଘ ଉପଦେଷ୍ଟା ପ୍ରମୋଦ ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ଅନ୍ତର୍ଯାମୀ ମଲିକ ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ରାହାସ ବିହାରୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଦଶରଥ ମଲିକ ଧନ୍ୟବାଦ ଦେଇଥିଲେ। ମହାଦେବ ପଣ୍ଡା ଓ ଗୟାଧର ରଥ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ମହାକାଳପଡ଼ାରେ ମୂଷା ହାଜତ ମୃତ୍ୟୁ ମାମଲା

# ଜେଲ ଗଲେ ପୂର୍ବତନ ଆଇଆଇସି ଶ୍ୟାମଘନ

**କେନ୍ଦ୍ରାପଡା ଅଫିସ, ୩।୧୨**

କେନ୍ଦ୍ରାପଡା ଜିଲା ମହାକାଳପଡା ଅଞ୍ଚଳରେ ୨୦୧୮ ମସିହାରେ ବହୁ ଚର୍ଚ୍ଚିତ ଅବିନାଶ ପାଇଟାଳ ଓରଫ ମୂଷା ହାଜତ ମୃତ୍ୟୁ ଘଟଣା ଘଟିଥିଲା। ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ତତ୍କାଳୀନ ମହାକାଳପଡା ଥାନା ଅଧିକାରୀ ଶ୍ୟାମଘନ ବେହେରାଙ୍କ ଜାମିନ ଆବେଦନ ମଙ୍ଗଳବାର କେନ୍ଦ୍ରାପଡା ଏସଡିଜେଏମ କୋର୍ଟ ଓ ଜିଲା ଦୌରାଜଜ୍ କୋର୍ଟରେ ନାମଞ୍ଜୁର ହେବାରୁ ତାଙ୍କୁ ସନ୍ଧ୍ୟାରେ ବାରିମୂଳ ଉପକାରଗାରକୁ ପଠାଇ ଦିଆଯାଇଛି । ଫଳରେ ଶିଥିଳ ପଡି ଯାଇଥିବା ଏହି ଘଟଣା ଏବେ ତାଜା ହୋଇଛି। ଅପରପକ୍ଷରେ ହାଜତ ମୃତ୍ୟୁର ଶିକାର ହୋଇଥିବା ମାର୍ଶାଘାଇ ଥାନା ବାଲଣା ଆଦମ୍‌ପୁର ଗ୍ରାମର ମୂଷାଙ୍କ ପରିବାର ସଦସ୍ୟମାନେ ସାମାନ୍ୟ ଆଶ୍ୱସ୍ତି ଲାଭ କରିଥିବା ପ୍ରକାଶ କରିଛନ୍ତି। ଅଭିଯୋଗକାରୀ ମୂଷାଙ୍କ ବଡବାପା ଦୈତାରୀ ପାଇଟାଳ, ବାପା ଶରତ, ସ୍ତ୍ରୀ ରୋଜାଲିନ ପ୍ରମୁଖ ବିଚାର ବିଭାଗ ପ୍ରତି ଆସ୍ଥା ପ୍ରକଟ କରିବା ସହ ଅଭିଯୁକ୍ତ କଠୋର ଦଣ୍ଡରେ ଦଣ୍ଡିତ ହେବା ଚାହାନ୍ତି ବୋଲି ଗଣମାଧ୍ୟମକୁ ବୟାନ ଦେଇଛନ୍ତି ।

ଏକ ମୋବାଇଲ ଚୋରି ଘଟଣାର ତଦନ୍ତ ପାଇଁ ମହାକାଳପଡା ପୋଲିସ ମାର୍ଶାଘାଇ ବ୍ରିଜ କେନାଲ ନିକଟରୁ ମୂଷା (୨୨)ଙ୍କୁ ୨୦୧୮ ଅଗଷ୍ଟ ୨୫ ତାରିଖରେ ଉଠାଇ ନେଇଥିଲା । ତେବେ ୨୬ ତାରିଖ ସକାଳ ସମୟରେ ମୂଷାଙ୍କ ମୃତଦେହ କ୍ଷତବିକ୍ଷତ ଅବସ୍ଥାରେ ଥାନା ଠାରୁ ୨୦୦ ମିଟର ଦୂରରେ ଥିବା ଅଜୟ ମଲ୍ଲିକଙ୍କ ଶିଡି ଘର ନିକଟରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ମୂଷାଙ୍କୁ ନିସ୍ଠୁର ମାଡ ହୋଇଥିବାରୁ କ୍ଷତଚିହ୍ନ ତାଙ୍କ ଶରୀରରେ ଦେଖିବାକୁ ମିଳିଥିଲା । ଏଥିସହ ଥାନା ସେଣ୍ଟ୍ରୀଙ୍କ ବୟାନରୁ ଆଇଆଇସି ବେହେରା ମୋବାଇଲ ଚୋରି ଘଟଣା ନେଇ ମୂଷାଙ୍କୁ ମାଡ ମାରିଥିବା ସୂଚନା ମିଳିଥିଲା । ଏହି ଘଟଣା ନେଇ ସେତେବେଳେ ରାସ୍ତାରୋକୋ ହେବା ସହ ମୂଷାଙ୍କ ବଡବାପା ଦୈତାରୀ ଥାନା ଆଇଆଇସି ବେହେରା ଓ ଅଜୟଙ୍କ ନାମରେ ଅଭିଯୋଗ (ମାମଲା ନଂ-୯୧/୧୮) କରିଥିଲେ । ଏହି ଘଟଣାର ଆପୋସ ସମାଧାନ ପାଇଁ ଜିଲା ଓ ପୋଲିସ ପ୍ରଶାସନ ପକ୍ଷରୁ ୨ ଲକ୍ଷ ୧୦ ହଜାର ଟଙ୍କା ମୂଷାଙ୍କ ପରିବାର ସଦସ୍ୟଙ୍କୁ ଦିଆଯାଇଥିଲେ ମଧ୍ୟ ଆନ୍ଦୋଳନ ଥମି ନ ଥିଲା । ଏଥିପାଇଁ ପୋଲିସ ଡିଜିଙ୍କ ନିର୍ଦ୍ଦେଶରେ ସେହି ମାସ ୩୦ ତାରିଖରେ ମାମଲାକୁ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା । ଏହାଛଡା ଶ୍ୟାମଘନଙ୍କୁ ନିଲମ୍ବିତ କରାଯାଇ କଟକ ଅଫିସକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ନ୍ୟାୟ ପାଇବା ପାଇଁ ମୂଷାଙ୍କ ପରିବାର ୩୨ ଦିନ ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ । ଏଥିରେ ବହୁ ସାମାଜିକ କର୍ମୀ ସାମିଲ ହୋଇଥିଲେ । ଘଟଣା ପରଠାରୁ ଆଇଆଇସି ବେହେରା ଫେରାର ହୋଇଥିବା ନେଇ ଅସମର୍ଥିତ ସୂତ୍ରରୁ ଜଣାପଡିଥିଲା । ମୂଷାଙ୍କ ବାପା ଶରତ ଏନେଇ ଜାତୀୟ ମାନବାଧିକାର କମିଶନ, ଉଚ୍ଚ ନ୍ୟାୟାଳୟ ସମେତ ବିଭିନ୍ନ ଫୋରମର ଦୃଷ୍ଟି ଆକର୍ଷଣ କରିଥିଲେ । ଜାତୀୟ ମାନବାଧିକାର କମିଶନ ଏହି ମାମଲାର ଶୁଣାଣି କରି ଆସନ୍ତା ୨୩ ତାରିଖରେ ସମସ୍ତ ରେକର୍ଡ ସହ ଜିଲାପାଳ ଓ ଏସପି ହାଜର ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଅଭିଯୁକ୍ତ ବେହେରା ଏହି ମାମଲାରେ ଉଚ୍ଚ ନ୍ୟାୟାଳୟରେ ଜାମିନ ପାଇଁ ଆବେଦନ କରିଥିଲେ । କିନ୍ତୁ ଉଚ୍ଚ ନ୍ୟାୟାଳୟ ତଳ କୋର୍ଟରେ ହାଜର ହେବା ପାଇଁ ନିର୍ଦ୍ଦେଶ ଦେବା ପରେ ଏସଡିଜେଏମ କୋର୍ଟରେ ମଙ୍ଗଳବାର ବେହେରା ଆତ୍ମସମର୍ପଣ କରିଥିବା ଏପିପି ନିରଞ୍ଜନ ବଳ କହିଛନ୍ତି। ପୂର୍ବାହ୍ନରେ କେନ୍ଦ୍ରାପଡା ଏସଡିଜେଏମ ଦିଗବିଜୟ ଦାସ ତାଙ୍କ ଜାମିନ ନାମଞ୍ଜୁର କରିଥିଲେ। ଅପରାହ୍ନରେ ଜିଲା ଦୌରାଜଜ୍ ବାସୁଦେବ ପଣ୍ଡା ତାଙ୍କ ଜାମିନ ଆବେଦନକୁ ନାମଞ୍ଜୁର କରି ଦେବା ପରେ ତାଙ୍କୁ ବିଚାରଧୀନ କଏଦୀ ଭାବେ ବାରିମୂଳ ଜେଲକୁ ପଠାଯାଇଛି । ଜିଲା ଦୌରାଜଜ୍ କୋର୍ଟରେ ଏହି ମାମଲା ପିପି ଭୀମସେନ ଭୂୟାଁ ପରିଚାଳନା କରିଥିଲେ।

# ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ



ସଭାରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

**କେନ୍ଦ୍ରାପଡା ଅଫିସ, ୩।୧୨**

ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ମଙ୍ଗଳବାର ସହରର ଟାଉନହଲ ପରିସରରେ ପାଳିତ ହୋଇଯାଇଛି । ପୂର୍ବାହ୍ନରେ ଆୟୋଜିତ ସଚେତନତା ରାଲିକୁ ଜିଲାପାଳ ସମର୍ଥ ବର୍ମା ଉଦ୍‌ଘାଟନ କରିଥିଲେ । ସେହିପରି ଟାଉନହଲ ଠାରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଉଦୟନାଥ ଜେନାଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା । ଏଥିରେ ଏଡିଏମ ବସନ୍ତ କୁମାର ରାଉତ, ନିଜାରତ ଅଫିସର ଡ. ବିରଜା ପ୍ରସାଦ ରାଉତରାୟ, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସଭାରେ ଅତିଥିମାନେ ଶାରିରୀକ ଦୃଷ୍ଟିରୁ ଭିନ୍ନକ୍ଷମର କାରଣ ଓ ଏହାର ଅତ୍ୟାଧୁନିକ ଚିକିତ୍ସା ପଦ୍ଧତିରେ ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ । ଏଥିସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଭିନ୍ନକ୍ଷମ ଭତ୍ତା, ଶିକ୍ଷା ବୃତ୍ତି, ଭୀମଭୋଇ ସାମର୍ଥ୍ୟ ଅଭିଯାନ ମାଧ୍ୟମରେ ବସ, ରେଳ ଯାତ୍ରାରେ ରିହାତି, ଋଣ ସୁବିଧା ପ୍ରଦାନ ସମ୍ବନ୍ଧରେ ସମସ୍ତଙ୍କୁ ସଚେତନ କରାଇଥିଲେ । ସେହିପରି ଅପରାହ୍ନରେ ଅନୁଷ୍ଠିତ ସଭାରେ ଜିଲାପାଳ ବର୍ମା ମୁଖ୍ୟଅତିଥି ଭାବେ ଯୋଗ ଦେଇ ୨ ଜଣ ଭିନ୍ନକ୍ଷମଙ୍କୁ ବିବାହ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ । ଏହି ଅବସରରେ ୧୪୨ ଜଣ ଭିନ୍ନକ୍ଷମଙ୍କୁ ଡିଆରଆଇ ଲୋନ ପ୍ରଦାନ ସହ ବ୍ଲକ ଓ ଜିଲାସ୍ତରୀୟ ଭିନ୍ନକ୍ଷମ କୃତୀ ବ୍ୟକ୍ତି ଓ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲା ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ପୁର୍ନବାସର ସୁଶ୍ରୀ ସ୍ୱାଗତିକା ପ୍ରମୁଖ ପରିଚାଳନା କରିଥିଲେ ।

## ଚାଷୀଙ୍କ ପିଛା ଛାଡୁନି ପ୍ରାକୃତିକ ବିପର୍ଯ୍ୟୟ

# ଫସଲ ଉଜାଡ଼ିଲା ଦୟା ପୋକ

**ରାଜକନିକା, ୩।୧୨(ଡି.ଏନ.ଏ)**



ଚାଷୀମାନେ ଉଜୁଡିଯାଇଥିବା ଧାନଗଛ ଦେଖାଉଛନ୍ତି।

ରାଜକନିକା ବ୍ଲକରେ ପ୍ରାକୃତିକ ବିପଦ ଚାଷୀଙ୍କ ପିଛା ଛାଡୁନି। ଗତ ମାସ ୮ ତାରିଖରେ ବୁଲ୍‌ବୁଲ୍ ବାତ୍ୟା ପ୍ରଭାବରେ ହୋଇଥିବା ବର୍ଷା ଅର୍ଦ୍ଧାଧିକ ଫସଲ ନଷ୍ଟ କରିଥିବା ବେଳେ ଏବେ ଦୟା ପୋକ ଚାଷୀଙ୍କ ସର୍ବନାଶର କାରଣ ପାଲଟିଛି। ପଶ୍ଚିମ କନିକାର ବାରାହା ଦୋମଣ୍ଡା ପଞ୍ଚାୟତର ବାରାହା ଦୋମଣ୍ଡା, କାଏମା ଦୋମଣ୍ଡା, କାଏମା କନପୁର, ଗୁଣ୍ଡଳ, ବାରାହା କନପୁର ଓ ମାନପୁର ଅଞ୍ଚଳରେ ଶହ ଶହ ଏକର ଧାନ କ୍ଷେତରେ ଦୟା ପୋକ ଲାଗି ସବୁ ଫସଲ ଖାଇ ଦେଉଥିବା ଦେଖାଯାଇଛି। ଏହି ପୋକ ସବୁ ଧାନ ଖାଇ ଦେଉଥିବା ବେଳେ କେତେକ ବିଲରେ ଖାଲି ଥୁଣ୍ଟା ଧାନ ଗଛ ଠିଆହୋଇଥିବା ଦେଖି ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ଚାଷୀମାନେ ଫସଲ ପାଇଁ ହଜାର ହଜାର ଟଙ୍କା ଧାର ଉଧାର କରିଥିବା ବେଳେ ଆଖି ଆଗରେ ଫସଲ ଉଜୁଡ଼ି ଯିବା ଦେଖି ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ଏ ସମ୍ପର୍କରେ ଚାଷୀମାନେ ରାଜକନିକା କୃଷି ବିଭାଗକୁ ଜଣାଇଥିଲେ ମଧ ଏ ଦିଗରେ ଦୃଷ୍ଟି ଦିଆଯାଇ ନ ଥିବା ଚାଷୀମାନେ କହିଛନ୍ତି। ତେଣୁ ରାଜ୍ୟ ସରକାର କ୍ଷତିଗ୍ରସ୍ତ ଚାଷୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ବାରାହା ଦୋମଣ୍ଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର ବେଉରିଆ, ବୀରଭଦ୍ର ମଲ୍ଲିକ, ଭାଗବତ ମଲିକ, ସୁନାକର ମଲିକ, ଆନନ୍ଦ ନାୟକ, ପ୍ରସନ୍ନ ମଲିକ ଓ ବିଚିତ୍ର ମଲିକ ପ୍ରମୁଖ ଚାଷୀ ଦାବି କରିଛନ୍ତି।

# ପଦାର୍ଥ ବିଜ୍ଞାନ ବିଭାଗର ଆଲୋଚନାଚକ୍ର

**ମାର୍ଶାଘାଇ, ୩।୧୨ (ଡି.ଏନ୍.ଏ.)**

ମାର୍ଶାଘାଇ ମହାବିଦ୍ୟାଳୟ ସଭାଗୃହରେ ମଙ୍ଗଳବାର ପୂର୍ବାହ୍ନରେ ପଦାର୍ଥ ବିଜ୍ଞାନ ବିଭାଗର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଗୋବିନ୍ଦଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ତାମିଲନାଡୁସ୍ଥିତ କଳ୍ପକମ ଇନ୍ଦିରା ଗାନ୍ଧୀ ଆଣବିକ କେନ୍ଦ୍ରର ଅବସରପ୍ରାପ୍ତ ବୈଜ୍ଞାନିକ ପ୍ରଫେସର ଫକୀର ଚରଣ ପରିଡ଼ା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏଥିରେ ସ୍ମାର୍ଟ ଫୋନ୍ ତିଆରିରେ ବ୍ୟବହୃତ ଉପକରଣ, ପ୍ରଯୁକ୍ତିବିଦ୍ୟା ଓ ଏହାର ବ୍ୟବହାର ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅଧ୍ୟାପିକା ଅନୁପମା ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଭାତ ରଞ୍ଜନ ଲେଙ୍କା ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁକାନ୍ତ କୁମାର ପ୍ରଧାନ, ସୁରେନ୍ଦ୍ର ନାଥ ପଣ୍ଡା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ଦିବ୍ୟାଙ୍ଗଙ୍କୁ ମୁଖ୍ୟସ୍ରୋତରେ ସାମିଲ କରାଇବାକୁ ଆହ୍ୱାନ

**ପଟ୍ଟାମୁଣ୍ଡାଇ, ୩।୧୨ (ସ୍ୱ.ପ୍ର.)**

**ବିଶ୍ୱ ଭିନ୍ନକ୍ଷମ ଦିବସ**

ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ପୌରାଞ୍ଚଳ ଅଧୀନ ଭେଙ୍କେଟେଶ୍ୱର ସ୍କୁଲଠାରେ ବିଶ୍ୱ ଭିନ୍ନକ୍ଷମ ଦିବସ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ହୋଇଯାଇଛି। ପଟ୍ଟାମୁଣ୍ଡାଇ କୋର୍ଟ ସିନିୟର୍ ସିଭିଲ୍ ଜଜ୍ ତଥା ତାଲୁକ ଆଇନ ସେବା ସମିତି ଅଧକ୍ଷ ହରପ୍ରସାଦ ପାଢୀ ଶିବିରରେ ଅଧକ୍ଷତା କରିଥିଲେ। ଏଥିରେ ଭିନ୍ନକ୍ଷମମାନଙ୍କ ପାଇଁ ପ୍ରଣୀତ ବିଭିନ୍ନ ଆଇନ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଶିବିରରେ ବରିଷ୍ଠ ଆଇନଜୀବୀ ଭୀମସେନ ପ୍ରଧାନ, ଓକିଲ ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ଦାଶ, ପିଏଲ୍‌ଭି ପ୍ରଫୁଲ୍ଲ କୁମାର ଦାଶ, ଅକ୍ଷୟ କୁମାର ପରିଡ଼ା, ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ବିଶ୍ୱାଳ, ସ୍କୁଲ ସଭାପତି ସଞ୍ଜୟ କୁମାର ସାହୁ ପ୍ରମୁଖ ଦିବ୍ୟାଙ୍ଗମାନଙ୍କ ସମସ୍ୟା ସମ୍ପର୍କରେ ଆଲୋକପାତ କରିବା ସହ ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରାଇବା ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। କୋର୍ଟ କର୍ମଚାରୀ ଅପର୍ଣ୍ଣା ସାମଲ, ମୋହନ କୁମାର ଦାଶ, ପିଏଲ୍‌ଭି ସୁରେଶ ଚନ୍ଦ୍ର ବାୟୀ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏହି ସଭାରେ ସ୍କୁଲର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ସାମିଲ ହୋଇଥିଲେ। ଶେଷରେ ସହକାରୀ ଶିକ୍ଷୟିତ୍ରୀ ନମିତା ସୂତାର ଧନ୍ୟବାଦ ଦେଇଥିଲେ।

# ସଂସ୍କାରମୂଳକ ଶିକ୍ଷାକୁ ଗୁରୁତ୍ୱ



ଉତ୍ସବରେ ମଞ୍ଚାସୀନ ଅତିଥି।

**ଆଳି, ୩।୧୨ (ଡି.ଏନ୍.ଏ)**

ଆଳି ବ୍ଲକ ଅଧୀନ ଚଣ୍ଡିଆଗଡ଼ି ପଞ୍ଚାୟତ ଚଣ୍ଡୀବିହାରଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ନୂତନ ଗୃହ ଉଦ୍‌ଘାଟନୀ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ପରିଷଦ ସଭାପତି ସର୍ବେଶ୍ୱର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଳି ବିଧାୟକ ପ୍ରତାପ କେଶରୀ ଦେବ ଯୋଗଦେଇ ନୂତନ ଗୃହ ଉଦ୍‌ଘାଟନ କରିଥିଲେ। ଏଥିସହ ଶିକ୍ଷଣୀୟ ପରିବେଶରେ ପାଠପଢ଼ା ଯୋଗୁ ଶିଶୁମନ୍ଦିରର ପିଲାମାନେ ସଂସ୍କାରମୂଳକ ଶିକ୍ଷା ଗ୍ରହଣ କରିପାରୁଛନ୍ତି ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତିର କେନ୍ଦ୍ରାପଡା ବିଭାଗ ପ୍ରମୁଖ ମହେନ୍ଦ୍ର କୁମାର ଘଡାଇ, ସମ୍ମାନିତ ଅତିଥି ଭାବେ ଆଳି ପଞ୍ଚାୟତ ସମିତି ଅଧକ୍ଷା ଝରଣା ଦାଶ, ୩ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ସୁମନ୍ତ ରାଉତ, ଚଣ୍ଡିଆଗଡ଼ି ସରପଞ୍ଚ ସସ୍ମିତା ମିଶ୍ର, ସମିତି ସଭ୍ୟା ପ୍ରମିଳା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ପରିଚାଳନା କମିଟି ସମ୍ପାଦକ ପୀତାମ୍ବର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଚଣ୍ଡିଆଗଡି ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରିୟରଞ୍ଜନ ଦାଶ ଓ ଏବିଇ ପାବନୀ କୁମାର ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ।

# ଓଡ଼ିଶୋ ଡ୍ରେନେଜ୍ ସିଷ୍ଟମ ସଫେଇ ଦାବି

**କେନ୍ଦ୍ରାପଡ଼ା ଅଫିସ୍, ୩।୧୨**

କେନ୍ଦ୍ରାପଡା ଜିଲା ଡ୍ରେନେଜ ଡିଭିଜନ ଅନ୍ତର୍ଗତ ଓଡ଼ିଶୋ ଡ୍ରେନେଜ୍ ସିଷ୍ଟମ ସଫେଇ ହେଉନାହିଁ। ଫଳରେ ବ୍ଲକ ଅଞ୍ଚଳର କେତେକ ଗ୍ରାମ ସହିତ ସହରର ଓଡ଼ିଶୋ, ଗଉଡ଼ଗୋପ, ନସଡ଼ିପୁର ଓ ଗୋପ ଗ୍ରାମ ଅଞ୍ଚଳରୁ ବର୍ଷାଜଳ ନିଷ୍କାସନ ହୋଇପାରୁନାହିଁ। ଏଥିପାଇଁ ଏହି ୪ ଗ୍ରାମବାସୀ ସୋମବାର ଜିଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ସମ୍ପର୍କରେ ଧୀରେନ୍ଦ୍ର କୁମାର ସାହୁ କହିଛନ୍ତି ଯେ, ଏହି ଡ୍ରେନେଜ ସଫା ଥିବା ସମୟରେ ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସିତ ହେଉଥିଲା। ତେବେ ଗତ ୮ବର୍ଷ ଧରି ଏହାର ସଫେଇ କରାଯାଉନାହିଁ। ଏ ନେଇ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସୁଫଳ ମିଳିନାହିଁ। ଏହି ଦାବିପତ୍ର ପ୍ରଦାନ ସମୟରେ ଗ୍ରାମର ସୁରେନ୍ଦ୍ର ନାଥ ଦାସ, ଗୌରାଙ୍ଗ ଦାସ, ପୂର୍ଣ୍ଣଚନ୍ଦ୍ର ପୃଷ୍ଟି, ଅମରେନ୍ଦ୍ର ସାହୁ, ନିକୁଞ୍ଜ ବିହାରୀ ମଣ୍ଡଳ, ଶୁଭେନ୍ଦୁ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# କନିକା କୃଷି ଆନ୍ଦୋଳନର ସୁବର୍ଣ୍ଣ ଜୟନ୍ତୀ ପାଳନ ପ୍ରସ୍ତୁତି

**ରାଜକନିକା, ୩।୧୨ (ଡି.ଏନ୍.ଏ.)**



ବୈଠକରେ କୃଷକ ନେତା, ଶିକ୍ଷକ ନେତା ଓ ଅନ୍ୟମାନେ।

କନିକା କୃଷି ଆନ୍ଦୋଳନକୁ ଚଳିତବର୍ଷ ୫୦ ବର୍ଷ ପୂରିବ। ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ଉପଲକ୍ଷେ ବରୁଣା ପଞ୍ଚାୟତ ପରିସରରେ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ହାଟସାହି ହାଇସ୍କୁଲର ପ୍ରାକ୍ତନ ପ୍ରଧାନଶିକ୍ଷକ ପରିକ୍ଷିତ ପଢିଆରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କୃଷକ ନେତା ଦାମୋଦର ଧଳ, ଶିକ୍ଷକ ନେତା କାଳୀପ୍ରସାଦ ନାୟକ, ବରୁଣା ସରପଞ୍ଚ ଉତ୍ତମ ସେନାପତି, ଲକ୍ଷ୍ମଣ ସେନାପତି, ଅବସରପ୍ରାପ୍ତ ଶିକ୍ଷକ ରବିନାରାୟଣ ବେହେରା, ସାମାଜିକ କର୍ମୀ ଗଙ୍ଗାଧର ମଲ୍ଲିକ, ଉମେଶଚନ୍ଦ୍ର ମଲ୍ଲ, ଗିରିଶ ଚନ୍ଦ୍ର ଦାସ, ପୂର୍ବତନ ସରପଞ୍ଚ କିଶୋର କୁମାର ବାରିକ, ପୂର୍ବତନ ସମିତିସଭ୍ୟ ଅମର କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ସଫଳ କରିବା ସକାଶେ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ପାରିନୂଆପଡ଼ା ପଞ୍ଚାୟତ ବାଇଁଛାପାଳ ତୋଟାରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ବୈଠକରେ ସ୍ଥିର କରାଯାଇଛି। ଏହି ଆନ୍ଦୋଳନରେ ଭାଗନେଇଥିବା ସତ୍ୟାଗ୍ରହୀମାନଙ୍କୁ ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ସମ୍ବର୍ଦ୍ଧିତ କରାଯିବା ସହିତ ଏହି ଉପଲକ୍ଷେ ଏକ ସ୍ମରଣିକା ପ୍ରକାଶ ପାଇବ ବୋଲି ନିଷ୍ପତ୍ତି ନିଆଯାଇଛି। ସ୍ମରଣିକା ପାଇଁ ଲେଖା ପଠାଇବାକୁ ସମ୍ପାଦକ କାଳୀପ୍ରସାଦ ନାୟକ ନିବେଦନ କରିଛନ୍ତି। ବୈଠକ ପରିଚାଳନାରେ ଅଜୟ କୁମାର ସାମଲ, ମନୋଜ କୁମାର ପରିଡ଼ା, ଅଞ୍ଜନ ପାତ୍ର, ପ୍ରଦୀପ୍ତ ସାମଲ, ରାଧାକାନ୍ତ ବିଶ୍ୱାଳ ଓ ଯଯାତି ସେନାପତି ପ୍ରମୁଖ ସହଯୋଗ କରିଥିଲେ।

# ଚାନ୍ଦବାଲିକୁ ହରାଇଲା ଆଳି



ଅତିଥିଙ୍କ ଗହଣରେ ଉଭୟ ଟିମ୍‌ର ଖେଳାଳିମାନେ।

**ଆଳି, ୩।୧୨ (ଡି.ଏନ.ଏ)**

ଆଳି ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ସୋମବାରଠାରୁ ରିଆସତ ଖାଁ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ମଙ୍ଗଳବାର ଦ୍ୱିତୀୟ ଦିବସରେ ଆଳି ଆଥ୍‌ଲେଟିକ ଆସୋସିଏଶନ ଓ ଚାନ୍ଦବାଲି ଏନ୍‌ଏସି କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଏନ୍‌ଏସି କ୍ଲବ ଚାନ୍ଦବାଲିକୁ ୨-୧ ଗୋଲରେ ହରାଇ ଆଳି ଆଥଲେଟିକ ଆସୋସିଏଶନ ବିଜୟୀ ହୋଇଛି। ଦ୍ୱିତୀୟ ଦିବସ ମ୍ୟାଚରେ ରାଜକନିକା ବ୍ଲକ ଜାଗୁଲାଇପଡ଼ା ସରପଞ୍ଚ ବର୍ଷା ନାୟକ, ବରିଷ୍ଠ କ୍ରୀଡ଼ାବିତ୍ ଆରବ ଅଲ୍ଲୀ, ସେକ୍ ସୋରାବ ଓ ସେକ୍ ସଲ୍ଲାଉଦ୍ଦିନ ଅତିଥି ଭାବେ ଯୋଗ ଦେଇଥିଲେ। ରେଫରି ଭାବେ ସଞ୍ଜୟ କୁମାର ନାୟକ, ଅମୂଲ୍ୟ ଜେନା, ପହଲି ଜେନା ପ୍ରମୁଖ ପରିଚାଳନା କରିଥିବା ବେଳେ କଲିମ ଖାଁ, ଅବଦୁଲ ମତିନ, ସେକ ବୁଆ, ସାଦିକ ଖାଁ ଓ ଆଲିମ ନୱାଜ ପ୍ରମୁଖ ସହଯୋଗ କରିଥିଲେ। ପ୍ରଥମ ଦିବସରେ କେନ୍ଦ୍ରାପଡ଼ା ଫୁଟବଲ ଟିମ ଓ ନେତାଜୀ କ୍ଲବ ତରାସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା।

# ସୂଚନା ଫଳକରେ ସରକାରୀ ଲୋଗୋ ବିକୃତ

**ମହାକାଳପଡା, ୩।୧୨ (ଡି.ଏନ୍.ଏ.)**

**ଅଶୋକସ୍ତମ୍ଭ ସ୍ଥାନରେ ରହିଛି ଏଣ୍ଡୁଅ**




ସୂଚନା ଫଳକରେ ଏଣ୍ଡୁଅ ଚିତ୍ର (ବୃତ୍ତ ଚିହ୍ନିତ)।

ଓଡ଼ିଶା ସରକାରଙ୍କ ଲୋଗୋକୁ କଦର୍ଥ ଭାବେ ଚିତ୍ରଣ କରାଯାଇଛି। ଅଶୋକ ସ୍ତମ୍ଭ ସ୍ଥାନରେ ଏଣ୍ଡୁଅ ଚିତ୍ର ସ୍ଥାନିତ ହୋଇଥିବା ଦେଖିବାକୁ ମିଳିଛି। ମହାକାଳପଡ଼ା ବ୍ଲକ ଜମ୍ବୁ ପଞ୍ଚାୟତ ଜମ୍ବୁଠାରେ ଥିବା କାଜୁ ବଗିଚାରେ ଚାରା ରୋପଣ କାର୍ଯ୍ୟ କରାଯାଇଥିବା ବେଳେ ଏଥିପାଇଁ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଲଗାଯାଇଥିବା ସୂଚନା ଫଳକରେ ଏଭଳି କଦର୍ଥ ଚିତ୍ର କରାଯାଇଛି।

୨୦୧୮-୧୯ ଆର୍ଥିକ ବର୍ଷରେ ୭ ଲକ୍ଷ ୨୦ ହଜାର ଟଙ୍କା ବ୍ୟୟରେ ୪ ହଜାର ହେକ୍ଟର କାଜୁ ବଗିଚାରେ ଚାରା ରୋପଣ କରାଯାଇଥିଲେ ବି ଏହାର ଯତ୍ନ ନିଆଯାଉନାହିଁ। ବଗିଚା ମଧ୍ୟକୁ ଗୃହପାଳିତ ପ୍ରାଣୀ ଅବାଧରେ ପ୍ରବେଶ କରୁଛନ୍ତି। ତେବେ ପ୍ରକଳ୍ପର ଉନ୍ନତୀକରଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷ ଏହାର ରକ୍ଷଣାବେକ୍ଷଣ କରୁନାହାନ୍ତି। ଅନ୍ୟପଟେ ସରକାରୀ ଟଙ୍କା ଖର୍ଚ୍ଚ ହୋଇଥିବାର ହିସାବ ଲେଖାଯାଇଥିବା ସୂଚନା ଫଳକରେ ଏଭଳି ତ୍ରୁଟି ପରିଲକ୍ଷିତ ହେବା ନେଇ ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଅଶୋକ ସ୍ତମ୍ଭ ସ୍ଥାନରେ ଏଣ୍ଡୁଅ ସ୍ଥାନ ପାଇବା ଦୁର୍ଭାଗ୍ୟଜନକ ବୋଲି ସାମାଜିକ କର୍ମୀ ସୁବାସ ସ୍ୱାଇଁଙ୍କ ସମେତ ଅନ୍ୟ କେତେଜଣ ମତବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲା ଉଦ୍ୟାନ କୃଷି ବିଭାଗର ସହକାରୀ ନିର୍ଦ୍ଦେଶକ କନ୍ଦ ଜେନାଙ୍କୁ ପଚାରିବାରେ ସୂଚନା ଫଳକରେ ଓଡ଼ିଶା ସରକାରଙ୍କ ଲୋଗୋ ବିକୃତ ହୋଇଥିବା ନଜରକୁ ଆସିଛି। ଏହା ଦୁର୍ଭାଗ୍ୟଜନକ ଘଟଣା। ଖୁବ୍‌ଶୀଘ୍ର ଏହାର ସଂଶୋଧନ କରାଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ଓଷ୍ଟା ଶିକ୍ଷକ ସଂଘର ବନ୍ଧୁମିଳନ

ବାଲିକୁଦା,୩।୧୨(ସ୍ୱପ୍ର): ଓଷ୍ଟା ଶିକ୍ଷକ ସଂଘ ବାଲିକୁଦା ଶାଖାର ଏକ ବନ୍ଧୁମିଳନ ସ୍ଥାନୀୟ ମା'ଥାନପତିଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ସ୍ୱେତକୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ଶାଖା ସଂଘ ସଭାପତି ନିହାର ରଞ୍ଜନ ନାୟକ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଆୟୋଜିତ ଆଲୋଚନାଚକ୍ରରେ ଉପଦେଷ୍ଟା ନିରଞ୍ଜନ ପଣ୍ଡା, କୈଳାସ ବିଶ୍ୱାଳ, ଅରୁଣ ମହାନ୍ତି ପ୍ରମୁଖ ଯୋଗଦେଇ ସଂଘୀୟ ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସ୍ମୃତିରଞ୍ଜନ ପରିଡା, ଅତୁଲ୍ୟ ବିକ୍ରମ ପ୍ରଧାନ, ଜିଲା ସଂଘ ସମ୍ପାଦକ ନାରାୟଣ ବାରିକ, ଜିଲା ଉପସଭାପତି ନାରାୟଣ ସାହୁ, ପ୍ରଧାନଶିକ୍ଷକ ଗଗନ ବିହାରୀ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ୨୦ରେ ସ୍ଥାନୀୟ ଶ୍ରୀରଘୁନାଥଜୀଉ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ଉତ୍ସବର ଆୟୋଜନ କରାଯିବାକୁ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

### ଯଶୋବନ୍ତଙ୍କ ଶ୍ରାଦ୍ଧୋତ୍ସବରେ ବୃଦ୍ଧଙ୍କ ମୃତ୍ୟୁ

ବିରିଡି,୩।୧୨(ଡି.ଏନ.ଏ):ବିରିଡ଼ି ବ୍ଲକ ଅଧୀନ ଅଡ଼ଙ୍ଗ ନାଇଲୋଠାରେ ମହାପୁରୁଷ ଯଶୋବନ୍ତଙ୍କ ଶ୍ରାଦ୍ଧୋତ୍ସବ ସୋମବାର ରାତିରେ ପାଳିତ ହୋଇଥିଲା। ତେବେ ଏଥିରେ ଯୋଗ ଦେଇଥିବା କିଶନନଗର ଥାନା ଅନ୍ତର୍ଗତ ଶଗଡ଼ି ଗ୍ରାମର ନବଘନ ଭୋଇ (୬୫)ଙ୍କ ହଠାତ୍ ମୃତ୍ୟୁ ହୋଇଥିଲା। ସେ ମହାପୁରୁଷଙ୍କ ପୀଠକୁ ଖଞ୍ଜଣୀ ଭଜନ କରିବା ଲାଗି ଆସିଥିଲେ। ମଙ୍ଗଳବାର ସକାଳୁ ନବଘନଙ୍କ ମୃତଦେହ ବେନୁବାବା ମଠରେ ପଡିଥିବା ଲୋକେ ଦେଖିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପରେ ମୃତକଙ୍କ ପୁଅ ଫକୀର ଭୋଇ ପହଞ୍ଚି ତାଙ୍କ ବାପାଙ୍କ ମୃତ୍ୟୁ ପାଇଁ କେହି ଦାୟୀ ନୁହନ୍ତି ବୋଲି ପୋଲିସକୁ ଲିଖିତଭାବେ ଦେଇଥିଲେ। ଏହାପରେ ପୋଲିସ ମୃତଦେହ ଜବତ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

### ମାନସିକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



ବାଲିଆ,୩।୧୨: ଜଗତ୍‌ସିଂହପୁର ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମଙ୍ଗଳବାର ମାନସିକ ରୋଗୀ ଚିହ୍ନଟ ଓ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ମାନସିକ ରୋଗୀ ସ୍ୱାସ୍ଥ୍ୟ ସେବା ପାଇଁ ସ୍ୱତନ୍ତ୍ର ତାଲିମପ୍ରାପ୍ତ ଡା. ରଶ୍ମିରଞ୍ଜନ ପଟ୍ଟନାୟକ ଯୋଗଦେଇ ବିଭିନ୍ନ ଅଞ୍ଚଳରୁ ଆସିଥିବା ୮୨ଜଣ ମାନସିକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକ ଔଷଧ ପ୍ରଦାନ କରିଥିଲେ। ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. ରାକେଶ ମହାନ୍ତି, ଲୋକନାଥ ସାହୁ ପରିଚାଳନା କରିଥିଲେ। ଅନ୍ୟ କର୍ମଚାରୀ ଓ ଆଶା କର୍ମୀମାନେ ସହଯୋଗ କରିଥିଲେ।

# 'ଫନୀ କ୍ଷତିଗ୍ରସ୍ତଙ୍କୁ ଉଚିତ ସହାୟତା ଦିଅ'

ଜଗତ୍‌ସିଂହପୁର ଅଫିସ୍, ୩।୧୨

**ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ**
- ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ମରାମତି ଉପରେ ଗୁରୁତ୍ୱ
- ଜମି ହରାଙ୍କୁ ପଟ୍ଟା ପ୍ରଦାନ କରାଯିବ
- ବାଲିକୁଦା ସବରେଜିଷ୍ଟ୍ରାର ଓ କୁଜଙ୍ଗ ତହସିଲ ନୂତନ କାର୍ଯ୍ୟାଳୟର ଉଦ୍‌ଘାଟନ



ବାଲିକୁଦା ନୂତନ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ଉଦ୍‌ଘାଟନ କରିବାକୁ ଆସୁଥିବା ୨ ମନ୍ତ୍ରୀ ।

ଫନୀ ବାତ୍ୟା ପ୍ରଭାବରେ ଜଗତ୍‌ସିଂହପୁର ଜିଲାରେ ଅନେକ କ୍ଷତି ହୋଇଛି। ତେଣୁ କ୍ଷତିଗ୍ରସ୍ତଙ୍କୁ ଉଚିତ୍ ସରକାରୀ ସହାୟତା ଦିଆଯିବା ଆବଶ୍ୟକ। କିନ୍ତୁ କୌଣସି ଜଣେ ହେଲେ ବି ଅଯୋଗ୍ୟଙ୍କୁ ଯେପରି ଯୋଗ୍ୟ ଦର୍ଶା ନ ଯିବ ସେଥିପ୍ରତି ଧ୍ୟାନ ଦିଆଯାଉ। ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ରାଜସ୍ୱ ଅଧିକାରୀଙ୍କୁ ନେଇ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଏହା କହିଛନ୍ତି। ସେ ଏକଥା ମଧ୍ୟ କହିଥିଲେ, ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ କେନ୍ଦ୍ରଗୁଡିକ କ୍ଷତିଗ୍ରସ୍ତ ହୋଇଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି। ଏହା ଉପରେ ଅଡିଟ୍ କରାଯାଇ କେଉଁ ଆଶ୍ରୟସ୍ଥଳରେ କିପରି ମରାମତି ଆବଶ୍ୟକ ତାହା ଅନୁଧ୍ୟାନ ପରେ ପଦକ୍ଷେପ ନିଆଯିବ। ଅନେକ ଗରିବ ଲୋକଙ୍କ ନାଁ ଇନ୍ଦିରା ଆବାସ, ବିଜୁ ପକ୍କାଘର ତାଲିକାରେ ସ୍ଥାନ ପାଇଛି। କିନ୍ତୁ ସେମାନଙ୍କ ନାମରେ ଜମି ନ ଥିବାରୁ ଅସୁବିଧା ହେଉଛି। ତେଣୁ ସେମାନଙ୍କୁ ଜମି ଦିଆଯାଇ ଯୋଜନାରେ ଘର ତିଆରି ପାଇଁ ସୁଯୋଗ ସୃଷ୍ଟି କରାଯିବା ଉପରେ ଆଲୋଚନା ହୋଇଥିଲା। ଏହାବାଦ୍ ଜିଲାରେ ଏକାଧିକ ଆର୍‌ଆଇ ପଦବୀ ଖାଲି ପଡିଛି। ଯେଉଁ କାରଣରୁ ରାଜସ୍ୱ ସମ୍ପର୍କିତ କାର୍ଯ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହେଉଛି। ଏହି ସମସ୍ୟାର ସମାଧାନ ପାଇଁ ୧୫ଟି ଆର୍‌ଆଇ ପଦବୀରେ ଅବସରପ୍ରାପ୍ତ ଆର୍‌ଆଇଙ୍କୁ ପୁନଃ ଅବସ୍ଥାପିତ କରାଯାଇଛି। ଜିଲାର ସବୁ ତହସିଲରେ ସିସିଟିଭି ଲଗାଯିବା ବ୍ୟବସ୍ଥା ହୋଇଛି। ସିଧାସଳଖ ଏପରି କି ଇ ପାଉତି ମାଧ୍ୟମରେ ମଧ୍ୟ ରାଜସ୍ୱ ଆଦାୟ ହୋଇପାରୁଛି। ସମ୍ପ୍ରତି ମଠ, ମନ୍ଦିର ସମ୍ପତ୍ତି ଅସୁରକ୍ଷିତ ହୋଇପଡିଛି। ଏହି ସମ୍ପତ୍ତିର ସୁରକ୍ଷା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ଲୋକଙ୍କୁ ଅଦ୍ୟାବଧି ୧୦ କୋଟି ୬୩ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ସରିଲାଣି। ଏଥିରେ କୁକୁଡା ଫାର୍ମ, ଡଙ୍ଗା ଓ ଜାଲ ଆଦି ନଷ୍ଟ ବାବଦରେ ମଧ୍ୟ ସହାୟତା ଦିଆଯାଇଛି। କେତେକ ପଡ଼ା ଗାଁକୁ ରାଜସ୍ୱ ଗ୍ରାମରେ ପରିଣତ ପାଇଁ ଦାବି ହେଉଛି। ଏଥିପ୍ରତି ଧ୍ୟାନ ଦେବାକୁ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ମନ୍ତ୍ରୀଙ୍କ ନିକଟରେ ପ୍ରସ୍ତାବ ରଖିଥିଲେ। ଜିଲାପାଳ ଏକଥା ମଧ୍ୟ ଉଠାଇଥିଲେ ଯେ, କୁଜଙ୍ଗ ଅଞ୍ଚଳର ୯ଟି ଗାଁର ଲୋକେ ଜମି ବିକ୍ରି କରିପାରୁନାହାନ୍ତି। ଯଦିଓ ସେମାନେ ପିଢି ପିଢି ଏହି ଜମି ଭୋଗ କରୁଛନ୍ତି କିନ୍ତୁ ସେମାନଙ୍କର ରେକର୍ଡ ଅଫ ରାଇଟ୍ସ ନାହିଁ। ତେଣୁ ଏହି ଗାଁଗୁଡକରେ ଏରିଅଲ ସର୍ଭେ କରାଯାଇ ଜମି ପଟ୍ଟା ଦିଆଯିବା ବ୍ୟବସ୍ଥା ହେଉ। ଏହି ଅବସରରେ ଜମିହୀନ ୧୭୪ ଜଣଙ୍କୁ ବସୁନ୍ଧରା ଯୋଜନାରେ ଘର ଡିହ ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଥିଲା। ଅନ୍ୟତମ ମନ୍ତ୍ରୀ ରଘୁନନ୍ଦନ ଦାସ ତାଙ୍କ ବିଧାନସଭା ନିର୍ବାଚନମଣ୍ଡଳୀ ଅଧିନ ଏରସମା ଅଞ୍ଚଳର କେତେକ ସମସ୍ୟା କଥା ଉଠାଇଥିଲେ। ସେ କହିଥିଲେ, ଏରସମା ତହସିଲ ଅଧୀନ କେତେକ ଅଞ୍ଚଳରେ ଜମି ପଟ୍ଟା ମିଳିପାରୁନାହିଁ। ରାସ୍ତା ସମସ୍ୟା ମଧ୍ୟ ଉତ୍କଟ। ଏସବୁର ସମାଧାନ ପାଇଁ ସରକାର ବଦ୍ଧ ପରିକର। ସାଧାରଣ ଲୋକ ନାର୍ଯ୍ୟ ଦାବିରୁ ଯେପରି ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଧ୍ୟାନ ଦିଆଯିବା ଜରୁରୀ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ଓ ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଦୁଇ ମନ୍ତ୍ରୀ ବାଲିକୁଦା ସବରେଜିଷ୍ଟ୍ରାର ନୂତନ କାର୍ଯ୍ୟାଳୟ ଓ କୁଜଙ୍ଗ ତହସିଲ ନୂତନ କାର୍ଯ୍ୟାଳୟର ଉଦ୍‌ଘାଟନ କରିଥିଲେ। ଉଭୟ କାର୍ଯ୍ୟକ୍ରମରେ ଜିଲାପାଳ ଉପସ୍ଥିତ ରହିଥିଲେ। କୁଜଙ୍ଗରେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ଉପଜିଲାପାଳ, କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ।

## ଜଳିଗଲା ୪ ବଖରା, କାରଣ ଅସ୍ପଷ୍ଟ

ବାଲିକୁଦା,୩।୧୨(ସ୍ୱ.ପ୍ର.)

ବାଲିକୁଦା ତହସିଲ ଅଧୀନ ଗରାମ ପଞ୍ଚାୟତ ଫକିରପଡ଼ା ଗାଁରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ସୁଦର୍ଶନ ନାୟକ ଓ ଉମେଶ ନାୟକଙ୍କ ଦୁଇ ବଖରା ଲେଖାଏ ଘର ଜଳି ପାଉଁଶ ହୋଇଯାଇଛି। ମାତ୍ର ଅଗ୍ନିକାଣ୍ଡର କାରଣ ଜଣା ପଡିନାହିଁ। ମଶା ଧୂଆଁରୁ ଏହି ଅଘଟଣ ଘଟିଥିବା ଅନୁମାନ କରାଯାଉଛି। ଉଭୟ ପରିବାର ଶୋଇଥିବା ବେଳେ ରାତି ପ୍ରାୟ ସାଢେ ଦୁଇଟାରେ ଘର ଜଳୁଥିବା କେହି ପଡୋଶୀ ଦେଖି ଡାକ ପକାଇ ଥିଲେ। ପରେ ଗାଁ ଲୋକେ ଉଠି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ମାତ୍ର ତାହା ସମ୍ଭବ ହୋଇ ନ ଥିଲା। ଖବର ପାଇ ବାଲିକୁଦା ଅଗ୍ନିଶମ ଭାରାପ୍ରାପ୍ତ କେନ୍ଦ୍ରାଧିକାରୀ ନବଘନ ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ୧୫ ବସ୍ତା ଧାନ, ୪ ବସ୍ତା ଉସୁନା ଧାନ ସମେତ ବିରି ମୁଗ ଓ ଘରର ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ମାତ୍ର କେହି ମୃତାହତ ହୋଇନାହାନ୍ତି। ଉଭୟ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ବନ୍ୟା କ୍ଷତିରୁ ମୁକୁଳି ପାରୁନାହାନ୍ତି ପାରମ୍ପରିକ ମତ୍ସ୍ୟଜୀବୀ



ମତ୍ସ୍ୟଜୀବୀ ନିର୍ମାଣ କରିଥିବା ଡଙ୍ଗା।

ପାରାଦୀପ,୩।୧୨(ସ୍ୱ.ପ୍ର.)

ସେପ୍ଟେମ୍ବର ମାସରେ ମହାନଦୀରେ ଆସିଥିବା ବନ୍ୟାରେ ପାରାଦୀପ ଉପକଣ୍ଠ ନୂଆଗଡ଼ ପଞ୍ଚାୟତ ଅଧୀନ ଚଉମୁହାଣିଠାରେ ଥିବା ପାରମ୍ପରିକ ମତ୍ସ୍ୟଜୀବୀଙ୍କ ବ୍ୟାପକ କ୍ଷତି ଘଟିଥିଲା। ହେଲେ ଏପର୍ଯ୍ୟନ୍ତ ସେମାନଙ୍କୁ କ୍ଷତିପୂରଣ ମିଳି ନାହିଁ। ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ପାଇଁ ସେମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଚଉମୁହାଣିଠାରେ ସରକାରଙ୍କ ପ୍ରଦତ୍ତ ଡଙ୍ଗା ନିର୍ମାଣ ଓ ଜାଲ ବଣ୍ଟନ କରାଯାଏ। ବନ୍ୟାବେଳେ ନଦୀପାଖରେ ନୂଆ ଡଙ୍ଗା ପାଇଁ ଥିବା କାଠ, ଅନ୍ୟାନ୍ୟ ଉପକରଣ ସବୁ ଭାସି ଯାଇଥିଲା। ଫଳରେ ୯ଜଣ ଡଙ୍ଗା ନିର୍ମାଣକାରୀ ସଂସ୍ଥାର ୨୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ କ୍ଷତି ଘଟିଥିଲା। ସେବେଠାରୁ ମତ୍ସ୍ୟଜୀବୀମାନେ ମତ୍ସ୍ୟ ବିଭାଗଠାରୁ ଆରମ୍ଭ କରି ତହସିଲ ଥାନା, ବୀମା କମ୍ପାନୀ ପର୍ଯ୍ୟନ୍ତ ଦୌଡୁଛନ୍ତି। କିନ୍ତୁ ସେମାନଙ୍କୁ କ୍ଷତିପୂରଣ ମିଳିନାହିଁ ବୋଲି ମତ୍ସ୍ୟଜୀବୀ ରମେଶ ଚନ୍ଦ୍ର ସେଠୀ, ଗଙ୍ଗାରାମ ତରେଇ, ସର୍ବେଶ୍ୱର ସାହୁ, କୁଳମଣି ତରାଇ ଓ ବାବୁଲି ସ୍ୱାଇଁ ପ୍ରମୁଖ ଅଭିଯୋଗ କରିଛନ୍ତି। ସରକାରୀ ଯୋଜନାନୁସାରେ ସେମାନେ ଲୋନ୍ କରି ଏସବୁ ଉପକରଣ ନିର୍ମାଣ କରୁଥିଲେ। ତାହା ବନ୍ୟାପାଣିରେ ଭାସିଯିବା ପରେ ଏବେ ନିଃସ୍ୱ ହୋଇ ବୁଲୁଛନ୍ତି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ମତ୍ସ୍ୟ ଅଧିକାରୀ ମାନସ ରଞ୍ଜନ ସାହୁଙ୍କୁ ପଚାରିବାରୁ ମତ୍ସ୍ୟଜୀବୀଙ୍କ ଅଭିଯୋଗ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇଛୁ। ସେମାନେ ଯାହା ପଦକ୍ଷେପ ନେବେ ବୋଲି କହିଥିଲେ। ଏବେ ଦେଖିବାକୁ ଅପେକ୍ଷା କେବେ ମତ୍ସ୍ୟଜୀବୀଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଉଛି।

## ପ୍ରତିକୂଳସ୍ଥିତିକୁ ସାମ୍ନା କରିପାରିବେ ଦିବ୍ୟାଙ୍ଗ ଛାତ୍ରୀଛାତ୍ର

ପାରାଦୀପ,୩।୧୨(ସ୍ୱ.ପ୍ର.)




ଭିନ୍ନକ୍ଷମ ଦିବସ ଅବସରରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ପାରାଦୀପ ବନ୍ଦର ଦ୍ୱାରା ପ୍ରତିଷ୍ଠା ହୋଇଥିବା ଭିନ୍ନକ୍ଷମ ଶିକ୍ଷାନୁଷ୍ଠାନ ଜାଗୃତି ପରିସରରେ ମଙ୍ଗଳବାର ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଶିକ୍ଷାନୁଷ୍ଠାନ ପରିସରରେ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣି ସଭା ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥିଭାବେ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ ଯୋଗଦେଇ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଆଗାମୀ ଦିନରେ ଦକ୍ଷହେବା ସହ ସମସ୍ତ ପ୍ରତିକୂଳସ୍ଥିତିକୁ ସାମନା କରି ପାରିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୋର୍ଟ ଲେଡିଜ କ୍ଲବ ସଭାନେତ୍ରୀ ଶୁଭଲକ୍ଷ୍ମୀ ରାୟ, ଜାଗୃତିର ସମ୍ପାଦକ ତଥା ବରିଷ୍ଠ ଆକାଉଣ୍ଟ ଅଫିସର ପ୍ରଶାନ୍ତ କୁମାର ମହାରଣା ଓ ବିଭିନ୍ନ ବିଭାଗୀୟ ମୁଖ୍ୟମାନେ ଯୋଗଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ଅଧ୍ୟକ୍ଷ ରାୟ ପୁରସ୍କୃତ କରିଥିଲେ। ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷା ନଳିନୀ ମହାନ୍ତି, ପୋର୍ଟୱେଲ ଫେୟାର ଅଫିସର ଏନ୍.କେ ପଟ୍ଟନାୟକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ରାମଚନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଚେଳିତୋଳ ବାଲିଯାତ୍ରାକୁ ମାସେ ପୂରିବ
## ସଫେଇ ହୋଇ ପାରିଲାନି ପଡ଼ିଆ

ତିର୍ତ୍ତୋଲ,୩।୧୨(ଡି.ଏନ.ଏ.)

ତିର୍ତ୍ତୋଲ ନିକଟସ୍ଥ ମହାନଦୀପଠା ଗୋପିଆକୁଦଠାରେ ପାଳିତ ହୋଇଥିବା ଚେଳିତୋଳ ବାଲିଯାତ୍ରାକୁ ଆଉ କିଛିଦିନ ପରେ ମାସେ ପୂରିବ। ବାଲିଯାତ୍ରା ପରେ ପଡ଼ିଆ ସଫା କରାଯିବା କଥା। ମାତ୍ର ଏହି ପଡିଆରେ ଏ ପର୍ଯ୍ୟନ୍ତ ପଲିଥିନ ସମେତ ବିଭିନ୍ନ ବର୍ଜ୍ୟ ସାମଗ୍ରୀ ପଡିରହିଛି। ପଡିଆ ସଫେଇ ପ୍ରତି କେହି ଦୃଷ୍ଟି ଦେଇନାହାନ୍ତି। ବାଲିଯାତ୍ରାରେ ବିଭିନ୍ନ ବିପଣି ଖୋଲିଥିବା ଦୋକାନୀମାନେ ବହୁଳ ଭାବରେ ପଲିଥିନ, ଥର୍ମକୁଲ ପାତ୍ର, ଖଲିପତ୍ର, ଆଇସକ୍ରିମଜରି ସମେତ ଅନ୍ୟାନ୍ୟ ଅଳିଆ ଇତ୍ୟାଦି ଏହି ପଡିଆରେ ବିକ୍ଷିପ୍ତ ଭାବରେ ପକାଇଥିଲେ। ଫଳରେ ଏହି ଜରି ଏବଂ ଅନ୍ୟାନ୍ୟ ଅଳିଆ ପବନରେ ଉଡି ପରିବେଶ ଖରାପ କରିବା ସହ ନିକଟରେ ଥିବା ଗୋପିଆକୁଦ ଅଧିବାସୀଙ୍କ ବାଡିଘରେ ପଡୁଛି। ଏହାକୁ ନେଇ ସ୍ଥାନୀୟ ଲୋକ ଅସନ୍ତୋଷ ପ୍ରକାଶ କରିବା ସହ ପଡିଆ ସଫା ଦିଗରେ ବାଲିଯାତ୍ରା କମିଟି ଉଦ୍ୟମ କରିବାକୁ ଦାବି କରିଛନ୍ତି। ବିଗତ ବର୍ଷରେ ବାଲିଯାତ୍ରା ସରିବା ପରେ ଏହିପରି ଭାବରେ ପଲିଥିନ ଓ ଅଳିଆ ପଡିଆରେ ଗଦାହୋଇ ରହିଥାଏ। କିଛିବର୍ଷ ବାବା ବଳିଆଙ୍କ ନିର୍ଦ୍ଦେଶରେ ଶିଶୁ ଅନନ୍ତ ଆଶ୍ରମ ତରଫରୁ ଏହି ପଡିଆରୁ ଅଳିଆ ସଫା କରାଯାଇଥିଲା। ଏଥିସହ ଝଙ୍କଡ ସାହିତ୍ୟ ସଂସଦ ସଦସ୍ୟ ମଧ୍ୟ ଥରେଦୁଇଥର ପୂର୍ବ ବର୍ଷ ମାନଙ୍କରେ ଏହି ପଡିଆ ସଫା କରିଥିଲେ। ଚଳିତବର୍ଷ ବାଲିଯାତ୍ରା କମିଟି କିମ୍ବା ଅନ୍ୟ କୌଣସି ଅନୁଷ୍ଠାନ ଏହି ପଡିଆ ସଫାଦିଗରେ ପଦକ୍ଷେପ ନେଇନାହାନ୍ତି। ତେଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହୋଇଛି।

## ସାହିତ୍ୟକୁ ସୁଦୃଢ଼ କରିବାରେ ଯଶୋବନ୍ତଙ୍କ ଅବଦାନ ଅତୁଳନୀୟ

ବିରିଡ଼ି/ବାଲିଆ,୩।୧୨(ଡି.ଏନ.ଏ)




ଯଶୋବନ୍ତ ଦାସଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବରେ ଯୋଗ ଦେଇଥିବା ଅତିଥି।

ମହାପୁରୁଷ ଯଶୋବନ୍ତ ଦାସ ଜଣେ ସାହିତ୍ୟିକ, ସମାଜ ସଂସ୍କାରକ, ବୈଜ୍ଞାନିକ ଓ ଅନୁଭବୀ ସିଦ୍ଧ ସାଧକ ସନ୍ଥ ଥିଲେ। ଓଡ଼ିଆ ସାହିତ୍ୟର ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ତାଙ୍କ ଅବଦାନ ଥିଲା ଅତୁଳନୀୟ। ସେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଆଧ୍ୟାତ୍ମିକ ରଚନାବଳୀ ଦ୍ୱାରା ରୁଦ୍ଧିମନ୍ତ କରିଥିଲେ ବୋଲି ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଯଶୋବନ୍ତ ସାଂସ୍କୃତିକ ବିକାଶ କଳା ଅନୁଷ୍ଠାନ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଯଶୋବନ୍ତ ଦାସଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବରେ ଯୋଗ ଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବିରିଡି ବ୍ଲକ ଅଡଙ୍ଗ ନାଇଲୋଠାରେ ଥିବା ଯଶୋବନ୍ତ ଦାସଙ୍କ ସମାଧି ପୀଠରେ ଆୟୋଜିତ ଉତ୍ସବରେ ପୌରୋହିତ୍ୟ କରିଥିଲେ ସାହିତ୍ୟ ଏକାଡେମୀ ସାଧାରଣ ପରିଷଦ ସଦସ୍ୟ ଅକ୍ଷୟ ରାଉତ। ମୁଖ୍ୟ ଅତିଥିଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଡ. ପ୍ରଭାକର ସ୍ୱାଇଁ, ମୁଖ୍ୟବକ୍ତା ପରିବ୍ରାଜକ ତଥା ମାଳିକା ପ୍ରବଚକ ପ୍ରମୋଦ କୁମାର, ସମ୍ମାନିତ ଅତିଥି ସାହିତ୍ୟ ଏକାଡେମୀର ସଦସ୍ୟ ସଞ୍ଜିତ୍ ପଟ୍ଟନାୟକ ଯୋଗ ଦେଇଥିଲେ। ସମ୍ପାଦକୀୟ ବିବରଣୀ ପାଠ ସହ ମଞ୍ଚ ପରିଚାଳନା କରିଥିଲେ କଳା ଅନୁଷ୍ଠାନର ସମ୍ପାଦକ ପ୍ରଶାନ୍ତ ଦାସ। ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏକାଡେମୀର ପ୍ରକାଶନ ଅଧିକାରୀ ସଞ୍ଜୟ ଛୁଆଳ ସିଂ। ଏହି ପରିପ୍ରେକ୍ଷୀରେ ସାହିତ୍ୟ ଏକାଡେମୀ ପକ୍ଷରୁ ଭଞ୍ଜ କିଶୋର ଶତପଥୀଙ୍କୁ ଯଶୋବନ୍ତ ସେବା ସମ୍ମାନ, କଣ୍ଠଶିଳ୍ପୀ ତଥା ସଂଯୋଜକ ବଂଶୀଧର ବାରିକଙ୍କୁ ଯଶୋବନ୍ତ ସଂସ୍କୃତି ସମ୍ମାନ, କଣ୍ଠଶିଳ୍ପୀ, ଅଭିନେତା ଓ ବ୍ୟଙ୍ଗ କବି ବିଭୂପ୍ରସାଦ ମିଶ୍ରଙ୍କୁ ଯଶୋବନ୍ତ କଳା ସମ୍ମାନ, ରଚିତା ସାହୁ, ବିଜୟ ସାହୁ, ପୁଷ୍ପାଞ୍ଜଳି ଦାସ, ଯଶ୍ମୀନ ଦାସ, କୃଷ୍ଣଚନ୍ଦ୍ର ଦାସ, ଗୁରୁପ୍ରସାଦ ମହାପାତ୍ର, ଦେବଜ୍ୟୋତି ପଣ୍ଡା, ନରେଶ ରାଉତ ଓ ଦିବାକର ବେହେରାଙ୍କୁ ଯଶୋବନ୍ତ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ଗ୍ରାମବାସୀ ଓ ଯଜ୍ଞ କମିଟି ପକ୍ଷରୁ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଶେଷରେ ଭଜନ ସମାରୋହ ପରିବେଷଣ କରାଯାଇଥିଲା। ଯଶୋବନ୍ତ ଗୋସ୍ୱାମୀ ମନ୍ଦିର ଟ୍ରଷ୍ଟ ବୋର୍ଡର ଟ୍ରଷ୍ଟି ଚିତ୍ତରଞ୍ଜନ ଦାସ ଓ ସମସ୍ତ ସଭ୍ୟ ପରିଚାଳନାରେ ସହାୟତା କରିଥିଲେ।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**Officially Staff**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.20,000/-.
Contact Immediately
Mob: 9938699963

**TEACHERS REQUIRED**
Teachers Required Male/Female for Odiya/English Medium School
ST. XAVIER HIGH SCHOOL
Plot No.4916, Pandav Nagar, Bhubaneswar.
Contact : 7978084379 8249088768

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary Rs.27,000/-.
Contact: 9938676412

**Urgently Required**
A Sales Manager for SP& CFA of JK-Lakshmi Cement in Puri District. Candidate must be Experienced / Native in Puri District.
Cell : 9040096746 / 9040096740
E-mail - logisticsaikrupa@gmail.com

**Urgent Required**
Experience Lady Candidate for Backend Job. Salary 7K-10K. Work Place Bhubaneswar. The candidate should have well experience in Computer Knowledge.
Contact : 8327770813 7609947073

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.25,000/-.
Contact Immediately
Mob: 8763257042

**REQUIRED** A reputed business house in Bhubaneswar requires the following experienced and dynamic personnel:
1. SALES EXECUTIVE: Graduation with 3-5 year experience in Lubricants /Automobile / FMCG
2) ACCOUNTS ASSISTANT - Commerce with 2-3 year experience in Tally.
Interested candidate may send recent Photo with resume to
E-mail : hr.rctpl@gmail.com, Mob.: 9437329938

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଡିଣ୍ଡୋଲି, ସୁରତ, ଗୁଜୁରାଟ
9157012447, 9157312448

URGENT REQUIRED
FLYING JET JEWELLERY
A leading direct sales company in India.
ISO Certified -9001-2015
Required 100 nos. of male and female for every District in Odisha.
Post Sales/ Marketing Executive. And Team Leader
Qualifications 10th pass and above can apply.
Age Limit- 21 to 50
Direct Company recruitment. Interested Franchisers also can contact us.
Address :- John House building, 2nd Floor, Goutam Nagar, Bhubaneswar. Land mark- Mausima temple.
For more details contact to :- 8596095964, 9178719177
E-mail : flyingjetonline@gmail.com

ଭୁବନେଶ୍ୱରରେ ଦରମା ସହିତ ରହିବା, ଖାଇବା ସୁବିଧା ଥାଇ, ଆୟୁର୍ବେଦିକ୍ କ୍ଲିନିକ୍ ପାଇଁ ମହିଳା କର୍ମୀ ଆବଶ୍ୟକ।
ଯୋଗାଯୋଗ
9861193818

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

CLASSIFIED DISPLAY
on Every
Tuesday and Friday

ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ନିଯୁକ୍ତି ପାଇଁ
ସମସ୍ତ ଜିଲ୍ଲାରୁ ପ୍ରାର୍ଥୀ ଆବଶ୍ୟକ।
ଯୋଗ୍ୟତା - ୧୦ମ ରୁ ଉର୍ଦ୍ଧ
ଦରମା - ୭୫୦୦/- ରୁ ୪୨୫୦୦/-
7894509327

## ସଂକ୍ଷେପରେ

### ଜିଲା ପାଲା ଗାୟକ ସମ୍ମିଳନୀ ଉଦ୍‌ଯାପିତ

**ପଟ୍ଟାମୁଣ୍ଡାଇ, ୩।୧୨ (ସ୍ୱ.ପ୍ର.):** କେନ୍ଦ୍ରାପଡ଼ା ଜିଲା ପାଲା ଗାୟକଙ୍କ ୨ ଦିନିଆ ସମ୍ମିଳନୀ ଇତିମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି। ପାଲା ଗାୟକ ପରିଷଦର ଦ୍ୱାବିଂଶତମ ସମ୍ମିଳନୀ ପଟ୍ଟାମୁଣ୍ଡାଇ ବ୍ଲକ ଗଙ୍ଗାରାମପୁର ପଞ୍ଚାୟତ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଥିଲା। ପରିଷଦର ସଭାପତି ଗଗନ ବିହାରୀ ସିଂ ଓ ବଙ୍ଗାଳୀ ଚରଣ ତରାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ପଣ୍ଡିତ ମାନସ ଭୂଷଣ ମୁଖ୍ୟଅତିଥି, ହୃଷୀକେଶ ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସେହିପରି ପଟ୍ଟାମୁଣ୍ଡାଇ ବିଡିଓ ପବିତ୍ର ମୋହନ କାନୁନ୍‌ଗୋ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର ଦାସ, ପାଲା ଗାୟକ ପର୍ଶୁରାମ ପଣ୍ଡା, ଗାୟକ ସୁଧାକର ଅଭିମନ୍ୟୁ ନାୟକ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ବେହେରା, ସିଦ୍ଧ ପରମହଂସ କଳାକାର ସଂଘ ସଭାପତି ନନ୍ଦକିଶୋର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପଣ୍ଡିତ ପ୍ରମୋଦ କୁମାର ତ୍ରିପାଠୀ ବେଦପାଠ କରିଥିଲେ। ସରପଞ୍ଚ ପ୍ରଫୁଲ୍ଲ କୁମାର ତରାଇଙ୍କ ସହଯୋଗରେ ପ୍ରଥମ ରାତିରେ ୨୫ ଜଣ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି, ଭଣ୍ଡାରିପୋଖରୀ ବିଡିଓ ବନମାଳୀ ତରାଇ ମୁଖ୍ୟବକ୍ତା ଓ ଡେରାବିଶ ବିଇଓ ହିମାଂଶୁ ଶେଖର ଓଝା, ଗାୟକ ପର୍ଶୁରାମ ପଣ୍ଡା, କେନ୍ଦ୍ରାପଡା ସଦର ଥାନାଧିକାରୀ ପ୍ରମୋଦ କୁମାର ମଲିକ, ରାଜ୍ୟ କଳା ସଂସ୍କୃତି ସଂଘ ଉପସଭାପତି ଜ୍ଞାନରଞ୍ଜନ କାନୁନ୍‌ଗୋ, ମାନସ ରଞ୍ଜନ କବି, ସତ୍ୟନାରାୟଣ ଦେବତା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସହଦେବ ବାରିକ, ରମାକାନ୍ତ ପଣ୍ଡା, ସନାତନ ଶତପଥୀ, ରାଜକିଶୋର ସେଠୀ, ରଜନୀକାନ୍ତ ଚଣ୍ଡ, ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଶହଦେବ ବାରିକ, ଅଲେଖ ସୂତାରଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଅଗ୍ନି ବିପନ୍ନଙ୍କୁ ସହାୟତା

**ଏରସମା,୩।୧୨(ସ୍ୱ.ପ୍ର.):** ଏରସମା ବ୍ଲକ ଅନ୍ତର୍ଗତ ସିହା ଗ୍ରାମର ଅଗ୍ନି ବିପନ୍ନ ତଥା ସାଧୁ ବାବାଭାବେ ପରିଚିତ ଭରତ ଚନ୍ଦ୍ର ମଲ୍ଲିକଙ୍କୁ ମଙ୍ଗଳବାର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ମଞ୍ଚ କର୍ମକର୍ତ୍ତା ଦେବେନ୍ଦ୍ର ମହାରଣା, ଦୁର୍ଯ୍ୟୋଧନ ସେଠୀ, ନରେନ୍ଦ୍ର ସ୍ୱାଇଁ, ଅକ୍ଷୟ ବେହେରା, ରବୀନ୍ଦ୍ର ବେହେରା, ପ୍ରଭାକର ବିଶ୍ୱାଳ, ସର୍ବେଶ୍ୱର ଜେନା, ଦିଲୀପ ସ୍ୱାଇଁ ଓ ସତ୍ୟାନନ୍ଦ ଭୋଳ ପ୍ରମୁଖ ବିପନ୍ନଙ୍କୁ ଭେଟି ଏକ ସାଇକେଲ ଓ ଅଙ୍ଗ ବସ୍ତ୍ର ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ସାଧୁ ବାବା ମଲ୍ଲିକଙ୍କ ସାଇକଲଟି ଏକମାତ୍ର ସମ୍ବଳ ଥିଲା। ସେଥିରେ ସେ ଦୂର ଦୂରନ୍ତକୁ ଯାଇ ବିଭିନ୍ନ ଆଧ୍ୟାତ୍ମିକ ପ୍ରଚାର ପତ୍ର ବଣ୍ଟନ କରି ମଣିଷ ମନରେ ଧର୍ମ ଭାବନା ସୃଷ୍ଟି କରୁଥିଲେ। ମାତ୍ର ଗତ ମାସ ୧୧ ତାରିଖରେ ଅଗ୍ନିକାଣ୍ଡ ଘଟି ତାଙ୍କ ଘର ସହିତ ସାଇକେଲ ଜଳି ଯାଇଥିଲା।

# ପିଲାଙ୍କୁ କୋଚିଂ ସେଣ୍ଟର ମୁହାଁ କରୁଛନ୍ତି ସରକାରୀ ଶିକ୍ଷକ

**ଜଗତ୍‌ସିଂହପୁର ଅଫିସ୍,୩।୧୨**

- ବିଦ୍ୟାଳୟରେ ଶିକ୍ଷାଦାନକୁ ଗୌଣ କରାଯାଉଛି
- ସରକାରୀ କର୍ମଚାରୀ ଶୃଙ୍ଖଳା ନିୟମର ଖୋଲା ଉଲ୍ଲଂଘନ
- ଅଭିଯୋଗ ପାଇଁ ଟୋଲ ଫ୍ରି ନମ୍ବର କାର୍ଯ୍ୟକାରୀ କରିବାକୁ ଦାବି

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶନାମା ଅନୁସାରେ କୌଣସି ସରକାରୀ ଶିକ୍ଷକ ବେସରକାରୀ ଟ୍ୟୁସନ୍ କିମ୍ବା କୋଚିଂ ସେଣ୍ଟର ଆଦିରେ ଶିକ୍ଷାଦାନ କରିପାରିବେ ନାହିଁ। ଏଭଳି କଲେ ତାହା ସରକାରୀ କର୍ମଚାରୀ ଶୃଙ୍ଖଳା ନିୟମର ଖୋଲା ଉଲ୍ଲଂଘନ ହେବ। ତେଣୁ ଖିଲାପକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବାସ୍ତବରେ କିନ୍ତୁ ସରକାରଙ୍କ ଏହି ନିର୍ଦ୍ଦେଶନାମା ଜଗତ୍‌ସିଂହପୁର ଜିଲାରେ କାର୍ଯ୍ୟକାରୀ ହେଉନାହିଁ। ଯେଉଁଥିପାଇଁ ଜଗତ୍‌ସିଂହପୁର ସହର ସମେତ ଜିଲାର ବିଭିନ୍ନ ପ୍ରାନ୍ତରେ ଟ୍ୟୁସନ୍, କୋଚିଂ ସେଣ୍ଟର ଓ ଟ୍ୟୁଟୋରିଆଲ କ୍ଲାସ୍ ଆଦି ଅବାଧରେ ଚାଲୁଥିବା ଅଭିଯୋଗ ହୋଇଛି। ଏହାଦ୍ୱାରା ସରକାରୀ ଶିକ୍ଷାନୁଷ୍ଠାନରେ ଗୁଣାତ୍ମକ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଯାହାକି ସାଧାରଣରେ ଅସନ୍ତୋଷ ବୃଦ୍ଧି କରୁଛି।

ଜଗତ୍‌ସିଂହପୁର ସହରରେ ୨୦ରୁ ଅଧିକ କୋଚିଂ ସେଣ୍ଟର ଓ ଟ୍ୟୁଟୋରିଆଲ ଚାଲିଛି। ଏସବୁ ସମେତ ଘରୋଇ ଟ୍ୟୁସନ୍‌ରେ ଅନେକ ସରକାରୀ ଶିକ୍ଷକ ନିୟୋଜିତ ଅଛନ୍ତି। ବଡ କଥା ହେଲା କେତେକ ସରକାରୀ ଶିକ୍ଷକ ନିଜେ କୋଚିଂ ସେଣ୍ଟର/ଟ୍ୟୁଟୋରିଆଲ ଖୋଲିଛନ୍ତି। ବିଦ୍ୟାଳୟ ସମୟ ପୂର୍ବରୁ ଏବଂ ପରେ ଏହି ଶିକ୍ଷକମାନେ କୋଚିଂ ସେଣ୍ଟର/ଟ୍ୟୁଟୋରିଆଲରେ ଶିକ୍ଷାଦାନ କରି ଅର୍ଥ ରୋଜଗାର କରୁଛନ୍ତି। ଏଭଳି ପରିସ୍ଥିତି କେବଳ ଜଗତ୍‌ସିଂହପୁର ନୁହେଁ, ସାରା ଜିଲାର ଦେଖିବାକୁ ମିଳୁଛି। ଅତୀତରେ ଏଭଳି ଅଭିଯୋଗ ଉପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବେସ୍ ତତ୍ପର ହୋଇଥିଲା। ଅସାଧୁ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସମସ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

ଶିକ୍ଷା ଅଧିକାର ଆଇନ ଅନୁଯାୟୀ କୌଣସି ସରକାରୀ ଶିକ୍ଷକ ବେସରକାରୀ ଅନୁଷ୍ଠାନ (ଅର୍ଥ ରୋଜଗାର ଉଦ୍ଦେଶ୍ୟରେ) ସହ ଜଡିତ ରହିପାରିବେ ନାହିଁ। କେବଳ ଜନ ଗଣନା, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରିଲିଫ ବଣ୍ଟନ, ସ୍ଥାନୀୟ ନିର୍ବାଚନ, ବିଧାନସଭା ଓ ଏମ୍‌ପି ନିର୍ବାଚନ ସମୟରେ ନିଯୁକ୍ତ ରହିପାରିବେ। ସେହିପରି କୌଣସି ଶିକ୍ଷକ ଟ୍ୟୁସନ୍ କିମ୍ବା ବେସରକାରୀ ଅଭ୍ୟାସରେ ନିୟୋଜିତ ହୋଇପାରିବେ ନାହିଁ। ଏ ସମ୍ପର୍କିତ ଏକ ମାମଲାର ବିଚାର କରି ଅତୀତରେ ମାଡ୍ରାସ୍ ହାଇକୋର୍ଟ ବିଚାରପତି ଏସ୍. ଏମ୍. ସୁବ୍ରମଣ୍ୟମ୍ ଉଲ୍ଲେଖନୀୟ ରାୟ ଶୁଣାଇଥିଲେ। ଏଥିରେ ଉଲ୍ଲେଖ ଅଛି ସରକାରୀ ବିଦ୍ୟାଳୟ ଶିକ୍ଷକ ବିଦ୍ୟାଳୟ ସମୟ ବାଦ୍ ଏପରି କି ଛୁଟି ଦିନରେ ମଧ୍ୟ ଟ୍ୟୁସନ୍ କରିପାରିବେ ନାହିଁ। ଏଭଳି କଲେ ବେସରକାରୀ ବ୍ୟବସାୟ ହିସାବରେ ଗ୍ରହଣ କରାଯିବ। ଯାହାକି ସରକାରୀ କର୍ମଚାରୀଙ୍କ ସର୍ଭିସ ରୁଲ୍‌ର ଅବମାନନା। ଶିକ୍ଷାଦାନ ଏକ ମହତ କାର୍ଯ୍ୟ। ଲୋକଙ୍କ ଟ୍ୟାକ୍ସ ଟଙ୍କାରୁ ଶିକ୍ଷକମାନେ ଦରମା ପାଉଛନ୍ତି। ତେଣୁ ଶିକ୍ଷକମାନେ ସାଧୁତାର ସହ ସେମାନଙ୍କ କର୍ତ୍ତବ୍ୟ ପାଳନ କରିବା ଜରୁରୀ। ସେହିପରି ବେସରକାରୀ ଟ୍ୟୁସନ୍ କିମ୍ବା ଟ୍ୟୁଟୋରିଆଲ ଶ୍ରେଣୀରେ ସରକାରୀ ଶିକ୍ଷକଙ୍କ ସମ୍ପୃକ୍ତି, ବି ଶୃ ଙ୍ଖ ଳ ।, ବେଆଇନ କାର୍ଯ୍ୟ, ଅ ନି ୟ ମି ତ ତ ।

ଏବଂ ଯୌନ ନିର୍ଯାତନା ଆଦି ସମ୍ପର୍କରେ ଛାତ୍ରୀଛାତ୍ର, ଅଭିଭାବକ ଏବଂ ଅନ୍ୟମାନେ ଅଭିଯୋଗ କରିବା ପାଇଁ ଟୋଲ ଫ୍ରି ନମ୍ବର ଜାରି କରିବାକୁ ଅଭିଭାବକଙ୍କ ପକ୍ଷରୁ ଦାବି ହୋଇଛି।

### ଏମାନେ କୁହନ୍ତି...



ଟ୍ୟୁସନ, କୋଚିଂ ସେଣ୍ଟର ଓ ଟ୍ୟୁଟୋରିଆଲ ଆଦିରେ ସରକାରୀ ଶିକ୍ଷକମାନେ ଶିକ୍ଷାଦାନ କରିପାରିବେ ନାହିଁ ବୋଲି କୌଣସି ନିର୍ଦ୍ଦେଶନାମା ନାହିଁ। ତଥାପି ଏହି ଅଭିଯୋଗ ସମ୍ପର୍କରେ ସରକାରଙ୍କ ଦୃଷ୍ଟିକୁ ଅଣାଯିବା ଉଚିତ। ଏପରି ଅଭିଯୋଗ ହେଲେ ହୁଏତ ଆଗାମୀ ଦିନରେ ସରକାର କୌଣସି ପଲିସି ଆଣିପାରନ୍ତି।

**-ସଂଗ୍ରାମ କେଶରୀ ମହାପାତ୍ର, ଜିଲାପାଳ, ଜଗତ୍‌ସିଂହପୁର**



ସରକାରୀ ଶିକ୍ଷାନୁଷ୍ଠାନରେ ପାଠ ପଢ଼ା ଆଦୌ ସନ୍ତୋଷଜନକ ନୁହେଁ। କାରଣ ଅନେକ ଶିକ୍ଷକ ପିଲାଙ୍କ ଭବିଷ୍ୟତ ଅପେକ୍ଷା ଅର୍ଥ ରୋଜଗାରକୁ ପ୍ରାଧାନ୍ୟ ଦେଉଛନ୍ତି। ସେମାନେ ପିଲାଙ୍କୁ ଟ୍ୟୁସନ୍/କୋଚିଂ ସେଣ୍ଟର/ଟ୍ୟୁଟୋରିଆଲ ମୁହାଁ କରିବାକୁ ହୀନ ଉଦ୍ୟମ କରୁଛନ୍ତି। ଯେଉଁମାନେ ଅର୍ଥାଭାବ କାରଣରୁ ଟ୍ୟୁସନ୍ ହୋଇପାରୁନାହାନ୍ତି ସେମାନଙ୍କୁ ଗୌଣ କରାଯାଉଛି। ବିଶେଷକରି ୯ମ, ୧୦ମରେ ପିଲାଙ୍କୁ ସ୍ୱତନ୍ତ୍ର ଧ୍ୟାନ ଦେବା ନେଇ ମୋଟା ଅଙ୍କର ଅର୍ଥ ଦାବି କରାଯାଉଛି। ଏବେ ବିଦ୍ୟାଳୟ ସାଜିଛି ଚାହାଲି ଓ ଚାହାଲି ସାଜିଛି ବିଦ୍ୟାଳୟ। ତେଣୁ ଅନେକ ସ୍ୱଚ୍ଛଳ ଏବଂ ଶିକ୍ଷିତ ଅଭିଭାବକ ସେମାନଙ୍କ ପିଲାଙ୍କୁ ବେସରକାରୀ ଶିକ୍ଷାନୁଷ୍ଠାନ ନେବାକୁ ଇଚ୍ଛା କରୁଛନ୍ତି।

**-ନରେଶ ଦାସ, ଛାତ୍ରାଭିଭାବକ ତଥା ଜିଲା ଓକିଲ ସଂଘ କୋଷାଧ୍ୟକ୍ଷ, ଜଗତ୍‌ସିଂହପୁର**



ବିଦ୍ୟାଳୟସ୍ତରରେ ବିଶେଷକରି ଗୁରୁତ୍ୱପୂର୍ଣ୍ଣ ବିଷୟ ଯଥା ଗଣିତ, ବିଜ୍ଞାନ ଓ ଇଂଲିଶରେ ଶିକ୍ଷାଦାନ କରୁଥିବା ଶିକ୍ଷକମାନଙ୍କ ଚାହିଦା ଅଧିକ। ସେମାନେ ବେଆଇନ ଭାବେ କୋଚିଂ ସେଣ୍ଟର, ଟ୍ୟୁଟୋରିଆଲ ଓ ଘରେ ଏକାଧିକ ଛାତ୍ରୀଛାତ୍ରଙ୍କୁ ଟ୍ୟୁସନ୍ କରି ବେସ୍ ରୋଜଗାର କରୁଛନ୍ତି। ସେମାନଙ୍କ ଉପରେ ସରକାରଙ୍କ ଅଙ୍କୁଶ ରହୁନି। ଯେଉଁ କାରଣରୁ ବିଦ୍ୟାଳୟଗୁଡିକରେ ଶିକ୍ଷାଦାନ ପ୍ରତି ସେମାନଙ୍କର ଆଗ୍ରହ ରହୁନି। ଶିକ୍ଷାନୁଷ୍ଠାନକୁ ବିଶ୍ରାମ କରିବା ପାଇଁ ସେମାନେ ଏକ ପ୍ରକୋଷ୍ଠ ସ୍ଥାନ ବୋଲି ଭାବୁଛନ୍ତି। ବିଦ୍ୟାଳୟ ହେଉଛି ମଣିଷ ତିଆରି କାରଖାନା। କିନ୍ତୁ ସରକାର ଶିକ୍ଷାଦାନ ଅପେକ୍ଷା ଶିକ୍ଷକମାନଙ୍କୁ ଅନ୍ୟ କାମରେ ଲଗାଇବା ସମସ୍ୟା ସୃଷ୍ଟି କରୁଛି। ସେହିପରି ଅଧିକାଂଶ କୃତୀ ଛାତ୍ରୀଛାତ୍ର ଶିକ୍ଷକ ହେବା ଅପେକ୍ଷା ଅନ୍ୟ ଚାକିରି କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଏହାମଧ ବିଦ୍ୟାଳୟସ୍ତରରେ ଗୁଣାତ୍ମକ ଶିକ୍ଷାରେ ବାଧା ସୃଷ୍ଟି କରୁଛି।

**-ଆଲୋକ ଖୁଣ୍ଟିଆ, ଛାତ୍ରାଭିଭାବକ, ଜଗତ୍‌ସିଂହପୁର**




ପାରାଦୀପ ସାମୁଦ୍ରିକ ଥାନା ପକ୍ଷରୁ ନେହେରୁ ବଙ୍ଗଳଠାରେ ଥିବା ମହାନଦୀ ମୁହାଣ ସଂଲଗ୍ନ ମନ୍ଦନ ଉଦ୍ୟାନ ପର୍ଯ୍ୟଟନ ସ୍ଥଳରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଏସ୍‌ପି ବିଷ୍ଣୁଚରଣ ମିଶ୍ର, ଥାନା ଅଧିକାରୀ ପ୍ରଦ୍ୟୁମ୍ନ ବେହେରାଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।




ମହିଳା ଡାକ୍ତରାଣୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣା ପ୍ରତିବାଦରେ ପାରାଦୀପ ଷଣ୍ଢକୁଦ ବସ୍ତିର ଯୁବକମାନେ ମଙ୍ଗଳବାର ମହମବତି ଶୋଭାଯାତ୍ରା କରିଛନ୍ତି। ସମ୍ପୃକ୍ତ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦେବାକୁ ସେମାନେ ଦାବି କରିଛନ୍ତି।

## ୫-ଟି ନିୟମକୁ ମାନୁ ନାହାନ୍ତି ଅଧ୍ୟକ୍ଷ

**ଯାଜପୁର ଟାଉନ,୩।୧୨(ଡି.ଏନ୍.ଏ.)**

- କଲେଜ ଛାଡ଼ି ସଭାସମିତିରେ ଯୋଗଦେଉଛନ୍ତି
- ଜିଲାପାଳଙ୍କ ଜନ ଶୁଣାଣିରେ ହେଲା ଅଭିଯୋଗ
- ଘଟଣାର ତଦନ୍ତ କରିବେ ଉପ ଜିଲାପାଳ

ରସୁଲପୁର ବ୍ଲକ ଅନ୍ତର୍ଗତ ବଡକଇଁଚି ପଞ୍ଚାୟତ ପାଞ୍ଚଗୋଛିଆ ଗ୍ରାମର ଅଧ୍ୟାପକ ପ୍ରକାଶ ଚନ୍ଦ୍ର ରଥଙ୍କ ପାଇଁ ୫-ଟି(ଟାଇମ୍, ଟିମ୍ ୱାର୍କ, ଟେକ୍ନୋଲୋଜି, ଟ୍ରାନ୍ସଫରମେଶନ ଓ ଟ୍ରାନ୍ସପ୍ୟାରେନ୍ସି) ମୂଲ୍ୟହୀନ ହୋଇପଡ଼ିଛି। ରଥ ଧର୍ମଶାଳା ବ୍ଲକ ଅଧିନସ୍ଥ ଜେନାପୁର କଲେଜରେ ଭାରପ୍ରାପ୍ତ ଅଧ୍ୟକ୍ଷ ଦାୟିତ୍ୱରେ ଅଛନ୍ତି। ସେ କଲେଜକୁ ନ ଯାଇ କାର୍ଯ୍ୟ ଦିବସରେ ବିଭିନ୍ନ ସଭାସମିତିରେ ଯୋଗ ଦେଉଛନ୍ତି। ଏପରି କି ସେ ନିଜକୁ ସାମ୍ବାଦିକ ବୋଲି ପରିଚୟ ଦେଉଛନ୍ତି। ଗୋଟିଏ ନୁହେଁ ସେ କୁଆଡେ ଏକାଧିକ ଖବରକାଗଜରେ କାମ କରୁଛନ୍ତି ବୋଲି କହୁଛନ୍ତି। ଏହା ଅଧ୍ୟାପକଙ୍କ ଦୈନନ୍ଦିନ କାର୍ଯ୍ୟ ବୋଲି ଦର୍ଶାଇ ସୋମବାର ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ ହୋଇଛି। ଏସମ୍ପର୍କି ଅଭିଯୋଗ ଜିଲାପାଳଙ୍କ ଡାଇରୀ ସଂଖ୍ୟା-୬୧୮୬/୦୨।୧୧।୧୯ରେ ପଞ୍ଜିକୃତ କରାଯାଇଛି। ଭାରପ୍ରାପ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି ଉକ୍ତ ଘଟଣାର ତଦନ୍ତ ଦାୟିତ୍ୱ ଯାଜପୁର ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳଙ୍କୁ ପ୍ରଦାନ କରିଛନ୍ତି। ଏସମ୍ପର୍କରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ଉଚ୍ଚ ଶିକ୍ଷା ବିଭାଗକୁ ଅବଗତ କରାଯିବ ବୋଲି ସୂଚନା ମିଳିଛି। ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ପ୍ରଣିତ ନୂତନ ଆଇନ ଅନୁସାରେ ପ୍ରତ୍ୟେକ କଲେଜରେ ବାୟୋ ମେଟ୍ରିକ ଯନ୍ତ୍ର ସଂଯୋଗ ହୋଇଛି। ପ୍ରତ୍ୟେକ ଅଧ୍ୟାପିକାଅଧ୍ୟାପକ ବାୟୋ ମେଟ୍ରିକ ଯନ୍ତ୍ରରେ ଅଙ୍ଗୁଠା ଛାପଦେଇ କଲେଜରେ ପ୍ରବେଶ କରିବେ। ଏହାଛଡ଼ା ୭ଘଣ୍ଟା କଲେଜରେ ବିତାଇବା ପରେ ପୁଣି ଯନ୍ତ୍ରରେ ଅଙ୍ଗୁଠା ଛାପଦେଇ ପ୍ରସ୍ଥାନ କରିବେ। ଏହି ନିୟମକୁ ଅଧ୍ୟାପକ ରଥ ଖୋଲାଖୋଲି ଉଲ୍ଲଘଂନ କରୁଛନ୍ତି। ରସୁଲପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ବୁଲି ସଭାସମିତିରେ ଯୋଗ ଦେଉଛନ୍ତି। ତାଙ୍କ ବିରୋଧରେ ପୂର୍ବରୁ ଅନେକ ଅଭିଯୋଗ ଥିଲେ ମଧ୍ୟ ଗତ ବୁଧବାର ଅପରାହ୍ନରେ ଖଣ୍ଡିତର ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ସୁ-ନେତ୍ର ଯୋଜନାରେ ଯୋଗଦେଇଥିଲେ। ପରଦିନ ପୁଣି ସେ ମଧ୍ୟାହ୍ନରେ କ୍ଷେତ୍ରପାଳ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ମଣ୍ଡଳସ୍ତରୀୟ ବିଜ୍ଞାନମେଳାରେ ଯୋଗଦେଇଥିଲେ। ଏ ସମ୍ପର୍କରେ ରଥଙ୍କୁ ପଚାରିବାରୁ ସେ ରାଗିଯାଇ ଗାଳିଗୁଲଜ କରିବା ସହ ତାଙ୍କର କେହି କିଛି କରିପାରିବେ ନାହିଁ ବୋଲି କହିଥିଲେ।

## ଗୌର ବିହାରର ପ୍ରତିଷ୍ଠା ଉତ୍ସବ

**ବାଲିକୁଦା,୩।୧୨(ସ୍ୱ.ପ୍ର.)**

ନାମ ଯଜ୍ଞ ସଂସ୍କାର ସମିତି ସଙ୍କୀର୍ତ୍ତନ ମହାମଣ୍ଡଳ ପକ୍ଷରୁ ଅଳାଭର ପଞ୍ଚାୟତର କୁଳିଆଗାଁଠାରେ ଥିବା ଗୌର ବିହାରର ପ୍ରଥମ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାମଣ୍ଡଳ ପ୍ରତିଷ୍ଠାତା ସଭାପତି ବାବଜୀ ଚରଣ ବିଶ୍ୱାଳ, ପୂଜକ ନରହରି ଦାଶ, ସରୋଜ ପଣ୍ଡା, ବାବା ବଳରାମ ଦାଶ ଓ ରାମାନନ୍ଦ ଦାଶ ପ୍ରମୁଖ ଯୋଗଦେଇ ହରି ନାମ ସମ୍ପର୍କରେ କହିଥିଲେ। ଅତିଥିଭାବେ ବାଲିକୁଦା ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାହୁ, ବିଡିଓ କଲ୍ୟାଣୀ ପଟ୍ଟନାୟକ, ଅଳାଭର ସରପଞ୍ଚ ଅଶୋକ ବିଶ୍ୱାଳ, ଯୁବନେତା ବିଭୂତି ଭୂଷଣ ସ୍ୱାଇଁ, ଅଳାଭର ଉପ ମଣ୍ଡଳର ସମ୍ପାଦକ ଚୈତନ୍ୟ ପରିଡା ପ୍ରମୁଖ ଯୋଗଦେଇ ଧର୍ମୀୟ ଭାବଧାରା ମଧ୍ୟରେ ଜୀବନ ବଞ୍ଚି ରହିବାର ଆବଶ୍ୟକତା ଜରୁରୀ ବୋଲି କହିଥିଲେ। ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହିତ ରାୟପୁର ମଣ୍ଡଳର ମାୟାଧର ସାହୁ, ଫକିରପଡାର ଶରତ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ତିର୍ତ୍ତୋଲ, ନାଉଗାଁ, ଏରସମା ବ୍ଲକର ସଂକୀର୍ତ୍ତନ ପ୍ରେମୀ ଯୋଗ ଦେଇଥିଲେ। ସମିତି ସଭାପତି ମାଧବାନନ୍ଦ ଜେନା, ଉପସଭାପତି ବସନ୍ତ ପରିଡା, ସମ୍ପାଦକ ବସନ୍ତ ନାୟକ, ସହ ସମ୍ପାଦକ ପବିତ୍ର ମୋହନ ସାଉ, ସଂଗଠନ ସମ୍ପାଦକ ବିଚିତ୍ରାନନ୍ଦ ସ୍ୱାଇଁ, ବିଜୟ ପ୍ରଧାନ ଓ ୪୦ ଉପମଣ୍ଡଳର କର୍ମକର୍ତ୍ତା ଯୋଗଦେଇ ଉତ୍ସବ ପରିଚାଳନା କରିଥିଲେ।

## ଯଶୋବନ୍ତ ସାହିତ୍ୟ, ସଂସ୍କୃତି ସଂସଦ ପକ୍ଷରୁ ସାରସ୍ୱତ ସଭା

**ବିରିଡ଼ି/ବାଲିଆ,୩।୧୨(ଡି.ଏନ.ଏ)**

ବିରିଡ଼ି ବ୍ଲକ ଅଢଙ୍ଗ ନାଇଲୋସ୍ଥିତ ଯଶୋବନ୍ତ ସାହିତ୍ୟ ଓ ସଂସ୍କୃତି ସଂସଦ ପକ୍ଷରୁ ଏକ ସାରସ୍ୱତ ସଭା ଶ୍ରୀରାମ ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ସଂସଦ ପରିଚାଳନା କମିଟି ସଭାପତି ଦେବୀପ୍ରସାଦ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରେଣ୍ୟ ଅତିଥିଭାବେ ପରିବ୍ରାଜକ ପଣ୍ଡିତ ଲକ୍ଷ୍ମଣ ଶାସ୍ତ୍ରୀ, ସାହିତ୍ୟିକ ଡ. ବିଷ୍ଣୁପ୍ରିୟା ଓତା, ଓଡ଼ିଶା ଜଗନ୍ନାଥ ସଂସ୍କୃତିର କଥା ପ୍ରଚାରକ ବାବା ଦିବାକର ଦାସ ମହାରାଜ, ଗୀତିକବି ବାମଦେବ ସ୍ୱାଇଁ ଓ ଅଜୟ ବିଶ୍ୱାଳ ଯୋଗ ଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ଶୀତାଂଶୁ ଶେଖର ରାୟ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅତିଥିମାନେ କହିଥିଲେ, ପଞ୍ଚସଖାଙ୍କ ମଧ୍ୟ ମଣି ଯଶୋବନ୍ତ ଦାସ ଗୋସ୍ୱାମୀ ଥିଲେ ଜଣେ ସମାଜ ସଂସ୍କାରକ। ସେ ତାଙ୍କ ଜୀବନ ବ୍ୟାପୀ ଯେଉଁ ସବୁ ସାଧନା କରିଥିଲେ, ତାହା ଆମ ସମାଜ ପାଇଁ ଛାଡି ଯାଇଛନ୍ତି। ଏହାର ଉଦାହରଣ ହେଉଛି ଯଶୋବନ୍ତ ଗୋସ୍ୱାମୀ ପ୍ରେମ ଭକ୍ତି ବ୍ରହ୍ମ ଗୀତା, ଶିବ ସ୍ୱରୋଦୟ, ବର ଭୋଜି ବୋଲି ଗୋବିନ୍ଦ ଚନ୍ଦ୍ର ପଦ୍ମବନ ରାସ ମାଳିକା ଓ ଭଜନ ଜଣାଣ ଚଉପଦି ଚଉତିଶା ଓ ଆଗତ ଭବିଷ୍ୟ ମାଳିକା ଆଦିରେ ପୁଙ୍ଖାନୁପୁଙ୍ଖ ଭାବେ ଆଧ୍ୟାତ୍ମିକ ଚେତନା ଜାଗରଣ କରି ସମାଜରେ ସଂସ୍କାର ଆଣିବା ସହିତ ଜ୍ଞାନ ଓ ବିଜ୍ଞାନକୁ ତୁଳନା କରି ଅତି ବାସ୍ତବ ସତ୍ୟ କଥା ଉଦାହରଣ ଦେଇ ଯାଇଛନ୍ତି। ଯାହା ୬ ଶହ ବର୍ଷ ଧରି ମାନବ ସମାଜରେ ବିଭିନ୍ନ ଦିଗରୁ ପ୍ରଭାବ ପକାଇପାରିଛି। ତେଣୁ ଅଢଙ୍ଗଗଡ ଯଶୋବନ୍ତଙ୍କୁ ପାଇ ଏ ମାଟି ଧନ୍ୟ ହୋଇଛି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ପରିବ୍ରାଜକ ପଣ୍ଡିତ ଲକ୍ଷ୍ମଣ ଶାସ୍ତ୍ରୀଙ୍କୁ ଯଶୋବନ୍ତ ପ୍ରତିଭା ସମ୍ମାନ, ଅଜୟ ବିଶ୍ୱାଳଙ୍କୁ ଯଶୋବନ୍ତ ସେବା ସମ୍ମାନ, ଡ. ବିଷ୍ଣୁପ୍ରିୟା ଓତାଙ୍କୁ ଯଶୋବନ୍ତ ସାହିତ୍ୟ ସମ୍ମାନ, ଗୀତିକବି ବାମଦେବ ସ୍ୱାଇଁଙ୍କୁ ଯଶୋବନ୍ତ ସଂସ୍କୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସଂସଦର ବାର୍ଷିକ ସ୍ମୃତି ପତ୍ର 'ତୀର୍ଥ' ଉନ୍ମୋଚନ କରାଯିବା ସହ ୪୫ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ପ୍ରଦୀପ୍ତ ସାହୁ ଧନ୍ୟବାଦ ଦେଇଥିଲେ। ହାଜିପୁର ସଙ୍ଗୀତ କଳା ଅନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଯଶୋବନ୍ତ ସାହିତ୍ୟ ଓ ସଂସ୍କୃତି ସଂସଦ ପକ୍ଷରୁ ଅନୁଷ୍ଠିତ ସାରସ୍ୱତ ସଭାରେ ଉପସ୍ଥିତ ଅତିଥି 'ସ୍ମୃତିପତ୍ର ତୀର୍ଥ'କୁ ଉନ୍ମୋଚନ କରୁଛନ୍ତି।

## ପ୍ରତ୍ୟେକଙ୍କ ଜିଇଁବାର ଅଧିକାର ରହିଛି

**ଜଗତ୍‌ସିଂହପୁର ଅଫିସ୍, ୩।୧୨**




ଭିନ୍ନକ୍ଷମ ଦିବସବରେ ଉପସ୍ଥିତ ଅତିଥି।

**ଅନ୍ତର୍ଜାତିକ ଭିନ୍ନକ୍ଷମ ଦିବସ**

- ଭିନ୍ନକ୍ଷମଙ୍କ ମକଦ୍ଦମା ଆଗ୍ରାଧିକାର ଭିତ୍ତିରେ ୧ ବର୍ଷରେ ଶୁଣାଣି
- ଜିଲାରେ ୩୪ ହଜାର ଭିନ୍ନକ୍ଷମ, ଭତ୍ତା ପାଉଛନ୍ତି ୧୧ ହଜାର

ସମ୍ବିଧାନର ଧାରା ୨୧ ଅନୁଯାୟୀ ପ୍ରତ୍ୟେକଙ୍କ ଜିଇଁବାର ଅଧିକାର ରହିଛି। ଏହି ଅନୁଯାୟୀ ଭିନ୍ନକ୍ଷମଙ୍କୁ ଏଥିରୁ ବଞ୍ଚିତ କରାଯାଇ ପାରିବ ନାହିଁ। ଯଦି ସେଭଳି କିଛି ଘଟେ ତେବେ ଭିନ୍ନକ୍ଷମଙ୍କୁ କୋର୍ଟ, କଚେରି, ମାଲିମକଦ୍ଦମା ପରିଚାଳନା ପାଇଁ ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ମାଗଣାରେ ଓକିଲ ଓ କୋର୍ଟ ଫି ଆଦି ଯୋଗାଇ ଦିଆଯିବ। ଅର୍ଥାତ୍ ବିନା ଅର୍ଥରେ ଭିନ୍ନକ୍ଷମ ମୋକଦ୍ଦମା ଲଢି ପାରିବେ। ମଙ୍ଗଳବାର ସ୍ଥାନୀୟ ଟାଉନ ହଲ ପରିସରରେ ଅନୁଷ୍ଠିତ ଅନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲା ଆଇନ ସେବା ପ୍ରାଧିକରଣ ସଚିବ କମଳାକାନ୍ତ ରାଉତ ଏହା କହିଥିଲେ। ସେ ଏକଥା ମଧ୍ୟ କହିଥିଲେ, ସୁପ୍ରିମକୋର୍ଟଙ୍କ ଆଦେଶ ଅନୁଯାୟୀ କୌଣସି ଭିନ୍ନକ୍ଷମଙ୍କ ପ୍ରତି ହୋଇଥିବା ଅନ୍ୟାୟ ସମ୍ପର୍କିତ ମାମଲାର ଶୁଣାଣି ଅଗ୍ରାଧିକାର ଭିତ୍ତିରେ ଅର୍ଥାତ୍ ୧ ବର୍ଷ ଭିତରେ କରାଯିବ। ତେଣୁ ଭିନ୍ନକ୍ଷମମାନେ ଆଦୌ ବିଚଳିତ ହେବା ଉଚିତ ନୁହେଁ। ଏଥିସହ ସମ୍ପ୍ରତି ଭିନ୍ନକ୍ଷମମାନେ ମଧ୍ୟ କୌଣସି କ୍ଷେତ୍ରରେ କମ ନାହାନ୍ତି। ଏପରି କି ଅନେକ ଭିନ୍ନକ୍ଷମ ସକ୍ଷମଙ୍କଠାରୁ ଆଗରେ ରହୁଥିବା ପ୍ରାଧିକରଣ ସଚିବ ରାଉତ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅବଦୁଲ ୱାହାବ ଖାଁ ପୌରୋହିତ୍ୟ କରି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ୧୯୮୧ ମସିହାରୁ ପ୍ରତିବର୍ଷ ଡିସେମ୍ବର ୩କୁ ଅନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଭାବେ ପୃଥିବୀରେ ପାଳନ ପାଇଁ ଜାତିସଂଘ ନିଷ୍ପତ୍ତି ନେଇଛି। କେନ୍ଦ୍ର ସରକାର ଭିନ୍ନକ୍ଷମଙ୍କୁ ୨୧ ପ୍ରକାରରେ ଚିହ୍ନଟ କରିଛନ୍ତି। ଓଡ଼ିଶା ଲୋକ ସଂଖ୍ୟାର ୩୩% ଭିନ୍ନକ୍ଷମ ଅଛନ୍ତି। ୧୯୯୫ରେ ଭିନ୍ନକ୍ଷମ ଅଧିନିୟମ ପ୍ରଣୟନ କରାଯାଇଛି। ୧୯୯୫ରେ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନ୍‌ଏସ୍‌ଏପି) ଆରମ୍ଭ ହୋଇଥିଲା। ଜିଲାରେ ୩୪,୦୦୦ ଭିନ୍ନକ୍ଷମ ଚିହ୍ନଟ ହୋଇଥିବା ବେଳେ ସେଥିମଧ୍ୟରୁ ୧୧,୦୦୦ଙ୍କୁ ଭତ୍ତା ପ୍ରଦାନ କରାଯାଉଛି। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର ମୋହନ ଦାସ ଭିନ୍ନକ୍ଷମଙ୍କୁ ମଧୁବାବୁ, ଇନ୍ଦିରା ଗାନ୍ଧୀ ଭତ୍ତା, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ବାଣିଶ୍ରୀ ସ୍କଲାରସିପ୍, ସେମାନଙ୍କ ସହାୟତା ନିମନ୍ତେ ଟ୍ରାଇ ସାଇକେଲ, ହ୍ୱିଲ ଚେୟାର, ଆଶାବାଡି, ବ୍ଲାଇଣ୍ଡ ଷ୍ଟିକ୍, ଶ୍ରବଣ ଯନ୍ତ୍ର ଆଦି ଯୋଗାଯାଉଛି। ଏଥିସହ ସରକାରୀ ଚାକିରିରେ ମଧ୍ୟ ଭିନ୍ନକ୍ଷମଙ୍କ ପାଇଁ ୪% ସ୍ଥାନ ସଂରକ୍ଷଣ ଥିବା କହିଥିଲେ। ବିଜୁ ପକ୍କାଘର, ମୋ କୁଡିଆ ଯୋଜନାରେ ଘର ମିଳିପାରୁଛି ବୋଲି ଦାସ ସୂଚନା ଦେଇଥିଲେ। ପୂର୍ବାହ୍ନରେ ଭିନ୍ନକ୍ଷମ ପିଲାଙ୍କୁ ନେଇ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହାକୁ ଅତିରିକ୍ତ ଜିଲାପାଳ ସଚିଦାନନ୍ଦ ସାହୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।



"ଧରିତ୍ରୀ" ଖବରକାଗଜର ୪୬ତମ ସ୍ୱନକ୍ଷତ୍ର ଅବସରରେ ଅନେକ ଅନେକ ଶୁଭେଚ୍ଛା

**ଚନ୍ଦ୍ରଶେଖର ନାୟକ**

ସରପଞ୍ଚ, ବଡ଼ପାଟଣା, ବ୍ଲକ-ପାଟଣା, କେନ୍ଦୁଝର

"ଧରିତ୍ରୀ" ଖବରକାଗଜର ୪୬ତମ ସ୍ୱନକ୍ଷତ୍ର ଅବସରରେ ଶୁଭକାମନା ।



**ବୈତରଣୀ ରାଇସ୍ ମିଲ୍ସ**

ଗ୍ରା-ଗୁଲୁଡ଼ାପଶି, ବ୍ଲକ୍-ପାଟଣା, ଜି-କେନ୍ଦୁଝର

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ ଏହାର ଅଗଣିତ ପାଠକ ପାଠିକା ଓ ଚୌଦ୍ୱାର କଟକ ନିର୍ବାଚନମଣ୍ଡଳୀର ଭୋଟର ଭାଇ ଭଉଣୀ ମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।



**ଶୁଭେନ୍ଦୁ ସାମଲ**

ପୂର୍ବତନ କାଉନସିଲର, ଜିଲ୍ଲା ଯୋଜନା ବୋର୍ଡ ସଦସ୍ୟ, ବିଜେଡି ରାଜ୍ୟ ପର୍ଯ୍ୟବେକ୍ଷକ।



ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ବର୍ଷ ଅବସରରେ ଅଡ଼ଙ୍ଗ ମଙ୍ଗୁରାଇ, ପଞ୍ଚାୟତ ବିରିଡ଼ି ସ୍ୱାଗତ ଜଣାଉଛି । ପଞ୍ଚାୟତବାସୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ମୁଁ ସଙ୍କଳ୍ପ ବଦ୍ଧ।

**ଦୀପ୍ତିମୟୀ ରାୟ**

ସରପଞ୍ଚ, ଅଡଙ୍ଗ ମଙ୍ଗୁରାଇ, ବିରିଡ଼ି



ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ବର୍ଷ ଅବସରରେ ମଙ୍ଗୁଳି ପଞ୍ଚାୟତ ବିରିଡ଼ି ସ୍ୱାଗତ ଜଣାଉଛି । ପଞ୍ଚାୟତବାସୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ମୁଁ ସଙ୍କଳ୍ପ ବଦ୍ଧ।

**ସ୍ତୁତିମଞ୍ଜରୀ ପରିଡା**

ସରପଞ୍ଚ, ମଙ୍ଗୁଳି, ବିରିଡ଼ି

ଶୁଭେଚ୍ଛା ସହ...



**ବଂଶୀଧର ମାଝୀ (ଅଧକ୍ଷ)**

ପଞ୍ଚାୟତ ସମିତି, ଡାବୁଗାଁ



ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ବର୍ଷ ଅବସରରେ ୨୨ ମୌଜା ମଙ୍ଗୁଳି ବସୁମାତା ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ଜଣାଉଛି । ଅଞ୍ଚଳର ଉନ୍ନତି ସହ ଅସହାୟ ଗରିବଙ୍କୁ ସହାୟତା ପାଇଁ ମୁଁ ସଙ୍କଳ୍ପ ବଦ୍ଧ ।

**ଗୟାଧର ମହାନ୍ତି**

ସମ୍ପାଦକ, ବସୁମାତା
ମଙ୍ଗୁଳି, ବିରିଡ଼ି



ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ବର୍ଷ ଅବସରରେ ଦରଡାଗ୍ରାମ ପଞ୍ଚାୟତ, ବିରିଡ଼ି ସ୍ୱାଗତ ଜଣାଉଛି । ପଞ୍ଚାୟତବାସୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ମୁଁ ସଙ୍କଳ୍ପ ବଦ୍ଧ।

**ଧନଞ୍ଜୟ ମହାପାତ୍ର**

ସରପଞ୍ଚ, ଦରଡ଼ା ଗ୍ରାମ, ବିରିଡ଼ି

ମା' ତାରିଣୀ

"ସାଇ ପ୍ରିୟା ନାୟକ"ର ମଙ୍ଗଳ କରନ୍ତୁ ।



ଜେଜେ ବାପା - ପବିତ୍ର ମୋହନ ନାୟକ
ଜେଜେ ମା - ପଦ୍ମିନୀ ନାୟକ
ଗ୍ରା - ଯମୁନାପଶି,
ବ୍ଲକ୍ - ପାଟଣା, କେନ୍ଦୁଝର

ମା' ବିରଜା ଠାକୁରାଣୀ

"ଆର୍ଣ୍ଣଭ ମହାପାତ୍ର"ର ଜୀବନରେ ସୁଖ ସମୃଦ୍ଧି ଭରି ଦିଅନ୍ତୁ ।



ବାପା - ମନୋରଞ୍ଜନ ମହାପାତ୍ର
ମା - ରତ୍ନ ମଞ୍ଜରୀ ମହାପାତ୍ର
ଗ୍ରା - ନନ୍ଦକିଶୋରପୁର,
ବ୍ଲକ୍ - ଦାନଗଦୀ,
ଜି - ଯାଜପୁର

"ବିଦ୍ୟୁଷ କୁମାର ସାହୁ"ର ଉତ୍ତରୋତ୍ତର ଉନ୍ନତି କାମନା କରୁଛୁ ।



ଜେଜେ ବାପା - ମହେଶ୍ୱର ସାହୁ
ଜେଜେ ମା' - ଯାତ୍ରୀମଣି ସାହୁ
ଗ୍ରା - ଟାଙ୍ଗରପଡ଼ା,
ବ୍ଲକ୍ - ପାଟଣା, ଜି- କେନ୍ଦୁଝର

**HIGHWAY FOOD HUB**

Family Restaurant



ଧରିତ୍ରୀର ୪୬ତମ ଜନ୍ମଦିନ ଅବସରରେ ଶୁଭେଚ୍ଛା ଓ ଶୁଭକାମନା।।

ପ୍ରୋପ୍ରାଇଟର

**ସାଗର କୁମାର ଜେନା**

ବମ୍ଫକୁଦ, ଫୁଲନଖରା, କଟକ

ଧରିତ୍ରୀର ୪୫ ବର୍ଷ ପୂର୍ତ୍ତି ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ।

**ସୌମ୍ୟ ମାରାଣ୍ଡି**

କନିଷ୍ଠ ଯନ୍ତ୍ରୀ, ପଡ଼ିଆ

ଧରିତ୍ରୀର ୪୫ ବର୍ଷ ପୂର୍ତ୍ତି ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ।





**ମଧୁସୂଦନ ନାୟକ**

ପଞ୍ଚାୟତ ନିର୍ବାହୀ ଅଧିକାରୀ, କାଳଦାପାଲୀ

ଧରିତ୍ରୀର ୪୫ ବର୍ଷ ପୂର୍ତ୍ତି ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ।

**ଅଭୟ ଜେନା**

କନିଷ୍ଠ ଯନ୍ତ୍ରୀ, ପଡ଼ିଆ



ଧରିତ୍ରୀର ୪୬ତମ ଜନ୍ମଦିନ ଅବସରରେ ଶୁଭେଚ୍ଛା ଓ ଶୁଭକାମନା।।

**ସୁଭାଷିନୀ ସେଠୀ**

ସମିତି ସଭ୍ୟା, ଆମଣ ଗ୍ରାମପଞ୍ଚାୟତ, କଟକ ସଦର ବ୍ଲକ

ଧରିତ୍ରୀର ୪୫ ବର୍ଷ ପୂର୍ତ୍ତି ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ



**ରାଘବ ରାଓ**

ସମାଜସେବୀ, ପଡ଼ିଆ

ଧରିତ୍ରୀର ୪୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଅଭିନନ୍ଦନ ଜଣାଇବା ସହ ମାଲକାନଗିରି ଜିଲ୍ଲାରେ ଶିକ୍ଷାର ବିକାଶ କାମନା କରୁଛି।



**ପ୍ରଫୁଲ୍ଲ କୁମାର ମହାରଣା**

ପ୍ରଧାନ ଶିକ୍ଷକ, ଆଶ୍ରମ ବିଦ୍ୟାଳୟ, ପଡ଼ିଆ



ଧରିତ୍ରୀର ୪୫ତମ ଜନ୍ମବାର୍ଷିକ ଉତ୍ସବରେ ସମସ୍ତ ପାଠକ, ପାଠିକା ଓ ଆଠମଲ୍ଲିକ ଉପଖଣ୍ଡ-ବାସୀଙ୍କୁ ଶୁଭେଚ୍ଛା।

**ଅରବିନ୍ଦ ସାହୁ**

ବଇଣ୍ଡା, କିଶୋରନଗର, ଭାଜପା ଠାକୁରଗଡ଼ ମଣ୍ଡଳର ପର୍ଯ୍ୟବେକ୍ଷକ



ଧରିତ୍ରୀର ୪୫ତମ ଜନ୍ମ ବାର୍ଷିକ ଉତ୍ସବ ଆଠମଲ୍ଲିକ ଓ କିଶୋରନଗର ବ୍ଲକର ସମସ୍ତ ସାମ୍ବାଦିକ ବନ୍ଧୁମାନଙ୍କୁ ଶୁଭେଚ୍ଛା ଜଣାଉଛି ।

**ସୁଶାନ୍ତ କୁମାର ମହାପାତ୍ର (ପିନା)**

ଆଠମଲ୍ଲିକ ସାମ୍ବାଦିକ ସଂଘର ସଭାପତି ଓ ଆଇନଜୀବୀ, ଆଠମଲ୍ଲିକ, ଅନୁଗୋଳ



ଧରିତ୍ରୀର ୪୫ତମ ଜନ୍ମ ବାର୍ଷିକ ଉତ୍ସବରେ ସମସ୍ତ ପାଠକ, ପାଠିକା ଓ ଗୁରୁଜନମାନଙ୍କୁ ଶୁଭେଚ୍ଛା ଜଣାଉଛି । ମା' ମାହେଶ୍ୱରୀ ସମସ୍ତଙ୍କୁ ଭଲରେ ରଖନ୍ତୁ।

**ମହେଶ୍ୱର ଦେହୁରୀ**

ସରପଞ୍ଚ, ଆମ୍ବଶରମୁଣ୍ଡା ବ୍ଲକ ବିଜେଡି ସଭାପତି, ଆଠମଲ୍ଲିକ

ଧରିତ୍ରୀର ୪୫ତମ ଜନ୍ମ ବାର୍ଷିକ ଉତ୍ସବରେ ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ, ପରିଚାଳନା କମିଟିର ସମସ୍ତ ସଦସ୍ୟଙ୍କୁ ଶୁଭେଚ୍ଛା।



**ଶିଶୁ ମନ୍ଦିର (ବଇଣ୍ଡା), ଅନୁଗୋଳ**



ଧରିତ୍ରୀର ୪୫ତମ ଜନ୍ମ ବାର୍ଷିକ ଉତ୍ସବରେ ସମସ୍ତ ପାଠକ, ପାଠିକା ଓ ଆଠମଲ୍ଲିକ ଉପଖଣ୍ଡବାସୀଙ୍କୁ ଶୁଭେଚ୍ଛା ଜଣାଉଛି ।

**କାଳନ୍ଦୀ ଚରଣ ପ୍ରଧାନ**

ପୂର୍ବତନ ସରପଞ୍ଚ, ଧଡ଼ରପାଳ, କିଶୋରନଗର



ଧରିତ୍ରୀର ୪୫ତମ ଜନ୍ମ ବାର୍ଷିକ ଉତ୍ସବରେ ବଇଣ୍ଡା ତଥା ଆଖପାଖ ଅଞ୍ଚଳର ଛୋଟବଡ଼ ଭାଇ ଗୁରୁଜନମାନଙ୍କୁ ଶୁଭେଚ୍ଛା ।

**କମଳଲୋଚନ ସାହୁ**

ଷ୍ଟୁଡିଓ ଆର.କେ ଓ ବରୋଦା ବ୍ୟାଙ୍କ ଗ୍ରାହକ ସେବା କେନ୍ଦ୍ର, ବଇଣ୍ଡା, ଅନୁଗୋଳ



ଧରିତ୍ରୀର ୪୬ତମ ଜନ୍ମ ଜୟନ୍ତୀ ଅବସରରେ ସମସ୍ତ ପାଠିକା, ପାଠକ, ସମସ୍ତ ଛାତ୍ରୀଛାତ୍ର ଓ ଗୁରୁଜନମାନଙ୍କୁ ଶୁଭେଚ୍ଛା ଜଣାଉଛି ।

**ସିଦ୍ଧାର୍ଥ କୁମାର ପଣ୍ଡା**

ଅଧକ୍ଷ, ଜନତା ମହାବିଦ୍ୟାଳୟ ବଇଣ୍ଡା, ଅନୁଗୋଳ



ଧରିତ୍ରୀର ୪୬ତମ ଜନ୍ମ ଜୟନ୍ତୀ ଅବସରରେ ସମସ୍ତ ପାଠିକା, ପାଠକ ଓ ସମସ୍ତ ତହସିଲ ପ୍ରଜାମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ।

**ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ**

କିଶୋରନଗର ତହସିଲ (ଶାଖା), ଅନୁଗୋଳ

ଧରିତ୍ରୀର ୪୫ତମ ଜନ୍ମ ଜୟନ୍ତୀ ଅବସରରେ ସମସ୍ତ ପାଠିକା, ପାଠକ, ଗୁରୁଜନ ଓ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ।



**ଅଧକ୍ଷ, ଆଞ୍ଚଳିକ ମହାବିଦ୍ୟାଳୟ**

ଅଙ୍ଗପଡ଼ା, କିଶୋରନଗର

ଧରିତ୍ରୀର ୪୬ତମ ଜନ୍ମ ଜୟନ୍ତୀ ଅବସରରେ ସମସ୍ତ ପାଠିକା, ପାଠକ, ଗୁରୁଜନ ଓ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ।



**ଅଧକ୍ଷା, ଖୋଲପଦା ଡିଗ୍ରୀ ମହାବିଦ୍ୟାଳୟ**

ଠାକୁରଗଡ଼, ଆଠମଲ୍ଲିକ

# ୫୧ ପଳାତକ ବ୍ୟାଙ୍କକୁ ଠକିଛନ୍ତି ୧୭,୯୦୦ କୋଟି

**ନୂଆଦିଲ୍ଲୀ, ୩।୧୨**

ପଳାତକ ଘୋଷିତ ହୋଇ ଦେଶ ଛାଡିଥିବା ୫୧ ଜଣ ବ୍ୟକ୍ତି ବିଶେଷ ବ୍ୟାଙ୍କଗୁଡିକୁ ୧୭,୯୦୦ କୋଟି ଟଙ୍କାର ଋଣ ଠକେଇ କରିଛନ୍ତି। ରାଜ୍ୟ ସଭାରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର ମଙ୍ଗଳବାର ଏହି ସୂଚନା ଦେଇଛନ୍ତି। ଏହି ମାମଲା ସହ ଜଡିତ ବ୍ୟକ୍ତି ବିଶେଷଙ୍କ ନାମରେ ମୋଟ ୬୬ ମାମଲା ରୁଜୁ ହୋଇଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ରିପୋର୍ଟରୁ ଜଣାପଡିଛି। ଠାକୁର କହିଛନ୍ତି ଯେ, ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ଏନ୍‌ପିଏକୁ ଚିହ୍ନଟ କରିବା ସହ ଏହାର ଅସୁଲ ଲାଗି ପଦକ୍ଷେପ ନେଉଛନ୍ତି। ପଳାତକ ମାମଲାଗୁଡିକରେ ସିବିଆଇ ଏବଂ ଇଡି କାର୍ଯ୍ୟାନୁଷ୍ଠାନ ଧାରା ଜାରି ରଖିଛନ୍ତି। ପଳାତକଙ୍କୁ ଦେଶ ମଧ୍ୟକୁ ଫେରାଇ ଆଣିବା ଲାଗି ୫୧ ପ୍ରତ୍ୟାର୍ପଣ ଅନୁରୋଧ ପତ୍ର ସିବିଆଇ ଅନ୍ୟ ଦେଶକୁ ପଠାଇଛି। ଏହି ମାମଲାଗୁଡ଼ିକ ବିଭିନ୍ନ ସ୍ତରରେ ରହିଛି। ସେହିଭଳି କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ଏବଂ କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ(ସିବିଆଇସି) ପକ୍ଷରୁ ୬ ପଳାତକଙ୍କ ବିରୋଧରେ ମାମଲା ରିପୋର୍ଟ କରିଥିବା ସେ କହିଛନ୍ତି। ପଳାତକ ଆର୍ଥିକ ଅପରାଧୀ ଆଇନ-୨୦୧୮ରେ ୧୦ ବ୍ୟକ୍ତି ବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ଇଡିର ଅନୁରୋଧ କ୍ରମେ ୮ ବ୍ୟକ୍ତିଙ୍କ ବିରୋଧରେ ଇଣ୍ଟରପୋଲ ରେଡ କର୍ନର ନୋଟିସ ଜାରି କରିଥିବା ଠାକୁର ସ୍ପଷ୍ଟ କରିଛନ୍ତି।

# କାର ଭିତରୁ ଅଣନିଃଶ୍ୱାସୀ ଶିଶୁକନ୍ୟା ଉଦ୍ଧାର

**ଢେଙ୍କାନାଳ ଅଫିସ, ୩।୧୨:** ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ବନ୍ଦ କାର୍ ଭିତରେ ଜଣେ ଦେଢ଼ବର୍ଷର ଶିଶୁକନ୍ୟା ପାଖାପାଖି ଦେଢ଼ ଘଣ୍ଟା ଧରି ଫସିରହିଥିଲେ। ଅଣନିଃଶ୍ୱାସୀ ହୋଇପଡ଼ିଥିବା ସମ୍ପୃକ୍ତ ଶିଶୁକୁ ଡାକ୍ତରଖାନାର ସୁରକ୍ଷା କର୍ମୀ ସୁବାସ ଚନ୍ଦ୍ର ପରିଡ଼ା ଏବଂ ରେଡ୍‌କ୍ରସ୍ କର୍ମଚାରୀ କବିତା ବେହେରା ବହୁ କଷ୍ଟରେ ଉଦ୍ଧାର କରିଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ସହରସ୍ଥିତ କାଠଗଡ଼ା ଅଞ୍ଚଳର ଜନୈକ ଦମ୍ପତି ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଚିକିତ୍ସାଳୟର ଇସିଜି ପ୍ରକୋଷ୍ଠକୁ ଯାଇଥିଲେ। ସେମାନେ କାର୍ ଭିତରେ ଶିଶୁକନ୍ୟାକୁ ବସାଇ କାଚ ବନ୍ଦ କରି ଗାଡ଼ିକୁ ଲକ୍ କରି ଦେଇଥିଲେ। ସେମାନଙ୍କ ଫେରିବାରେ ବିଳମ୍ବ ହୋଇଥିଲା। ଏହି ସମୟ ମଧ୍ୟରେ ଶିଶୁକନ୍ୟା ଅଣନିଃଶ୍ୱାସୀ ହୋଇ ପଡ଼ିଥିଲେ। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିରଞ୍ଜନ ମିଶ୍ର କୁହନ୍ତି, ବନ୍ଦ ଗାଡ଼ି ଭିତରେ ରହିଯିବାପରେ ଶିଶୁକନ୍ୟା ଅଣନିଃଶ୍ୱାସୀ ହୋଇଯାଇଥିଲେ। ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଛି।


## ନିୟନ୍ତ୍ରିତ ବଜାର କମିଟି, ଦେବଗଡ଼

ଏତଦ୍ୱାରା ଦେବଗଡ଼ ଜିଲ୍ଲାର ସମସ୍ତ ଧାନ ଚାଷୀମାନଙ୍କୁ ଜଣାଇ ଦିଆଯାଉଛି ଯେ ଚଳିତ ଖରିଫ ୨୦୧୯-୨୦ ବର୍ଷ ପାଇଁ ୨୯ ଗୋଟି ସେବା ସମବାୟ ସମିତି ଦ୍ୱାରା ୪୦ ଗୋଟି କ୍ରୟ କେନ୍ଦ୍ରରେ ତା୨୯।୧୧।୨୦୧୯ରିଖ ଠାରୁ ଧାନ କ୍ରୟ କରାଯିବ। ଏଣୁ ଚାଷୀ ଭାଇଭଉଣୀମାନଙ୍କୁ ଅନୁରୋଧ ସେମାନେ ତାଙ୍କର ଉତ୍ପାଦିତ ଧାନକୁ ଭଲଭାବରେ ସଫାକରି (FAQ) ମାନର ଉନ୍ନୀତ କରାଇ ସରକାରୀ ଧାର୍ଯ୍ୟ ମୂଲ୍ୟରେ ବିକ୍ରୟ କରିବାକୁ ଅନୁରୋଧ।

**ଧାନର ମାନ ନିର୍ଦ୍ଧାରଣ– F.A.Q.**

| କ୍ର. ନଂ. | ମିଶ୍ରିତ ଦ୍ରବ୍ୟ ବିବରଣୀ | ସର୍ବୋଚ୍ଚ ଗ୍ରହଣୀୟ ସୀମା |
|---|---|---|
| ୧. | ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ | ୧% |
| ୨. | କାଠି, କୁଟା, ଭୁସି ଅଗାଡ଼ି ବା ପୋଲ ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ | ୧% |
| ୩. | ଖରାପ, ବେରଙ୍ଗି, ପାଣିପୋଲା, ପୋକା ଇତ୍ୟାଦି | ୫% |
| ୪. | ଅପରିପକ୍ୱ କଞ୍ଚା ସବୁଜ ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩% |
| ୫. | ସରୁ ଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ୍ ଏ ପାଇଁ ପ୍ରଯୁଜ୍ୟ) | ୬% |
| ୬. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭% |

**ଧାନର ସର୍ବନିମ୍ନ ସରକାରୀ ସହାୟକ ମୂଲ୍ୟ**

| | |
|---|---|
| ସାଧାରଣ ଶ୍ରେଣୀ (FAQ) | ଟ ୧୮୧୫.୦୦ (ପ୍ରତି କୁଇଣ୍ଟାଲ) |
| କ ଶ୍ରେଣୀ ଧାନ | ଟ ୧୮୩୫.୦୦ (ପ୍ରତି କୁଇଣ୍ଟାଲ) |

**ଜିଲ୍ଲା ପ୍ରଶାସନ, ଦେବଗଡ଼**

## କେନ୍ଦ୍ରାପଡ଼ା ପୌରପାଳିକା, କେନ୍ଦ୍ରାପଡ଼ା
## ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଆମର ସଫଳତା ଓ ଲକ୍ଷ୍ୟ

ଓଡ଼ିଶାର ସର୍ବପୁରାତନ ତଥା ଐତିହାସିକ ପୌର ସଂସ୍ଥା ଆପଣମାନଙ୍କୁ ଧରିତ୍ରୀର ୪୬ତମ ଜନ୍ମଦିନ ଅବସରରେ ଶୁଭେଚ୍ଛା ଜଣାଉଅଛି। କେନ୍ଦ୍ରାପଡ଼ା ସହରକୁ ଏକ ଆଦର୍ଶ ସହରରେ ପରିଣତ କରିବା ପାଇଁ ପୌରସଂସ୍ଥା ତରଫରୁ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକର ଉନ୍ନତି ନିମନ୍ତେ ସହଯୋଗ କାମନା କରୁଅଛି

୧. ପୌରପାଳିକାର ଗୃହ ଓ ଆଲୋକ ଟିକସ ତଥା ବ୍ୟବସାୟିକ ଟିକସ ପ୍ରତ୍ୟେକ ବର୍ଷ ଠିକ୍ ସମୟରେ ପଇଠ କରନ୍ତୁ।
୨. ଗାଇଗୋରୁ ଗୃହପାଳିତ ଜୀବଜନ୍ତୁମାନଙ୍କୁ ରାସ୍ତା ଉପରକୁ ଛାଡ଼ନ୍ତୁ ନାହିଁ।
୩. ପୌରପାଳିକା ଦ୍ୱାରା ନିର୍ମିତ ଟାଉନହଲ, କଲ୍ୟାଣ ମଣ୍ଡପ ଏବଂ କମ୍ୟୁନିଟି ହଲ୍‌ରେ ସଭା କିମ୍ବା ଆନୁଷ୍ଠାନିକ କାର୍ଯ୍ୟ ନିମନ୍ତେ ସୁଯୋଗ ନିଅନ୍ତୁ।
୪. ୪୦ ଲକ୍ଷ ଟଙ୍କା ବ୍ୟୟରେ ହଜାରିବଗିଚାସ୍ଥିତ ରାତ୍ର ଆଶ୍ରୟସ୍ଥଳୀ ସମ୍ପୂର୍ଣ୍ଣ କରାଯାଇଅଛି।
୫. ୨୦ ଲକ୍ଷ ଟଙ୍କା ବ୍ୟୟରେ ୪୭ ଗୋଟି ଭେଣ୍ଡିଂଜୋନ ନିର୍ମାଣ କରାଯାଇଅଛି ଏବଂ ୨୦ ଲକ୍ଷ ଟଙ୍କା ବିନିମୟରେ ଭେଣ୍ଡିଂଜୋନ ନିର୍ମାଣ ପାଇଁ କାର୍ଯ୍ୟ ଚାଲୁଅଛି।
୬. ୩୫ ଲକ୍ଷ ଟଙ୍କା ବ୍ୟୟରେ ୨ ଗୋଟି ନୂତନ ପାର୍କ ନିର୍ମାଣ ଓ କେନ୍ଦ୍ରାପଡ଼ା ମହାବିଦ୍ୟାଳୟ ନିକଟସ୍ଥ ବିଜୁ ପଟ୍ଟନାୟକ ପାର୍କର ନିର୍ମାଣ କାର୍ଯ୍ୟ ଚାଲୁଅଛି।
୭. ୭୧ ଲକ୍ଷ ଟଙ୍କା ବିନିମୟରେ ଉଦୟନଗରଠାରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଇ ଏହାର ଚୂଡ଼ାନ୍ତ ପଦକ୍ଷେପ ନିମନ୍ତେ ସରକାରଙ୍କୁ ପ୍ରେରଣ କରାଯାଇଅଛି।
୮. କେନ୍ଦ୍ରାପଡ଼ା ପୌରପାଳିକାରେ ଇଣ୍ଟରନାଲ ଡ୍ରେନେଜ ସିଷ୍ଟମର ଯୋଜନା ରହିଅଛି।
୯. ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୨୦୦ ଜଣ ହିତାଧିକାରୀଙ୍କର ଗୃହନିର୍ମାଣ କାର୍ଯ୍ୟ ଚାଲୁଅଛି।
୧୦. ୨ କୋଟି ୭୨ ଲକ୍ଷ ଟଙ୍କା ବ୍ୟୟରେ ମହାଭୋଇ ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଟେଣ୍ଡର ଆହ୍ୱାନ କରାଯାଇଅଛି।
୧୧. ସରକାରଙ୍କ ଜରିଆରେ ପୌରପାଳିକା ଅନ୍ତର୍ଗତ LED ବଲ୍‌ବ ଦ୍ୱାରା ଉଜ୍ଜ୍ୱଳ ଆଲୋକୀକରଣ କରାଯାଇଅଛି।
୧୨. ପୌରପାଳିକାର ପ୍ରତ୍ୟେକ ୱାର୍ଡରେ "ଉନ୍ନତି" ଯୋଜନାରେ ୨୫ ଲକ୍ଷ ଟଙ୍କା ବ୍ୟୟ କରାଯାଇ ରାସ୍ତା, ଡ୍ରେନ୍ ଓ କମ୍ୟୁନିଟ ସେଣ୍ଟରର ଶୁଭାରମ୍ଭ ହୋଇ କାର୍ଯ୍ୟ ତ୍ୱରାନ୍ୱିତ ହେଉଅଛି।
୧୩. କେନ୍ଦ୍ରାପଡ଼ା ପୌରାଞ୍ଚଳରେ ସ୍ୱଚ୍ଛତା ଅଭିଯାନ ଚାଲୁଅଛି।
୧୪. ବର୍ଷା ଜଳ ସଂରକ୍ଷଣ ନିମନ୍ତେ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଚାଲୁଅଛି।
୧୫. କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ M.R.F. ମେଟେରିଆଲରିକଭରି ସେଣ୍ଟର ଏବଂ M.C.C. ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ନିର୍ମାଣ ପାଇଁ କାର୍ଯ୍ୟ ଚାଲୁ ରହିଛି ଏବଂ ୫ ଗୋଟି ୱାର୍ଡରେ ବର୍ଜ୍ୟବସ୍ତୁ ପୃଥକୀକରଣ କରାଯାଉଅଛି।

**ଶ୍ରୀଯୁକ୍ତ ଦେବ ପ୍ରସାଦ ବଳ**
ନିର୍ବାହୀ ଅଧିକାରୀ

**ଶ୍ରୀଯୁକ୍ତ ଜ୍ୟୋତିଶଙ୍କର ମହାପାତ୍ର**
ଓ.ପ୍ର.ସେ. (ଏସ୍.ବି)
ପ୍ରଶାସକ, ଉପ-ଜିଲ୍ଲାପାଳ, କେନ୍ଦ୍ରାପଡ଼ା

## OFFICE OF THE REGULATED MARKET COMMITTEE, PARALAKHEMUNDI

e-mail: rmcpkd123@gmail.com

**QUOTATION CALL NOTICE NO. 700/RMC DATED 29.11.2019**

Collector, Gajapati-cum-Chairman, RMC, Paralakhemundi invites the Sealed Quotation from the Registered firm for supply of following Grading equipments under RMC, Paralakhemundi. The details supply of Grading equipments available at **www.gajapati.nic.in**. Intending bidders are requested to visit the mentioned website for submission of Quotations. Date of available in the web portal from 01.12.2019 to 10.12.2019. Last date for submission of Quotation Paper through Regd. Post/ Speed Post on or before 10.12.2019 by 4.00 PM and the Quotations will be open on 11.12.2019 at 11.00 AM.

**Sd./- Collector-cum-Chairman, RMC, Paralakhemundi**

## OFFICE OF THE DISTRICT AAHAR SOCIETY, MALKANGIRI

**REGISTRATION No.3665/XXX-10 of 15-16, Lt.No.2851 /2019 Dated:02.12.2019 /**

**TENDER CALL NOTICE** Sealed tenders are invited from the authorized Dealers/ Firms /Suppliers/Traders for supply of Dish washer - (Industrial Protech 611, Rince booster Pump,Dish Basket & Detergent ) to District Aahar Society for Aahar Centre at DHH of Malkangiri District. The tenderers are required to submit the attested photocopy of PAN/GST registration certificate along with the tender paper. The EMD of Rs.2000/- and paper cost of Rs.600/- should be deposited separately in shape of Bank Draft/Bankers Cheque from any Nationalized bank in favour of the Executive Officer,Malkangiri Municipality. The tender without EMD, Paper Cost and other relevant documents shall be rejected. The tender duly filled in should reach the office of the Executive Officer, Malkangiri Municipality on or before 11.12.2019 by 5.00 P.M by registered post/Speed post and shall be opened on 12.12.2019 at 4.00 P.M in presence of the tenderers or their authorized representatives. This office will not be responsible for any postal delay and non receipt of the tender on or before due time as mentioned above. The successful tenderer should supply the materials within 7 days from the date of receipt of the supply order. If the successful tenderer fail to supply the materials in the approved rate and time, then the EMD amount will be forfeited. The sealed cover should be super scribed with the Tender Call Notice No & date. The undersigned reserves the right to reject any or all the tenders without assigning any reason thereof.

**Sd./- Collector, Malkangiri & President DAS, Malkangiri**

## ODISHA STATE ROAD TRANSPORT CORPORATION, BHUBANESWAR

**No.14330 /Estate-22/2014** **Dt.02.12.2019**

### NOTICE INVITING TENDER

Sealed tenders are invited in the prescribed form from the intending persons/firms/institutions for lease of the 1st floor of the Station Office Building of D.T.M. (A) OSRTC, Bolangir Bus Stand, Bolangir to be used specifically for office/shops/ Restaurant purpose on "As is where is basis".

For details of tender including Tender Schedule, terms and conditions, please visit our website **www.osrtc.in.**

*By order of Chairman-cum-Managing Director, OSRTC.*

Sd./-
General Manager (Admn.)
OSRTC, Bhubaneswar

## BERHAMPUR UNIVERSITY
## BHANJA BIHAR, BERHAMPUR-760007, ODISHA

**No.8967 / Purchase** **Date: 02.12.2019**

### QUOTATION CALL NOTICE

Sealed quotations are invited for Event Management from the Authorized Firms having IT, PAN and up to date GST registration. The details regarding terms and conditions, Specification of the above Mentioned item can be obtained from the University Website **www.buodisha.edu.in** or from the Purchase Section, Berhampur University on any working day during the office hours on or after 04.12.2019.

The Sealed quotations accompanied with valid documents and EMD of Rs.1,000/- (Rupees One Thousand only) in the shape of SBI DD drawn in favour of the Comptroller of Finance, B.U. payable at SBI, Bhanja Bihar (2107) should reach. The Registrar, Berhampur University by Speed Post / Registered Post on or before 18.12.2019 and the quotations will be opened on the same day at 04.00 P.M. Incomplete quotation received after due date and time will not be considered.

**Sd./- Registrar**

## OFFICE OF THE MUNICIPAL COUNCIL, BARBIL

NO. 3044 DATE. 03.12.2019

**CORRIGENDUM TO QUOTATION CALL NOTICE NO.2895 DT.19.11.2019**

The quotation call notice No.2895 dt.19.11.2019 is hereby modified as given below.

1. Sale of Quotation Schedule and Preparation of Bank Draft/ Money Receipt/ Bankers Cheque towards paper cost and E.M.D. extended up to 3.30 P.M. on 09.12.2019 instead of 02.12.2019.
2. Last Date of Receive of Quotation with all Documents is up to 3.30 P.M. on 09.12.2019 instead of 04.12.2019.
3. Opening of the Quotation is at 4.00 P.M. on 9.12.2019.

All other conditions remain unchanged.

Sd/- Executive Officer,
Barbil Municipality.

## CORRIGENDUM

**No. D-216:**

### Office of the D.G & I.G. of Police, Odisha, Cuttack

**(Ref: Short Tender Call Notice No. 167-D)**

With reference to the Short Tender Call Notice No. 167-D for purchase of for purchase of different types of Clothing articles (including Ceremonial Uniforms), Nylon Web equipments and Police Flags for Odisha Police under State Budget Grant during the Current Financial Year, 2019-2020, please note that some modifications in the last date of issue of Tender Document, last date for receipt of sealed tender and sample and date for opening of sealed Tenders / Technical bids have been made as follows.

1. Last date for issue of Tender documents extended up to **10.12.2019 up to 5.00 PM** instead of dtd: 03.12.2019 up to 5 PM.
2. Last date for receipt of sealed Tender and Sample extended up to dtd: **11.12.2019** up to 5 PM instead of dtd:.04.12.2019 up to 5.00 PM.
3. Date for opening of sealed Tenders / Technical Bids re-fixed to **dtd: 12.12.2019 at 11.30 AM** at the Office of the D.G. & I.G of Police, Odisha, Buxi Bazar, Cuttack instead of dtd.05.12.2019 at 11.30 AM
4. The other terms and conditions of tender documents remain unchanged.

**A.I.G. of Police (Provisioning),**
**Odisha, Cuttack.**
**(Tender Calling Authority)**

12018/11/0027/1920

## ZILLA SWASTHYA SAMITI, KANDHAMAL

**Office of the CDM&PHO-cum-District Mission Director, NHM, Kandhamal, Odisha-762001**

**Advt. No.14132 /NHM/19** **Dt: 03.12.2019**

### TENDER CALL NOTICE

Sealed tenders are invited from the interested eligible bidders for supply of Patient Attendant Chair NHM, Kandhamal. The eligible criteria, the terms of reference and the formats for submission of bid as set forth in the tender document can be downloaded from the website www.kandhamal.nic.in. Interested bidders fulfilling the eligibility criteria may submit their proposal(s) with EMD. Tender paper cost & document as per tender call notice. The bidders have to submit their proposal(s) at the O/o: The CDM & PHO cum District Mission Director, Kandhamal, DHH, Phulbani. Proposal(s) complete in all respect should reach the undersigned on or before 03.00 P.M of 12.12.2019 through Regd./Speed Post/ Courier and the same will be opened on 12.12.2019 at 04.00 P.M. The undersigned reserves the right to reject any or all the tender(s) without assigning any reason thereof.

**Sd./- CDM & PHO cum District**
**Mission Director, Kandhamal**

## ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଭୁବନେଶ୍ୱର

ନଂ.୧୪୩୬୦ ତା.୦୨।୧୨।୨୦୧୯

### ବିଜ୍ଞାପନ

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମରେ ଥିବା ଶାଖାଗୁଡିକ ନିମନ୍ତେ ଦରକାର ହେଉଥିବା ଚୁକ୍ତିଭିତ୍ତିକ ଡ୍ରାଇଭର ଓ କଣ୍ଡକ୍ଟରଙ୍କ ପାରିଶ୍ରମିକ ଯଥାକ୍ରମେ ଟ.୧୨,୯୦୦/- ଓ ଟ.୧୧,୧୦୦/- ହାରରେ ନିଯୁକ୍ତି ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି। କୃତକାର୍ଯ୍ୟ ହେଲେ ଉକ୍ତ ଚୁକ୍ତିଭିତ୍ତିକ ଡ୍ରାଇଭର ଓ କଣ୍ଡକ୍ଟରମାନଙ୍କୁ ସଡ଼କ ପରିବହନ ନିଗମର ବିଭିନ୍ନ ମଣ୍ଡଳ ଅଧୀନରେ ଥିବା ଶାଖାମାନଙ୍କରେ ଅବସ୍ଥାପିତ କରାଯିବ।

ସର୍ତ୍ତାବଳୀ ପୂରଣ କରିଥିବା ପ୍ରାର୍ଥୀମାନେ ନିଗମର ଶାଖା ଜିଲ୍ଲା ପରିବହନ ପରିଚାଳକଙ୍କ ନିକଟରେ ତା୧୦।୧୨।୨୦୧୯ ଠାରୁ ୨୭।୧୨।୨୦୧୯ରିଖ ମଧ୍ୟରେ ଧାର୍ଯ୍ୟ କରାଯାଇଥିବା ତାରିଖ ଅନୁସାରେ ଦିବା ଘ.୧୧.୦୦ଟିକା ଠାରୁ ଅପରାହ୍ନ ୫.୦୦ଘଟିକା ମଧ୍ୟରେ ସାକ୍ଷାତକାର ଦେଇପାରିବେ।

ଏହାର ସବିଶେଷ ବିବରଣୀ OSRTC website.**www.osrtc.in** ରେ ଉପଲବ୍ଧ।

**ଅଧ୍ୟକ୍ଷ ତଥା-ପରିଚାଳନା ନିର୍ଦ୍ଦେଶକଙ୍କ ଆଦେଶକ୍ରମେ**
**ସ୍ୱା./- ସାଧାରଣ ପରିଚାଳକ (ପ୍ରଶାସନ)**
**ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଭୁବନେଶ୍ୱର**

## ODISHA STATE CIVIL SUPPLIES CORPORATION LTD

C/2, Nayapalli, Bhubaneswar-12, Ph.91674-2392264

**Tender No.17829/P-II/32/2019/PDS** **Date : 03.12.2019**

Managing Director, Odisha State Civil Supplies Corporation Ltd, invites tenders in Double Cover System through **ONLINE MODE ONLY** for the works below:

1. **Name of Work :** Selection and appointment of transport contractors for inter-district transportation of Custom Milled Rice (CMR) from source districts to recipient districts in the State of Odisha
2. **Availability of bid document in the Portal :** From 05.12.2019.
3. **Last Date/Time for receipt for bids in the portal :** dt.28.12.2019 upto 5.00PM.
4. **Date/Time of Opening of Technical Bid :** dt.30.12.2019 at 3.00PM.
5. **Name and address of the Officer Inviting Tender :** Managing Director, OSCSC Ltd., C/2 Nayapalli, Bhubaneswar.

Tender Documents & other details can be seen from the e-procurement portal **www.oscsc.in, www.foododisha.in & www.tendersodisha.gov.in**. Amendments/corrigendum/ cancellation/retenders etc. if any shall be published only in above websites.

**Managing Director**

## idco | ODISHA NEW OPPORTUNITIES

No. CAD-638

**OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, JANPATH, BHUBANESWAR-751022**

Tender Call Notice **No.H.O./P&C/EST/E-3610/03/2011/P-II/ 20781 , Dt:-28.11.2019**

**NOTICE INVITING TENDER UNDER NATIONAL COMPETITIVE BDDING THROUGH e-Procurement**

1. **Name of the Work** :- Construction of 3583.125 Rmt. length SFRC/ RCC pre-cast compound wall around 62.72 Ac. land at Kurlupada, Kesinga, Kalahandi.
2. **Estimated cost** :- Rs.228.95 Lakhs (Approx.)
3. **Period of completion** :- 05 (Five) Calendar Months.
4. **Other details** :-

| Procurement Officer | Bid/ Tender reference No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar. | Tender/ Bid reference No. PC/ EST/ E-47/ 2019-20 | 07.12.2019 at 16.00 Hrs. | 23.12.2019 up to 17.00 Hrs. |

Further details can be seen from the e-Procurement Portal. www.tendersodisha.gov.in and Corrigendum if any will not be published in newspapers and can only be seen in the e-procurement portal www.tenderodisha.gov.in and www.idco.in

Sd/- Chief General Manager (P&C) I/C,
IDCO, Bhubaneswar.

14003/11/0021/1920

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)

ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮, ଭୁବନେଶ୍ୱର- ୭୫୧୦୧୨

ସଂଖ୍ୟା- ୧୩୦୫୦ / IND-II-PH-811 ତାରିଖ: ୦୩।୧୨।୨୦୧୯

### ବିଜ୍ଞାପନ

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ମେସର୍ସ ଏନ୍.ଏଲ୍.ସି. ଇଣ୍ଡିଆ ଲିମିଟେଡ୍ ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲା ଅନ୍ତର୍ଗତ ଖୁମ୍ବାରୀ ଓ ତରେଇକେଲା ଗ୍ରାମ ଏବଂ ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ଥେଲକୋଲୋଇ ଗ୍ରାମଠାରେ ୩×୮୦୦ ମେଗାୱାଟ୍ କ୍ଷମତା ସମ୍ପନ୍ନ ଏନ୍.ଏଲ୍.ସି. ତଲାବିରା ଥର୍ମାଲ୍ ପାୱାର ପ୍ରକଳ୍ପ ପ୍ରତିଷ୍ଠା କରିବା ନିମନ୍ତେ** ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି (ସମ୍ବଲପୁର ଜିଲ୍ଲା) ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼କୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ.୧୫୩୩(ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାରି କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେକୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୧୦।୦୧।୨୦୨୦ରିଖ ଦିବା ୧୧.୦୦ ଘଟିକା ସମୟରେ ସମ୍ବଲପୁର ଜିଲ୍ଲା, ରେଙ୍ଗାଲୀ ତହସିଲ ଅନ୍ତର୍ଗତ ଥେଲକୋଲି ଗ୍ରାମରେ ଅବସ୍ଥିତ ଦୁର୍ଗାମଣ୍ଡପ ପଡ଼ିଆଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ୍ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସମ୍ବଲପୁର।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ସମ୍ବଲପୁର।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, ସମ୍ବଲପୁର।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ସମ୍ବଲପୁର।
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ୍ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ସମ୍ବଲପୁରସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**ସ୍ୱା./- ସଦସ୍ୟ ସଚିବ**

## DRDA, BALANGIR

**No. 464/DSMS/DRDA** **Dated: 02.12.2019**

**Ph. No.: 06652 (232127 & 235916), Fax: 06652 (233082)**

**SHORT TENDER CALL NOTICE**

Tent Houses/ firms/ agencies/ decorators/ Transport agencies / security agencies having GSTIN no. may apply for the Tentage & Allied works/ Security Services/ Photo & Videography / Local Transportation/ Printing of Flex Hoardings & Banners for the Pallishree Mela to be organized at Koshal Kalamandal Ground, Balangir from 3rd to 7th January 2020.

The tender papers only for Tentage & allied works will be available for purchase from 4th to 11th December 2019 during Official day of Office hour in the Accounts Section of DSMS, Balangir. Reputed firms, decorators and tent houses having the work experience of minimum three years of executing works of exhibitions or similar work and last year annual turnover of minimum Rs. 6,00,000/- (Rupees six lakhs) can only apply for Tentage & allied work. The Firm applying for Tentage & allied work must have minimum C-class certificate of electrical contract. The sealed tenders will be received latest up to 4.00 PM on 11.12.2019 at Office of DRDA in the tender box. The tenders will be opened in the Office of DRDA on 11.12.2019 at 5.00 PM in the presence of the tenderers or their authorized representatives. If it will found that the quoted amount of L1 party will be exceed the budget limit of the particular head then the party may be called for negotiation. The undersigned reserves the right to accept or reject any or all the tenders without assigning any reason thereof.

**Sd./- Project Director, DRDA, Balangir**

## PARADIP PORT TRUST

**e-TENDER CALL NOTICE**

**File No. AD/LO-01/2019/3946**
**Date : 29.11.2019**

Paradip Port Trust invites sealed offers from eligible bidders for "Running of 04 Nos. of Canteen i.e. Dock Canteen, MCHP Canteen, IOHP Canteen and New Administrative Building at Paradip Port". The Estimated cost is Rs. 7,50,00,000/- (Rupees Seven Crore Fifty lakh) only. The last date & time of submission of the bid 30.12.2019 upto 16:00 Hrs. for details please log on to the Website https://**eprocure.gov.in/eprocure/app.**

**PPT/PR/509/19-20**
**Dated: 30.11.2019**

**Welfare Officer,**
**Paradip Port Trust**




## KASTURBA GANDHI BALIKA VIDYALAYA, AT/PO-LAHUNIPARA, LAHUNIPARA, SUNDARGARH, PIN- NO.-770040

### TENDER CALL NOTICE

**Letter No.65** **Dated: 02.12.2019**

Sealed tenders are invited from the registered and reputed firms and manufacturer having GST No. for the supply of Grocery, Cosmetic & Sanitary, Office & student stationary, Dress material to the KASTURBA GANDHI BALIKA VIDYALAYA, LAHUNIPARA for the session 2019-20. Itemswise tender form along with related information can be obtain from the Office of the undersigned in between 11. A.M. to 3 P.M. of any working day from 03rd December 2019 to 10th December 2019 on cash payment of Rs.100 only non refundable. The tender completed in all respect along with requisite EMD money in the shape of Bank Draft/Banker cheque in favour of Headmaster and President, KGBV, Lahunipara payable at State Bank of India Lahunipara Branch. The tender forms should be submitted through speed post/ registered post. Tenders submitted without EMD will be summarily rejected last date of receipt of tender form up to 4 P.M. of Dt.12th December 2019. The tender will be opened on dt..13.12.2019. 11 A.M. in the Lahunipara Govt. U.P.School office in the presence of tenderers. The KGBV purchase committee reserves the right to accept or reject the tender in the whole on in part without assigning any reason thereof.

Selection of tender does not conferred any rights on the part of the supplier for compulsory supply. The KGBV, Lahunipara reserves all the right to purchase the items as per requirement from time to time and also have the liberty to procure any items from the open market if the same is available with less price than quoted rate due to fluctuation of price.

**Sd./- Headmistress**
**KGBV, Lahunipara, Sundargarh**

## 'ଧରିତ୍ରୀ'ର ସ୍ୱନକ୍ଷେତ୍ର ଦିବସ ଉପଲକ୍ଷେ

## ସ୍ୱାଗତ ଜଣାଉଛି କଳାହାଣ୍ଡି ଦକ୍ଷିଣ ବନଖଣ୍ଡ, ଭବାନୀପାଟଣା

କଳାହାଣ୍ଡି ଜିଲ୍ଲାର ସଦର ମହକୁମାଠାରୁ ଭବାନୀପାଟଣା ୧୨ କି.ମି. ଦୂରତା ଭୀତରେ କର୍ଲାପାଟ ଅଭୟାରଣ୍ୟ ଅବସ୍ଥିତ ଏବଂ ଏହା ଭବାନୀପାଟଣା ରେଲୱେ ଷ୍ଟେସନ ଠାରୁ ୧୬ କି.ମି ଦୂରତା ରେ ରହିଛି । ଏହି ଅଭୟାରଣ୍ୟ ପ୍ରାକୃତିକ ପରିବେଶ ଓ ମୋନରମ ଦୃଶ୍ୟ ସାଙ୍ଗକୁ ବିଭିନ୍ନ ପ୍ରଜାତିର ବନ୍ୟଜନ୍ତୁ ପକ୍ଷୀ , ସରୀସୃପ , କୀଟଲତା ଏବଂ ନାନାପ୍ରକାର ଔଷଧୀୟ ବୃକ୍ଷ ବନଲତା ରେ ପରିପୂର୍ଣ୍ଣ ଥିବାହେତୁ ଓଡ଼ିଶା ସରକାର ଏହାର ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ ତା:୧୫.୧୦.୧୯୯୨ ମସିହା ରେ ଅଧିସୂଚନା ନଂ୨୪୪୯୮-୮ର(ଡ)-୪୧/୯୨ ଅନୁଯାଇ ଏହାକୁ ଅଭୟରଣ୍ୟ ଭାବରେ ଘୋଷିତ କରାଗଲା। ଉକ୍ତ ଅଭୟାରଣ୍ୟ କର୍ଲାପାଟ ବନାଓଳ , କଳାହାଣ୍ଡି(ଦକ୍ଷିଣ )ବନଖଣ୍ଡ, ଭବାନୀପାଟଣା ରେ ଅର୍ନ୍ତଭୁକ୍ତ ଅଟେ ।

ଏଥିରେ ଥିବା ଅନେକ ପର୍ଯ୍ୟଟଣ ସ୍ଥଳୀ ଗୁଡ଼ିକ ରାଜ୍ୟ ଓ ରାଜ୍ୟ ବାହାରର ପର୍ଯ୍ୟଟକ ମାନଙ୍କୁ ବିଷେଶ ଆକର୍ଷିତ କରିଥାଏ । ଏହି ଆକର୍ଷଣ ସ୍ଥଳୀ ମଧ୍ୟରୁ ଫୂର୍ଲିଝରନ ଜଳପ୍ରପାତ , ଗୋବର ଗୋଲା, ଘୁଷରି ଗୁଡି, ଭିମଖୋଜ, ଏବଂ ଜାକାମ ଡ଼ାକ (କାଠ) ବଙ୍ଗଳା, କାଠ ପୋଲ, ଔଷଧୀୟ ଉଦ୍ୟାନ ଅନ୍ୟତମ ।

ଫୂର୍ଲିଝରନ:- ଏହା ୧୬ ମିଟର (୫୩ ଫୁଟ ) ଉଚ୍ଚତା ବିଶିଷ୍ଟ ଜଳପ୍ରପାତ ଓ ୨.୫୦ ହେକ୍ଟର ପରିଷିମା ବିଷିଷ୍ଟ । ଏହାର ଚର୍ତୁର ପାର୍ଶ୍ୱରେ ପରିବେଷ୍ଟିତ ପ୍ରାକୃତିକ ସୌନ୍ଦର୍ଯ୍ୟ ବହୁତ ମନୋହର ଏବଂ ବେଶ୍ ଆକର୍ଶଣୀୟ । ଏହା ଭବାନୀପାଟଣା ଠାରୁ ଥୁ. ରାମପୂର ରାସ୍ତାରେ ୧୨ କି.ମି ଆଗକୁ ଏହି ଜଳପ୍ରପାତ ପଡ଼େ । ସ୍ଥାନୀୟ ବନବିଭାଗ ଓ ଲାବନ୍ୟଶ୍ୱର ଇ.ଡ଼ି.ସି ର ସହଯୋଗ ଉଦ୍ୟମରେ ଏହାର ସୁରକ୍ଷା ଓ ରକ୍ଷଣ, ବେକ୍ଷଣ କରାଯାଉଅଛି । ମୁଖ୍ୟତଃ ଏହାର ଉନ୍ନତି ମୂଳକ କର୍ଯ୍ୟ ପାଇଁ ବନବିଭାଗ ବିଭିନ୍ନ ପ୍ରକାର କାର୍ଯ୍ୟ କଳାପ ସଂପାଦନ କରୁଅଛି ।


କଣ ସବୁ ସୁବିଧା ରହିଛ:-

୧. ଟିକଟ କାଉଣର ।
୨. ପାର୍କିଙ୍ଗ ଜୋନ୍ ।
୩. ଟ୍ରେକିଙ୍ଗ ଟ୍ରେଲ୍ ।
୪. ଷ୍ଟିଲ ବେରିକେଟ୍ ।
୫. ବନ୍ୟପ୍ରଣୀ ଙ୍କ ପ୍ରତିମୁର୍ତ୍ତି ।
୬. ୱଚ୍ ଟାୱାର ।
୭. ଜଙ୍ଗଲ ସମ୍ବନ୍ଧୀୟ ସୁଚନା ଫଳକ ।
୮. ସାମୂହିକ ଶୌଚାଳୟ ବ୍ୟବସ୍ଥା
୯. ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ଭଳି ସୁବିଧା ଓ ବ୍ୟବସ୍ଥା କରାଯାଇଛି ।

ଫୂର୍ଲିଝରନ ପ୍ରବେଶ



ଫୂର୍ଲିଝରନ



କର୍ଲାପାଟ ଅଭୟାରଣ୍ୟ



ସେହି ଭଳି ଫୂର୍ଲିଝରନ ରୁ ୪ କିମି ଦୂରରେ ଆଉ ଏକ ମନରୋମ ଓ ଅକର୍ଶଣୀୟ ସ୍ଥାନ ପର୍ଯ୍ୟଟକ ଙ୍କୁ ଅର୍କଶିତ କରିଥାଏ ତାହା ହେଉଛି ଜାକମ ଓ ଜାକମ ରେ କାଠ ନିର୍ମିତ କାଠ ବଙ୍ଗଳା କିନ୍ତୁ ହାତୀ ଙ୍କ ଚଳପ୍ରଚଳ ପଥ ହେଇଥିବାରୁ ଉକ୍ତ ସ୍ଥାନକୁ ପର୍ଯ୍ୟଟକ ମାନଙ୍କୁ ବାରଣ କରାଯାଉଅଛି ।

ସୌଜନ:- କର୍ଲାପାଟ ଅଭୟାରଣ୍ୟ ବନା ଳ,ଭବାନୀପାଟଣା

# ଏ ମାସର କୃଷି ସୂଚନା

## ପ୍ରାଣୀପାଳନ



ଶୀତଦିନରେ ଗାଈଙ୍କଠାରେ ଭୂତାଣୁଜନିତ ଫାଟୁଆ ରୋଗ ଅଧିକ ଦେଖାଯାଇଥାଏ । ତେଣୁ ଏହି ରୋଗର ପ୍ରତିଷେଧକ ବ୍ୟବସ୍ଥା ପାଇଁ ଏହି ମାସରେ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରି ଟିକା ଦିଅନ୍ତୁ ।

-ଗାଈ, ଛେଳି, ମେଣ୍ଢା, କୁକୁଡ଼ା ଥିବା ଘରର ଜାଲି କିମ୍ବା ଝରକାରେ ବସ୍ତା ଝୁଲାଇଲେ ରାତିରେ ସେମାନଙ୍କୁ ଅଧିକ ଶୀତ ହେବନାହିଁ ଓ ସେମାନେ ନିମୋନିଆ ଆଦି ରୋଗରୁ ରକ୍ଷା ପାଇବେ ।

-ଛେଳି ଥିବା ଘରେ ତଳେ ଭାଡ଼ି ବା ବାଉଁଶ ଚାଙ୍ଗୁଡ଼ାର ବନ୍ଦୋବସ୍ତ କଲେ ଛେଳିଙ୍କୁ ଥଣ୍ଡା ଓ ନିମୋନିଆରୁ ରକ୍ଷା ମିଳିପାରିବ ।

-ଜଳସେଚନ ସୁବିଧା ଥିବା ଅଞ୍ଚଳରେ ଓ ଅଧିକ ଥଣ୍ଡା ପଡୁଥିବା ଅଞ୍ଚଳରେ ଏହି ମାସ ବରସିମ୍ ଏବଂ ଓଟ୍ ଘାସ ଚାଷ କରନ୍ତୁ ।

## ପିଆଜ

ପିଆଜ ତଳିଗୁଡ଼ିକ ୧୨-୧୫ ସେ.ମି. ଉଚ୍ଚ ହୋଇଗଲେ ସେଗୁଡ଼ିକ ଉପରବେଳା ଉପାଡ଼ି ଲଗାନ୍ତୁ ।

-ତଳି ରୋଇବାର ଦୁଇଦିନ ଆଗରୁ ହେକ୍ଟର ପ୍ରତି ୬୦ କି.ଗ୍ରା. ଯବକ୍ଷାରଜାନ, ୬୦ କି.ଗ୍ରା. ଫସ୍‌ଫରସ୍ ଓ ୧୦୦ କି.ଗ୍ରା. ପଟାସ୍ ମୂଳସାର ଭାବେ ପ୍ରୟୋଗ କରି ପଟାଳି ପ୍ରସ୍ତୁତ କରନ୍ତୁ ।

-ଉକୁଣି ପୋକ ଲାଗିଲେ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍.ପି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

- ସୂଚନାଯୋଗ୍ୟ ପିଆଜ ତଳି ରୋଇବାର ୩ ଦିନ ପୂର୍ବରୁ ହେକ୍ଟର ପ୍ରତି ୧୦୦୦ ମି.ଲି. ବାସାଲିନ୍‌କୁ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା ତଳି ରୋଇବାର ୩ ଦିନପରେ ହେକ୍ଟର ପ୍ରତି ୩.୫ ଲିଟର ଷ୍ଟମ୍ପ୍ ବା ୧୫୦୦ ମି.ଲି. ଟ୍ରିବୁଲିନ୍ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ । ଏହାଦ୍ୱାରା ଅନାବନା ଘାସ ଦାଉରୁ ରକ୍ଷା ମିଳିଥାଏ ।

## ମାଛଚାଷ

ଏକ ହେକ୍ଟର ବିଶିଷ୍ଟ ମାଛ ପୋଖରୀରେ ୧୨୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ସହିତ ୩ କି.ଗ୍ରା ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ଖାଇବାକୁ ଦିଅନ୍ତୁ । ପୋଖରୀରେ ଜୈବିକ ସାର ପ୍ରୟୋଗର ୭ ଦିନ ପୂର୍ବରୁ ଅମ୍ଳତା ୭.୫ ରୁ କମ୍ ଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୧୦୦ କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ । ପୋଖରୀର ନିମ୍ନ ସ୍ତରରେ ଥିବା ମିରିକାଳି ଓ ବିଲାତି ରୋହି ଉପରସ୍ତରକୁ ଉଠିଲେ, ପୋଖରୀ ତଳମାଟିରୁ ଦୁର୍ଗନ୍ଧ ବାହାରୁଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୫୦ କି.ଗ୍ରା. ଜିଓଲାଇଟ୍ ବ୍ୟବହାର କରନ୍ତୁ ।

## ସୂର୍ଯ୍ୟମୁଖୀ



ସୂର୍ଯ୍ୟମୁଖୀ ଫସଲରେ କର୍ତ୍ତକ କୀଟ, ଶୁଂବାଳୁଆ, ଧଳାମାଛି, ଥ୍ରୀପ୍ସ, ଜଉପୋକ, ସବୁଜ ଘୋଡ଼ାପୋକ, ଧୂଆଁପତ୍ର ଗୋଟିପୋକ, ଫୁଲବିନ୍ଧା ପୋକ, ପତ୍ରଦାଗ ରୋଗ, ମୂଳଶଢ଼ା ରୋଗ, ଝାଉଁଳା ରୋଗ, କଳଙ୍କି ରୋଗ, ନିମ୍ନମୁଖୀ ପତ୍ରପୋଡ଼ା ରୋଗ ଓ ଫୁଲଶଢ଼ା ରୋଗ ଇତ୍ୟାଦି ଦେଖାଯାଏ । ଏହାର ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ସୂର୍ଯ୍ୟମୁଖୀ ଫସଲର ଚାରିପାଖରେ ମକା, ଗାଜର, ବାଜରା ଆଦି ଫସଲ ଚାଷ କରି ଥ୍ରୀପ୍ସ ଆକ୍ରମଣ କମାନ୍ତୁ । ସର୍ବଦା ପ୍ରମାଣିତ ବିହନ ବ୍ୟବହାର କରନ୍ତୁ । ଭଲ ଅମଳ ପାଇଁ ଖତ ଓ ମୂଳସାରକୁ ବିହନ ବୁଣିବାର ଏକ ସପ୍ତାହ ପୂର୍ବରୁ ମାଟିରେ ମିଶାନ୍ତୁ । ପ୍ରଥମ ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସ ମୁକ୍ତ ରଖନ୍ତୁ । ସକାଳ ସମୟରେ କୌଣସି କୀଟନାଶକ ବିଷ ପ୍ରୟୋଗ କରନ୍ତୁ ନାହିଁ । ଏହା ମହୁମାଛି ଲାଗି କ୍ଷତିକାରକ । ତେଣୁ ଅପରାହ୍ନରେ ସିଞ୍ଚନ କରନ୍ତୁ । ଶୋଷକ ପୋକ ଯଥା- ଧଳାମାଛି, ଜଉପୋକ ପାଇଁ ଏକର ପ୍ରତି ଡାଇମିଥୋଏଟ୍ ୪୦୦ ମି.ଲି.କୁ ୨୦୦ ଲିଟର ହିସାବରେ ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସବୁଜ ଘୋଡ଼ାପୋକ ପାଇଁ ଏକର ପ୍ରତି କ୍ଲୋରୋପାଇରିଫସ୍ ବା ପ୍ରୋଫେନୋଫସ୍ ୪୦୦ ମି.ଲି.କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫୁଲ ଫୁଟିବା ସମୟରେ ବିଷାକ୍ତ ଔଷଧ ପ୍ରୟୋଗ କରନ୍ତୁ ନାହିଁ । ନିମ ଜାତୀୟ ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% ୩ ମି.ଲି.କୁ ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ । ୨୫ ରୁ ୩୦ ଦିନ ହୋଇଥିବା ସୂର୍ଯ୍ୟମୁଖୀରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ। ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଏବଂ ସଙ୍କର କିସମ ଲାଗି୨୫ କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ।

## ଧାନ ସମ୍ପର୍କରେ...

ଧାନ କାଟିବାର ଏକ ସପ୍ତାହ ପୂର୍ବରୁ କିଆରିରୁ ଜଳ ନିଷ୍କାସନ କରିଦିଅନ୍ତୁ ।

-ଧାନରେ କେଣ୍ଡାକଟା ପୋକ ଦେଖାଦେଲେ ଅପରାହ୍ନରେ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫% ଏସ୍.ସି. କିମ୍ବା ୧ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଭାଗ ସେଚଗୁଣ୍ଡ ସିଞ୍ଚନ କରନ୍ତୁ ଓ ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡକୁ ସନ୍ଧ୍ୟାରେ ହୁଡ଼ା ଉପରେ ସିଞ୍ଚନ କରନ୍ତୁ ।

**ଡାଲୁଅ ଧାନଚାଷ :** ବିହନକୁ ୨୪ ଘଣ୍ଟା ପାଣିରେ ଭିଜାଇ, ଗଜାକରି ଗାଳି ଫିଟିବା ପରେ କାଦୁଅ ତଳିପଟିରେ ବୁଣନ୍ତୁ । ତଳିପଟିର ଓସାର ୩-୪ ଫୁଟ ରଖନ୍ତୁ। ପ୍ରତି ପଟି ପରେ ୧ ଫୁଟ ନାଳି ରଖନ୍ତୁ। ତଳିଘରା ପାଇଁ ୧୦ ଡେସିମିଲ ତଳିପଟିରେ ୪୦ ଝୁଡ଼ି ଶଢ଼ା ଗୋବର ଖତ, ୧୨ କି.ଗ୍ରା. ସିଙ୍ଗଲ ସୁପରଫସ୍‌ଫେଟ୍ ଓ ୨ କି.ଗ୍ରା. ମ୍ୟୁରେଟ ଅଫ୍ ପଟାସ ସାର ଶେଷଓଡ଼ ଚାଷ ସମୟରେ ମାଟିରେ ମିଶାଇ ଦିଅନ୍ତୁ ।

- ବିହନରୁ କଣ୍ଟା ଓ ଅଗାଡ଼ି ବାହାର କରିବା ପାଇଁ ଲୁଣପାଣି ଉପଚାର କରନ୍ତୁ ।

- ବିହନ କିସମ : *ସହଳ* - ପାରିଜାତ, ଖଣ୍ଡଗିରି, ଯୋଗେଶ, ସିଦ୍ଧାନ୍ତ, ମନ୍ଦାକିନୀ, ପଥରା ।



*ମଧ୍ୟମ* - ଲଲାଟ, ସୁରେନ୍ଦ୍ର, କୋଣାର୍କ, ତପସ୍ୱିନୀ, ଗୀତାଞ୍ଜଳି, ଗଜପତି, ତେଜସ୍ୱିନୀ, ମନସ୍ୱିନୀ, ହିରଣ୍ମୟୀ, ନବୀନ ।

ଏହି ମାସ ଶେଷଶୁଦ୍ଧା ଡାଲୁଅ ଧାନ ପାଇଁ ତଳି ପକାଇବା କାମ ଶେଷ କରନ୍ତୁ । ତଳି ପକାଇବା ଲାଗି ସଅଳ ଓ ମଧ୍ୟମ କିସମ ବିହନ ବ୍ୟବହାର କରନ୍ତୁ । ବିହନ ବିଶୋଧନ ପାଇଁ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ ୧ କି.ଗ୍ରା. ବିହନ ପ୍ରତି ବ୍ୟବହାର କରନ୍ତୁ ।

***-କୃଷି ବୈଷୟିକ ସୂଚନା କେନ୍ଦ୍ର, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର - ୩***

# କିପରି କରିବେ ମଟର ଚାଷ



ଚୌଧୁରୀ ବିଚିତ୍ରାନନ୍ଦ ପ୍ରହରାଜ

ଉଭୟ ସବୁଜ ଓ ଶୁଖିଲା ପରିବା ହିସାବରେ ବଜାରରେ ମଟରର ଚାହିଦା ଅଧିକ। ପ୍ରଥମେ ପ୍ରଥମେ ବଜାରକୁ ଆସିଲେ ଏକ କିଲୋ ସବୁଜ ମଟରର ଦାମ ପ୍ରାୟ ଶହେ ଟଙ୍କା ରହିଥାଏ। ସବୁଜ ମଟର ତରକାରୀ ହେବା ସଙ୍ଗେ ସଙ୍ଗେ ଶୁଖିଲା ମଟରକୁ ବତୁରାଇ ଘୁଗୁନି କରାଯାଇଥାଏ। କଞ୍ଚାମଟର ବିଭିନ୍ନ ପ୍ରକାର ସୁପ୍‌ରେ ବ୍ୟବହୃତ ହେଉଥିଲା ବେଳେ ଏହାକୁ ସଂରକ୍ଷିତ କରି ବର୍ଷସାରା ମଧ୍ୟ ବ୍ୟବହାର କରାଯାଏ। ମଟରର ଅନେକ ଔଷଧୀୟ ଗୁଣ ମଧ୍ୟ ଅଛି। ଫସଲ ଅମଳ ପରେ ମଟର ଗଛର ବୋଡ଼ିକୁ ଗୋଖାଦ୍ୟ ରୂପେ ବ୍ୟବହାର କରାଯାଏ। ଆମ ଦେଶରେ କର୍ଣ୍ଣାଟକ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ପଞ୍ଜାବ ଆଦି ରାଜ୍ୟରେ ମଟର ଚାଷ ହେଉଥିଲେ ହେଁ ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ ମଟର ଚାଷ କରାଯାଇଥାଏ। ଅକ୍ଟୋବର ୧୫ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ମଟର ଚାଷ ପାଇଁ ଅନୁକୂଳ ସମୟ। ନିଗିଡ଼ା ବାଲିଆ, ଦୋରସା ଓ ମଟାଳମାଟି ମଟର ଚାଷ ପାଇଁ ଉପଯୁକ୍ତ। ଏହି ଚାଷ ଲଗି ଜମିକୁ ୨/୩ ଓଡ଼ ଚାଷକରି ସେଥିରେ ଏକରପିଛା ଆଠରୁ ୧୦ ଗାଡ଼ି ଗୋବର ଖତ ମିଶାନ୍ତୁ। ଆପଣଙ୍କ ଜମିକୁ ଓ ଜଳସେଚନର ଉପଲବ୍ଧତାକୁ ଆଖି ଆଗରେ ରଖି ସଅଳ, ମଧ୍ୟମ ଓ ଡେରିରେ ଅମଳ ହେଉଥିବା ବିହନ ବାଛନ୍ତୁ। ଅଢ଼େଇ ମାସରେ ଅମଳ ହେଉଥିବା ଅଧିକ ଅମଳକ୍ଷମ ମଟର କିସମ- ଇସି ୩୩୮୬୬,୯୫ରୁ ୧୦୦ ଦିନରେ ଅମଳ ହେଉଥିବା ଅଧିକ ଅମଳକ୍ଷମ କିସମ- ଜିସି୬୭, ଅପର୍ଣ୍ଣା, ବିକାଶ ଓ ପୁଷା ପ୍ରଭାତ । ରଚନା, ଆଦର୍ଶ କିସମଗୁଡ଼ିକ ୪ ମାସରେ ଅମଳ ହୋଇଥାଏ। ଏକର ପିଛା ୨୦କିଗ୍ରା ବିହନ ଆବଶ୍ୟକ ହୋଇଥାଏ। ବୁଣିବା ବେଳେ ମାଟିରେ ବତର ରହିଲେ ଭଲ। ବୁଣିବା ପୂର୍ବରୁ ମଞ୍ଜିକୁ ୧୨ଘଣ୍ଟା



ପାଣିରେ ବତୁରାଇ ଲଗାନ୍ତୁ। ଏହାଫଳରେ ଭଲ ଗଛ ଉଠେ ଓ ଗଛ ମାଡ଼ଖାଏ ନାହିଁ। ଲଗାଇବା ପୂର୍ବରୁ ବିହନକୁ କିଲୋପ୍ରତି ୩ଗ୍ରାମ୍ କ୍ୟାପଟାନ୍ କିମ୍ବା ଥିରାମ ଗୁଣ୍ଡରେ ମଞ୍ଜି ବିଶୋଧନ କରନ୍ତୁ। ମଟର ଫସଲକୁ ଛଟାବୁଣା କିମ୍ବା ଧାଡ଼ିରେ ଲଗାନ୍ତୁ। ଧାଡ଼ିରେ ଲଗାଯାଇଥିବା ଫସଲରୁ ଅଧିକ ଅମଳ ମିଳିଥାଏ। ଏକରପିଛା ୧୦କିଗ୍ରା ଯବକ୍ଷାରଯାନ, ୨୦କିଗ୍ରା ଫରଫରସ୍ ଏବଂ ୧୦କିଗ୍ରା ଫଟାସ ସାର ପ୍ରୟୋଗ କରନ୍ତୁ। ବୁଣିବା ସମୟରେ ସବୁତକ ଫସଫରସ, ପଟାସ ଓ ଅଧା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ବାକି ଯବକ୍ଷାରଜାନ ସାରକୁ ବୁଣିବାର ଏକମାସ ପରେ ପ୍ରୟୋଗ କରନ୍ତୁ। ମାଟିର ବତର ଦେଖି ଜଳସେଚନ କରନ୍ତୁ। ଗଛରେ କଢ଼ ଧରିବା, ଫୁଲଫୁଟିବା ଓ ଛୁଇଁ ପାକଳ ହେବା ଅବସ୍ଥାରେ ଜଳସେଚନ ନିତାନ୍ତ ଦରକାର।

ମଟର ଫସଲରେ ଜଉପୋକ, ପତ୍ର ସୁଡ଼ଙ୍ଗୀ ଓ ଛୁଇଁଥିବା ପୋକ ବା ଫଳ ବିନ୍ଧା ପୋକ ଦେଖାଯାଇଥାନ୍ତି। ପୋକ ଦମନ ପାଇଁ ଡିମେଟନ୍ ୧ଲିଟର ପାଣିରେ ୨ ମିଲିଲି ଏବଂ କାର୍ବାରିଲ ୫୦ ଏକର ପ୍ରତି ୬୦୦ ଗ୍ରାମ ହିସାବରେ ପ୍ରୟୋଗ କରନ୍ତୁ। ପାଉଁଶିଆ ରୋଗ, କଳଙ୍କି ରୋଗ ଏବଂ ଝାଉଁଳା ରୋଗ ପାଇଁ ମାନକୋଜେବ୍ ୫୦୦ ଗ୍ରାମକୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଛୁଇଁଗୁଡ଼ିକ ବଜାରରେ ବିକ୍ରିହେବା ପାଇଁ ଉପଯୁକ୍ତ ହୋଇଗଲେ ଅମଳ କରନ୍ତୁ। ଶୁଖିଲା ମଟର ପାଇଁ ମଟର ମଞ୍ଜିଗୁଡ଼ିକ ଶୁଖିଗଲେ ଅମଳ କରନ୍ତୁ। ଛୁଇଁ ତୋଳା ହୋଇ ନ ଥିଲେ ଏ୧ଏକର ମଟର ଫସଲରୁ ୮ରୁ ୧୦ କୁଇଣ୍ଟାଲ ପର୍ଯ୍ୟନ୍ତ ଶୁଖିଲା ମଟର ମିଳିଥାଏ। କଞ୍ଚାମଟର ଲାଗି ଏକରପିଛା ୧୨ କୁଇଣ୍ଟାଲ ପର୍ଯ୍ୟନ୍ତ ମଟର ଛୁଇଁ ମିଳିଥାଏ। ମଟର ଫସଲରୁ ୬ରୁ ୧୦ଦିନ ବ୍ୟବଧାନରେ ୪ରୁ ୫ଥର ଛୁଇଁ ତୋଳାଯାଇପାରେ।

*- ମୋ: ୭୮୯୪୩୩୫୩୭୧*




ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଫୋଗଲ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଉଛି ।

**ସ୍ୱର୍ଣ୍ଣଲତା ପୃଷ୍ଟି**
ସରପଞ୍ଚ, ଫୋଗଲ ଗ୍ରାମପଞ୍ଚାୟତ






ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ କେଣ୍ଟାଳୋ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଉଛି ।

**ଅନ୍ନଦା ପ୍ରସାଦ ନାୟକ**
ସରପଞ୍ଚ, କେଣ୍ଟାଳୋ ଗ୍ରାମପଞ୍ଚାୟତ



ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ ଏହାର ଅଗଣିତ ପାଠକ ପାଠିକା ମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।

**ସସ୍ମିତା ଦାସ**
ରାଜ୍ୟ ସଭାପତି, ଅନ୍ତର୍ଜାତୀୟ ମାନବାଧିକାର ସମିତି ଓ ଓଡ଼ିଶା ନାରୀ ସୁରକ୍ଷା ମଞ୍ଚ



ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ବରାଦ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଉଛି ।

**ନୃସିଂହ ଚରଣ ବିଶ୍ୱାଳ**
ସରପଞ୍ଚ, ବରାଦ ଗ୍ରାମପଞ୍ଚାୟତ



ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ନିଶ୍ଚିନ୍ତକୋଇଲି ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଉଛି ।

**ରମାକାନ୍ତ ମହାନ୍ତି**
ଅଧ୍ୟକ୍ଷ, ରୋଗୀ କଲ୍ୟାଣ ସମିତି, ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର



ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ କଟିକଟା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଉଛି ।

**ମନସ୍ମିତା ପଣ୍ଡା**
ସରପଞ୍ଚ, କଟିକଟା ଗ୍ରାମପଞ୍ଚାୟତ



ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଜିଗ୍ନିପୁର ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଉଛି ।

**ତିଳୋତ୍ତମା ରାଉତ**
ସରପଞ୍ଚ, ଜିଗ୍ନିପୁର ଗ୍ରାମପଞ୍ଚାୟତ



ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ବାଲିଆପଦା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଉଛି ।

**କୈଳାସ ସାମନ୍ତରାୟ**
ସରପଞ୍ଚ, ବାଲିଆପଦା ଗ୍ରାମପଞ୍ଚାୟତ



ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସରପଡ଼ା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଉଛି ।

**ରୁନୁଲତା ମହାନ୍ତି**
ସରପଞ୍ଚ, ସରପଡ଼ା ଗ୍ରାମପଞ୍ଚାୟତ



ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସୁକରପଡ଼ା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଉଛି ।

**ବାସନ୍ତୀ ସ୍ୱାଇଁ**
ସରପଞ୍ଚ, ସୁକରପଡ଼ା ଗ୍ରାମପଞ୍ଚାୟତ



ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଅସୁରେଶ୍ୱର ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଉଛି ।

**ମହେଶ୍ୱର ବାରିକ**
ସରପଞ୍ଚ, ଅସୁରେଶ୍ୱର ଗ୍ରାମପଞ୍ଚାୟତ

Dollar 71.66 (0) | Sensex 40,855.03 (▼126.72) | Nifty 11,994.20 (▼54) | Gold 38,789.00 (▲₹80) | Silver 45,826.00 (▲₹110)

ଭାରତକୁ ନିବେଶର ଏକ ପ୍ରମୁଖ ସ୍ଥାନ ଭାବେ ପରିବର୍ତ୍ତିତ କରିବା ଲାଗି ସରକାର ସମସ୍ତ ଉଦ୍ୟମ ଜାରି ରଖିଛନ୍ତି। ଆଗାମୀ ଦିନରେ ଅଧିକ ସଂସ୍କାର ପ୍ରକ୍ରିୟା ହାତକୁ ନିଆଯିବ।
– ନିର୍ମଳା ସୀତାରାମନ, ଅର୍ଥମନ୍ତ୍ରୀ



୧୦ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମିଶ୍ରଣ ପରେ କାହାର ଚାକିରି ଯାଇନାହିଁ। କର୍ମଚାରୀଙ୍କ ସ୍ୱାର୍ଥରକ୍ଷାକୁ ସରକାର ଧ୍ୟାନରେ ରଖିଛନ୍ତି।
– ଅନୁରାଗ ଠାକୁର, କେନ୍ଦ୍ର ଅର୍ଥରାଷ୍ଟ୍ର ମନ୍ତ୍ରୀ



## ସଂକ୍ଷେପରେ

### ସ୍ପଷ୍ଟ କଲା ଡିଆଇସିଜିସି ଲକ୍ଷେ ଟଙ୍କାର ବ୍ୟାଙ୍କ ଜମା ଉପରେ ଗ୍ୟାରେଣ୍ଟି

**ନୂଆଦିଲ୍ଲୀ, ୩-୧୨:** ଯଦି କୌଣସି ବ୍ୟାଙ୍କ ଏହାର କାରବାରରେ ବିଫଳତା ଲାଗି ବନ୍ଦ ହୋଇଯାଏ ତେବେ ଗ୍ରାହକଙ୍କ ମୋଟ ଜମାର କେବଳ ଲକ୍ଷେ ଟଙ୍କା ଉପରେ ହିଁ ଗ୍ୟାରେଣ୍ଟି ରହିଛି। ଅର୍ଥାତ ଲୋକମାନେ ଯେତେ ଟଙ୍କା ବ୍ୟାଙ୍କରେ ଜମା କରିଥିଲେ ମଧ୍ୟ ଲକ୍ଷେ ଟଙ୍କା ହିଁ ଫେରିପାଇବେ। ଭାରତୀୟ ରିଜର୍ଭ ବ୍ୟାଙ୍କର ସହାୟକ କମ୍ପାନୀ ଡିପୋଜିଟ ଇନସ୍ୟୁରାନ୍ସ ଆଣ୍ଡ କ୍ରେଡିଟ ଗ୍ୟାରେଣ୍ଟି କର୍ପୋରେଶନ (ଡିଆଇସିଜିସି) ପକ୍ଷରୁ ଏହି ସୂଚନା ଦିଆଯାଇଛି। ସୂଚନା ଅଧିକାର ଆଇନ(ଆରଟିଆଇ) ଦ୍ୱାରା ମଗାଯାଇଥିବା ତଥ୍ୟରୁ ଏଭଳି କଥା ସାମ୍ନାକୁ ଆସିଛି। ବର୍ତ୍ତମାନ ବ୍ୟାଙ୍କ ଜମାରାଶି ଉପରେ ମାତ୍ର ୧ ଲକ୍ଷ ଟଙ୍କାର ବୀମା ରହିଛି। ଏହାକୁ ବଢାଇବା ଲାଗି ପାର୍ଲାମେଣ୍ଟର ଶୀତକାଳୀନ ଅଧିବେଶନରେ ଏକ ବିଧେୟକ ଆଣିବା ଲାଗି ଅର୍ଥ ମନ୍ତ୍ରୀ କହିଥିଲେ। ବ୍ୟାଙ୍କ ଜମା ଉପରେ ବୀମା ରାଶିକୁ ୫ ଲକ୍ଷ ଟଙ୍କାକୁ ବଢାଇବାକୁ ଅଂଶୀଦାରଙ୍କ ପକ୍ଷରୁ ଦାବି କରାଯାଇଥିଲା। ମାତ୍ର ଏହି ସୀମା ବଢାଇବା ଲାଗି ଏଭଳି କୌଣସି ପ୍ରସ୍ତାବ ଉପରେ ବିଚାର କରାଯାଉ ନ ଥିବା ଡିଆଇସିଜିସି କହିଛି।

# ହିରୋର ନୂଆ ସ୍ପ୍ଲେଣ୍ଡର ଆଇସ୍ମାର୍ଟ

**ଭୁବନେଶ୍ୱର, ୩-୧୨**




ହିରୋମୋଟୋକର୍ପ ଲିମିଟେଡ ପକ୍ଷରୁ ନୂଆ ବିଏସ୍-୬ ମାନକଯୁକ୍ତ ସ୍ପ୍ଲେଣ୍ଡର ଆଇସ୍ମାର୍ଟ କଟକର ଶନି ମୋଟର୍ସ ଶୋ'ରୁମଠାରେ ବଜାର ପ୍ରବେଶ ହୋଇଛି। ଏହାକୁ ଶୋ'ରୁମର ମ୍ୟାନେଜିଂ ପାର୍ଟନର ଅର୍ଶଦୀପ ସିଂ ଏବଂ ମ୍ୟାନେଜର ଅରବିନ୍ଦ ସିହ୍ନା ଉନ୍ମୋଚନ କରିଥିଲେ। ମଡେଲଟିର ବଜାର ଦର ୬୫,୫୦୦ ଟଙ୍କା ରହିଛି। ଯୁବବର୍ଗଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖି ଏଥିରେ ଅତ୍ୟାଧୁନିକ ଟେକ୍ନୋଲୋଜି ସ୍ଥାନିତ କରାଯାଇଛି। ଏଥିରେ ୧୧୦ ସିସି ଏୟାରକୁଲଡ ଇଞ୍ଜିନ, ଡାଇମଣ୍ଡ ଫ୍ରେମ ଏବଂ ଇନ୍ଧନ ଦକ୍ଷତା ଲାଭ କରିପାରିବେ। ଏହା ଟେକ୍ନୋ ବ୍ଲୁ, ବ୍ଲାକ, ସ୍ପୋର୍ଟସ ରେଡ, ବ୍ଲାକ, ଫୋର୍ସ ସିଲଭର ଆଣ୍ଡ ହେଭି ଗ୍ରେ ଭଳି ରଙ୍ଗରେ ଆସୁଛି।

# ପାର୍ବଣରେ ୪.୯ ଲକ୍ଷ କୋଟି ଋଣ ଦେଲେ ବ୍ୟାଙ୍କ

**ନୂଆଦିଲ୍ଲୀ, ୩-୧୨**

ପାର୍ବଣ ସମୟରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ୪.୯ ଲକ୍ଷ କୋଟି ଟଙ୍କାର ଋଣ ପ୍ରଦାନ କରିଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି। ଅର୍ଥନୀତିରେ ସ୍ଥିତାବସ୍ଥା ଏବଂ ଚାହିଦା ବଢାଇବା ଲାଗି ବ୍ୟାଙ୍କଗୁଡିକ ଏଭଳି ପଦକ୍ଷେପ ନେଇଛନ୍ତି। ଦେଶର ୩୭୪ ଜିଲାରେ ଋଣ ମେଳା ଆୟୋଜନ କରି ଏହି ଋଣ ପ୍ରଦାନ କରାଯାଇଛି। ଏମଏସ୍‌ଏମ୍‌ଇ, ଏନ୍‌ବିଏଫ୍‌ସି, କର୍ପୋରେଟ, ରିଟେଲ ଏବଂ କୃଷି କ୍ଷେତ୍ରକୁ ଏଥିରେ ସାମିଲ କରାଯାଇଛି। ଅକ୍ଟୋବରରେ ୨.୫୨ ଲକ୍ଷ କୋଟି ଏବଂ ନଭେମ୍ବରରେ ୨.୩୯ ଲକ୍ଷ କୋଟି ଟଙ୍କାର ଋଣ ଏହା ମଧ୍ୟରେ ରହିଛି।

### ଏୟାର ଇଣ୍ଡିଆ ବିକ୍ରି

## ବିଦେଶୀ ନିୟନ୍ତ୍ରଣ ନିୟମ ସଂଶୋଧନ ଉପରେ ବିଚାର

**ନୂଆଦିଲ୍ଲୀ, ୩-୧୨**

ଏୟାର ଇଣ୍ଡିଆ ବିକ୍ରି ନେଇ ସରକାର ବର୍ତ୍ତମାନ ଯୋଜନା ରଖିଥିବା ବେଳେ ଏକ୍ଷେତ୍ରରେ ବିଦେଶୀ ନିୟନ୍ତ୍ରଣ ନିୟମ ସଂଶୋଧନ କରିବା ଉପରେ ବିଚାର କରାଯାଉଛି। ବର୍ତ୍ତମାନର ନିୟମ ମୁତାବକ ଉକ୍ତ ବିମାନ କମ୍ପାନୀର ପରିଚାଳନା ନିୟନ୍ତ୍ରଣ କେବଳ ଭାରତୀୟଙ୍କ ହାତରେ ରହିବା ନେଇ ବ୍ୟବସ୍ଥା ରହିଛି। ଏଭଳି ବିଭିନ୍ନ ପ୍ରସଙ୍ଗ ଯୋଗୁ ବିଶ୍ୱସ୍ତରୀୟ ଫାର୍ମଗୁଡିକ ଏୟାର ଇଣ୍ଡିଆର ନିଲାମରେ ଭାଗ ନେବାକୁ ଆଗ୍ରହ ଦେଖାଉ ନାହାନ୍ତି। ଏହାକୁ ବିକ୍ରି ଲାଗି ସରକାର ଉଦ୍ୟମ ଜାରି ରଖିଥିଲେ ମଧ୍ୟ ସଫଳ ହେଉନାହାନ୍ତି। ଏହାକୁ ଧ୍ୟାନରେ ରଖି ନିୟମରେ ପରିବର୍ତ୍ତନ ଦ୍ୱାରା ଅଧିକ ବିଶ୍ୱସ୍ତରୀୟ ଫାର୍ମଗୁଡିକୁ ବିଡିଂ ଧାରାରେ ସାମିଲ କରାଇବା ନେଇ ସରକାର ଯୋଜନା ରଖିଛନ୍ତି।


# ରାଜ୍ ଇଲେକ୍‌ଟ୍ରୋନିକ୍ସରେ ମେଗା ଏସି ସେଲ୍


**ଭୁବନେଶ୍ୱର, ୩-୧୨**

RAJ ELECTRONICS

ରାଜ ଇଲେକଟ୍ରୋନିକ୍ସ ପକ୍ଷରୁ ମେଗା ଏୟାରକଣ୍ଡିସନର ସେଲ୍ ସମ୍ପର୍କରେ ଘୋଷଣା କରାଯାଇଛି। ଡିସେମ୍ବର ମାସରେ ଏସି କ୍ରୟ ଉପରେ ଗ୍ରାହକ ମୋଟ୍ ୫୦% ପର୍ଯ୍ୟନ୍ତ ଫାଇଦା ପାଇପାରିବେ। ଏହି ସମୟରେ ବଜାଜ ଫାଇନାନ୍ସ ପକ୍ଷରୁ ୧୨୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶବ୍ୟାକ ଅଫର ରହିଛି। ଶୀତ ଋତୁରେ ଏସି ମୂଲ୍ୟ କମ୍ ରହିବା ସହ ଇନଷ୍ଟାଲେସନ ଠିକ୍ ଭାବେ ହୋଇଥାଏ। ଏସି ଲଗାଇବା ଲାଗି ମେକାନିକ ପର୍ଯ୍ୟାପ୍ତ ସମୟ ପାଇପାରିବେ ବୋଲି ରାଜ ଇଲେକଟ୍ରୋନିକ୍ସ ପକ୍ଷରୁ ସୂଚନା ରହିଛି। ବଛାବଛା ଏୟାର କଣ୍ଡିସନର ଉପରେ ୨୫% ପର୍ଯ୍ୟନ୍ତ ଡିସକାଉଣ୍ଟ ଗ୍ରାହକ ପାଇବା ସହ ଜାନୁୟାରୀମାସଠାରୁ ବଢିବାକୁ ଥିବା ୨୫% ମୂଲ୍ୟରୁ ରକ୍ଷାପାଇପାରିବେ। ଜାନୁୟାରୀରେ ନୂଆ ଇଲେକଟ୍ରିକ କଞ୍ଜମ୍ପଶନ ରେଟିଂ ନିୟମ ଲାଗୁ ହେବାକୁ ଥିବା ବେଳେ ଏସି ମୂଲ୍ୟ ପ୍ରାୟ ୨୫% ବଢିବାର ସମ୍ଭାବନା ରହିଛି। ଗ୍ରାହକ ୦% ଫାଇନାନ୍ସରେ ସହଜ ଏବଂ କମ୍ ମୂଲ୍ୟ କିସ୍ତିରେ ଷ୍ଟାର ଏବଂ ଇନଭର୍ଟର ଏସି ନେଇ ପାରିବେ। ଏହି ଅଫର ରାଜ ଇଲେକଟ୍ରୋନିକ୍ସ, ରାଜ ଇଲେକଟ୍ରୋନିକ୍ସ ପ୍ଲାଜା, ବିଶ୍ୱାଳ ସେଲ୍ସର ସମସ୍ତ ଶୋ'ରୁମରେ ଉପଲବ୍ଧ ହେଉଥିବା ରାଜ ଇଲେକଟ୍ରୋନିକ୍ସର ମ୍ୟାନେଜିଂ ପାର୍ଟନର ପ୍ରକାଶ ବିଶ୍ୱାଳ କହିଛନ୍ତି। ଗ୍ରାହକ ସନ୍ତୁଷ୍ଟିକୁ ରାଜ ଇଲେକଟ୍ରୋନିକ୍ସ ସର୍ବଦା ପ୍ରାଥମିକତା ଦେଇ ଆସୁଥିବା ବେଳେ ବିଶ୍ୱସନତା ସହ ଅଗ୍ରସର ହେଉଛି। ଏଥିପାଇଁ ରାଜ୍ କଞ୍ଜ୍ୟୁମର ଡ୍ୟୁରେବୁଲ୍ସ ବିକ୍ରିରେ ପ୍ରମୁଖ ସ୍ଥାନରେ ଥିବା ବିଶ୍ୱାଳ କହିଛନ୍ତି।

























# ମେସିଙ୍କୁ ରେକର୍ଡ ୬ଷ୍ଠ ବାଲୋନ ଡି' ଅର


ବାଲୋନ ଡି' ଅର ପୁରସ୍କାର ସହ ଲିଓନେଲ ମେସି ।

ମୁଁ ପ୍ରଥମ ବାଲୋନ ଡି'ଅର ପୁରସ୍କାର ପାଇଥିଲି। ମୋ ସ୍ତ୍ରୀ ଓ ପିଲାଙ୍କ ପାଇଁ ଏବେ କ୍ୟାରିୟରର ୬ଷ୍ଠ ଥର ଏହି ସମ୍ମାନ ହାତେଇଛି ବୋଲି ମେସି କହିଛନ୍ତି। ଅନ୍ୟପକ୍ଷରେ ଆମେରିକାକୁ ୪ର୍ଥ ଫିଫା ମହିଳା ବିଶ୍ୱକପ୍ ଆଣି ଦେଇଥିବା ମେଗାନ ରାପିନୋଙ୍କୁ ଦ୍ୱିତୀୟ ଥର ବାଲୋନ ଡି'ଅର ପୁରସ୍କାର ମିଳିଛି। ଗତବର୍ଷ ସେ ପ୍ରଥମ ମହିଳା ଭାବେ ଏହି ପୁରସ୍କାର ହାସଲ କରିଥିଲେ। କ୍ଲବ ସ୍ତରୀୟ କାର୍ଯ୍ୟସୂଚୀରେ ବ୍ୟସ୍ତତା କାରଣରୁ ସେ ଡୁ ଚାଟଲେଟ ଥିଏଟରରେ ଉପସ୍ଥିତ ନ ଥିଲେ। ଉଲ୍ଲେଖଯୋଗ୍ୟ କି, ରୋନାଲ୍ଡୋ ଓ ମେସି କ୍ରମାଗତ ୧୦ ବାଲୋନ ଡି'ଅର ପୁରସ୍କାର ବାଣ୍ଟି ନେଇଥିଲେ। ୨୦୦୮ରୁ ୨୦୧୭ ପର୍ଯ୍ୟନ୍ତ ଏହି ଦୁଇଙ୍କ ବ୍ୟତୀତ ଅନ୍ୟ କୌଣସି ଖେଳାଳି ଶ୍ରେଷ୍ଠ ଫୁଟବଲର ହେବାର ସୌଭାଗ୍ୟ ପାଇ ନ ଥିଲେ। ୨୦୧୮ରେ ଏହି ପୁରସ୍କାର ରିୟଲ ମାଡ୍ରିଡ ଷ୍ଟାର ଲୁକା ମୋଡ୍ରିକଙ୍କୁ ମିଳିଥିଲା।

**ପ୍ୟାରିସ,୩।୧୨:** ଆର୍ଜେଣ୍ଟିନାର ତାରକା ଫୁଟବଲ ଖେଳାଳି ଲିଓନେଲ ମେସି ରେକର୍ଡ ୬ଷ୍ଠ ଥରପାଇଁ ବାଲୋନ ଡି'ଅର ପୁରସ୍କାର ପାଇଛନ୍ତି। ବାର୍ସିଲୋନାକୁ ଲା ଲିଗା ଚାମ୍ପିୟନ କରାଇବା ପରେ ତାଙ୍କ ନେତୃତ୍ୱରେ ଜାତୀୟ ଦଳ କୋପା ଆମେରିକା ଟୁର୍ନାମେଣ୍ଟର ୩ୟ ସ୍ଥାନ ଅଧିକାର କରିଥିଲା। ସେ ପୂର୍ବରୁ ୨୦୦୯, ୨୦୧୦, ୨୦୧୧, ୨୦୧୨ ଓ ୨୦୧୫ରେ ଏହି ସମ୍ମାନଜନକ ଫୁଟବଲର ଟ୍ରଫି ହାସଲ କରିଥିଲେ। ଚଳିତ ଥର ଲିଭରପୁଲର ୪ ଜଣ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଛରେ ପକାଇ ମେସି ଏହି ସଫଳତା ପାଇଛନ୍ତି। ତାଙ୍କ ପଛକୁ ଭିର୍ଜିଲ ଭାନ ଜିଜକି (ଦ୍ୱିତୀୟ) ଓ ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋ (ତୃତୀୟ) ରହିଛନ୍ତି। ସର୍ବାଧିକ ଥର ବାଲୋନ ଡି'ଅର ପୁରସ୍କାର ପାଇବାରେ ମେସିଙ୍କ ପଛକୁ ରୋନାଲ୍ଡୋ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ସେ ୫ ଥର ଏହି ପୁରସ୍କାର ପାଇଛନ୍ତି। ମୋର ୩ ଭାଇଙ୍କ ଯୋଗୁ ୧୦ ବର୍ଷ ତଳେ

# ନ୍ୟୁଜିଲାଣ୍ଡ ଏମ୍‌ସିସି ସ୍ପିରିଟ୍ ଅଫ୍ କ୍ରିକେଟ

**ମେଲବୋର୍ନ, ୩।୧୨:** ନ୍ୟୁଜିଲାଣ୍ଡ କ୍ରିକେଟ ଦଳକୁ ଚଳିତବର୍ଷର ଏମ୍‌ସିସିର କ୍ରିଷ୍ଟଫର ମାର୍ଟିନ ଜେନକିନ୍ସ ସ୍ପିରିଟ ଅଫ୍ କ୍ରିକେଟ ପୁରସ୍କାର ମିଳିଛି। ଗତ ଜୁଲାଇ ୧୪ ତାରିଖରେ ଅନୁଷ୍ଠିତ ବିଶ୍ୱକପ୍ ଫାଇନାଲରେ ନ୍ୟୁଜିଲାଣ୍ଡ ବାଉଣ୍ଡ୍ରି ଗଣନା ପରେ ପରାସ୍ତ ହୋଇଥିଲା। ଫାଇନାଲକୁ ସର୍ବକାଳୀନ ରୋମାଞ୍ଚକ ଦିନିକିଆ ବିବେଚିତ କରାଯାଉଛି। ପରାଜୟ ପରେ କେନ ୱିଲିୟମସନଙ୍କ ନେତୃତ୍ୱାଧୀନ ଦଳ ଅସାଧାରଣ ଖେଳୁଆଡ଼ ମନୋଭାବ, ମାନବିକତା ଓ ନିଃସ୍ୱାର୍ଥ ପରିଚୟ ଦେଇଥିଲେ। ଏମ୍‌ସିସି ସଭାପତି କୁମାର ସଙ୍ଗକାରା କହିଛନ୍ତି, ନ୍ୟୁଜିଲାଣ୍ଡ ଦଳ ଏହି ପୁରସ୍କାର ଜିତିବା ପାଇଁ ହକଦାର। ରୋମାଞ୍ଚ ଭରା ମ୍ୟାଚ୍ ପରେ ସେମାନେ ଯେଉଁଭଳି ବ୍ୟବହାର ଦେଖାଇଥିଲେ ତାହା ଅବିଶ୍ୱସନୀୟ ଓ ସର୍ବଦା ମନେ ରହିବ। ସେଡନ ପାର୍କଠାରେ ଚାଲିଥିବା ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ଟେଷ୍ଟ ଶେଷ ହେବା ପରେ ପୁରସ୍କାର ବିତରଣୀ ଉତ୍ସବ ଆୟୋଜନ ହୋଇଥିଲା। ଏଥିପୂର୍ବରୁ ଏହି ପୁରସ୍କାର ନ୍ୟୁଜିଲାଣ୍ଡର ବ୍ରେଣ୍ଡନ ମ୍ୟାକ୍‌କୁଲମ, ଦର୍ଶକଙ୍କର ଦଳର ୱାନେ ମାଡସେନ, ସସେକ୍ସର ଲୁକ ରାଇଟଙ୍କୁ ମିଳିସାରିଛି।


ଢେଙ୍କାନାଳରେ ମଙ୍ଗଳବାର ସାହାଣୀ କପ୍ ଫୁଟ୍‌ବଲର ଉଦ୍‌ଘାଟନୀ ଅବସରରେ ଖେଳାଳି ଓ ଅତିଥିମାନେ।


# ସାହାଣୀ କପ୍ ଫୁଟବଲ ଉଦ୍‌ଘାଟିତ

**କଟକ ଅଫିସ,୩।୧୨:** ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ଆନୁକୂଲ୍ୟରେ ବରଗଡ଼ ଓ ଢେଙ୍କାନାଳରେ ମଙ୍ଗଳବାରଠାରୁ ୬୦ତମ ସିନିୟର ପୁରୁଷ ଆନ୍ତଃ ଜିଲା ଫୁଟବଲ ଚାମ୍ପିୟନଶିପ ସାହାଣୀ କପ୍-୨୦୧୯ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଦିବସରେ ୪ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ପୁରୀ, ଅନୁଗୋଳ, ଦେବଗଡ଼, ବାଲେଶ୍ୱର ବିଜୟୀ ହୋଇଛନ୍ତି।

ବରଗଡ଼ର ସୋହେଲା ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଅନୁଗୋଳ ୨-୦ ଗୋଲରେ ଯାଜପୁରକୁ ପରାସ୍ତ କରିଥିଲା। ଅନୁଗୋଳ ପକ୍ଷରୁ ଅନ୍ତର୍ଯ୍ୟାମୀ ନାୟକ ୭୯ତମ ମିନିଟରେ ଗୋଟିଏ ଗୋଲ ଦେଇଥିବା ବେଳେ ଯାଜପୁରର ରଞ୍ଜନ ଦେହୁରୀ ୮୮ତମ ମିନିଟରେ ଏକ ଆତ୍ମଘାତୀ ଗୋଲ ସ୍କୋର କରିଥିଲେ। ଉକ୍ତ ମ୍ୟାଚରେ ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା ଅତିଥି ଭାବେ ଯୋଗ ଦେଇଥିଲେ। ବରଗଡ଼ର ଭେଡେନ ଗ୍ରାଉଣ୍ଡରେ ଝାରସୁଗୁଡ଼ା-ଦେବଗଡ଼ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ନିର୍ଦ୍ଧାରିତ ସମୟରେ ୧-୧ ଗୋଲରେ ଡ୍ର ରହିଥିଲା। ପରେ ପେନାଲ୍ଟି ସୁଟଆଉଟ ଜରିଆରେ ଦେବଗଡ଼ ୯-୮ ଗୋଲରେ ଜିତିଥିଲା। ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଉକ୍ତ ମ୍ୟାଚ୍‌ରେ ଅତିଥି ଭାବେ ଯୋଗ ଦେଇଥିଲେ। ବରଗଡ଼ର କଦଲିପାଲି ଗ୍ରାଉଣ୍ଡରେ ହେବାକୁ ଥିବା ମ୍ୟାଚରେ ମାଲକାନଗିରି ଅନୁପସ୍ଥିତ ରହିବା ଯୋଗୁଁ ପୁରୀ ଦଳକୁ ବିଜୟୀ ଘୋଷଣା କରାଯାଇଥିଲା। ଉକ୍ତ ମ୍ୟାଚ୍‌ରେ ବିଧାୟକ ଦେବାଶିଷ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ଢେଙ୍କାନାଳରେ ଅନୁଷ୍ଠିତ ମ୍ୟାଚ୍‌ରେ ବାଲେଶ୍ୱର ପେନାଲ୍ଟି ସୁଟଆଉଟ୍‌ରେ ଭଦ୍ରକକୁ ହରାଇଥିଲା। ନିର୍ଦ୍ଧାରିତ ସମୟରେ ଉଭୟ ଦଳ ଗୋଟିଏ ଲେଖାଏ ଗୋଲ ଦେବା ପରେ ପେନାଲ୍ଟିର ସହାୟତା ନିଆଯାଇଥିଲା। ଏମପି ମହେଶ ସାହୁ ଉକ୍ତ ମ୍ୟାଚ୍‌ରେ ଅତିଥି ଭାବେ ଯୋଗ ଦେଇଥିଲେ।


# ମୁମ୍ବାଇ ରଣଜୀ ଦଳରେ ରାହାନେ, ଶ'

**ମୁମ୍ବାଇ, ୩।୧୨ (ପି.ଟି.):** ଅଜିଙ୍କ୍ୟ ରାହାନେ ଓ ପୃଥ୍ୱୀ ଶ'ଙ୍କୁ ମଙ୍ଗଳବାର ଘୋଷିତ ୧୫ ଜଣିଆ ମୁମ୍ବାଇ ରଣଜୀ ଦଳରେ ସ୍ଥାନ ପାଇଛନ୍ତି। ମିଲିନ୍ଦ ରେଗେଙ୍କ ନେତୃତ୍ୱାଧୀନ ଆଡ୍ ହକ ଚୟନ କମିଟି ଏହି ଦଳ ଚୟନ କରିଛି। ସୂର୍ଯ୍ୟକୁମାର ଯାଦବ ଦଳର ନେତୃତ୍ୱ ନେବେ। ଅଭିଜ୍ଞ ଉଇକେଟକିପର ଆଦିତ୍ୟ ତାରେଙ୍କୁ ଉପ ଅଧିନାୟକ ଭାର ଦିଆଯାଇଛି। ଆଗକୁ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ଥିବାରୁ ରାହାନେଙ୍କୁ ପ୍ରାକ୍ଟିସ ମ୍ୟାଚ୍ ମିଳିଯିବ। ତେବେ ସିଦ୍ଧେଶ ଲାଡ ପ୍ରଥମ ମ୍ୟାଚ୍ ପାଇଁ ଉପଲବ୍ଧ ହେବେ ନାହିଁ। କାରଣ ଆସନ୍ତା ଶୁକ୍ରବାର ସେ ବିବାହ କରିବାକୁ ଯାଉଛନ୍ତି। ସର୍ବାଧିକ ୪୧ ଥର ରଣଜୀ ଚାମ୍ପିୟନ ମୁମ୍ବାଇ ୯ ତାରିଖରେ ବରୋଦା ବିପକ୍ଷ ମ୍ୟାଚ୍‌ରୁ ତା'ର ଅଭିଯାନ ଆରମ୍ଭ କରିବ।




























# ଅନଲାଇନ୍‌ରେ ୮୧୫୦ ଟିକେଟ୍



ବାରବାଟୀ ଷ୍ଟାଡ଼ିୟମ ଗ୍ୟାଲେରୀରେ ରଙ୍ଗ ଦିଆଯାଉଛି।

**କଟକ ଅଫିସ,୩।୧୨**

ଭାରତ–ୱେଷ୍ଟଇଣ୍ଡିଜ ଅନ୍ତର୍ଜାତୀୟ ଏକଦିବସୀୟ କ୍ରିକେଟ ମ୍ୟାଚ୍ ପାଇଁ ଆସନ୍ତା ୫ରୁ ୧୫ ତାରିଖ ପର୍ଯ୍ୟନ୍ତ ଅନଲାଇନ୍‌ରେ ଟିକେଟ ବିକ୍ରି ହେବ। ଟିକେଟ www.paytm.com ଏବଂ www.insider.inରେ ଉପଲବ୍ଧ ହେବ। ପୂର୍ବରୁ ୯୨୦୦ ଟିକେଟ ଅନଲାଇନରେ ବିକ୍ରି ହେଉଥିବା ବେଳେ ଚଳିତବର୍ଷ ୮୧୫୦ଟି ଟିକେଟ ଅନଲାଇନରେ ବିକ୍ରି କରାଯିବାକୁ ଧାର୍ଯ୍ୟ କରାଯାଇଛି। ତେବେ ଦର୍ଶକମାନଙ୍କୁ ପ୍ରତ୍ୟେକ ଟିକେଟର ମୂଳ ରାଶି ସହ ୧୮ପ୍ରତିଶତ ଜିଏସ୍‌ଟି ଟ୍ୟାକ୍ସ ଦେବାକୁ ପଡ଼ିବ। ଅନଲାଇନ ଜରିଆରେ ଗ୍ୟାଲେରୀ ନଂ–୨ଓ ୪ରେ ୩୦୦୦ ଲେଖାଏ ଟିକେଟ ଉପଲବ୍ଧ ଅଛି। ଏହି ଟିକେଟର ମୂଲ୍ୟ ୫୦୦ଟଙ୍କା ରହିଛି। ଗ୍ୟାଲେରୀ ନଂ–୬ର ୧୫୦୦ଟିକେଟ ଅନଲାଇନରେ ବିକ୍ରି ହେବ। ଏହି ଟିକେଟର ମୂଲ୍ୟ ୪୦୦ଟଙ୍କା। ଉକ୍ତ ଟିକେଟ କିଣିବାକୁ ହେଲେ ଜିଏସ୍‌ଟି ଟ୍ୟାକ୍ସ ଦେବାକୁ ପଡ଼ିବ ନାହିଁ। ଅନଲାଇନରେ ନ୍ୟୁ ପ୍ୟାଭିଲିୟନର ୫୦ଟି ଟିକେଟ ବିକ୍ରି ହେବ ଓ ପ୍ରତ୍ୟେକ ଟିକେଟର ମୂଲ୍ୟ ୫ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି। ସେହିପରି ସ୍ପେଶାଲ ଏନକ୍ଲୋଜର ଟିକେଟର ମୂଲ୍ୟ ୩ ହଜାର ଥିବାବେଳେ ଅନଲାଇନରେ ବିକ୍ରି ହେବ ୫୦୦ଟି ଟିକେଟ ଓ ୫ହଜାର ଦର ବିଶିଷ୍ଟ ଏସି ବକ୍ସ ଗ୍ୟାଲେରୀ ଟିକେଟ ଅନ୍‌ଲାଇନରେ ୧୦୦ଖଣ୍ଡ ଉପଲବ୍ଧ ରହିବ। ଆସନ୍ତା ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ କେମ୍ବ୍ରିଜ ସ୍କୁଲରୁ ଅନଲାଇନ୍ ଟିକେଟ୍ କ୍ରେତାମାନେ ଅରିଜିନାଲ ଟିକେଟ ହାସଲ କରିବେ।

## ପଞ୍ଚମ ଜନ୍ମବାର୍ଷିକୀ ଶୁଭେଚ୍ଛା

**Saisimita (Mamun)**
ଅଠାନ୍ତର
ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମର ଭବିଷ୍ୟତ ଉଜ୍ଜ୍ୱଳମୟ କରିବା ସହ ତୁମକୁ ଦୀର୍ଘାୟୁ କରନ୍ତୁ, ଏତିକି ପ୍ରାର୍ଥନା।
ଶୁଭେଚ୍ଛା ସହ
ବନ୍ଧୁ ଓ ପରିବାରବର୍ଗ ।
ଧ–୧୫୫୪୮

## ପଞ୍ଚମ ଜନ୍ମଦିନ ଶୁଭେଚ୍ଛା

**ସାଗ୍ନିକ୍ ସୌରଭ ମାଇତି**
ବାପା: ସୁକୁମାର
ମାଆ:ଚମ୍ପାବତୀ
ସା: କରଂଜମାଳ, ଧାମରା, ଭଦ୍ରକ
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ:
କେଜେ, ମା’ ଓ ପରିବାରବର୍ଗ ।
ଧ–୧୫୪୦୯

## Birthday Wish

**Krishna Kumari Devi**
(KK Mam)
Secretary, VEMS Group
**Happy Birthday**
To the greatest person with the biggest heart. There is no one like you.
**Best Wishes From:**
Bandana Das, all teachers & students of Venkateswar School, Shanti Nagar, Jharapada, BBSR.
D-68622

# ଓଡ଼ିଶାର ଶ୍ରୀୟଙ୍କାଙ୍କୁ ରୌପ୍ୟ



**ସାଉଥ୍ ଏସିଆନ୍ ଗେମ୍ସ**
**ଦ୍ୱିତୀୟ ଦିନରେ ୨୭ ପଦକ ଜିତିଲା ଭାରତ**

**କାଠମାଣ୍ଡୁ,୩।୧୨(ପି.ଟି.):** ଚଳିତ ସାଉଥ୍ ଏସିଆନ୍ ଗେମ୍ସର ଦ୍ୱିତୀୟ ଦିନରେ ଓଡ଼ିଆ ଶୁଟର ଶ୍ରୀୟଙ୍କା ଷଡ଼ଙ୍ଗୀ ଦେଶକୁ ଗର୍ବିତ କରିଛନ୍ତି। ସେ ୧୦ ମିଟର ରାଇଫଲ ଇଭେଣ୍ଟରେ ରୌପ୍ୟ ପଦକ ଜିତିଛନ୍ତି। ତାଙ୍କ ପଦକ ସମେତ ଭାରତ ମଙ୍ଗଳବାର ୨୭ ପଦକ ଜିତିଛି। ଆଥ୍‌ଲେଟିକ୍ସର ପ୍ରଥମ ଦିନ ଭାରତକୁ ୧୦ ପଦକ (୪ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୨ ବ୍ରୋଞ୍ଜ) ଓ ଶୁଟିଂରେ ୯ ପଦକ (୪ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ) ମିଳିଛି। ଉଭୟ ଭଲିବଲ ପୁରୁଷ ଓ ମହିଳା ଦଳଗତ ଇଭେଣ୍ଟରେ ସ୍ୱର୍ଣ୍ଣ ଓ ଟାଏକୋଣ୍ଡୋ ଖେଳାଳିମାନେ ଏକ ସ୍ୱର୍ଣ୍ଣ ସହ ୩ ବ୍ରୋଞ୍ଜ ଆଣି ଦେଇଛନ୍ତି। ପୁରୁଷ ଓ ମହିଳା ଦଳଗତ ଟେବୁଲ ଟେନିସରେ ମଧ୍ୟ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ଭାରତ ଏବେ ମୋଟ ୪୩ ପଦକ (୧୮ ସ୍ୱର୍ଣ୍ଣ, ୧୬ ରୌପ୍ୟ ଓ ୯ ବ୍ରୋଞ୍ଜ) ସହ ଦ୍ୱିତୀୟ ସ୍ଥାନରେ ରହିଛି। ସର୍ବାଧିକ ୨୩ ସ୍ୱର୍ଣ୍ଣ ପଦକ ପାଇଥିବା ଆୟୋଜକ ନେପାଳ ଶୀର୍ଷରେ ରହିଛି। ଭାରତୀୟ ଶୁଟରମାନେ ମହିଳା ୧୦ ମି. ଏୟାର ରାଇଫଲ ଇଭେଣ୍ଟରେ ପଦକ ପୋଛି ନେଇଛନ୍ତି। ମେହୁଲି ଘୋଷ ସ୍ୱର୍ଣ୍ଣ ପଦକ ସହ ବିଶ୍ୱ ରେକର୍ଡଠାରୁ ଭଲ ପ୍ରଦର୍ଶନ କରିଛନ୍ତି। କିନ୍ତୁ ତାଙ୍କ ପ୍ରଦର୍ଶନକୁ ବିଶ୍ୱ ରେକର୍ଡ ବୁକ୍‌କୁ ନିଆଯିବ ନାହିଁ। କାରଣ ଦକ୍ଷିଣ ଏସିଆନ ଗେମ୍ସର ଫଳାଫଳକୁ ଅନ୍ତର୍ଜାତୀୟ ପରିଚାଳନା ସଂସ୍ଥା (ଆଇଏସ୍‌ଏସ୍‌ଏଫ୍) ରେକର୍ଡ ଭାବେ ଗ୍ରହଣ କରେ ନାହିଁ। ୧୯ ବର୍ଷୀୟା ମେହୁଲି ସର୍ବାଧିକ ୨୫୩.୩ ସ୍କୋର ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେ ଏବେକାର ବିଶ୍ୱ ରେକର୍ଡଠାରୁ ୦.୪ ଅଧିକ ସ୍କୋର କରିଛନ୍ତି। ବର୍ତ୍ତମାନ ଅନ୍ୟ ଭାରତୀୟ ଶୁଟର ଅପୂର୍ବୀ ଚଣ୍ଡେଲା(୨୫୨.୯)ଙ୍କ ନାମରେ ବିଶ୍ୱ ରେକର୍ଡ ରହିଛି। ଶ୍ରୀୟଙ୍କା ଷଡ଼ଙ୍ଗୀ (୨୫୦.୮) ରୌପ୍ୟ ଓ ଶ୍ରେୟା ଅଗ୍ରୱାଲ (୨୨୭.୨) ବ୍ରୋଞ୍ଜ ପଦକ ଜିତିଛନ୍ତି। ୧୦ ମି. ଏୟାର ରାଇଫଲ ଦଳଗତ ଇଭେଣ୍ଟରେ ମଧ୍ୟ ଭାରତ ଶୀର୍ଷ ସଫଳତା ପାଇଛି। ଆଥ୍‌ଲେଟିକ୍ସ ପ୍ରଥମ ଦିନ ଅର୍ଚ୍ଚନା ସୁସିନ୍ଦ୍ରାନ (ମହିଳା ୧୦୦ ମି.), ଏମ୍. ଜାଶନା (ମହିଳା ହାଇ ଜମ୍ପ) ସରଭେଶ ଅନିଲ କୁଶାରେ (ପୁରୁଷ ହାଇ ଜମ୍ପ) ଓ ଅଜୟ କୁମାର ସରୋଜ (ପୁରୁଷ ୧୫୦୦ ମି.) ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

# ଭାରତୀୟ ପୁରୁଷ ଟିଟି ଦଳକୁ ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍

**ନୂଆଦିଲ୍ଲୀ,୩।୧୨ (ପି.ଟି.):** ସଦ୍ୟ ପ୍ରକାଶିତ ଅନ୍ତର୍ଜାତୀୟ ଟେବୁଲ ଟେନିସ ଫେଡେରେଶନ (ଆଇଟିଟିଏଫ୍) ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ପୁରୁଷ ଦଳ କ୍ୟାରିୟରର ଶ୍ରେଷ୍ଠ ସ୍ଥାନ ଅଧିକାର କରିଛି। ଅଷ୍ଟମ ସ୍ଥାନକୁ ଉଠି ଭାରତ ଏହି ସଫଳତା ପାଇଛି। ବିଶ୍ୱର ୩୦ ନମ୍ବର ଖେଳାଳି ଜି. ସାଥିୟାଁ ଓ ୩୬ ନମ୍ବର ଖେଳାଳି ଶରଥ କମଲଙ୍କୁ ନେଇ ଗଠିତ ଭାରତୀୟ ଦଳ ୨୮୦ ପଏଣ୍ଟ ପାଇଛି। ଅଷ୍ଟ୍ରେଲିଆ ମଧ ୨୮୦ ପଏଣ୍ଟ ପାଇଛି। ତେବେ ଭାରତ ଗୋଟିଏ ସ୍ଥାନ ଆଗରେ ରହି ଅଷ୍ଟମ ସ୍ଥାନ ଅଧିକାର କରିଛି। ଗତ ସପ୍ତାହରେ ଅନୁଷ୍ଠିତ ସାଥିୟାଁ ଆଇଟିଟିଏଫ ବିଶ୍ୱକପ୍‌ର ପ୍ରି- କ୍ୱାର୍ଟରଫାଇନାଲରେ ପ୍ରବେଶ କରିଥିଲେ। ଫ୍ରାନ୍ସର ସିମନ ମାଉଜି ଓ ଜୋନାଥନ ଗ୍ରୋଥଙ୍କୁ ହରାଇ ସେ ଏହି ସଫଳତା ପାଇଥିଲେ। ଅଭିଜ୍ଞ କମଲ ୨ଟି ସ୍ଥାନ ଉପରକୁ ଉଠି ୩୬ ତମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଆଇଟିଟିଏଫ୍ ଚ୍ୟାଲେଞ୍ଜ୍ ଇଣ୍ଡୋନେସିଆ ହରମିତ ଦେଶାଇ ୧୯ଟି ସ୍ଥାନ ଉପରକୁ ଉଠି ୮୫ତମ ସ୍ଥାନରେ ରହିବା ସହ ଟପ୍ -୧୦୦ରେ ସ୍ଥାନ ପାଇଛନ୍ତି। ଦଳୀୟ ର୍‍ୟାଙ୍କିଙ୍ଗ୍‌ରେ ଚାଇନା ୧ ନମ୍ବର ସ୍ଥାନ ଅଧିକାର କରିଥିବା ବେଳେ ଜାପାନ ଓ ଜର୍ମାନୀ ଯଥାକ୍ରମେ ଦ୍ୱିତୀୟ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ମହିଳା ର୍‍ୟାଙ୍କିଙ୍ଗ୍‌ରେ ମନିକା ବାତ୍ରା ୬୧ତମ ସ୍ଥାନରେ ପୂର୍ବପରି ରହି ଶ୍ରେଷ୍ଠ ଭାରତୀୟ ସାବ୍ୟସ୍ତ ହୋଇଛନ୍ତି। ସେହିପରି ଅହିକା ମୁଖାର୍ଜୀ ୧୧୮ ଓ ମାଧୁରିକା ପଟକାର ୧୨୪ତମ ସ୍ଥାନରେ ରହିଛନ୍ତି।

# ଟେଷ୍ଟ ସିରିଜ ଜିତିଲା ନ୍ୟୁଜିଲାଣ୍ଡ


ସିରିଜ୍ ବିଜୟୀ ନ୍ୟୁଜିଲାଣ୍ଡ ଦଳ।

**ହାମିଲଟନ,୩।୧୨(ଏଏଫପି):** ଅଧିନାୟକ କେନ୍ ୱିଲିୟମସନ ଓ ଅଭିଜ୍ଞ ରସ୍ ଟେଲରଙ୍କ ଲଢୁଆ ଶତକ ସହାୟତାରେ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚକୁ ଘରୋଇ ନ୍ୟୁଜିଲାଣ୍ଡ ମଙ୍ଗଳବାର ପଞ୍ଚମ ତଥା ଅନ୍ତିମ ଦିବସରେ ଅମୀମାଂସିତ ରଖିଛି। ଲଞ୍ଚ୍ ପରେ ପ୍ରବଳ ବର୍ଷା ହୋଇଥିଲା ଓ ଆଉ ଖେଳ ସମ୍ଭବ ହୋଇପାରି ନ ଥିଲା ଓ ଇଂଲଣ୍ଡର ଆଶା ମଉଳି ଯାଇଥିଲା। ଏଥି ସହିତ ୨ ମ୍ୟାଚ୍ ବିଶିଷ୍ଟ ଏହି ସିରିଜକୁ ନ୍ୟୁଜିଲାଣ୍ଡ ୧–୦ ବ୍ୟବଧାନରେ ହାତେଇ ନେଇଛି। ପୂର୍ବରୁ ନ୍ୟୁଜିଲାଣ୍ଡ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଏକ ଇନିଂସ ୬୫ ରନରେ ବିଜୟୀ ହୋଇ ସିରିଜ ହାତେଇ ନେଇଥିଲା। ଏହି ବିଜୟ ସହ ନ୍ୟୁଜିଲାଣ୍ଡ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ତା’ର ୨ ନମ୍ବର ସ୍ଥାନକୁ ଆହୁରି ଦୃଢ଼ କରିଛି।

**ୱିଲିୟମସନ, ଟେଲରଙ୍କ ଶତକ**

ସ୍ଥାନୀୟ ସେଡନ ପାର୍କ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ପରାଜୟ ଏଡାଇବା ପାଇଁ ନ୍ୟୁଜିଲାଣ୍ଡ ଉଚ୍ଚକୋଟୀର ବ୍ୟାଟିଂ ଆବଶ୍ୟକ କରୁଥିଲା। ୱିଲିୟମସନ ଓ ଟେଲର ଇଂଲଣ୍ଡର ଦୁର୍ବଳ ଫିଲ୍ଡିଂର ଫାଇଦା ନେଇ ମ୍ୟାଚ୍ ବଞ୍ଚାଇବାକୁ ସକ୍ଷମ ହୋଇଥିଲେ। ପ୍ରଥମ ଇନିଂସରେ ମୂଲ୍ୟବାନ ୫ ଉଇକେଟ ଅକ୍ତିଆର କରିଥିବା ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର ନିଲ ୱାଗନର ପ୍ଲେୟାର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ସେହିପରି ୨୨୬ ରନର ଶତକୀୟ ପାଳି ଖେଳିଥିବା ଇଂଲଣ୍ଡ ଅଧିନାୟକ ଜୋ ରୁଟ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୧୨୯.୧ ଓଭରରେ ୩୭୫ ରନ କରି ଅଲଆଉଟ ହୋଇଥିଲା। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ଇଂଲଣ୍ଡ ଓପନର ରୋରି ବର୍ନ୍ସଙ୍କ ଶତକ (୧୦୧ ରନ) ଓ ରୁଟ୍‌ଙ୍କ ଦ୍ୱିଶତକ ବଳରେ ୧୬୨.୫ ଓଭରରେ ୪୭୬ ରନ କରି ଅଲଆଉଟ ହୋଇଥିଲା। ଫଳରେ ଇଂଲଣ୍ଡ ପ୍ରଥମ ଇନିଂସରେ ୧୦୧ ରନର ଅଗ୍ରଣୀ ହାସଲ କରିଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ନ୍ୟୁଜିଲାଣ୍ଡ ୭୫ ଓଭରରେ ୨ ଉଇକେଟ ହରାଇ ୨୪୧ ରନ ସଂଗ୍ରହ କରିଥିଲା। ମ୍ୟାଚ ଡ୍ର ରହିଥିଲା। ୱିଲିୟମସନ ୧୦୪ (୨୩୪ ବଲ, ୧୧ ଚୌକା) ଓ ଟେଲର ୧୦୫ (୧୮୬ ବଲ, ୧୧ ଚୌକା, ୨ ଛକା) ରନର ଶତକୀୟ ପାଳି ଖେଳି ଅପରାଜିତ ରହିଥିଲେ। ପ୍ରଥମ ଇନିଂସରେ ୧୦୫ ରନର ଶତକୀୟ ପାଳି ଖେଳିଥିବା ଓପନର ଟମ୍ ଲଥାମ ୧୮ ଓ ଜିତ ରାଭାଲ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲା। ବୋଲିଂରେ ନ୍ୟୁଜିଲାଣ୍ଡର ସାମ କୁରାନ ଓ କ୍ରିସ୍ ୱୋକ୍ସ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ– ୧୨୯.୧ ଓଭରରେ ୩୭୫ ଅଲଆଉଟ।
ଇଂଲଣ୍ଡ ପ୍ରଥମ ଇନିଂସ– ୧୬୨.୫ ଓଭରରେ ୪୭୬ ଅଲଆଉଟ।, ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ– ୭୫ ଓଭରରେ ୨୪୧/୨, (ୱିଲିୟମସନ– ୧୦୪*, ଟେଲର– ୧୦୫*, କୁରାନ–/୫୬, ୱୋକ୍ସ– ୧/୧୨)।

# ବୁମରାଙ୍କ ଟ୍ରେନିଂ ଆରମ୍ଭ

**ନୂଆଦିଲ୍ଲୀ, ୩।୧୨:** ପିଠି ଜନିତ ସମସ୍ୟାରୁ ମୁକୁଳିବା ପରେ ଦିନିକିଆ ଫର୍ମାଟର ନମ୍ବର ୱାନ ବୋଲର ଯଶପ୍ରୀତ ବୁମରା ମଙ୍ଗଳବାରଠାରୁ ଟ୍ରେନିଂ ଆରମ୍ଭ କରିଛନ୍ତି। ସେ ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ)ଠାରେ ଆଇପିଏଲ ଫ୍ରାଞ୍ଚାଇଜ ଦିଲ୍ଲୀ କ୍ୟାପିଟାଲ୍ସ ଟ୍ରେନର ରଜନିକାନ୍ତ ଶିଭାଗନାନମଙ୍କ ତତ୍ତ୍ୱାବଧାନରେ ଟ୍ରେନିଂ କରୁଛନ୍ତି। ସେ ଗତ ସେପ୍ଟେମ୍ବରରେ ଆହତ ହୋଇଥିଲେ। ଏହି କାରଣରୁ ଦକ୍ଷିଣ ଆଫ୍ରିକା ଓ ବାଂଲାଦେଶ ବିପକ୍ଷ ଘରୋଇ ସିରିଜ୍‌ରେ ଖେଳି ନ ଥିଲେ। ଆଗାମୀ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ୍‌ରେ ମଧ୍ୟ ସେ ଖେଳିପାରିବେ ନାହିଁ।

# ୨୯ତମ ସ୍ଥାନରେ ସୌରଭ

**ନୂଆଦିଲ୍ଲୀ,୩।୧୨(ପି.ଟି.):** ମଙ୍ଗଳବାର ପ୍ରକାଶିତ ବିଡବ୍ଲୁଏଫ୍ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ତାରକା ବ୍ୟାଡମିଣ୍ଟନ ଖେଳାଳି ସୌରଭ ବର୍ମା ୭ଟି ସ୍ଥାନ ଉପରକୁ ଉଠି କ୍ୟାରିୟରର ଶ୍ରେଷ୍ଠ ୨୯ତମ ସ୍ଥାନ ଅଧିକାର କରିଛନ୍ତି। ସୟଦ ମୋଦି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ସେ ରନର୍ସଅପ୍ ହୋଇ ଏହି ସଫଳତା ପାଇଛନ୍ତି। ସୌରଭ ୨୦୧୨ରେ ୩୦ତମ ସ୍ଥାନ ଅଧିକାର କରିଥିଲେ। ଗତ ମେ’ରେ ହାଇଦ୍ରାବାଦ ଓ ସ୍ଲୋଭେନିଆ ଇଣ୍ଟରନ୍ୟାଶନାଲ ସିରିଜରେ ବିଡବ୍ଲୁଏଫ୍ ସୁପର ୧୦୦ ଟାଇଟଲ ଜିତିଥିଲେ।

# ମଞ୍ଜୁଳାମଣି ସ୍ମାରକୀ ଓପନ ବ୍ଲିଜ୍ ଚେସ୍

**ଭୁବନେଶ୍ୱର, ୩।୧୨(କ୍ରୀଡ଼ା ପ୍ରତିନିଧି)**

ଏସଆର ଚେସ୍ ସେଣ୍ଟର ଓ ଆମ ପରିବାରର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜାଭିୟର ଛକସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରରେ ଆସନ୍ତା ୧୫ରେ ରାଜ୍ୟସ୍ତରୀୟ ମଞ୍ଜୁଳାମଣୀ ମିଶ୍ର ସ୍ମାରକୀ ରାଜ୍ୟ ବ୍ଲିଜ୍ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ଓ ରାଜ୍ୟ ଚେସ୍ ଆସୋସିଏଶନ ସ୍ୱୀକୃତୀପ୍ରାପ୍ତ ଏହି ପ୍ରତିଯୋଗିତା ୮ ରାଉଣ୍ଡ ବିଶିଷ୍ଟ ହେବ। ଉତ୍ସାହଜନକ ଏହି ପ୍ରତିଯୋଗିତାରେ ପ୍ରତି ରାଉଣ୍ଡ ପାଇଁ ଉଭୟ ଖେଳାଳିଙ୍କୁ ଫିଶେର କ୍ଲକ୍‌ରେ ୩ ମିନିଟ ଓ ୨ ସେକେଣ୍ଡ(ଇନ୍‌କ୍ରିମେଣ୍ଟ) ଲେଖାଏ ସମୟ ପ୍ରଦାନ କରାଯିବ। ଆୟୋଜକଙ୍କ ପକ୍ଷରୁ ଅନ୍ତର୍ଜାତୀୟ ମାନର ଚେସ୍ ବୋର୍ଡ ଓ ଘଣ୍ଟା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଚାମ୍ପିୟନ ପ୍ରତିଯୋଗୀଙ୍କୁ ଟ୍ରଫି, ପଦକ ଓ ମୁକୁଟ ସହ ୫୦୦୦ଟଙ୍କା ପ୍ରଦାନ କରାଯିବ। ରନର୍ସଅପ୍‌ଙ୍କୁ ୩୦୦୦ଟଙ୍କା ପଦକ, ଟ୍ରଫି ଏବଂ ୩ୟ ସ୍ଥାନ ପାଇଁ ୨୦୦୦ଟଙ୍କା, ପଦକ ଓ ଟ୍ରଫି ଏହିପରି ଶ୍ରେଷ୍ଠ ୧୦ ଜଣଙ୍କୁ ୧୫,୦୦୦ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଏହା ବ୍ୟତୀତ ୭, ୮, ୧୧ ଓ ୧୩ ବର୍ଷରୁ କମ୍ ଉଭୟ ବାଳିକା ଓ ବାଳକ ଏବଂ ଶ୍ରେଷ୍ଠ ୩ ଜଣ ମହିଳା, ଭେଟେରାନ(୫୦ ବର୍ଷରୁ ଊର୍ଦ୍ଧ୍ୱ) ଓ ଦିବ୍ୟାଙ୍ଗ ପ୍ରତିଯୋଗୀଙ୍କୁ ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯିବ। ତେବେ ଅଂଶଗ୍ରହଣକାରୀ ସମସ୍ତ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରୀୟ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ଶୁଭାଶିଷ କହିଛନ୍ତି। ଏହି ଅବସରରେ ରାଜ୍ୟର ଦ୍ୱିତୀୟ ଗ୍ରାଣ୍ଡମାଷ୍ଟର ସ୍ୱୟମ୍ଭ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବ। ପ୍ରତିଯୋଗିତା ପାଇଁ ୩୦୦ ଟଙ୍କାର ଏଣ୍ଟ୍ରି ଫି ୧୨ ତାରିଖ ମଧ୍ୟରେ ପ୍ରଦାନ କରିବାକୁ ଆୟୋଜକଙ୍କ ପକ୍ଷରୁ ପ୍ରକାଶ କରାଯାଇଛି।

# ଟାଟା ଏକାଡେମୀ ବିଜୟୀ

**ସର୍ବଭାରତୀୟ ନୟାଗଡ଼ ଫୁଟ୍‌ବଲ କପ୍**

**ନୟାଗଡ଼ ଅଫିସ,୩।୧୨:** ୭୮୬ ୟୁଥ୍ କ୍ଲବ ସିନ୍ଦୂରିଆ ଓ ଜିଲା ଆଥ୍‌ଲେଟିକ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ନୟାଗଡ଼ ଖେଳପଡ଼ିଆରେ ଚାଲିଥିବା ସର୍ବଭାରତୀୟ ନୟାଗଡ଼ ଫୁଟ୍‌ବଲ କପ ଟୁର୍ନାମେଣ୍ଟରେ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ ଟାଟା ଏକାଡେମୀ ୨–୧ ଗୋଲରେ ସାଇ ସ୍ପୋର୍ଟ୍ସ ସୋସାଇଟି ବଲାଙ୍ଗୀରକୁ ହରାଇ ଦେଇଛି। ଖେଳର ପ୍ରଥମାର୍ଦ୍ଧରେ ଟାଟା ଦଳର କେନେଡ଼ି ସିଂ ପ୍ରଥମ ଗୋଲ୍ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ଟାଟା ଦଳର ନିଖିଲ ବାଲା ଆଉ ଏକ ଗୋଲ୍ ସ୍କୋର କରି ଦଳର ଅଗ୍ରଣୀ ବ୍ୟବଧାନକୁ ଦ୍ୱିଗୁଣିତ କରିଥିଲେ। ପରେ ବଲାଙ୍ଗୀର ଦଳର ଅରୁ ଟାଟା ଗୋଟିଏ ଗୋଲ୍ ପରିଶୋଧ କରିଥିଲେ। ଏହା ପରେ କୌଣସି ଖେଳାଳି ସ୍କୋର କରିପାରି ନ ଥିଲା। ଫଳରେ ଟାଟା ଦଳ ୨–୧ ଗୋଲ୍‌ରେ ବିଜୟୀ ହୋଇଥିଲା। ରେଫରି ପ୍ରଦୀପ ନାୟକ ଖେଳ ପରିଚାଳନା କରିଥିଲେ। ବଲାଙ୍ଗୀର ଦଳର ରାକେଶ ଓରାମ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ମ୍ୟାଚ୍‌ରେ ଡାକ୍ତର ଆଶିଷ ଦୀକ୍ଷିତ ମୁଖ୍ୟଅତିଥି ଓ ପ୍ରଫୁଲ୍ଲ କୁମାର ମିଶ୍ର, ଟାଉନ ଥାନା ଅଧିକାରୀ ଜୟଦୀପ ମହାନ୍ତି, ପୂର୍ବତନ ନଗରପାଳ ଗୁରୁପ୍ରସାଦ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଂଯୋଜକ ପ୍ରମୋଦ ପଟ୍ଟନାୟକ, ସଭାପତି ଶେଖ୍ ୟୁସୁବ୍, ଅନୱର ଅଲ୍ଲୀ, ଲକ୍ଷ୍ମଣ ମଲ୍ଲ ପ୍ରମୁଖ ମଞ୍ଚାସୀନ ଥିଲେ।


ଟାଟା ଏକାଡେମୀ ଓ ସାଇ ସ୍ପୋର୍ଟ୍ସ ସୋସାଇଟି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ଆର୍ଚରଙ୍କୁ ବର୍ଣ୍ଣବୈଷମ୍ୟ ଅଭିଯୋଗ
# ପୋଲିସକୁ ତଦନ୍ତ ଭାର

**ହାମିଲଟନ, ୩।୧୨ (ଏଏଫ୍‌ପି):** ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ପ୍ରଥମ ଟେଷ୍ଟବେଳେ ଜଣେ ଦର୍ଶକ ଭ୍ରମଣକାରୀ ଦଳର ପେସର ଜୋଫ୍ରା ଆର୍ଚରଙ୍କ ପ୍ରତି ବର୍ଣ୍ଣ ବୈଷମ୍ୟ ଭେଦଭାବ କରିଥିଲେ। ଏ ନେଇ ନ୍ୟୁଜିଲାଣ୍ଡ କ୍ରିକେଟ (ଏନ୍‌ଜେଡସି) ଅଫିସିଆଲ ନ୍ୟୁଜିଲାଣ୍ଡ ପୋଲିସକୁ ତଦନ୍ତ ଭାର ଦେଇଛନ୍ତି। ମାମଲା ରୁଜୁ କରାଯିବା ପରେ ପୋଲିସ ସିସିଟିଭି ଫୁଟେଜ ଓ ଅଡିଓ ଟେପକୁ ଯାଞ୍ଚ କରିବା ସହ ଦର୍ଶକଙ୍କୁ ପଚରାଉଚରା କରାଯାଉଛି ବୋଲି ଏନ୍‌ଜେଡସି କାର୍ଯ୍ୟକାରୀ ମୁଖ୍ୟ ଡେଭିଡ ହ୍ୱାଇଟ୍ କହିଛନ୍ତି। ଗତ ସପ୍ତାହରେ ମାଉଣ୍ଟ ମାଉଙ୍ଗାନୁଇଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟବେଳେ ଆର୍ଚର ବର୍ଣ୍ଣ ବୈଷମ୍ୟ ଭେଦଭାବର ସମ୍ମୁଖୀନ ହୋଇଥିବା ଟୁଇଟର ଜରିଆରେ ଅଭିଯୋଗ ଆଣିଥିଲେ। ହ୍ୱାଇଟ ଆହୁରି କହିଛନ୍ତି, ଏନ୍‌ଜେଡସି ବହୁ ତଥ୍ୟ ସଂଗ୍ରହ କରିଥିଲା। ଏଥିରୁ କେଉଁ ଦର୍ଶକ ଏଥିନେଇ ଦାୟୀ ତାଙ୍କୁ ପୋଲିସ ଠାବ କରିବ ବୋଲି ନିଶ୍ଚିତ ଅଛୁ। ଦୋଷୀଙ୍କୁ ଲମ୍ବା ସମୟ ପାଇଁ ଅନ୍ତର୍ଜାତୀୟ ଭେନ୍ୟୁରୁ ବାସନ୍ଦ କରାଯିବ।

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ପ୍ରଫୁଲ୍ଲ କୁମାର ଆଚାର୍ଯ୍ୟ
ଭଦ୍ରକ
ଆବିର୍ଭାବ: ୦୪।୦୪।୧୯୫୬
ତିରୋଧାନ: ୨୫।୧୧।୨୦୧୯
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ:
ବନ୍ଧୁ ଓ ପରିବାରବର୍ଗ ।
ଧ–୧୫୫୨୯

### ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଶ୍ରୀଧର ମହାନ୍ତି
ଖେରସ, କଟକ
ଆବିର୍ଭାବ: ୦୧।୧୦।୧୯୨୯
ତିରୋଧାନ: ୨୪।୧୧।୨୦୧୯
ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ହତଭାଗ୍ୟ– ଅଜୟ ମହାନ୍ତି
ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ
ଧ–୬୮୭୧୮

### ଦ୍ୱାଦଶାହ ଉପଲକ୍ଷେ

ଵ ମିନାକ୍ଷୀ ସାବତ
ହିଲ୍‌ପାଟଣା, ବଡ଼ସାହି, ବ୍ରହ୍ମପୁର
ଆବିର୍ଭାବ : ୧୪.୦୪.୧୯୭୨
ତିରୋଧାନ : ୨୩.୧୧.୨୦୧୯
ଆପଣଙ୍କ ଅକସ୍ମାତ୍ ବିୟୋଗରେ ଆମ୍ଭେ ମର୍ମାହତ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
ଶୋକ ସନ୍ତପ୍ତ:-
ଦେଢ଼ଶୁର-ଦୁର୍ଗାପ୍ରସାଦ ପଣ୍ଡା, ଜାଆ-ମିନତୀ ପଣ୍ଡା, ସ୍ୱାମୀ-ଶିବପ୍ରସାଦ ପଣ୍ଡା, ପୁତ୍ର-ଶଶାଙ୍କ ସ୍ୱରୂପ ପଣ୍ଡା, ଝିଅ-ଶିବାଂଶୀ ପଣ୍ଡା, ଝିଆରୀ-ପିଙ୍କି, ଲଲି, ପରିବାର ଓ ବନ୍ଧୁବର୍ଗ
ଧ–୬୬୬୨୬

### ଅଷ୍ଟମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତା କନକଲତା ମହାନ୍ତି
କେରେଣ୍ଡିଆପାଳ, ବାଜପୁର, କାକଟପୁର, ପୁରୀ
ବୋଉ ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମା’ଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଇତି ତୋର:
ଶୋକସନ୍ତପ୍ତ
ବନ୍ଧୁ ଓ ପରିବାରବର୍ଗ ।
ଧ–୧୫୫୫୦

### ଏକାଦଶାହ ଉପଲକ୍ଷେ

ସ୍ୱର୍ଗତା ସରୋଜିନୀ ପ୍ରଧାନ
ତଳଗାଁ, ହରଭଙ୍ଗା, ଜିଲ୍ଲା: ବୌଦ୍ଧ
ଆବିର୍ଭାବ: ୧୫।୦୨।୧୯୩୩
ତିରୋଧାନ: ୨୪।୧୧।୨୦୧୯
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆମ୍ଭମାନଙ୍କ ପାଇଁ ଚିରସ୍ମରଣୀୟ ହୋଇ ରହିବ। ଆମ୍ଭେମାନେ ଜଣାଉଛୁ ତୁମକୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ରବିନାରାୟଣ ପ୍ରଧାନ ବୌଦ୍ଧ ଜିଲ୍ଲା ବି.ଜେ.ଡ଼ି ଉପସଭାପତି, ବନ୍ଧୁ ଓ ପରିବାରବର୍ଗ ।
ଧ–୧୫୫୫୧

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

## ସଂକ୍ଷେପରେ

### ରୁଦ୍ରପୁର ଗ୍ରାମରେ ରାଜନୈତିକ ଗୋଷ୍ଠୀ ସଂଘର୍ଷ, ଦୁଇ ଗୁରୁତର

### ପୂର୍ବତନ ସରପଞ୍ଚଙ୍କ ସମେତ ୩ ଗିରଫ

**ବିଞ୍ଝାରପୁର,୩।୧୨(ଡି.ଏନ୍.ଏ):** ଗତ ସାଧାରଣ ନିର୍ବାଚନ ପରଠାରୁ ବିଞ୍ଝାରପୁର ବ୍ଲକ କଲ୍ୟାଣପୁର ପଞ୍ଚାୟତର ରୁଦ୍ରପୁର ଗ୍ରାମରେ ବିଜେଡି ଓ ଭାଜପା ସମର୍ଥକଙ୍କ ମଧ୍ୟରେ ଲାଗି ରହିଥିବା ଛକାପଞ୍ଝା ସୋମବାର ସନ୍ଧ୍ୟାରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଥିଲା। ରାଜନୈତିକ ବିବାଦକୁ ନେଇ ଉଭୟ ଦଳର ସମର୍ଥକଙ୍କ ମଧ୍ୟରେ ଗୋଷ୍ଠି ସଂଘର୍ଷ ଘଟିବାରୁ ୨ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆହତଦ୍ୱୟ ହେଲେ ରୁଦ୍ରପୁର ଗ୍ରାମର ଅକ୍ଷୟ ଦାସ ଓ କଲ୍ୟାଣପୁର ଗ୍ରାମର ବାବନା ଗୋଚ୍ଛାୟତ। ଏହି ଘଟଣାକୁ ନେଇ ଉଭୟ ଗୋଷ୍ଠୀ ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ୪ଟି ପୃଥକ ମାମଲା (ନଂ. ୩୪୮/୧୯, ୩୪୯/୧୯, ୩୫୦/୧୯, ୩୫୧/୧୯) ରୁଜୁ କରିଛି। ଏହି ଘଟଣାରେ ସଂପୃକ୍ତି ନେଇ ପୂର୍ବତନ ସରପଞ୍ଚ ତଥା ଭାଜପା ସମର୍ଥକ ମୁକ୍ତିକାନ୍ତ ସାମଲ ଓ ତାଙ୍କ ସହେଯାଗୀ ଅଶୋକ ଦାସ ଏବଂ ଅପରଗୋଷ୍ଠୀର ବିଜେଡି ସମର୍ଥକ ପ୍ରକାଶ କାଣ୍ଡିଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଏପରି କି ଏହି ଘଟଣାରେ ଅନ୍ୟ ୨ଜଣଙ୍କୁ ଅଟକ ରଖି ପୋଲିସ ପଚରାଉଚରା ଜାରି ରଖିଛି। ଏହି ଘଟଣାରେ କଲ୍ୟାଣପୁର ପଞ୍ଚାୟତରେ ଉତ୍ତେଜନା ଦେଖା ଦେଇଥିବାବେଳେ ଯାଜପୁର ଏସ୍‌ଡିପିଓ ରବୀନ୍ଦ୍ର କୁମାର ଜେନା ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ତେବେ ରୁଦ୍ରପୁର ଗ୍ରାମରେ ଉତ୍ତେଜନା ଲାଗି ରହିଥିବାରୁ ପୋଲିସ ପକ୍ଷରୁ ୧ପ୍ଲାଟୁନ ସୁରକ୍ଷାବଳ ନିୟୋଜିତ ହୋଇଥିବା ଜଣାପଡ଼ିଛି।

### ୨ଲୁଟେରାଙ୍କୁ ଗୋଡ଼ାଇ ଧରିଲା ପୋଲିସ

**ରସୁଲପୁର,୩।୧୨(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ବନ୍ଧଡିହ ପଞ୍ଚାୟତରେ ଦୁଇଜଣ ମହିଳାଙ୍କୁ ଟଙ୍କା ଲୁଟି ନେଇ ଫେରାର ହୋଇଯାଉଥିବା ୨ଜଣ ଅଭିଯୁକ୍ତଙ୍କୁ ପୋଲିସ ଗୋଡ଼େଇ ଗୋଡ଼େଇ କୁଆଖିଆ ଥାନା ଅଞ୍ଚଳରୁ ଧରିଛି। ଅଭିଯୁକ୍ତଦ୍ୱୟ ହେଲେ କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ଏଣ୍ଡର ହଳଦିଆ ଗ୍ରାମର ସୁରେନ୍ଦ୍ର ଦାସଙ୍କ ପୁଅ ରାଜୁ(୨୦) ଓ ବିକାଶ ଦାସ(୨୧) । ଉଭୟଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ମିଳିଥବବା ସୂଚନା ଅନୁସାରେ ବନ୍ଧଡିହ ଗ୍ରାମର କଳ୍ପନା ସାହୁ ଓ ଲକ୍ଷ୍ମୀପ୍ରିୟା ସାହୁ ବ୍ରହ୍ମବରଦାସ୍ଥିତ ଗ୍ରାମ୍ୟ ବ୍ୟାଙ୍କରୁ ଗ୍ରୁପ୍ ଜମାଖାତାରୁ ୨୨ ହାଜର ଟଙ୍କା ଉଠାଇ ଘରକୁ ଫେରୁଥିବାବେଳେ ଏକ ଆପାଚି ବାଇକ୍ ନଂ-ଓଡି-୦୨ୟୁ-୧୭୮୬ରେ ଆସି ଲୁଟେରାଦ୍ୱୟ ଟଙ୍କା ବ୍ୟାଗକୁ ଲୁଟି ନେଇଥିଲେ। ମହିଳାଙ୍କ ଚିତ୍କାର ଶୁଣି ଗାଁ ଲୋକେ ଘଟଣାସ୍ଥଳରେ ପହଁଚିବା ସହ ଲୁଟେରାଙ୍କ ପିଛା କରିଥିଲେ। ଖବରପାଇ ବ୍ରହ୍ମବରଦା ଫାଣ୍ଡି ଓ କୁଆଖିଆ ପୋଲିସ ଲୁଟେରା ଦୁଇଜଣଙ୍କୁ ହରିପୁର ବଜାର ନିକଟରେ କାବୁ କରିବାକୁ ସକ୍ଷମ ହୋଇଥିଲେ। ଏ ସମ୍ପର୍କରେ ଫାଣ୍ଡିରେ ହୋଇଥିବା ଅଭିଯୋଗ ଆଧାରରେ ଧର୍ମଶାଳା ଥାନାରେ କେସ୍ ନଂ-୫୫୯/୧୯ରେ ଏକ ମାମଲା ରୁଜୁ କରିବା ସହ ଫାଣ୍ଡି ଅଧିକାରୀ ପରମାନନ୍ଦ ସେଠୀ ଘଟଣାର ତଦନ୍ତ କରୁଛନ୍ତି ।

### ରସୁଲପୁର ତହସିଲ ପକ୍ଷରୁ ଚଢ଼ାଉ

### ୫ ବାଲି ବୋଝେଇ ଟ୍ରାକ୍ଟର ଜବତ

**ରସୁଲପୁର,୩।୧୨(ଡି.ଏନ୍.ଏ.):** ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ମଙ୍ଗଳବାର ଜାବରା ପଞ୍ଚାୟତସ୍ଥିତ ବ୍ରାହ୍ମଣୀ ନଦୀଘାଟ ଉପରେ ଚଢ଼ାଉ କରି ବେଆଇନ ବାଲି ପରିବହନରେ ନିୟୋଜିତ ୫ ଟ୍ରାକ୍ଟରକୁ ଜବତ କରିଥିଲେ। ଉକ୍ତ ଜବତ ଟ୍ରାକ୍ଟରକୁ ପୋଲିସ ହେପାଜତକୁ ନେଇଛି। ଜବତ ଟ୍ରାକ୍ଟର ମାଲିମାନଙ୍କୁ ତହସିଲ ପକ୍ଷରୁ ନୋଟିସ କରାଯାଇଛି । ମାଲିକମାନେ ପହଞ୍ଚି ବେଆଇନ ବାଲି ପରିବହନ ପାଇଁ ଜରିମାନା ପୈଠ କରିବା ପରେ ଗାଡ଼ି ଛଡ଼ାଯିବ ବୋଲି ତହସିଲ ପକ୍ଷରୁ କୁହାଯାଇଛି। ଉକ୍ତ ଚଢ଼ାଉରେ ତହସିଲ ସୁପରଭାଇଜର ମହେଶ୍ୱର ସେଠୀ, ରାଜସ୍ୱ ନିରୀକ୍ଷକମାନେ ଅଂଶଗ୍ରହଣ କରିଥିଲେ । ଏଥିରେ କୁଆଖିଆ ଥାନା ପୋଲିସ ପକ୍ଷରୁ ସହାୟତା କରାଯାଇଥିଲା।

## ଅନ୍ଧାରି ନାଳରେ ଫେଣ ପାଣି ପ୍ରସଙ୍ଗ

# ବିପଦମୁକ୍ତ ଦର୍ଶାଇଲା ପରୀକ୍ଷା ରିପୋର୍ଟ

**ଯାଜପୁର ଅଫିସ,୩।୧୨**

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ଅନ୍ଧାରି ନାଳରେ ରବିବାର ପ୍ରଚୁର ମାତ୍ରାରେ ବୋହିଥିବା ଫେଣ ପାଣି ବିପଦମୁକ୍ତ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରା ଏହି ସୂଚନା ଦେଇଛନ୍ତି। ସେହିପରି ବିଧାନସଭା ପ୍ରଶ୍ନର ଉତ୍ତରରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ମଧ ପ୍ରଦୂଷଣ ସମ୍ପର୍କରେ ସକରାତ୍ମକ ଉତ୍ତର ରଖିଛନ୍ତି। ତେବେ କଳିଙ୍ଗନଗର ଶିଳ୍ପାଞ୍ଚଳର ଜଳ ଓ ବାୟୁ ପ୍ରଦୂଷଣକୁ ନେଇ ବାସ୍ତବସ୍ଥିତିକୁ ଅନୁଧ୍ୟାନ କଲେ ଏହିସବୁ ରିପୋର୍ଟକୁ ସ୍ଥାନୀୟବାସୀ ସହଜରେ ଗ୍ରହଣ କରି ପାରୁନାହାନ୍ତି।

ରବିବାର ସକାଳେ ଅନ୍ଧାରି ନାଳରେ ପ୍ରଚୁରମାତ୍ରାରେ ଫେଣ ପାଣି ବାହାରୁଥିବାନେଇ ସ୍ଥାନୀୟ ଅଞ୍ଚଳବାସୀ ଦେଖିବା ପରେ ଭୟଭୀତ ହୋଇଯାଇଥିଲେ। ଏକ କାରଖାନାରୁ ବିଷାକ୍ତ ପାଣି ଛଡ଼ାଯାଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଥିଲା। ଏହା ଜଣାପଡ଼ିବା ପରେ ଏସ୍‌ପିସିବି ପକ୍ଷରୁ ତୁରନ୍ତ ଉକ୍ତ ଫେଣ ପାଣିର ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ପରୀକ୍ଷା ପରେ ଉକ୍ତ ଫେଣ ପାଣିରେ କୌଣସି ରାସାୟନିକ ବିଷାକ୍ତ ଦ୍ରବ୍ୟ ଥିବା ଜଣା ପଡିନାହିଁ। ପାଣିରେ ଅନୁଜ୍ଞେୟ (ପରମିସିବୁଲ ଲିମିଟ)ରେ ବିଭିନ୍ନ ଦ୍ରବ୍ୟ ଭାସମାନ ରହିଛି। ଯାହାକି ଲୋକଙ୍କ ପାଇଁ କୌଣସି ବିପଦ ନାହିଁ ବୋଲି ଏସ୍‌ପିସିବି ପକ୍ଷରୁ କୁହାଯାଇଛି। ସେହିପରି କଳିଙ୍ଗନଗରସ୍ଥିତ ବିଭିନ୍ନ ଇସ୍ପାତ କାରଖାନାର ବର୍ଜ୍ୟଜଳ ନିଷ୍କାସନ ଯୋଗୁ ଚାଷଜମି ନଷ୍ଟ ହେବା ସଂକ୍ରାନ୍ତରେ ଗତ ବିଧାନସଭା ଅଧିବେଶନରେ ହୋଇଥିବା ପ୍ରଶ୍ନର ଉତ୍ତରରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମକେଶରୀ ଆରୁଖ ମଧ ସକରାତ୍ମକ ଉତ୍ତର ରଖିଥିଲେ। ଉତ୍ତରରେ ସେ ଦର୍ଶାଇଛନ୍ତି ଯେ, ଏସ୍‌ପିସିବି ଦ୍ୱାରା ସଂପୃକ୍ତ କାରଖାନାମାନଙ୍କ ବିରୋଧରେ ଜଳ ପ୍ରଦୂଷଣ ନିୟନ୍ତ୍ରଣ ଆଇନ ୧୯୭୪ ଅନୁଯାୟୀ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏସ୍‌ପିସିବିର କୌଣସି ଅଧିକାରୀଙ୍କ ଦ୍ୱାରା କୌଣସି କାରଖାନାକୁ ଅନୁଗ୍ରହ ପ୍ରଦର୍ଶନ କରାଯାଇ ନାହିଁ। ଏଣୁ କୌଣସି ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ପଡ଼ିନାହିଁ। ଏହାସହ ଏହି ଅଞ୍ଚଳରେ ଭୂତଳ ଜଳ ପ୍ରଦୂଷିତ ହେବାର କୌଣସି ନିର୍ଦ୍ଦିଷ୍ଟ



- ଅନୁଜ୍ଞେୟ ପରିମାଣର ରହିଛି ରାସାୟନିକ ଦ୍ରବ୍ୟ
- ଡିଟରଜେଣ୍ଟ କାରଣରୁ ଫେଣ ହୋଇଥିବା ସନ୍ଦେହ
- ଚାଷ ଜମିକୁ ଯାଉନାହିଁ ବିଷାକ୍ତ ବର୍ଜ୍ୟଜଳ: ମନ୍ତ୍ରୀ

ତଥ୍ୟ ସରକାରଙ୍କ ନିକଟରେ ଉପଲବ୍ଧ ନାହିଁ। ତେବେ ନିକଟ ଅତୀତରେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଭୂତଳ ଜଳ ପ୍ରଦୂଷଣ ସମ୍ପର୍କରେ ଅଭିଯୋଗ ସରକାରଙ୍କ ହସ୍ତଗତ ହେବା ପରେ ଏସ୍‌ପିସିବିକୁ ଏହାର ଅନୁସନ୍ଧାନ ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜଣାଇ ଦିଆଯାଇଛି ବୋଲି ମନ୍ତ୍ରୀ ଆରୁଖ ଦର୍ଶାଇଛନ୍ତି। ହେଲେ ବାସ୍ତବ ଚିତ୍ର କିନ୍ତୁ ଭିନ୍ନ। କଳିଙ୍ଗନଗର ଶିଳ୍ପାଞ୍ଚଳ ଲୋକଙ୍କ ମୁଣ୍ଡ ଉପରେ ଏବେବି ଧୂଆଁ, ପାଉଁଶ ଏବଂ ବିଷାକ୍ତ ଦ୍ରବ୍ୟ ସାୟାନାଇଡ ଓ ଫେନୋଲିକ କମ୍ପାଉଣ୍ଡ(କୋଇଲାକ୍ତ ପଦାର୍ଥ)ବିଷ ଖଣ୍ଡା ଝୁଲୁଛି। ଏହା ବିରୋଧରେ ଏସ୍‌ପିସିବି କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ମୌନତା ଅବଲମ୍ବନ କରୁଛି। ଧୂଆଁ, ପାଉଁଶ ନିର୍ଗମନ ସାଙ୍ଗକୁ କାରଖାନାରୁ ନିର୍ଗତ ମାରାତ୍ମକ ସାୟାନାଇଡ ଓ ଫେନୋଲେିକ ଅଞ୍ଚଳର ଗଣ୍ଡାନାଳ, ଖରସ୍ରୋତା ଓ ବ୍ରାହ୍ମଣୀ ନଦୀକୁ ବିଷାକ୍ତ କରୁଥିବାର ପୂର୍ବରୁ ନଜିର ରହିଛି। ୨୦୧୮ ଅକ୍ଟୋବର ୨୫ ତାରିଖରେ କେନ୍ଦ୍ରୀୟ ପରୀକ୍ଷାଗାରରେ ହୋଇଥିବା ପରୀକ୍ଷା ରିପୋର୍ଟରେ ସାଂଘାତିକ ତଥ୍ୟ ମିଳିଥିଲା। ବ୍ରାହ୍ମଣୀ, ଖରସ୍ରୋତା ଓ ଗଣ୍ଡନାଳାର ୭ଟି ବିଭିନ୍ନ ସ୍ଥାନରେ ହୋଇଥିବା ପାଣିରେ ପରମିସିବୁଲ ଲିମିଟ ୦.୦୦୫ (ମିଲିଗ୍ରାମ/ଲିଟର) ଠାରୁ ହାରାହାରି ୦.୦୯ (ମିଲିଗ୍ରାମ/ଲିଟର) ଫେନୋଲିକ କମ୍ପାଉଣ୍ଡ ଓ ପରମିସିବୁଲ ଲିମିଟ ୦.୦୫ (ମିଲିଗ୍ରାମ/ଲିଟର) ଠାରୁ ୦.୪୨୭ (ମିଲିଗ୍ରାମ/ଲିଟର) ସାୟାନାଇଡ ରହିଥିବା ରିପୋର୍ଟରେ ଦର୍ଶାଯାଇଥିଲା। ଏ ସଂକ୍ରାନ୍ତରେ କେନ୍ଦ୍ରୀୟ ପରୀକ୍ଷାଗାରର ପରିବେଶ ମୁଖ୍ୟ ବୈଜ୍ଞାନିକ ଏସପିସିବିର ସଦସ୍ୟ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶିଳ୍ପାଞ୍ଚଳର ବର୍ଜ୍ୟବସ୍ତୁ ମିଶୁଥିବା ନଦୀ ତଟବର୍ତ୍ତି ସ୍ଥାନଗୁଡ଼ିକରେ ଅନଲାଇନ ୱାଟର କ୍ୱାଲିଟି ମନିଟରିଂ ସିଷ୍ଟମ ପ୍ରତିଷ୍ଠା ହୋଇ ପାରି ନ ଥିବାରୁ ଏଭଳି ପରିସ୍ଥିତି ଦେଖା ଦେଇଥିବା ସେତେବେଳେ ମତ ପ୍ରକାଶ ପାଇଥିଲା। ଇତିମଧ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ବିହିତ ପଦକ୍ଷେପ ନିଆଯାଉଥିବା ଏସପିସିବି ଦାବି କରିଛି। କିନ୍ତୁ ଅଦ୍ୟାବଧି ପରିସ୍ଥିତି ସୁଧୁରିବା ତ ଦୂରର କଥା ଅଧିକ ଉତ୍କଟ ହୋଇଛି ବୋଲି ଅଭିଯୋଗ ଉଠିଛି। କାରଖାନାରୁ ବିଭିନ୍ନ ରାସାୟନିକ ମିଶ୍ରିତ ପାଣି ଏବେ ମଧ ଗଣ୍ଡାନାଳ ଦେଇ ଖରସ୍ରୋତା ଓ ବ୍ରାହ୍ମଣୀ ନଦୀକୁ ଆସୁଛି। ଗଣ୍ଡାନାଳ ଓ ଖରସ୍ରୋତା ନଦୀ ଅତିମାତ୍ରାରେ ପ୍ରଦୂଷିତ ହୋଇଥିବା ଖାଲି ଆଖିରେ ମଧ ଜଣାପଡୁଛି। ତେବେ ଏ ସଂକ୍ରାନ୍ତରେ ଏସପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ବେହେରା କହିଛନ୍ତି ରବିବାର ଅନ୍ଧାରି ନାଳରେ ସୃଷ୍ଟି ହୋଇଥିବା ଫେଣ ଯେ କୌଣସି ଡିଟରଜେଣ୍ଟ ଜନିତ କାରଣରୁ ହୋଇଥାଇପାରେ। ଜଳ ନମୁନା ପରୀକ୍ଷାରେ ଅନୁଜ୍ଞେୟ ପରିମାଣର ବିଭିନ୍ନ ଦ୍ରବ୍ୟ ରହିଛି। ଏଥିଯୋଗୁ କୌଣସି ଭୟଭୀତ ହେବାର ଆବଶ୍ୟକତା ନାହିଁ ବୋଲି ବେହେରା କହିଛନ୍ତି।

# ହିଲ୍‌ଭ୍ୟୁ ହୋଟେଲରେ ମେସ୍କୋ ନିର୍ଦ୍ଦେଶିକା ନଜରବନ୍ଦୀ



ହିଲ୍‌ଭ୍ୟୁ ହୋଟେଲ୍ ସମ୍ମୁଖରେ ମୈଥାନ କାରଖାନା କର୍ମଚାରୀଙ୍କ ଧାରଣା।

**କଳିଙ୍ଗନଗର,୩।୧୨(ଡି.ଏନ୍.ଏ)**

କଳିଙ୍ଗନଗର ଶିଳ୍ପାଞ୍ଚଳର ମେସ୍କୋ ଗ୍ରୁପ୍‌ର ମାଲିକାନାରେ ଥିବା ମୈଥାନ କାରଖାନା କର୍ମଚାରୀ ୧୧ ମାସ ହେବ ଦରମା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ଦୀର୍ଘଦିନର ପଞ୍ଜୀଭୂତ ଅସନ୍ତୋଷ ମଙ୍ଗଳବାର ପ୍ରତିଫଳିତ ହୋଇଛି। ମେସ୍କୋ ଗ୍ରୁପ୍ ଅଧକ୍ଷା ରିତା ସିଂଙ୍କୁ ପ୍ରାୟ ୩ ଶହରୁ ଉର୍ଦ୍ଧ୍ୱ କର୍ମଚାରୀ ଗେଷ୍ଟ ହାଉସ୍(ହିଲ୍‌ଭ୍ୟୁ ହୋଟେଲ)ରେ ନଜରବନ୍ଦି କରି ରଖିଥିଲେ। ଖବର ପାଇ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ଦୋରା ଘଟଣାସ୍ଥଳରେ ପହଞ୍ଚି ଶ୍ରମିକଙ୍କୁ ବୁଝାଶୁଝା କରିଥିଲେ। ହେଲେ ଶ୍ରମିକମାନେ ବକେୟା ଦରମା ପ୍ରଦାନ ଜିଦ୍‌ରେ ଅଟଳ ରହିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଶ୍ରମିକମାନେ ଗେଷ୍ଟ ହାଉସ୍ ସମ୍ମୁଖରେ ବସିଥିବା ଜଣାପଡିଛି।

ପ୍ରକାଶ ଯେ, ମୈଥାନ କାରଖାନା କର୍ମଚାରୀ ବକେୟା ଦରମା ପାଇଁ ସ୍ଥାନୀୟ ଜିଲା ପ୍ରଶାସନ ଓ କାରଖାନା କର୍ତ୍ତୃପକ୍ଷଙ୍କୁ ବହୁ ବାର ଦାବି ପ୍ରଦାନ କରିଥିଲେ। ଏ ନେଇ ୨୨।୧୦।୧୯ରେ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଜିଲା ଶ୍ରମ ଅଧିକାରୀ ଶୁନୀଲ କୁମାର ସାହୁ, ଜିଲା ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମୀନା, ଶ୍ରମିକ ସଂଘ ପକ୍ଷରୁ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଏବଂ କାରଖାନା ନିର୍ଦ୍ଦେଶିକା ସିପ୍ରା ସିଂ ରାଣା ଉପସ୍ଥିତ ଥିଲେ। ଏହି ବୈଠକରେ କାରଖାନା ନିର୍ଦ୍ଦେଶିକା ୩୦।୧୦।୧୯ ସୁଦ୍ଧା କର୍ମଚାରୀଙ୍କ ବକେୟା ପାଉଣାର କିଛି ଅଂଶ ଦେବା ସହ କାରଖାନା ଖୁବ୍‌ଶୀଘ୍ର ଚାଲୁ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ କାରଖାନା ଚାଲୁ ହେବା ତ ଦୂରର କଥା ଶ୍ରମିକଙ୍କ ବକେୟା ପାଉଣା ପ୍ରଦାନ କରାଯାଇ ନାହିଁ। ଏହାକୁ ନେଇ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଥିଲା। ମଙ୍ଗଳବାର ମେସ୍କୋ ଗ୍ରୁପ୍ ଅଧକ୍ଷା ରୀତା ସିଂ ଗେଷ୍ଟ ହାଉସ୍‌କୁ ଆସିବା ଖବର ପାଇ ଶ୍ରମିକ ସଂଘ ସମ୍ପାଦକ ବିଜୟ କୁମାର ଦଳାଇଙ୍କ ନେତୃତ୍ୱରେ ଶ୍ରମିକମାନେ ଘେରାଉ କରିଛନ୍ତି। ସ୍ୱପ୍ନେନ୍ଦୁ ବେହୁରା, ଶ୍ରୀକାନ୍ତ ବେହେରା, କିଶୋର ସାମଲ, ପ୍ରମୋଦ ସାହୁ, ପ୍ରଦୀପ ପାଳ, ସୌମ୍ୟରଞ୍ଜନ ନାୟକ, ଶଶିକାନ୍ତ ଦାସ, ରମେଶ ଘଡେଇଙ୍କ ସହ ବହୁ ଶ୍ରମିକ ଧାରଣାରେ ସାମିଲ ହୋଇଛନ୍ତି।

# ବଳାତ୍କାରୀଙ୍କୁ ୭ବର୍ଷ ସଶ୍ରମ କାରାଦଣ୍ଡ

**ଯାଜପୁର ଟାଉନ,୩।୧୨(ଡି.ଏନ୍.ଏ.):** ଯାଜପୁର ଅତିରିକ୍ତ ଜିଲା ଦୌରାଜଜ୍ ମଙ୍ଗଳବାର ଏକ ବଳାତ୍କାର ମାମଲାର ରାୟ ପ୍ରକାଶ କରି ଜନୈକ ଅଭିଯୁକ୍ତଙ୍କୁ ୭ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୨୦୧୬ ଜାନୁୟାରୀ ମାସ ୨ ତାରିଖରେ ବଡ଼ଚଣା ଥାନା ଅନ୍ତର୍ଗତ ସମରପାଲୁ ଗ୍ରାମର ଜନୈକା ମହିଳାଙ୍କ ସ୍ୱାମୀ ଘରେ ଅନୁପସ୍ଥିତ ଥିବା ସୁଯୋଗ ନେଇ ରାତି ପ୍ରାୟ ୨ ଘଟିକାରେ ସେହି ଗ୍ରାମର ମୋତିରାମ ଚମ୍ପିଆ ନାମକ ଜଣେ ବ୍ୟକ୍ତି ଘରେ ପଶି ମହିଳାଙ୍କୁ ବଳାତ୍କାର କରିଥିଲେ। ବଳାତ୍କାର ପରେ କାହାରିକୁ ଏ ବିଷୟ ଜଣାଇଲେ ଜୀବନରୁ ମାରିଦେବାର ଧମକ ଦେଇଥିଲେ। ପରଦିନ ସ୍ୱାମୀ ଫେରିବା ପରେ ପୀଡିତା ଜଣକ ସ୍ୱାମୀଙ୍କ ଆଗରେ ସମସ୍ତ କଥା କହିବା ପରେ ବଡଚଣା ଥାନାରେ ଏନେଇ ଏକ ଏତଲା ଦେଇଥିଲେ। ବଡ଼ଚଣା ପୋଲିସ ଅଭିଯୋଗକୁ ଭିତ୍ତି କରି ଆଇପିସି ଦଫା ୩୭୬(୧),୪୫୭,୫୦୬ରେ ଏକ ମାମଲା (ନଂ.୪/୧୬) ରୁଜୁ କରି ଅଭିଯୁକ୍ତ ମୋତିରାମଙ୍କୁ କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ବିଚାର କରି ୧୮ଜଣ ସାକ୍ଷ୍ୟ ପ୍ରମାଣ ଆଧାରରେ ଅତିରିକ୍ତ ଜିଲା ଦୌରାଜଜ୍ ପ୍ରଶାନ୍ତ କୁମାର ନାୟକ ମଙ୍ଗଳବାର ମୋତିରାମ୍‌ଙ୍କୁ ୭ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ପୀଡିତାଙ୍କ ପକ୍ଷରୁ ସରକାରୀ ଓକିଲ ରାଜେନ୍ଦ୍ର ପ୍ରସାଦ ନାୟକ ଓ ଜୟଦୀପ ମିଶ୍ର ମାମଲାକୁ ପରିଚାଳନା କରିଥିଲେ।




## ସରିଲା ଜିଲା ବରିଷ୍ଠ ଖୋ-ଖୋ ଦଳ ଚୟନ

# ୬ରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ



ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଥିବା ଖେଳାଳି।

**ରସୁଲପୁର,୩।୧୨(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ଖଣ୍ଡିତର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ମଙ୍ଗଳବାର ଯାଜପୁର ଜିଲାସ୍ତରୀୟ ଖୋ-ଖୋ ଦଳ ଚୟନ ପ୍ରକ୍ରିୟା ଚୂଡ଼ାନ୍ତ ହୋଇଛି। ବରିଷ୍ଠ ବିଭାଗର ପୁରୁଷ ଓ ମହିଳାଦଳ ମନୋନୟନ କରାଯାଇ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଉଭୟଦଳ କଟକ ଜିଲାର ଆଠଗଡ଼ଠାରେ ଡିସେମ୍ବର ୬ତାରିଖରେ ଆରମ୍ଭ ହେବାକୁ ଥିବା ରାଜ୍ୟସ୍ତରୀୟ ଖୋ-ଖୋ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ବୋଲି ଜଣାପଡିଛି। ପ୍ରତ୍ୟେକ ଦଳରୁ ୧୨ଜଣ ଲେଖାଏ ଖେଳାଳି ମନୋନୟନ କରାଯାଇଛି। ଏଥିସହ ଦୁଇଜଣ ପ୍ରଶିକ୍ଷକ ଓ ଜଣେ ପରିଚାଳଙ୍କ ଉପରେ ଦଳର ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଚଳିତବର୍ଷ ଯାଜପୁର ଖୋ-ଖୋ ଦଳ ଭଲ ଖେଳ ପ୍ରଦର୍ଶନ କରିବ ବୋଲି ଯାଜପୁର ଜିଲା କ୍ରୀଡା ସଂସଦର ସଂପାଦକ ସମ୍ବିତ ମହାନ୍ତି ଆଶା ପ୍ରକଟ କରିଛନ୍ତି । ଏଠାରେ ଅନୁଷ୍ଠିତ ଚୟନ ପ୍ରକ୍ରିୟାକୁ ଅଫିସିଆଲ ଭାବରେ ଶଙ୍କର୍ଷଣ ବେହେରା, ସ୍ୱାତିସୁଚରିତା ପତି, ଶିବାନୀ ସିଂ, ସୁନନ୍ଦ ରାଉତ, କ୍ରିଡା ଶିକ୍ଷକ ଅନାଦି ସାହୁ ପ୍ରମୁଖ ପିରଚାଳନା କରିଥିଲେ। ଏହି ଚୟନ ପ୍ରକ୍ରିୟାରେ ଜିଲାର ୧୦ଟି ବ୍ଲକ ଓ ୨ଟି ପୌରପରିଷଦ ଅଂଚଳରୁ ଖେଳାଳିମାନେ ଯୋଗଦେଇ ନିଜର କ୍ରୀଡାନୈପୁଣ୍ୟ ପ୍ରଦର୍ଶନ କରିଥିଲେ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଖରସ୍ରୋତାରେ ବୃଦ୍ଧ ନିଖୋଜ

ବିଞ୍ଝାରପୁର,୩।୧୨(ଡି,ଏନ୍.ଏ.)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଜରୀ ଗ୍ରାମ ପଞ୍ଚାୟତ ଛନ୍ଦାମୁଣ୍ଡ ଗ୍ରାମର ଡମ୍ବୁରଧର ମଲ୍ଲିକ(୬୬) ମଙ୍ଗଳବାର ସନ୍ଧ୍ୟାରେ ଖରସ୍ରୋତା ନଦୀକୁ ଶୌଚ ହେବାକୁ ଯାଇ ନିଖୋଜ ଥିବା ଜଣାପଡିଛି। ଖବର ପାଇ ଦମକଳ ବାହିନୀ ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ତାଙ୍କର ପତା ମିଳି ନ ଥିବା ଜଣାପଡିଛି।

### ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ

ଯାଜପୁର ରୋଡ୍,୩।୧୨(ନି.ପ୍ର.)- ଯାଜପୁର ରୋଡ୍ ଅଞ୍ଚଳରେ ମଙ୍ଗଳବାର ବିଭିନ୍ନ ସ୍ଥାନରେ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଛି। କଳିଙ୍ଗନଗର ରୋଟାରୀ କ୍ଲବ ପକ୍ଷରୁ କନ୍ହେଇପୁର , ମିଶ୍ନାରୀ ଇଜ୍ ଅଫ୍ ଚାରିଟି ଅଧୀନସ୍ଥ ଶାନ୍ତି ନୀବାସଠାରେ ଭିନ୍ନକ୍ଷମ ଦିବସ ପାଳନ କରାଯାଇଥିଲା। ରୋଟାରୀ କ୍ଲବ ସଭାପତି ଲୋକନାଥ ରାଉତଙ୍କ ନେତୃତ୍ୱରେ ଶାନ୍ତି ନିବାସରେ ରହୁଥିବା ଅନ୍ତେବାସୀଙ୍କୁ ଖାଦ୍ୟ ପରିବେଷଣ କରିଥିଲେ। ଶିବାନନ୍ଦ ନାୟକ, ସୁଦିପ୍ତ ମିଶ୍ର, କମଳ ଲୋଚନ ସାହୁ, ସଂଗ୍ରାମ କେଶରୀ ପଟ୍ଟନାୟକ, ଦିନେଶ କୁମାର ସାହୁ, ପରମେଶ୍ୱର ଦାସ, ମହେନ୍ଦ୍ର କୁମାର ପଣ୍ଡା, ସତିଶ ଚନ୍ଦ୍ର ଜେନା, ଅଚ୍ୟୁତାନନ୍ଦ ମହାନ୍ତି, ନିହାର ରଞ୍ଜନ ନନ୍ଦ, ଦେବକଲ୍ୟାଣ ଦାସ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ନବଉତ୍କଳ ମହିଳା ସମିତି ପକ୍ଷରୁ ଦିବ୍ୟାଙ୍ଗଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମିତିର ସଭାନେତ୍ରୀ ଶାନ୍ତଲତା ମାଝି ଓ ସମ୍ପାଦିକା ଜୟନ୍ତୀ ଜେନା, ଅମୂଲ୍ୟ ପହି, ବିନିଲତା ସତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଶହୀଦ ଭଗତ୍ ସିଂ ଯୁବକ ସଂଘ ପକ୍ଷରୁ ବ୍ୟାସନଗର ସହରରେ ରହୁଥିବା ବିଭିନ୍ନ ଅଞ୍ଚଳର ଭିନ୍ନକ୍ଷମଙ୍କୁ ନୂତନ ବସ୍ତ୍ର ଓ ଫଳମୂଳ ବଣ୍ଟନ କରାଯାଇଛି। ସଭାପତି ରାଜେନ୍ଦ୍ର ବିଶ୍ୱାଳ, ସମ୍ପାଦକ ହେମନ୍ତ ଧୀର୍, ଆଶିଷ ବଳ, ବାଇଧର ମାଝି, କଳିଙ୍ଗ ପହୀ, ନାରାୟଣ ନାୟକ, ଚନ୍ଦ୍ରମଣି ସାମଲ ପ୍ରମୁଖ ବହୁ ସଦସ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### ରମାଦେବୀଙ୍କ ୧୨୧ତମ ଜୟନ୍ତୀ

ବରୀ,୩।୧୨(ସ୍ୱ.ପ୍ର.)- ବରୀ ବ୍ଲକ ଅଧୀନ ମେଦୁଆକୂଳସ୍ଥିତ ଅଜାଣବନ ଶୋଭନୀୟ ଶିକ୍ଷାଶ୍ରମରେ ମଙ୍ଗଳବାର ମା' ରମା ଦେବୀଙ୍କର ୧୨୧ତମ ଜୟନ୍ତୀ ପାଳିତ ହୋଇଯାଇଛି। ବ୍ରାହ୍ମଣୀ ବଞ୍ଚାଅ ଅଭିଯାନର ଆବାହକ ଲୋକନାଥ ଦାସଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ କୁଳମଣୀ ଶୁକ୍ଳ ଛାତ୍ରୀଛାତ୍ରଙ୍କୁ ମା' ରମାଦେବୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ କହିଥିଲେ। ମୁଖ୍ୟବକ୍ତା ଭାବେ କୁଞ୍ଜ ବିହାରୀ ଦାଶ ରମାଦେବୀଙ୍କ ଜୀବନୀ ଉପରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ରମାକାନ୍ତ ମଣ୍ଡଳ ସେବା ଓ ତ୍ୟାଗର ସହିତ ଜୀବନ ବିତାଇବାକୁ ଛାତ୍ରୀଛାତ୍ରଙ୍କୁ ଅନୁପ୍ରାଣିତ କରାଇଥିଲେ। ଶିକ୍ଷାଶ୍ରମର ପ୍ରତିଷ୍ଠାତା ନୃସିହ ଚରଣ ବେହେରା, କୃଷ୍ଣ ଚନ୍ଦ୍ର ଘଡ଼ାଇ, ଗୋପୀନାଥ ଦାସ, ସାମାଜିକ କର୍ମୀ ସତ୍ୟ ରଞ୍ଜନ କର, କରୁଣାକର ପ୍ରଧାନ, ମିହିର ଜେନା, ଉମାକାନ୍ତ ଦାସ, ଦୂର୍ଯ୍ୟୋଧନ ଜେନା, ସାମାଜିକ କର୍ମୀ ବୁଦ୍ଧିଜୀବୀ, ଅଜାଣବନ ଶୋଭନୀୟ ଶିକ୍ଷାଶ୍ରମର ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

କୋରେଇ, ୩।୧୨(ସ୍ୱ.ପ୍ର.)- କୋରେଇସ୍ଥିତ କାହ୍ନୁଚରଣ ଡିଗ୍ରୀ ମହାବିଦ୍ୟାଳୟରେ ମଙ୍ଗଳବାର ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। ୧୨ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଶିବିରକୁ ବରିଷ୍ଠ ଶିକ୍ଷାବିତ୍ ସଚ୍ଚିତା ନନ୍ଦ ରାଉତ ଉଦ୍‌ଘାଟନ କରିଥିଲେ। ଶିବର ବିଭାଗୀୟ ସଂଯୋଜକ ତଥା କ୍ରୀଡା ଶିକ୍ଷକ ମନ୍ମୋଥ ଜେନାଙ୍କ ତତ୍ତ୍ୱାବଧନାରେ ମହାବିଦ୍ୟାଳୟର ଶହେ ଜଣ ଛାତ୍ରୀ ପ୍ରଶିକ୍ଷଣ ନେଇଛନ୍ତି। ପ୍ରଶିକ୍ଷିକା ସନ୍ତୋଷିନୀ ପଣ୍ଡା ଓ ଜ୍ୟୋତ୍ସ୍ନାରାଣୀ ନନ୍ଦ ତାଲିମ ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଏକ ସଭା ମହାବିଦ୍ୟାଳୟର ଅଧକ୍ଷ ମୋହନଚରଣ ଖୁଣ୍ଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଭାବେ ରାଉତ ଯୋଗ ଥିଲେ। ବକ୍ତାଭାବେ ଜୁନିୟର ମହାବିଦ୍ୟାଳୟର ଅଧକ୍ଷ ସ୍ମିତିରଞ୍ଜନ ରାୟ, ଓ ବରିଷ୍ଠ ଅଧାପକ ସନ୍ୟାସୀ ପ୍ରସାଦ ବାରିକ ଯୋଗଦେଇଥିଲେ। ଅଧାପକ ଶିଶିର କୁମାର ନାୟକ, ବିବେକାନନ୍ଦ ଦାସ, ନବଘନ ରଣା, ଅଧାପିକା ପୁଷ୍ପଲତା ସାହୁ, ନିବେଦିତା ସାମଲ, ବନିତା ସ୍ୱାଇଁ, ଝରଣା ଖୁଣ୍ଟିଆ, ସଞ୍ଜୟ କୁମାର ମାଝି, ଦୀପକ ମଲ୍ଲିକ, ପୂର୍ଣ୍ଣିମା ମହାରଣା, ରାନୁ ଜେନାଙ୍କ ସହ ଅଧାପିକାଅଧାପିକା, କର୍ମଚାରୀ ଓ ଛାତ୍ରୀ ଉପସ୍ଥିତ ଥିଲେ।

# କେଳାବସ୍ତିରେ ପହଞ୍ଚିଲା ଶିଶୁ ମଙ୍ଗଳ କମିଟି

- ଅନାଥ ପିଲାଙ୍କୁ ବାଳାଶ୍ରମକୁ ନେବା ପାଇଁ ପ୍ରସ୍ତାବ
- ଜିମି ପଟ୍ଟା,ସରକାରୀ ଆବାସ ପାଇଁ ଜିଲାପାଳଙ୍କୁ ସୁପାରିଶ କରିବାକୁ ପ୍ରତିଶ୍ରୁତି

ରସୁଲପୁର,୩।୧୨(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତ ହରିପୁର ଗ୍ରାମର ୨୦ନଂ ଜାତୀୟ ରାଜପଥ ପାର୍ଶ୍ୱର ଏକ ତଳିଆ ଅଞ୍ଚଳରେ ଏକ କେଳାବସ୍ତି ରହିଛି।

**ଧରିତ୍ରୀ ପ୍ରଭାବ**

ଏଠାରେ ରହୁଥିବା ବିଧବା ରେବତୀ ଦାସଙ୍କ ୨ପୁଅ ମୃତ୍ୟୁ ପରେ ତାଙ୍କର ୬ ଛୁଆ ଓ ଗୋଟିଏ ପୁଅର ସ୍ତ୍ରୀ ମରିଯିବା ପରେ ତାର ଗୋଟିଏ ଝିଅ ସମେତ ୭ଜଣଙ୍କ ଦାୟିତ୍ୱ ୭୦ବର୍ଷିୟା ରେବତୀଙ୍କ ଉପରେ ବୋଝ ସାଜିଛି। ଏନେଇ ଗତ ୧ତାରିଖରେ ଧରିତ୍ରୀରେ ଏକ ଖବର ପ୍ରକାଶ ପାଇଥିଲା। ଉକ୍ତ ଖବର ଆଧାରରେ ଯାଜପୁର ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ଯାଜପୁର ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଶିଶୁ ମଙ୍ଗଳ କମିଟିକୁ ଅବଗତ କରାଇ ଘଟଣାସ୍ଥଳ ପରିଦର୍ଶନ ସହ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଏହି କ୍ରମରେ ମଙ୍ଗଳବାର ଅପରାହ୍ନରେ ଶିଶୁ ମଙ୍ଗଳ କମିଟିର ବରିଷ୍ଠ ସଦସ୍ୟ ରୁଦ୍ର ନାରାୟଣ ପୃଷ୍ଟିଙ୍କ ନେତୃତ୍ୱରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଅଧିକାରୀ ନିରଞ୍ଜନ କର, ସଦସ୍ୟ ମିହିର କୁମାର ଜେନା ପ୍ରମୁଖ ବସ୍ତିରେ ପହଞ୍ଚି ଥିଲେ। ଏଠାରେ ବସବାସ କରୁଥିବା ୬ଟି ପରିବାରର ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ବିଶେଷକରି ଶିଶୁମାନଙ୍କର ଶିକ୍ଷା,ସ୍ୱାସ୍ଥ୍ୟ, ଖାଦ୍ୟପାନୀୟ, ପୋଷାକ ଆଦି ସମ୍ପର୍କରେ ପଚାରି ବୁଝିଥିଲେ। ମା'ବାପା ହରାଇଥିବା ୩ଜଣ ପିଲାଙ୍କୁ ନିଜ ଅକ୍ତିଆରକୁ ନେବାକୁ କମିଟି ଇଚ୍ଛା ପ୍ରକଟ କରିଥିଲା। ଏହି ସମୟରେ ଘରେ ଅନ୍ୟ ପୁଅମାନେ ନ ଥିବାରୁ ଏଦିଗରେ ରେବତୀ କୌଣସି ନିଷ୍ପତ୍ତି ନେଇ ପାରି ନ ଥିଲେ। ପୁଅମାନଙ୍କ ସହ ଆଲୋଚନା କରିବାପରେ ସେମାନେ ସମାଧାନର ବାଟ ବାହାର କରି ଜଣାଇବେ ବୋଲି ଅନୁସନ୍ଧାନକାରୀ ଦଳ ଆଗରେ ପ୍ରକାଶ କରିଥିଲେ। ଏହାଛଡା ଏଠାରେ ବସବାସ କରୁଥିବା ପରିବାରଙ୍କ ଘରଡିହ, ସରକାରୀ ଆବାସ, ପାନୀୟ ଜଳ ବ୍ୟବସ୍ଥା ଭଳି ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଏହି ସମସ୍ୟା ସମାଧାନ କରିବା ଦିଗରେ ଅନୁସନ୍ଧାନକାରୀ ଦଳର କ୍ଷମତା ବାହାରେ ବୋଲି ଜଣାଇବା ସହ ଏଦିଗରେ ଜିଲାପାଳଙ୍କୁ ଲିଖିତ ଭାବରେ ଜଣାଇବେ ବୋଲି ଦଳର ସଦସ୍ୟମାନେ ପ୍ରତିଶ୍ରୁତି ଦେଇ ଫେରି ଥିବା ଜଣାପଡ଼ିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୋଳଥ ବୋଡି
କାଳୀ ଗୋଡ଼ରେ ହଳଦୀ ବୋଳିଲେ
କଉଡ଼ି କ୍ଷତି ।**

ଯେତେ ବାହ୍ୟ ଉପଚାର କଲେ ବି ଦେହର ପ୍ରକୃତ ରଙ୍ଗ କେବେ ବଦଳିପାରି ନ ଥାଏ। ଶ୍ୟାମଳ ଦେହକୁ ଯେତେ ଘଷିମାଜିଲେ କି ହଳଦୀ ମାଖିଲେ ଦେହର ବର୍ଣ୍ଣ ଗୋରା ହୋଇପାରି ନ ଥାଏ। ସେ ନେଇ କରାଯାଉଥିବା ସକଳ ଚେଷ୍ଟା ବୃଥା ପ୍ରମାଣିତ ହୋଇଥାଏ। ହଳଦୀ ରଙ୍ଗରେ ଶ୍ୟାମଳ ବର୍ଣ୍ଣ ଗୋରା ହୁଏନା ବରଂ ଅର୍ଥ ନଷ୍ଟ ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**କଅଁଳ କାକୁଡ଼ି ବହଳ ଚୋପା
କାଟିଦେଲି ପରିବାକୁ
ଅଳପ ଦିନକୁ ବହୁତ କଥା
ଝୁରି ଝୁରି ମରିବାକୁ ।**

ଅଳ୍ପ ସମୟ ଭିତରେ ବ୍ୟକ୍ତି ଏତେ ଭଲ କାମ କରିଥାଏ ଯେ ମୃତ୍ୟୁବରଣ କଲେ ତା'କଥା ସୁମରିବାକୁ ସମସ୍ତେ ବାଧ ହୁଅନ୍ତି। ତାଙ୍କ ଗୁଣଗ୍ରାମ ଏତେ ମୁଗ୍ଧକର ହୋଇଥାଏ ଯେ ସେ ମରିଗଲା ପରେ ବି ପିତାମାତା, ଜ୍ଞାତିକୁଟୁମ୍ବ, ପରିଜନ ଆଖିରୁ ଲୁହ ଗଡ଼ାଇବା ସହ ବାହୁନିଥାନ୍ତି। ସେମାନେ ଅଳ୍ପଦିନ ମଧ୍ୟରେ ବେଶି ଭଲ କାମ କରି ଭଲ ଗୁଣ ଦେଖେଇ ଚାଲିଯାଆନ୍ତି। ପରୋକ୍ଷରେ ଅଳ୍ପଦିନର ଘନିଷ୍ଠତା ମନରେ ବହୁ ସ୍ମୃତି ସାଇତି କରି ରଖିଦିଏ ଯାହାକି ମନକୁ ଏକାନ୍ତରେ ଘାରି ଦେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି:

## ଧର୍ମଶାଳା ମହାବିଦ୍ୟାଳୟରେ ଖୋଲିଲା ଛାତ୍ରୀ ନିବାସ

ଧର୍ମଶାଳା,୩।୧୨(ଡି.ଏନ୍.ଏ.)

ଧର୍ମଶାଳା ମହାବିଦ୍ୟାଳୟରେ ମଙ୍ଗଳବାର ଛାତ୍ରୀ ନିବାସ-୨ ବିଧିବଦ୍ଧ ଭାବରେ କାର୍ଯ୍ୟକ୍ଷମ ହୋଇଛି। ଅଧକ୍ଷ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ଏହାକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ସୁପରିଟେଣ୍ଡ ସସ୍ମିତା ରାଉଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଅର୍ଥରେ ୬୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଦ୍ୱିତଳ ବିଶିଷ୍ଟ କୋଠା ନିର୍ମାଣ ହୋଇଛି। ଶହେ ଶଯ୍ୟା ବିଶିଷ୍ଟ ଏହି ନିବାସରେ ପ୍ରଥମ ପର୍ଯ୍ୟାୟରେ ୨୫ ଜଣ ଛାତ୍ରୀ ରହିଥିବା ଅଧକ୍ଷ ସୂଚନା ଦେଇଛନ୍ତି । ତେବେ ୨ ବର୍ଷ ହେବ ଛାତ୍ରୀ ନିବାସ- ୨ ସମ୍ପୂର୍ଣ୍ଣ ହୋଇ ଥିଲେ ମଧ୍ୟ ଆବଶ୍ୟକ ଭିତ୍ତିଭୂମିର ଅଭାବ ରହିଥିଲା। ଗତ ଶିକ୍ଷାବର୍ଷରେ ବହୁ ଛାତ୍ରୀ ନିବାସ ସୁବିଧା ପାଇଁ ଆବେଦନ କରିଥିଲେ। କିନ୍ତୁ ଛାତ୍ରୀ ନିବାସ ପୂର୍ଣ୍ଣାଙ୍ଗ ହୋଇ ନ ଥିବାରୁ ସେମାନେ ବଞ୍ଚିତ ହୋଇଥିଲେ। ତେବେ ଚଳିତ ଶିକ୍ଷା ବର୍ଷରୁ ଏହା ଖୋଲାଯାଇଛି। ପ୍ରକାଶ ଯେ, ଏହି ଛାତ୍ରୀ ନିବାସ ୨୦୧୭ ଶେଷ ବେଳକୁ ପୂର୍ଣ୍ଣାଙ୍ଗ ହୋଇଥିଲା। ୨୦୧୮ ଜାନୁୟାରୀ ୯ରେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଉପସ୍ଥିତିରେ ତତ୍କାଳୀନ ଉଚ୍ଚ ଶିକ୍ଷାମନ୍ତ୍ରୀ ଅନନ୍ତ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ଶହେ ଶଯ୍ୟା ବିଶିଷ୍ଟ ଏହି କୋଠାର ଉପର ଓ ତଳ ଭାଗରେ ୨୫ଟି ଲେଖାଁଏ ରୁମ୍ ରହିଛି। ଏଥିସହ ଉପରେ ଓ ତଳେ ଗୋଟିଏ ଲେଖାଁଏ କମନ ରୋଷେଇ ଘର, ଗାଧୁଆଘର ଓ ଶୌଚାଳୟ ରହିଛି। ବିଦ୍ୟୁତ୍ ଓ ପାଣି ସଂଯୋଗ ମଧ୍ୟ ରହିଛି। କଲେଜ ପାଣ୍ଠିରୁ ୩ ଲକ୍ଷ ଟଙ୍କା ବ୍ୟୟରେ ଟେବୁଲ ଓ ଖଟ ମଧ୍ୟ ଯୋଗାଇ ଦିଆଯାଇଛି। ମୋଟ ଭାବରେ ୭୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଛାତ୍ରୀ ନିବାସ ଚାଲିବା ନିମନ୍ତେ ସମସ୍ତ ଭିତ୍ତିଭୂମି ରହିଛି।

## କିନ୍ନର ସଂଘ ଶାନ୍ତି ସେନା ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା

ଯାଜପୁର ରୋଡ୍,୩।୧୨(ନି.ପ୍ର.)

ଯାଜପୁର ରୋଡ୍ କିନ୍ନର ସଂଘ ଶାନ୍ତି ସେନା ପକ୍ଷରୁ ମଙ୍ଗଳବାର ଡ ପ୍ରିୟଙ୍କା ରେଡ୍ଡିଙ୍କ ଉଦ୍ଦେଶ୍ୟରେ ଏକ କ୍ୟାଣ୍ଡେଲ ସୋଭାଯାତ୍ରା କରାଯାଇଛି। କିନ୍ନର ସଂଘର କାଜଲ ନାୟକ ଓ ଲଭ୍‌ଲୀଙ୍କ ସହ ବହୁ କିନ୍ନର ଯୋଗଦେଇ ଗୋପବନ୍ଧୁ ଛକଠାରେ କ୍ୟାଣ୍ଡେଲ ଜାଳି ଆତ୍ମର ସଦ୍‌ଗତି କାମନା କରିଥିଲେ। ଏଥିସହ ଗଣ ବଳାତ୍କାର କରିଥିବା ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟନୁଷ୍ଠାନ ଦାବି କରିଛି।




କ୍ୟାଣ୍ଡେଲ ଶୋଭାଯାତ୍ରାରେ ସାମିଲ ହୋଇଥିବା କିନ୍ନର ।

- କଳାପଥର ଚାଲାଣ ରୋକିବାକୁ ପଦକ୍ଷେପ

## ରାଜପଥରେ ନିର୍ମାଣହେବ ୩ ସ୍ୱତନ୍ତ୍ର ଗେଟ୍

ଧର୍ମଶାଳା,୩।୧୨(ଡି.ଏନ୍.ଏ.)

ଧର୍ମଶାଳା ତହସିଲ ଅନ୍ତର୍ଗତ ୯୨ଟି ସଇରାତ ମଧ୍ୟରୁ ୧୫ ନିଲାମ ହୋଇ ନ ଥିବାବେଳେ ପଥର ମାଫିଆମାନେ ବେଆଇନ ଭାବେ ଖନନ କରି ପରିବହନ କରୁଛନ୍ତି। ଏହାକୁ ରୋକିବା ପାଇଁ ତହସିଲ ପକ୍ଷରୁ ୫୩ନଂ ଜାତୀୟ ରାଜପଥରେ ୩ ଟି ସ୍ୱତନ୍ତ୍ର ଗେଟ୍ ନିର୍ମାଣ ହେବ। ଏନେଇ ମଙ୍ଗଳବାର ଯାଜପୁର ଉପ ଜିଲାପାଳ ନାରାୟଣ ଚନ୍ଦ୍ର ଧଳଙ୍କ ସହ ତହସିଲଦାର ସରୋଜ କୁମାର ପଣ୍ଡା, ଯାଜପୁର ଆର୍‌ଡି ଡିଭିଜନ-୨ ନିର୍ବାହୀ ଯନ୍ତ୍ରୀ, ଧର୍ମଶାଳା ଓ ଜେନାପୁର ପୋଲିସ ୫୩ନଂ ଜାତୀୟ ରାଜପଥର ଆରୁହା, ବରଡା ଛକ ଓ ବ୍ରାହ୍ମଣୀ ବ୍ରିଜ୍‌ଠାରେ ୩ଟି ଗେଟ୍ ନିର୍ମାଣସ୍ଥାନ ବୁଲି ତନଖି କରିଛନ୍ତି। ଏହି ସ୍ଥାନଗୁଡିକରେ ଗେଟ୍ ନିର୍ମାଣ ହେଲେ ବେଆଇନ ଭାବେ ପରିବହନ ହେଉଥିବା କଳାପଥର ଓ ବାଲି ଗାଡିଗୁଡିକଠାରୁ ରାଜସ୍ୱ ଆଦାୟ ହେବା ସହ ବେଆଇନ ପରିବହନ ହ୍ରାସ ପାଇବ ବୋଲି ତହସିଲଦାର ପଣ୍ଡା ସୂଚନା ଦେଇଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ସବୁ ଯୋଜନା ଅଧୀନରେ ସବୁ ବ୍ୟାଙ୍କରୁ
କମ୍ କିମ୍ବା ଖରାପ CIBIL ସ୍କୋର୍‌ଧାରୀଙ୍କୁ ମଧ୍ୟ ଋଣ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ବ୍ୟବସାୟ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
୨% ସୁଧ - ୪୦% ରିହାତିରେ
୨୪ ଘଣ୍ଟା ମଧ୍ୟରେ ଘରେ ବସି ପାଆନ୍ତୁ
ସତ୍ୟମ୍ ଫାଇନାନ୍ସ
9953125459
9667227985
Sec-102, Sukh Complex, Noida (Delhi)

NATIONAL FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
9473568261

KUBER FINANCE
All Odisha
★ Mudra Loan
★ Cash Credit Loan
★ Vehicle Loan
★ Agriculture Loan
★ Personal Loan
★ Business Loan
★ Mortgage Loan
★ Housing Loan
All types of Loan@ 1% Interest 50% Subsidy
Fund Received in 24 Hours
7599779418, 9599068151
B-34/A Block, Vijay Enclave, Burari, New Delhi

MAHESHWARI FINANCE
ବିନା ଗ୍ୟାରେଣ୍ଟିରେ ମହିଳା/ପୁରୁଷ (ଦୋକାନୀ) ୫ ଲକ୍ଷରୁ ୨୫ ଲକ୍ଷ ଲୋନ ୨% ସୁଧ ୫୦% ରିହାତି ମାର୍କଶିଟ୍ ଓ ପ୍ରପର୍ଟି ଲୋନ।
E-mail - maheshwarifinance111@gmail.com
Ph - 9716825082
9716001694

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
8750311430
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ । ସମସ୍ତ ପ୍ରକାର LOAN BARSA FINANCE ଯୋଗାଇ ଦେଉଛି । ସୁଧ=1%
MOB - 9853098838
7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ASTRO / VASTU
ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
କ'ଣ ଆପଣ ଚିନ୍ତିତ କି ?
2 ଘଣ୍ଟାରେ ୧୦୦% ସମାଧାନ । ତନ୍ତ୍ର ମନ୍ତ୍ରର ସମ୍ରାଟ
ଇଚ୍ଛାନୁସାରେ ବଶୀକରଣ, ପ୍ରେମ ବିବାହ ପାଇଁ ଘରଲୋକଙ୍କୁ ମନାଇବା, ପତିପତ୍ନୀ ମନାନ୍ତର, ସନ୍ତାନ ପ୍ରାପ୍ତି, ବେପାର ବୃଦ୍ଧି, ଶତ୍ରୁ ଦମନ, ବାରମ୍ବାର ବିବାହ ପ୍ରସ୍ତାବ ଭାଙ୍ଗୁଥିଲେ, ପୁରୁଣା ରୋଗର ଔଷଧ କାମ ନ କରିବା ଆଦି ସମସ୍ୟାର ତୁରନ୍ତ ସମାଧାନ କରନ୍ତୁ।
ଯଦି କାହାର ପତି ଓ ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ।
9938991467
BHUBANESWAR-09

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra

DHARITRI Career appointment Every Wednesday and Saturday

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଆତ୍ମସୁରକ୍ଷା ଶିବିର ଉଦ୍‌ଘାଟିତ

**ଯାଜପୁର ଟାଉନ,୩।୧୨(ଡି.ଏନ୍.ଏ.):** ଯାଜପୁର ସଦର ଥାନା ଅନ୍ତର୍ଗତ ଆଞ୍ଚଳିକ ଉଚ୍ଚ ମାଧମିକ ବିଦ୍ୟାଳୟ ନାଥସାହିରେ ଛାତ୍ରୀଙ୍କ ଆତ୍ମସୁରକ୍ଷା ଶିବିର ଅଧକ୍ଷ ଅଶୋକ କୁମାର ଦାଶଙ୍କ ଅଧକ୍ଷତାରେ ଉଦ୍‌ଘାଟିତ ହୋଇଛି। ଏହି ଶିବିର ଆସନ୍ତା ୧୬ତାରିଖ ପର୍ଯ୍ୟନ୍ତ ଚାଲୁରହିବ। ଶିବିରରେ ପ୍ରାଧାପକ ଗୋପାଳ ଚନ୍ଦ୍ର ପାତ୍ର , ସଚ୍ଚିଦାନନ୍ଦ କର, ବିଜୟ କେତନ ରଥ, ରାଜକିଶୋର ପଣ୍ଡା, ନିରଞ୍ଜନ ମହାନ୍ତି ଓ ଅଧାପିକା ସ୍ମିତା ନାୟକ ପ୍ରମୁଖ ଯୋଗଦେଇ ବର୍ତ୍ତମାନ ସମୟରେ ବାଳିକାମାନେ ନିଜ ଆତ୍ମସୁରକ୍ଷା କରିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧରେ ଶିବିରର ସଂଯୋଜକ ଜ୍ଞାନେନ୍ଦ୍ର ବଲ୍ଲଭ ରାଉତରା ପିଲାମାନଙ୍କୁ ପ୍ରଶିକ୍ଷଣର ଉପାଦେୟତା ବିଷୟରେ ସଚେତନ କରାଇଥିଲେ। ଏହି ଆତ୍ମସୁରକ୍ଷା ଶିବିରରେ ପ୍ରଶିକ୍ଷିକା ଭାବେ ଭାଗଶ୍ରୀ ମହାପାତ୍ର ଓ ଯମୁନା ସାହୁ ଯୋଗଦେଇଥିଲେ। ଶେଷରେ ଅଧାପକ ରତିକାନ୍ତ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ପାଖାପାଖି ୩୦୦ଜଣ ପ୍ରତିଯୋଗୀ ଶିବିରରେ ଭାଗ ନେଇଛନ୍ତି।

### ୩ ସ୍ୱଚ୍ଛ ପାନୀୟ ଜଳ ପ୍ରକଳ୍ପ ଶିଳାନ୍ୟାସ

**ବିଞ୍ଝାରପୁର,୩।୧୨(ଡି.ଏନ.ଏ):** ବିଞ୍ଝାରପୁର ବ୍ଳକ ଚିକଣା ପଞ୍ଚାୟତ ଶାସନପଡା ଓ ଉତ୍ତରକୂଳ ଗ୍ରାପର ବରେଇ, ସୁନ୍ଦରପୁରଠାରେ ସ୍ୱଚ୍ଛପାନୀୟ ଜଳ ପ୍ରକଳ୍ପଗୁଡିକୁ ସୋମବାର ପୂର୍ବାହ୍ନରେ ବିଧାୟିକା ପ୍ରମିଳା ମଲ୍ଲିକ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ହୋଇଥିବା କାର୍ଯ୍ୟକ୍ରମ ଚିକଣା ସରପଞ୍ଚ ଧ୍ରୁବଚରଣ ସେଠୀ ଓ ଉତ୍ତରକୂଳ ସରପଞ୍ଚ ସୁକାନ୍ତି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ହୋଇଥିଲାବେଳେ ଅତିଥିଭାବେ ବିଧାୟିକା ମଲ୍ଲିକ, ଅନ୍ୟତମ ଅତିଥିଭାବରେ ବ୍ଳକ ଅଧ୍ୟକ୍ଷ ନନ୍ଦକିଶୋର ସାମଲ, ଜିଲାପରିଷଦ ସଭ୍ୟା ସୁଜାତା ମଲ୍ଲିକ, ପର୍ଶୁରାମ କବି, ସମରେନ୍ଦ୍ର ସାହୁ, ବିଞ୍ଝାରପୁର ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗର କନିଷ୍ଠଯନ୍ତ୍ରୀ ତୃପ୍ତାଞ୍ଜଳି ରଥ, ଯଶୋବନ୍ତ ଧଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ପ୍ରକଳ୍ପ ହେବା ଦ୍ୱାରା ଦୁଇଟି ପଞ୍ଚାୟତର ୧୦ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ସ୍ୱଚ୍ଛ ପାନୀୟ ଜଳ ପାଇପାରିବେ ବୋଲି ବିଭାଗୀୟ ଯନ୍ତ୍ରୀ ରଥ ସୂଚନା ଦେଇଛନ୍ତି।

### କଳାପଥର ଚୋରି ଅଭିଯୋଗ, ଜଣେ କୋର୍ଟ ଚାଲାଣ

**ଧର୍ମଶାଳା/ଜେନାପୁର,୩।୧୨(ଡି.ଏନ୍.ଏ.):** ଜେନାପୁର ପୋଲିସ ମଙ୍ଗଳବାର ଜଣେ ପଥର ମାଫିଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ଏଣ୍ଡଲବା ପଞ୍ଚାୟତ ଅଧୀନ ବିଛାଖଣ୍ଡି ରାଧାକାନ୍ତପୁର ଗ୍ରାମର ଅଞ୍ଚଳ ପ୍ରଧାନ (୪୨)। ପ୍ରକାଶ ଯେ, ତହସିଲ ଅଧୀନ ବେଆଇନ ଖାଦାନରୁ ଅଞ୍ଚଳ ଦୀର୍ଘଦିନ ଧରି ପଥର ଖନନକରି ବିକ୍ରୟ କରିଆସୁଥିଲେ। ଏହାକୁ ନେଇ ନଭେମ୍ବର ୨୯ ତାରିଖରେ ବଳାରାମପୁର ସର୍କଲ ୨ ଆର୍‌ଆଇ ଜେନାପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା କେସ (ନଂ ୨୭୪/୧୯)ରୁଜୁକରି ତଦନ୍ତ ଚଳାଇଥିଲା। ସୋମବାର ରାତିରେ ଅଞ୍ଚଳଙ୍କୁ ଗିରଫ କରଯାଇଥିବା ଥାନାଧିକାରୀ ସୁଶାନ୍ତ କୁମାର ଦାସ ସୂଚନା ଦେଇଛନ୍ତି।

### ଗାଡ଼ି ଡିକି ଭାଙ୍ଗି ଲୁଟି ନେଲେ ସୁନା ଅଳଙ୍କାର

**ବିଞ୍ଝାରପୁର,୩।୧୨(ଡି,ଏନ୍.ଏ.):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମଇନ୍ଦା ଛକରେ ସୁନା ଅଳଙ୍କାର ଦୋକାନ କରିଥିବା ଶ୍ୟାମସୁନ୍ଦର ସାହୁଙ୍କ ଗାଡି ଡିକି ଭାଙ୍ଗି ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ଲୁଟ୍ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଶ୍ୟାମ ସୁନ୍ଦର ଗାଡିରେ ସୁନା ଅଳଙ୍କାର ରଖି ଦୋକାନରେ ଚାବି ପକାଉଥିଲେ। ଏହି ସମୟରେ ଲୁଟେରାମାନେ ତାଙ୍କ ବାଇକ୍ ଡିକି ଭାଙ୍ଗି ଅଳଙ୍କାର ସାମଗ୍ରୀ ଲୁଟି ନେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

## ■ ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା

# କୁମ୍ଭେଇ, କୁନ୍ଦଲ ରାସ୍ତା ନିମ୍ନମାନର

**ଯାଜପୁର ଅଫିସ,୩।୧୨**

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅଞ୍ଚଳରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ) ଓ ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ଏମ୍‌ଏମ୍‌ଏସ୍‌ୱାଇ) ନିର୍ମାଣରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଏହାବାଦ ଗ୍ରାମ୍ୟ ନିର୍ମାଣ ବିଭାଗ (ଆରଡି) ଜରିଆରେ ହେଉଥିବା ଅନ୍ୟାନ୍ୟ ରାସ୍ତା କାର୍ଯ୍ୟ ମଧ ଅତି ନିମ୍ନମାନର ହେଉଥିବାରୁ ସେଗୁଡିକ ଦୀର୍ଘସ୍ଥାୟୀ ହୋଇପାରୁ ନାହିଁ। ବଡ଼ଚଣା ବ୍ଲକ ଜାତୀୟ ରାଜପଥ-୫ର କୁନ୍ଦଲ ପିଏମ୍‌ଜିଏସ୍‌ୱାଇ ରାସ୍ତା ନିର୍ମାଣକୁ ବର୍ଷେ ନ ପୂରୁଣୁ ପିଚୁ ଉଠିଯାଇଥିବା ଜଣାପଡିଛି। ସେହିପରି ଛତିଆ-କଳକଳା ପୂର୍ତ୍ତ ବିଭାଗ ରାସ୍ତାର ବରଣିଆଠାରୁ ପଇଦା ପର୍ଯ୍ୟନ୍ତ ୯ କି.ମି. ଦୀର୍ଘ ରାସ୍ତା ଶେଷ ହେବାର ୬ମାସ ନ ପୁରୁଣୁ ପିଚୁ ଉଠି ବଡବଡ ଗର୍ତ୍ତ ସୃଷ୍ଟି ହୋଇଛି। ଏହିକ୍ରମରେ ପିଡବ୍ଲ୍ୟୁଡି ରାସ୍ତା କୁମ୍ଭେଇଠାରୁ ଉପୁଲା, ଭାୟା ମୁଳିଝର, ସୋଲର ନିର୍ମାଣାଧୀନ ପିଏମ୍‌ଜିଏସ୍‌ୱାଇ ରାସ୍ତା ଆବଶ୍ୟକ ନିର୍ମାଣ ସାମଗ୍ରୀ ବ୍ୟବହାର ନ କରି ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ଅନ୍ୟ ରାସ୍ତା ଭଳି ଏହି ରାସ୍ତା ମଧ ଦୀର୍ଘସ୍ଥାୟୀ ହେବାର ନେଇ ଅଞ୍ଚଳବାସୀଙ୍କ ମଧରେ ସନ୍ଦେହ ଉପୁଜିଛି।

ସହରାଞ୍ଚଳର ବିକାଶ ସହିତ ଗ୍ରାମାଞ୍ଚଳକୁ ସାମିଲ କରିବା ଉଦ୍ଦେଶ୍ୟରେ ଯୋଗାଯୋଗ ବ୍ୟବସ୍ଥାକୁ ଅଗ୍ରାଧିକାର ଦେଇ କେନ୍ଦ୍ର ସରକାର ପ୍ରଣୟନ କରିଛନ୍ତି ପିଏମଜିଏସ୍‌ୱାଇ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ଯୋଜନାରେ ଗତ ୧୬ବର୍ଷ ମଧରେ ଯାଜପୁର ଜିଲାରେ ପ୍ରାୟ ୨୫୦ ପ୍ରକଳ୍ପରେ ୧ ହଜାର କି.ମି.ରୁ ଊର୍ଦ୍ଧ୍ୱ ରାସ୍ତା ନିର୍ମାଣ ହୋଇଛି। ଏଥିରେ ପ୍ରାୟ ୪୫୦ ବସତି ଉପକୃତ ହୋଇଛନ୍ତି। ତେବେ ବାକି ରହିଥିବା ବସତିଙ୍କ ଉଦ୍ଦେଶ୍ୟରେ ଗତ ୨୦୧୪-୧୫ ବର୍ଷରୁ ଏମ୍‌ଏମ୍‌ଏସ୍‌ୱାଇ କାର୍ଯ୍ୟକାରୀ ହୋଇଛି। ଗ୍ରାମ୍ୟ ରାସ୍ତାକୁ ସୁଦୃଢ ପକ୍କା ଏବଂ ଦୀର୍ଘସ୍ଥାୟୀ କରିବା ଏହି ଯୋଜନାର ଲକ୍ଷ୍ୟ। ତେବେ ମୁଖ୍ୟମନ୍ତ୍ରୀଙ୍କ ଏହି ଯୋଜନା ଆରମ୍ଭରୁ କେତେକ ବିଭାଗୀୟ କନିଷ୍ଠଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଏବଂ ଠିକାଦାରଙ୍କ ଅସାଧୁମେଣ୍ଟ ଯୋଗୁ ଏହାର ସୁଫଳ ମାତ୍ର ବର୍ଷେ ଦୁଇ ବର୍ଷ ମଧରେ ମିଳାଇ ଯାଇଛି। ଅନେକ ପ୍ରକଳ୍ପ ଅଧାପନ୍ତରିଆ ଅବସ୍ଥାରେ ପଡି ରହିଛି। ଏହିକ୍ରମରେ କୁମ୍ଭେଇ-ସୋଲର ରାସ୍ତା ପାଇଁ ୩୩୪.୦୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏଥିରେ ୬.୦୧୫ କିମି ରାସ୍ତା ନିର୍ମାଣ କରାଯିବ। ୩ ବର୍ଷର ରକ୍ଷଣାବେକ୍ଷଣ ମୂଲ୍ୟ ୧୧.୦୭ ଲକ୍ଷ ଟଙ୍କା ରଖାଯାଇଛି। ରାସ୍ତାର ନିର୍ମାଣ ଆରମ୍ଭ ୨୫।୨।୨୦୧୯ରୁ ହୋଇଥିବାବେଳେ ୨୪।୧୧।୨୦୧୯ରେ ଶେଷ କରିବାକୁ ଧାର୍ଯ୍ୟ ହୋଇଛି। ଏହି ରାସ୍ତା ଉପରେ ୧୦ରୁ ଊର୍ଦ୍ଧ୍ୱ ଗ୍ରାମର ୫ ହଜାର ଲୋକ ନିର୍ଭର କରୁଛନ୍ତି। ତେବେ ସମୟସୀମା ଶେଷ ହୋଇ ସାରିଥିଲେ ହେଁ ପ୍ରାୟ ଶତକଡା ୫୦ ଭାଗ କାର୍ଯ୍ୟ ବାକି ରହିଛି। ଠିକାଦାର ଏସ.ଏମ. ଶ୍ରୀଜଗନ୍ନାଥ କନଷ୍ଟ୍ରକ୍ସନ ଯେନତେନ ପ୍ରକାରେ ତରବରିଆ ଭାବେ କାର୍ଯ୍ୟ ସମ୍ପାଦନ କରୁଛି। ଆବଶ୍ୟକ ଓ ଉନ୍ନତମାନର ଗେଟି, ବାଲି, ପିଚୁ ଆଦି ନିର୍ମାଣ ସାମଗ୍ରୀ ବ୍ୟବହାର ହେଉନାହିଁ। ଏଷ୍ଟିମେଟ ଅନୁସାରେ ପିଚୁ ବ୍ୟବହାର ହେଉ ନ ଥିବାରୁ ରାସ୍ତାର ମାନ ନିମ୍ନମାନର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ପୁନଃ ଆବଶ୍ୟକ ଅଟକଳ ଅନୁସାରେ ନିର୍ମାଣ ନ କଲେ ପୁଣି ବର୍ଷକ ମଧରେ ରାସ୍ତା ଫାଟିଯିବାର ଆଶଙ୍କା ରହିଛି। ଏ ସଂକ୍ରାନ୍ତରେ ଗ୍ରାମ୍ୟ ନିର୍ମାଣ ବିଭାଜନ-୨, ଜାରକା ନିର୍ବାହୀ ଯନ୍ତ୍ରୀ ଭାସ୍କର ଚନ୍ଦ୍ର ସାହୁଙ୍କୁ ପଚାରିବାରୁ, ସେଭଳି କିଛି ଅଭିଯୋଗ ତାଙ୍କ ପାଖରେ ପହଞ୍ଚି ନାହିଁ। ତେବେ ନିର୍ମାଣାଧୀନ ରାସ୍ତାର ମାନ ନୀରିକ୍ଷଣ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



■ ବ୍ୟବହାର ହେଉନି ଆବଶ୍ୟକ ନିର୍ମାଣ ସାମଗ୍ରୀ
■ ଦୀର୍ଘସ୍ଥାୟୀ ନେଇ ପ୍ରଶ୍ନବାଚୀ

## ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କଲେ ବିଧାୟକ



ପ୍ରକଳ୍ପ ଶିଳାନ୍ୟାସ ଉତ୍ସବରେ ବିଧାୟକଙ୍କ ସହ ଅନ୍ୟମାନେ।

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୩।୧୨(ଡି.ଏନ୍.ଏ)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ପଞ୍ଚାୟତର ୫ଗୋଟି ପ୍ରକଳ୍ପକୁ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମଙ୍ଗଳବାର ଉଦ୍‌ଘାଟନ କରିଛନ୍ତି। ଏହି ପଞ୍ଚାୟତ ଅନ୍ତର୍ଗତ ୭ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ରୁକୁଟିପାଟ ଅଙ୍ଗନୱାଡ଼ି ଗୃହ, ନାନପୁର ପଟଣାଠାରେ ୩ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଜନମଙ୍ଗଳ ପାଠାଗାର ଗୃହ, ନାନପୁରଠାରେ ଉତ୍ତରେଶ୍ୱର ମହାଦେବଙ୍କ କୋଠଘର, ୭ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମା' ବୁଢୀ ଜାଗୁଳାଇ କୋଠଘର ସମେତ ନାନପୁରଠାରେ ଥିବା ଏକ ଅଙ୍ଗନୱାଡ଼ି ଗୃହକୁ ବିଧାୟକ ଶତପଥି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହାକୁ ଉଦ୍‌ଘାଟନ କରି ଗ୍ରାମାଞ୍ଚଳର ବିକାଶ ପାଇଁ ନବୀନ ପଟ୍ଟନାୟକ ଆମ ଗାଁ ଆମ ବିକାଶ ଯୋଜନା କରିଛନ୍ତି। ସେଥିପାଇଁ ବିଭିନ୍ନ ଗ୍ରାମରେ କୋଠଘର ନିର୍ମାଣ ହୋଇପାରୁଛି। ଏହି ବିକାଶ ପ୍ରକ୍ରିୟାରେ ସମସ୍ତେ ସାମିଲ ହେବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ରୁକୁଟିପାଟଠାରେ ବାଲିଚନ୍ଦ୍ରପୁର ସରପଞ୍ଚ ଫନୀନ୍ଦ୍ର ନାଥ ପଣ୍ଡାଙ୍କ ଅଧକ୍ଷତାରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ବିପିନ ବିହାରୀ ଜେନା, ଇତିଶ୍ରୀ ସାମଲ, ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ, କିରଣ କୁମାର ଶତପଥି, ସୌଭାଗ୍ୟ ଲକ୍ଷ୍ମୀ ବଳ, ସମିତି ସଭ୍ୟ ଅମୀୟ କୁମାର ବିଶ୍ୱାଳ, ସୁରେଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ବାଲିଚନ୍ଦ୍ରପୁରଛକଠାରୁ ଏକ ମୋଟର ସାଇକେଲ ରାଲିରେ ଶତପଥି ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ଅଭିମନ୍ୟୁ ବଳ, ଦିଲିପ କୁମାର ଷେଣ୍ଢ, ଭାଗ୍ୟଧର ବିଶ୍ୱାଳ, ଅନନ୍ତ କୁମାର ସିଂହ, ଉଗ୍ରସେନ ବିଶ୍ୱାଳ, ଅର୍ନ୍ତଯାମୀ ନାୟକ, ଶ୍ୟାମସୁନ୍ଦର ଦାସ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

## ୫-ଟିକୁ ମାନୁ ନାହାନ୍ତି ଅଧକ୍ଷ

**ଯାଜପୁର ଟାଉନ,୩।୧୨(ଡି.ଏନ୍.ଏ.)**

■ କଲେଜ ଛାଡ଼ି ସଭାସମିତିରେ ଯୋଗଦେଉଛନ୍ତି
■ ଜିଲାପାଳଙ୍କ ଜନ ଶୁଣାଣିରେ ହେଲା ଅଭିଯୋଗ
■ ଘଟଣାର ତଦନ୍ତ କରିବେ ଉପ ଜିଲାପାଳ

ରସୁଲପୁର ବ୍ଲକ ଅନ୍ତର୍ଗତ ବଡକଇଁଚି ପଞ୍ଚାୟତ ପାଞ୍ଚଗୋଛିଆ ଗ୍ରାମର ଅଧାପକ ପ୍ରକାଶ ଚନ୍ଦ୍ର ରଥଙ୍କ ପାଇଁ ୫-ଟି(ଟାଇମ୍, ଟିମ୍ ୱାର୍କ, ଟେକ୍ନୋଲୋଜି, ଟ୍ରାନ୍ସଫରମେଶନ ଓ ଟ୍ରାନ୍ସପ୍ୟାରେନ୍ସି) ମୂଲ୍ୟହୀନ ହୋଇପଡ଼ିଛି। ରଥ ଧର୍ମଶାଳା ବ୍ଲକ ଅଧିନସ୍ଥ ଜେନାପୁର କଲେଜରେ ଭାରପ୍ରାପ୍ତ ଅଧକ୍ଷ ଦାୟିତ୍ୱରେ ଅଛନ୍ତି। ସେ କଲେଜକୁ ନ ଯାଇ କାର୍ଯ୍ୟ ଦିବସରେ ବିଭିନ୍ନ ସଭାସମିତିରେ ଯୋଗ ଦେଉଛନ୍ତି। ଏପରି କି ସେ ନିଜକୁ ସାମ୍ବାଦିକ ବୋଲି ପରିଚୟ ଦେଉଛନ୍ତି। ଗୋଟିଏ ନୁହେଁ ସେ କୁଆଡେ ଏକାଧିକ ଖବରକାଗଜରେ କାମ କରୁଛନ୍ତି ବୋଲି କହୁଛନ୍ତି। ଏହା ଅଧପାକଙ୍କ ଦୈନନ୍ଦିନ କାର୍ଯ୍ୟ ବୋଲି ଦର୍ଶାଇ ସୋମବାର ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ ହୋଇଛି। ଏସମ୍ପର୍କି ଅଭିଯୋଗ ଜିଲାପାଳଙ୍କ ଡାଇରୀ ସଂଖ୍ୟା-୬୧୮୬/୦୨।୧୧।୧୯ରେ ପଞ୍ଜିକୃତ କରାଯାଇଛି। ଭାରପ୍ରାପ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି ଉକ୍ତ ଘଟଣାର ତଦନ୍ତ ଦାୟିତ୍ୱ ଯାଜପୁର ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳଙ୍କୁ ପ୍ରଦାନ କରିଛନ୍ତି। ଏସମ୍ପର୍କରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ଉଚ୍ଚ ଶିକ୍ଷା ବିଭାଗକୁ ଅବଗତ କରାଯିବ ବୋଲି ସୂଚନା ମିଳିଛି। ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ପ୍ରଣିତ ନୂତନ ଆଇନ ଅନୁସାରେ ପ୍ରତ୍ୟେକ କଲେଜରେ ବାୟୋ ମେଟ୍ରିକ ଯନ୍ତ୍ର ସଂଯୋଗ ହୋଇଛି। ପ୍ରତ୍ୟେକ ଅଧାପିକାଅଧାପକ ବାୟୋ ମେଟ୍ରିକ ଯନ୍ତ୍ରରେ ଅଙ୍ଗୁଠା ଛାପଦେଇ କଲେଜରେ ପ୍ରବେଶ କରିବେ। ଏହାଛଡ଼ା ୭ଘଣ୍ଟା କଲେଜରେ ବିତାଇବା ପରେ ପୁଣି ଯନ୍ତ୍ରରେ ଅଙ୍ଗୁଠା ଛାପଦେଇ ପ୍ରସ୍ଥାନ କରିବେ। ଏହି ନିୟମକୁ ଅଧାପକ ରଥ ଖୋଲାଖୋଲି ଉଲ୍ଲଙ୍ଘନ କରୁଛନ୍ତି। ରସୁଲପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ବୁଲି ସଭାସମିତିରେ ଯୋଗ ଦେଉଛନ୍ତି। ତାଙ୍କ ବିରୋଧରେ ପୂର୍ବରୁ ଅନେକ ଅଭିଯୋଗ ଥିଲେ ମଧ ଗତ ବୁଧବାର ଅପରାହ୍ନରେ ଖଣ୍ଡିତର ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ସୁ-ନେତ୍ର ଯୋଜନାରେ ଯୋଗଦେଇଥିଲେ। ପରଦିନ ପୁଣି ସେ ମଧାହ୍ନରେ କ୍ଷେତ୍ରପାଳ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ମଣ୍ଡଳସ୍ତରୀୟ ବିଜ୍ଞାନମେଳାରେ ଯୋଗଦେଇଥିଲେ। ଏ ସମ୍ପର୍କରେ ରଥଙ୍କୁ ପଚାରିବାରୁ ସେ ରାଗିଯାଇ ଗାଳିଗୁଲଜ କରିବା ସହ ତାଙ୍କର କେହି କିଛି କରିପାରିବେ ନାହିଁ ବୋଲି କହିଥିଲେ।

## ଭିନ୍ନକ୍ଷମଙ୍କ ପ୍ରତିଭାର ଉନ୍ମେଷରେ ସହାୟକ ହେବ ମଞ୍ଚ




ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ ଉତ୍ସବରେ ମଞ୍ଚାସୀନ ଅତିଥି।

**ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ**

**ଯାଜପୁର ଟାଉନ,୩।୧୨(ଡି.ଏନ୍.ଏ.)**

ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ସମଗ୍ର ଶିକ୍ଷା ବିଭାଗ ଓ ଜିଲା ସାମାଜିକ ସୁରକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭାପତି ନରେଶ ଚନ୍ଦ୍ର ମହାନ୍ତି ଯୋଗଦେଇ ଭିନ୍ନକ୍ଷମଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଅନେକ ଯୋଜନା ସରକାର କରିଛନ୍ତି ବୋଲି କହିଥିଲେ। ତେବେ ସେମାନଙ୍କ ମଧରେ ଥିବା ପ୍ରତିଭାର ଉନ୍ମେଷ ପାଇଁ ଏହିଭଳି ମଞ୍ଚ ଅନେକ ସହାୟତା ଦେଇପାରିବ ବୋଲି ମହାନ୍ତି କହିଥିଲେ। ମୁଖ୍ୟବକ୍ତାଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ ଯୋଗଦେଇ ଭିନ୍ନକ୍ଷମଙ୍କ ଦକ୍ଷତା ଅନେକ କ୍ଷେତ୍ରରେ ପତିଷ୍ଠା ଲାଭ କରିଛି। ତେବେ ନିଜର ଅଧିକାର ଓ ହକ୍ ପ୍ରତି ସଚେତନ ହେଲେ ପ୍ରତିଟି ଭିନ୍ନକ୍ଷମ ଉପକୃତ ହୋଇପାରିବେ ବୋଲି ସେ କହିଥିଲେ। ଜିଲା ଶିକ୍ଷା ଅଧିକାରୀ କୃଷ୍ଣ ଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏଡିଏମ୍‌ଓ ରୁଦ୍ର ପ୍ରତାପ କର, ଯାଜପୁର ବିଡିଓ ସୌରଭ ଚକ୍ରବର୍ତ୍ତୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ଭିନ୍ନକ୍ଷମ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ବିଶ୍ୱ ଏଡ୍‌ସ ଦିବସ ପାଳିତ

**ଚଣ୍ଡିଖୋଲ,୩।୧୨(ଡି.ଏନ୍.ଏ.):** ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟସ୍ଥିତ ବିଷ୍ଣୁସାମନ୍ତରାୟ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ରେଡ ରିବନ କ୍ଲବ ଓ ଯୁବ ରେଡ କ୍ରସର ମିଳିତ ଆନୁକୁଲ୍ୟରେ ବିଶ୍ୱ ଏଡ୍ସ ଦିବସ ରବିବାର ପାଳିତ ହୋଇଛି। ମହାବିଦ୍ୟାଳୟର ଅଧକ୍ଷ ସତ୍ୟବ୍ରତ ପୃଷ୍ଟି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ବିଶ୍ୱ ଏଡ୍ସ ଦିବସର ତାତ୍ପର୍ଯ୍ୟ ବିଷୟରେ ଆଲୋଚନା କରିବା ସହିତ ସୁସ୍ଥ ପରିବାର, ସୁସ୍ଥ ଶରୀର, ସୁସ୍ଥ ସମାଜ ଗଠନ କରିବାରେ ଯୁବପିଢିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଦୀପ କୁମାର ବରାଳ ଯୋଗ ଦେଇ ରୋଗକୁ ଘୃଣା କର, ରୋଗୀକୁ ନୁହଁ। ଏଡ୍ସ ଆକ୍ରାନ୍ତ ରୋଗୀକୁ ସମବେଦନା ଓ ସହାନୁଭୂତି ଜଣାଇବା ସହିତ ରୋଗକୁ ପ୍ରତିରୋଧ କରିବା ପାଇଁ ବ୍ୟାପକ ଜନ ସଚେତନତା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ନିକଟସ୍ଥ ବରଅଠା, କୋଳିଅଠା, ମହନପୁର, ଅରଖ ପୁର ଓ ଗଡଡ଼ପାଟଣା ଆଦି ଗ୍ରାମ ପରିକ୍ରମା କରି ଲୋକଙ୍କୁ ଏଡ୍‌ସ ରୋଗ ବିଷୟରେ ସଚେତନ କରିଥିଲେ।

## ଟେନିସ୍ ପ୍ରଚାର ପାଇଁ ମିନି ମାରାଥନ୍



ମିନିମାରାଥନ ଉତ୍ସବରେ ଜଣେ କୃତୀ ଯୁବତୀଙ୍କୁ ପୁରସ୍କୃତ କରାଯାଉଛି।

**ଯାଜପୁର ଟାଉନ,୩।୧୨(ଡି.ଏନ୍.ଏ.)**

ଟେନିସ୍ ଖେଳକୁ ପ୍ରୋତ୍ସାହିତ କରିବା ନିମନ୍ତେ କଳିଙ୍ଗ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍(କେଜିଆଇ) ପ୍ରଚେଷ୍ଟା ଜାରି ରଖିଛି। ଏଥିପାଇଁ ଯାଜପୁର ଜିଲାରେ ମିନି ମାରାଥନ କରି ଖେଳାଳିମାନଙ୍କୁ ସୁଯୋଗ ଦେବାପାଇଁ ଯୋଜନା ଜାରି ରଖିଛି। ମଙ୍ଗଳବାର କେଜିଆଇ୍ ତରଫରୁ ଟେନିସ୍ ଖେଳ ପାଇଁ ଗଠିତ କେଜିଆଇ ଯାଜପୁର ସୁଟର୍ସ ଦ୍ୱାରା ଆୟୋଜିତ ମିନିମାରାଥନ୍ ଦୌଡ଼କୁ ଯାଜପୁର ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ଓ ଯାଜପୁର ପୌରପାଳିକାର ପୂର୍ବତନ ଅଧକ୍ଷ ଭବ ପ୍ରସାଦ ଦାସ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ମିନି ମାରାଥନ ଦୌଡ଼ ସ୍ଥାନୀୟ ଏନ୍.ସି କଲେଜଠାରୁ ଆରମ୍ଭ ହୋଇ ବାଳାଶ୍ରମ ପଡ଼ିଆଠାରେ ଶେଷ ହୋଇଥିଲା। ସେଠାରେ କେଜିଆଇ ଯାଜପୁର ସୁଟର୍ସ ଅଧକ୍ଷ ଇଂ. ଆଲେକ୍‌ଜାଣ୍ଡାର ଦାସଙ୍କ ଅଧକ୍ଷତାରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଅତିଥିଭାବେ ଉପଜିଲାପାଳ ଧଳ, ଜିଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥ, ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ ଦେବାମୃତ ସାହୁ, ଜିଲା ଦିବ୍ୟାଙ୍ଗ କମିଟି ଅଧକ୍ଷ ମଣ୍ଟୁ ଦାସ ପ୍ରମୁଖ ଯୋଗଦେଇ ଯାଜପୁର ଜିଲାରେ ଟେନିସ ଖେଳର ଉନ୍ନତି ପାଇଁ ସମସ୍ତଙ୍କର ଉଦ୍ୟମ ଆବଶ୍ୟକ ବୋଲି ପ୍ରକାଶ କରିଥିଲେ। ଏହି ମିନି ମାରାଥନ୍ ଦୌଡ଼ରେ ମହିଳାଙ୍କ ମଧ୍ୟରୁ ପ୍ରଥମସ୍ଥାନ ଅଧିକାର କରିଥିବା ଅର୍ଚ୍ଚନା ଜେନା, ୨ୟ ସ୍ଥାନ ଅଧିକାର କରିଥିବା ରଞ୍ଜିତା ଦାସ ଓ ୩ୟ ସ୍ଥାନ ପାଇଥିବା ବେବିରାଣୀ ରାଉତ ଓ ପୁରୁଷ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଯାଜପୁର ଟାଉନ୍‌ର ଗୁଲସନ୍ ମହାପାତ୍ର, ୨ୟ ସ୍ଥାନ ଅଧିକାର କରିଥିବା ଯାଜପୁର ଟାଉନ୍‌ର ରମେଶ ପୃଷ୍ଟି ଓ ୩ୟ ସ୍ଥାନ ଅଧିକାର କରିଥିବା ତପନ କୁମାର ସାହୁଙ୍କୁ ପୁରସ୍କୃତ କରାଯାଇଥିଲା।

## ■ ବଢୁଛି ଗଳିପୋଲ ନିର୍ମାଣ ବିବାଦ

# ସତ୍‌ସଙ୍ଗ କେନ୍ଦ୍ର ନିକଟରେ ପୋଲ ନିର୍ମାଣ ଦାବି

**ରସୁଲପୁର,୩।୧୨(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ଉପରେ ଗଳିପୋଲ ନିର୍ମାଣ ପାଇଁ ବିବାଦ ଛିଡୁନି। ଏହି ବିବାଦ ଦିନକୁ ଦିନ ବଢ଼ିବାରେ ଲାଗିଛି। ରାଜପଥର ବିଲିପଡ଼ା ଓ ସୁଆଁସାହି ଗ୍ରାମ ନିକଟରେ ରାଜପଥକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତା ଉପରେ ଗଳିପୋଲ ନିର୍ମାଣ ପ୍ରସ୍ତାବକୁ ନେଇ ବିବାଦ ଦେଖା ଦେଇଛି। ଏଠାରେ ଉଭୟ ବିଲପଡ଼ା ଓ ସୁଆଁସାହି ଗ୍ରାମର ଲୋକେ ନିଜ ନିଜର ପ୍ରସ୍ଥାବିତ ସ୍ଥାନରେ ଗଳିପୋଲ ନିର୍ମାଣ ପାଇଁ ଜିଦ୍ ଧରି ବସିଛନ୍ତି। ଏହାରି ଭିତରେ ଆଉ ଏକ ନୂଆ ସ୍ଥାନ ବାହାଦଲାପୁର ଗାଁରୁ ରାଜପଥକୁ ପୂର୍ତ୍ତବିଭାଗ ରାସ୍ତାର ସଂଯୋଗ ସ୍ଥଳ (ସତ୍‌ସଙ୍ଗକେନ୍ଦ୍ର) ନିକଟରେ ଗଳି ପୋଲ ନିର୍ମାଣ ପାଇଁ ସୋମବାର ଯାଜପୁର ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ବାହାଦଲାପରୁ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶିଶିର କୁମାର ମହାନ୍ତି ଦାବି କରିଛନ୍ତି। ଏହି ଅଭିଯୋଗ ହେବା ପରେ ଗଳି ପୋଲ ନିର୍ମାଣକୁ ନେଇ ପୁଣି ଏକ ନୂଆ ବିବାଦ ଦେଖାଦେଇଛି। ଏହିଭଳି ଟଣାଓଟରା ପାଇଁ ଗଳିପୋଲ ନିର୍ମାଣ କାର୍ଯ୍ୟ ବିଳମ୍ବ ହେବାରେ ଲାଗିଛି। ଫଳରେ ଦୈନିକ ଦୁର୍ଘଟଣା ଘଟି ଅକାଳରେ ଧନଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ଏଦିଗରେ ଏକ ଆପୋଷ ସମାଧାନ କରାଯାଇ ତୁରନ୍ତ ଗଳିପୋଲ ନିର୍ମାଣ କରାଯିବା ପାଇଁ ସାଧାରଣରେ ଦାବି ହେଉଛି ।

ସୂଚନା ଅନୁସାରେ, ୧୬ନଂ ଜାତୀୟ ରାଜପଥର ପଶ୍ଚିମ ପାର୍ଶ୍ୱରେ ପ୍ରାୟତଃ ୨୦୦ମିଟର ବ୍ୟବଧାନରେ ୨ଟି ପୂର୍ତ୍ତ ବିଭାଗ ରାସ୍ତା ସଂଯୋଗ କରୁଛି। ପ୍ରାରମ୍ଭରେ ଏହି ରାସ୍ତାର ସୁଆଁସାହି ଛକ ନିକଟରେ ଗଳିପୋଲ ନିର୍ମାଣ ପାଇଁ ପ୍ରସ୍ତାବ ଥିଲା ବୋଲି ରସୁଲପୁର ପଞ୍ଚାୟତର ସୁଆଁସାହି ଓ ଖଣ୍ଡିତର ଗ୍ରାମର ଲୋକେ ଦାବି କରିଆସୁଛନ୍ତି। ଏହାଜାଣି ଗଳିପୋଲ ନିର୍ମାଣ ପ୍ରସ୍ତାବକୁ ଭୋଟକା ଓ ବାହାଦଲାପୁର ପଞ୍ଚାୟତର ଲୋକେ ବିରୋଧ କରିଥିଲେ। ଏନେଇ ଉଭୟ ପଞ୍ଚାୟତର ଲୋକେ ୨୫ମାର୍ଚ୍ଚରେ ଉଚ୍ଚନ୍ୟାୟାଳରେ ମାମଲା ଦାୟର କରିଥିଲେ। ମାନ୍ୟବର ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶ ମୁତାବକ ଗତ ଏପ୍ରିଲ ୪ତାରିଖରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ବିଲିପଡ଼ାଠାରେ ଗଳିପୋଲ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ କରିବା ସହ କାର୍ଯ୍ୟ ଆରମ୍ଭ କରିଥିଲେ। ହେଲେ ଏହାକୁ ସୁଆଁସାହି ଓ ଖଣ୍ଡିତର ଗ୍ରାମର ଲୋକେ ବିରୋଧ କରିଥିଲେ। ଏହାକୁ ନେଇ ବିବାଦ ଦେଖାଯିବାରୁ ଏହାର ଅପୋଷ ସମାଧାନ କରିବା ପାଇଁ ଉଭୟ କୋରେଇ, ଧର୍ମଶାଳା ବିଧାୟକ, ସ୍ଥାନୀୟ ସରପଞ୍ଚ, ରାଜପଥ କର୍ତ୍ତୃପକ୍ଷ, ପ୍ରଶାସନିକ ଅଧିକାରୀଙ୍କୁ ନେଇ ଏକ ବୈଠକ ବସିଥିଲା। ଏପରି କି ଖୁବ୍‌ଶୀଘ୍ର ଗଳି ପୋଲ ନିର୍ମାଣ ପାଇଁ ବାଟ ବାହାରିବ ବୋଲି ପ୍ରକାଶ କରିଥିଲେ। ହେଲେ ଗଳିପୋଲ ନିର୍ମାଣ ମାମଲା ଏବେ କୋର୍ଟ ଛନ୍ଦି ହୋଇପଡ଼ିଛି। ସୁଆଁସାହି ଓ ଖଣ୍ଡିତର ଗ୍ରାମର ଲୋକେ ଜିଲପାଳଙ୍କ ନିକଟରେ ଅଭିଯୋଗ କରିବା ପରେ ଏହି ମାମଲାକୁ ନେଇ ଉଚ୍ଚ ନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ଦାୟର କରିଛନ୍ତି। ଏପଟେ ଗଳିପୋଲ ନିର୍ମାଣକୁ ନେଇ ବାହଦାଲାପୁର ପଞ୍ଚାୟତ ପକ୍ଷରୁ ଏକ ନୂଆ ପ୍ରସ୍ତାବ ଆସିବା ପରେ ରାଜପଥରେ ଗଳିପୋଲ ନିର୍ମାଣ କାର୍ଯ୍ୟ କ୍ରମଶଃ ଅସ୍ପଷ୍ଟ ହେବାରେ ଲାଗିଛି। ଏଦିଗରେ ବାହାଦଲାପରୁ ପଞ୍ଚାୟତର ଲୋକେ କୋର୍ଟକୁ ଯିବେ ବୋଲି ସୂଚନା ମିଳିଛି। ତେବେ ଏଠାରେ ୩ଟି ଗଳିପୋଲ ନିର୍ମାଣ ହେବା ନେଇ ପ୍ରସ୍ଥାବ ଆସିବା ପରେ ଏହା ପ୍ରଶାସନ ଓ ରାଜପଥ କର୍ତ୍ତୃପକ୍ଷଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଫଳରେ ଗଳିପୋଲକୁ ନେଇ ବିବାଦ ଛିଡ଼ିବା ବଦଳରେ ବଢୁଛି। ଯାହାକୁ ନେଇ ପ୍ରଶାସନ ଚିନ୍ତାରେ ପଡ଼ିଯାଇଛି।



ଗଳିପୋଲ ନିର୍ମାଣ ପାଇଁ ଜିଲାପାଳଙ୍କ ଶୁଣାଣିରେ ଦାବିପତ୍ର ପ୍ରଦାନ କରାଯାଉଛି।

ଭାପୁର ବ୍ଲକରେ ଦୁର୍ନୀତିର ତଦନ୍ତ, ଏବିଡିଓଙ୍କ ବଦଳି ଦାବି

# ଆମରଣ ଅନଶନରେ ବସିଲେ ଜନପ୍ରତିନିଧି

**ନୟାଗଡ଼ ଅଫିସ/ଭାପୁର, ୩।୧୨ (ଡି.ଏନ୍.ଏ.)**

ନୟାଗଡ଼ ଜିଲା ଭାପୁର ବ୍ଲକରେ ହୋଇଥିବା ବିଭିନ୍ନ ଦୁର୍ନୀତିର ତଦନ୍ତ ଓ ଏବିଡିଓଙ୍କ ବଦଳି ଦାବିରେ ମଙ୍ଗଳବାର ପଞ୍ଚାୟତ ଲୋକପ୍ରତିନିଧି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ପୂର୍ବାହ୍ନ ୧୧ଟାରେ ଯୁବନେତା ଜିତେନ୍ଦ୍ର କୁମାର ରଣସିଂଙ୍କ ନେତୃତ୍ୱରେ ଗୋଳାପୋଖରୀ ସମିତିସଭ୍ୟା ସସ୍ମିତା ସାହୁ, ସରପଞ୍ଚ ଲକ୍ଷ୍ମୀଧର ସାମନ୍ତରାୟ, ଚକ୍ରଧର ପ୍ରସାଦ ସମିତିସଭ୍ୟ ପ୍ରଦୀପ ଜେନା, ଭଗବାନପୁର ସମିତିସଭ୍ୟ ବସନ୍ତ କୁମାର ପ୍ରଧାନ, ଭାପୁର ସମିତିସଭ୍ୟା ବିଷ୍ଣୁପ୍ରିୟା ନାୟକଙ୍କ ସମେତ ବିଜେଡିର ୨୧ ଜଣ ସକ୍ରିୟ କର୍ମୀ ବ୍ଲକ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନରେ ବସିଥିଲେ। ଏମାନଙ୍କୁ ସମର୍ଥନ କରି ଶତାଧିକ ବ୍ୟକ୍ତି ଅନଶନରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା।



ଅନଶନରେ ବସିଥିବା ଲୋକପ୍ରତିନିଧିମାନେ।

ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁଯାୟୀ, ଭାପୁର ବ୍ଲକରେ ପ୍ରାୟ ବର୍ଷେ ହେଲା ବିଡିଓ ପଦବୀ ଖାଲି ପଡ଼ିଥିବା ବେଳେ ଏବିଡିଓ ଅନ୍ତର୍ଯ୍ୟାମୀ ଦାସ ଅତିରିକ୍ତ ଦାୟିତ୍ୱରେ ଅଛନ୍ତି। ଦାସଙ୍କ ସମୟରେ ବ୍ଲକରେ ଦୁର୍ନୀତି ସୀମା ଟପିବାରେ ଲାଗିଛି। ବିଭିନ୍ନ ସରକାରୀ ଯୋଜନାରେ ସାମିଲ ହେବା ପାଇଁ ମୋଟା ଆକାରର ଅର୍ଥ ଦାବି କରାଯାଉଛି। ତାହା ନ ଦେଲେ ହିତାଧିକାରୀଙ୍କୁ ଯୋଜନାରୁ ବଞ୍ଚିତ କରାଯାଉଛି। ସେହିଭଳି ପିସି ନ ଦେଲେ କୌଣସି ଠିକାଦାରଙ୍କ ବିଲ୍ ହେଉନାହିଁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏସ୍ଇସିସି ତାଲିକାରେ ନାମ ଥିବା ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦିଆଯାଇ ପକ୍କାଘର ଥିବା ବ୍ୟକ୍ତିଙ୍କଠାରୁ ୨୦ରୁ ୩୦ ହଜାର ଟଙ୍କା ଲାଞ୍ଚ ନେଇ କାର୍ଯ୍ୟାଦେଶ ଦିଆଯାଇଛି। ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଆମ ଗାଁ ଆମ ବିକାଶ, ରାଜ୍ୟ ସଭା ହାତପାଣ୍ଠି, ଫନୀ, ଗୋପବନ୍ଧୁ ଗ୍ରାମୀଣ ଯୋଜନା ଓ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟରେ କାମ କରା ନ ଯାଇ ମିଥ୍ୟା ବିଲ୍ ମାଧ୍ୟମରେ କୋଟି କୋଟି ଟଙ୍କା ହଡ଼ପ କରାଯାଇଛି। ୨୨ ପ୍ରତିଶତ ପିସି ନ ଦେଲେ କୌଣସି କାର୍ଯ୍ୟର ବିଲ୍ ପାସ ହେଉ ନ ଥିବା ଜନପ୍ରତିନିଧିମାନେ ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ ଏବିଡିଓଙ୍କୁ ବଦଳି ସହ ସପ୍ତାହକ ଭିତରେ ବ୍ଲକରେ ହୋଇଥିବା ବିଭିନ୍ନ ଦୁର୍ନୀତିର ତଦନ୍ତ ପାଇଁ ଅନଶନକାରୀ ଦାବି କରିଛନ୍ତି। ଅନ୍ୟପକ୍ଷେ ଆନ୍ଦୋଳନସ୍ଥଳରେ ଏକ ଭିନ୍ନ ଚିତ୍ର ଦେଖିବାକୁ ମିଳିଥିଲା। ବିଜୁ ଜନତା ଦଳର ଗୋଟିଏ ଗୋଷ୍ଠୀ ପ୍ରଶାସନକୁ ବିରୋଧ କରି ଅନଶନରେ ବସିଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ପ୍ରଶାସନକୁ ସମର୍ଥନ କରିଥିବା ଦେଖାଯାଇଥିଲା। ଶେଷ ଖବର ଅନୁଯାୟୀ ଅପରାହ୍ନ ୪ଟା ୩୦ରେ ଭାପୁର ତହସିଲଦାର ଡ. ସୁନିତା ଜେନା ଘଟଣାସ୍ଥଳରେ ପହଞ୍ଚି ଅନଶନକାରୀଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ସେମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଏ ନେଇ ଏବିଡିଓ ଦାସଙ୍କୁ ପଚାରିବାରୁ ସେ ପୂର୍ବପରି ତାଙ୍କ ନିକଟରେ ଦୁର୍ନୀତି ସମ୍ପର୍କରେ କୌଣସି ଅଭିଯୋଗ ନ କରି ଜନପ୍ରତିନିଧିମାନେ ଅନଶନରେ ବସିଛନ୍ତି ବୋଲି କହିଥିଲେ। ସୂଚନାଯୋଗ୍ୟ ଭାପୁର ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା, ପରିମଳ ଯୋଜନା ଏବଂ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଦି ଯୋଜନାଗୁଡିକରେ ଅନିୟମିତତା ହୋଇଥିବା ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ଅଭିଯୋଗ ଆଣିଛନ୍ତି। ଏପରି କି ଏସବୁ ଅଭିଯୋଗ ନେଇ ଗତ ସପ୍ତାହରେ ଲୋକପ୍ରତିନିଧିମାନେ ଜିଲାପାଳଙ୍କଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ବିଭିନ୍ନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାର କିଛି ସମାଧାନ ନ ହେବାରୁ ସେମାନେ ଆମରଣ ଅନଶନରେ ବସିଛନ୍ତି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୋଳଥ ବୋତି**
**କାଳୀ ଗୋଡ଼ରେ ହଳଦୀ ବୋଳିଲେ**
**କଉଡ଼ି କ୍ଷତି।**

ଯେତେ ବାହ୍ୟ ଉପଚାର କଲେ ବି ଦେହର ପ୍ରକୃତ ରଙ୍ଗ କେବେ ବଦଳିପାରି ନ ଥାଏ। ଶ୍ୟାମଳ ଦେହକୁ ଯେତେ ଘଷିମାଜିଲେ କି ହଳଦୀ ମାଖିଲେ ଦେହର ବର୍ଣ୍ଣ ଗୋରା ହୋଇପାରି ନ ଥାଏ। ସେ ନେଇ କରାଯାଉଥିବା ସକଳ ଚେଷ୍ଟା ବୃଥା ପ୍ରମାଣିତ ହୋଇଥାଏ। ହଳଦୀ ରଙ୍ଗରେ ଶ୍ୟାମଳ ବର୍ଣ୍ଣ ଗୋରା ହୁଏନା ବରଂ ଅର୍ଥ ନଷ୍ଟ ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**କଅଁଳ କାକୁଡ଼ି ବହଳ ଚୋପା**
**କାଟିଦେଲି ପରିବାକୁ**
**ଅଳପ ଦିନକୁ ବହୁତ କଥା**
**ଝୁରି ଝୁରି ମରିବାକୁ।**

ଅଳ୍ପ ସମୟ ଭିତରେ ବ୍ୟକ୍ତି ଏତେ ଭଲ କାମ କରିଥାଏ ଯେ ମୃତ୍ୟୁବରଣ କଲେ ତା'କଥା ସୁମରିବାକୁ ସମସ୍ତେ ବାଧ ହୁଅନ୍ତି। ତାଙ୍କ ଗୁଣଗ୍ରାମ ଏତେ ମୁଗ୍ଧକର ହୋଇଥାଏ ଯେ ସେ ମରିଗଲା ପରେ ବି ପିତାମାତା, ଜ୍ଞାତିକୁଟୁମ୍ବ, ପରିଜନ ଆଖିରୁ ଲୁହ ଗଡ଼ାଇବା ସହ ବାହୁନିଥାନ୍ତି। ସେମାନେ ଅଳ୍ପଦିନ ମଧ୍ୟରେ ବେଶି ଭଲ କାମ କରି ଭଲ ଗୁଣ ଦେଖେଇ ଚାଲିଯାଆନ୍ତି। ପରୋକ୍ଷରେ ଅଳ୍ପଦିନର ଘନିଷ୍ଠତା ମନରେ ବହୁ ସ୍ମୃତି ସାଇତି କରି ରଖିଦିଏ ଯାହାକି ମନକୁ ଏକାନ୍ତରେ ଘାରି ଦେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି:

# ଭିଜିଲାନ୍ସ ଜାଲରେ ଖଣ୍ଡପଡ଼ା ତହସିଲ ଅଫିସ୍ ମୁଖ୍ୟ କିରାଣି

**ଖଣ୍ଡପଡା, ୩।୧୨(ସ୍ୱ.ପ୍ର.)**

ନୟାଗଡ ଜିଲା ଖଣ୍ଡପଡା ତହସିଲ କାର୍ଯ୍ୟାଳୟର ମୁଖ୍ୟ କିରାଣି ଦିଗାମ୍ବର ମହାନ୍ତି ଜନୈକ ବ୍ୟକ୍ତିଙ୍କଠାରୁ ଲାଞ୍ଚ ଟଙ୍କା ଗ୍ରହଣ କରିବା ବେଳେ ମଙ୍ଗଳବାର ଭୁବନେଶ୍ୱର ଭିଜିଲାନ୍ସ ଟିମ୍ ହାତରେ ଧରାପଡିଛନ୍ତି। ତାଙ୍କୁ ଗିରଫ କରାଯାଇ ଭୁବନେଶ୍ୱର ନିଆଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, କଣ୍ଟିଲୋ ପଞ୍ଚାୟତ ଅନ୍ତର୍ଗତ ଖୁଦବେହେରା ପାଟଣା ଗ୍ରାମର ଅଶୋକ କୁମାର ମହାରଣା ଏକ ଜାଗାର ପଟ୍ଟା ପାଇବା ପାଇଁ ଗତ ୨ ବର୍ଷ ଧରି ତହସିଲ କାର୍ଯ୍ୟାଳୟକୁ ଦୌଡୁଥିଲେ ମଧ୍ୟ ପଟ୍ଟା ପାଇବାରେ ଅଯଥା କାଳକ୍ଷେପଣ ନୀତି ଯୋଗୁ ସେ ଅତିଷ୍ଠ ହୋଇ ପଡିଥିଲେ। ଗତ ୧୦ ଦିନ ତଳେ ଅଶୋକ ଖଣ୍ଡପଡା ତହସିଲ କାର୍ଯ୍ୟାଳୟକୁ ଆସି ମୁଖ୍ୟ କିରାଣି ତଥା ବଡବାବୁଙ୍କୁ ସାକ୍ଷାତ କରି ଜାଗାର ପଟ୍ଟା ଦେବା ପାଇଁ ନିବେଦନ କରିଥିଲେ। ତେବେ ଏ ବାବଦରେ ୨ ହଜାର ଟଙ୍କା ଦେବାକୁ ବଡବାବୁ ଦାବି କରିଥିଲେ। ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଦୌଡି ଅଶୋକ ନିରାଶ ହୋଇଥିବାରୁ ବଡବାବୁଙ୍କ କହିବାନୁସାରେ ଟଙ୍କା ଦେବାକୁ ରାଜି ହୋଇଥିଲେ। ପରେ ଏ ସମ୍ପର୍କରେ ଅଶୋକ ଭୁବନେଶ୍ୱର ଭିଜିଲାନ୍ସ ଟିମ୍‌କୁ ଜଣାଇଥିଲେ। ପୂର୍ବ ପ୍ରସ୍ତୁତି କ୍ରମେ ଭିଜିଲାନ୍ସ ଟିମ୍ ମଙ୍ଗଳବାର ତହସିଲ କାର୍ଯ୍ୟାଳୟ ପରିସରରେ ପୂର୍ବରୁ ଛପି ରହିଥିବାବେଳେ ଅଶୋକ ତହସିଲ ବଡବାବୁ ଦିଗାମ୍ବରଙ୍କୁ ଭେଟି ୨ ହଜାର ଟଙ୍କା ପ୍ରଦାନ କରିଥିଲେ। ସେହି ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରି ନେଇଥିଲେ। ଭୁବନେଶ୍ୱର ଭିଜିଲାନ୍ସ ଡିଏସପି ଅକ୍ଷୟ କୁମାର ମିଶ୍ରଙ୍କ ନେତୃତ୍ୱରେ ଇନ୍ସପେକ୍ଟର ମନୋରଞ୍ଜନ ପାଇକରାୟ, ସରିତା ତ୍ରିପାଠୀ, ସେଖ୍ ଅବଦୁଲ ବସିଦଙ୍କ ସମେତ ଅନ୍ୟ କର୍ମଚାରୀମାନେ ଚଢାଉ ଅଭିଯାନରେ ସାମିଲ ହୋଇଥିଲେ। ପ୍ରକାଶଥାଉ କି ଏଥିପୂର୍ବରୁ ଗତ ଜାନୁୟାରୀ ମାସରେ ରଣପୁର ତହସିଲ କାର୍ଯ୍ୟାଳୟରେ ଲାଞ୍ଚ ନେଉଥିବା ବେଳେ ଦିଗାମ୍ବର ମଧ୍ୟ ଭିଜିଲାନ୍ସ ଟିମ୍ ଦ୍ୱାରା ଗିରଫ ହୋଇଥିଲେ। ଭିଜିଲାନ୍ସ ଟିମ୍ ଖଣ୍ଡପଡା ତହସିଲ ରେକର୍ଡ ରୁମ୍‌ରେ କାଗଜପତ୍ର ଯାଞ୍ଚ କରିବା ସହ ମୁଖ୍ୟ କିରାଣିଙ୍କ ଟେବୁଲ ଉପରେ ଥିବା ଫାଇଲପତ୍ର ଯାଞ୍ଚ କରିଥିଲେ। ତହସିଲ କାର୍ଯ୍ୟାଳୟରେ ଚଢାଉ ବେଳେ ଅନ୍ୟ କର୍ମଚାରୀମାନେ କାର୍ଯ୍ୟାଳୟ ଛାଡି ଅନ୍ୟତ୍ର ପଳାଇ ଯାଇଥିଲେ। ଭିଜିଲାନ୍ସ ଟିମ୍‌ର ଚଢାଉ ପରେ ଖଣ୍ଡପଡା ବାର୍ ଆସୋସିଏଶନର ସଭ୍ୟମାନେ ତହସିଲ କାର୍ଯ୍ୟାଳୟରେ ଚାଲିଥିବା ଦୁର୍ନୀତି ସମ୍ପର୍କରେ ଭିଜିଲାନ୍ସ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।



ଦିଗାମ୍ବର ମହାନ୍ତି।

# ବିଶ୍ୱ ଭିନ୍ନକ୍ଷମ ଦିବସ

**ଦଶପଲ୍ଲା, ୩।୧୨(ଡି.ଏନ୍.ଏ.)**

ତାଲୁକ ଆଇନସେବା କମିଟି ପକ୍ଷରୁ ଦଶପଲ୍ଲା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟ ପରିସରରେ ମଙ୍ଗଳବାର ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ବିଚାରପତି ମିର୍ଜା ଅସଲାମ୍ ବେଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଆଇନଜୀବୀ ହାଡ଼ିବନ୍ଧୁ ସାହୁ, କୃଷ୍ଣଚନ୍ଦ୍ର ଦାସ, ବେଣୁଧର ନାୟକ, ଦେବଦତ୍ତ ମହାପାତ୍ର, ଡା. ପ୍ରଫୁଲ୍ଲ ଦାଶ ପ୍ରମୁଖ ଯୋଗଦାନ କରି ଦିବ୍ୟାଙ୍ଗମାନଙ୍କ ପାଇଁ ଥିବା ଆଇନ ବିଷୟରେ ଆଲୋଚନା କରିଥିଲେ। ସେମାନେ ଭିନ୍ନକ୍ଷମ ନୁହନ୍ତି, ବରଂ ସକ୍ଷମ ବୋଲି ଅତିଥିମାନେ କହିବା ସହ ଭିନ୍ନକ୍ଷମ ଅଧିକାର ଆଇନ ୨୦୧୬ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଦ୍ମାଳୟା ମହାପାତ୍ର, ଲକ୍ଷ୍ମୀଧର ବେହେରା ପ୍ରମୁଖ ଯୋଗଦେଇ ଏହି ଦିବସ ଉପରେ ଉଦ୍‌ବୋଧନ ଦେଇଥିଲେ। ଆଇନଜୀବୀ ଆଲୋକ କୁମାର ସେନାପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଗୁଳିମାଡ଼ରେ ଯୁବକ ଗୁରୁତର



**ନୟାଗଡ଼ ଅଫିସ, ୩।୧୨**

ନୟାଗଡ଼ ବ୍ଲକ ଇଟାମାଟି ଥାନା ତେନ୍ତୁଳିଆପଲ୍ଲୀ ଗ୍ରାମରେ ମଙ୍ଗଳବାର ଗୁଳିମାଡ଼ରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଗ୍ରାମର ଜନାର୍ଦ୍ଦନ ନାୟକ (୨୩)। ମିଳିଥିବା ସୂଚନା ଅନୁସାରେ ଜନାର୍ଦ୍ଦନ ସନ୍ଧ୍ୟାରେ ଗାଁ ମୁଣ୍ଡରେ ଥିବା ଇଟାଭାଟିରେ ନିଆଁ ଲଗାଉଥିବା ବେଳେ ସେହି ଗ୍ରାମର ଶରତ ନାୟକ ଓରଫ ଶ୍ୟାମ ହଠାତ୍ ସେଠାରେ ପହଞ୍ଚି ତାଙ୍କୁ ଏକ ଦେଶୀ ବନ୍ଧୁକରେ ଗୁଳି କରିଥିଲେ। ଜନାର୍ଦ୍ଦନଙ୍କ ବାମ ଗୋଡ଼ରେ ଗୁଳି ବାଜିବାରୁ ସେ ଚିତ୍କାର କରି ତଳେ ପଡ଼ି ଯାଇଥିଲେ। ଗୁଳି ଶବ୍ଦ ଶୁଣି ଗ୍ରାମବାସୀ ସେଠାରେ ପହଞ୍ଚି ଶରତଙ୍କୁ କାବୁ କରି ନେଇଥିଲେ। ପରେ କୌଶଳକ୍ରମେ ଶରତ ଖସି ପଳାଇଥିଲେ। ଗ୍ରାମବାସୀ ଆହତ ଜନାର୍ଦ୍ଦନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଇଟାମାଟି ପୋଲିସ ତେନ୍ତୁଳିଆପଲ୍ଲୀ ଗ୍ରାମରେ ପହଞ୍ଚି ତଦନ୍ତ କରୁଥିବା ବେଳେ ଶରତ ଫେରାର ଥିବା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ପ୍ରକାଶ କରିଛନ୍ତି।

## ପଠାଣି ସାମନ୍ତଙ୍କ ଜୟନ୍ତୀ ପାଳନ ନେଇ ପ୍ରସ୍ତୁତି ବୈଠକ

**ଖଣ୍ଡପଡା, ୩।୧୨(ସ୍ୱ.ପ୍ର)**

ଖଣ୍ଡପଡା ସହରର ବଜାର ମଧ୍ୟରେ ଅବସ୍ଥିତ ପଠାଣି ସାମନ୍ତ ସ୍ମୃତି ମନ୍ଦିର ପରିସରରେ ସାମନ୍ତଙ୍କ ପବିତ୍ର ଜୟନ୍ତୀ ଉତ୍ସବ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସ୍ଥାୟୀ ସଭାପତି ରତ୍ନାକର ରଥଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ବରିଷ୍ଠ ସଦସ୍ୟମାନେ ଯୋଗଦେଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଆସନ୍ତା ଡ଼ିସେମ୍ବର ୨୪ରେ ସାମନ୍ତଙ୍କ ଜୟନ୍ତୀ ଉତ୍ସବ ପାଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଅନୁଷ୍ଠାନର ସମ୍ପାଦକ ବିନାୟକ ସାହୁ ବିବରଣୀ ପାଠ କରିଥିଲେ। ବରିଷ୍ଠ ସଭ୍ୟ ତଥା ଖବରଦାତା ବିନାୟକ ମିଶ୍ର, ପୂର୍ବତନ କାଉନସିଲର ପ୍ରଦୀପ୍ତ କୁମାର ସାହୁ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

CLASSIFIED DISPLAY

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE
ସତ୍ୟମ୍ ଫାଇନାନ୍ସ
9953125459
9667227985
Sec-102, Sukh Complex, Noida (Delhi)

NATIONAL FINANCE
9473568261

KUBER FINANCE
All Odisha
★ Mudra Loan
★ Cash Credit Loan
★ Vehicle Loan
★ Agriculture Loan
★ Personal Loan
★ Business Loan
★ Mortgage Loan
★ Housing Loan
All types of Loan@ 1% Interest 50% Subsidy
Fund Received in 24 Hours
7599779418, 9599068151

MAHESHWARI FINANCE
E-mail - maheshwarifinance111@gmail.com
Ph - 9716825082
9716001694

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ବାବା ଆମିଲ ସୁଫି
9540938429
8750311430

ଗୁରୁ ସାହି ଖାନ
A To Z Problem Solution
9818298397
9953959390

ଋଣ...ଋଣ...ଋଣ...
!! ନମୋ ନମୋ ଫାଇନାନ୍ସ !!
E-mail :- namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

ଗ୍ଲୋବାଲ ଫାଇନାନ୍ସ
ISO: 9001:2011 Regd. Company
9415725066
H.No. 12, Sohana Distt. Mohali

ASTROLOGY

ଶକ୍ତିର ଦେଖନ୍ତୁ ଚମତ୍କାର
7578028866
ବାବା କବିର ଖାନ
9599320079

BUSINESS
Galaxy Tower
70,000,00/-
45,000/-
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

!! ଋଣ ଋଣ ଋଣ !!
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

BARSA FINANCE
LOAN BARSA FINANCE
MOB-9853098838
7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ASTRO / VASTU
ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
କ'ଣ ଆପଣ ଚିନ୍ତିତ କି ?
ଯଦି କାହାର ପତି ଓ ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ।
9938991467
BHUBANESWAR-09

ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲି.
REG. NO. BG3274CH1122
9499135756
B-34/7 A Block Vijay Enclave, Bururi, New Delhi

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

DHARITRI Career appointment Every Wednesday and Saturday

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୪ ଡିସେମ୍ବର, ୨୦୧୯



## ସଂକ୍ଷେପରେ

### ଲାଞ୍ଚ: କନିଷ୍ଠଯନ୍ତ୍ରୀ, ଲାଇନମ୍ୟାନ ଗିରଫ

କଟକ ଅଫିସ/ ସାକ୍ଷୀଗୋପାଳ (ଡି.ଏନ୍.ଏ.), ୩।୧୨- ଜଣେ ବ୍ୟକ୍ତିଙ୍କ ଘରେ ଏସି ଲଗାଇବା ନିମନ୍ତେ ଆବଶ୍ୟକ ବିଦ୍ୟୁତ୍ ଶକ୍ତି ବଢାଇବା ପାଇଁ ୫ହଜାର ଟଙ୍କା ଲାଞ୍ଚ ଦାବି। ଏହି ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଗିରଫ ହୋଇଛନ୍ତି ପୁରୀ ଜିଲା ସାକ୍ଷୀଗୋପାଳ ସେସୁ ସେକ୍ସନ-୨ର କନିଷ୍ଠଯନ୍ତ୍ରୀ ବିମ୍ବରାଜ ମହାନ୍ତି ଓ ଲାଇନ୍‌ମ୍ୟାନ ଦେବୀ ପ୍ରସାଦ ନାୟକ। ସତ୍ୟବାଦୀ ଥାନା ଅଧୀନ ଧନକେରା ଗ୍ରାମର ସୁରେଶ ଚନ୍ଦ୍ର ଦାସ ନାମକ ବ୍ୟକ୍ତିଙ୍କଠାରୁ ଏହି ଲାଞ୍ଚ ଗ୍ରହଣ କରୁଥିଲେ। ଭିଜିଲାନ୍ସ ସୂଚନା ଅନୁଯାୟୀ, ସାକ୍ଷୀଗୋପାଳ ସେସୁ ଅଫିସ ଗେଟ୍ ପାଖରେ ଦାସଙ୍କଠାରୁ କନିଷ୍ଠଯନ୍ତ୍ରୀ ମହାନ୍ତି ୫ହଜାର ଟଙ୍କା ଲାଞ୍ଚ ଗ୍ରହଣ କରି ନାୟକଙ୍କ ହାତକୁ ବଢାଇ ଦେଇଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ଲୁଚି ରହିଥିବା ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନର ଅଧିକାରୀମାନେ ଉଭୟଙ୍କୁ କାବୁ କରିଥିଲେ। ଏହା ପରେ ଭିଜିଲାନ୍ସ ପକ୍ଷରୁ ମହାନ୍ତିଙ୍କ ନୟାଗଡ଼ ସହରରେ ଥିବା ଘରକୁ ଭିଜିଲାନ୍ସ ଯାଞ୍ଚ କରିଛି। ଏ ସମ୍ପର୍କରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୬୨/୧୯) ରୁଜୁ ହୋଇଛି।

### ବେଳାଭୂମି ସ୍ୱଚ୍ଛ ରଖିବାକୁ ଭିନ୍ନ ପ୍ରୟାସ

ପୁରୀ ଅଫିସ, ୩।୧୨: ଚନ୍ଦ୍ରଭାଗାରେ ଚାଲିଛି ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ। ଏଥିରେ ଦେଶ ବିଦେଶର ବାଲୁକା ଶିଳ୍ପୀ ଭାଗ ନେଇଛନ୍ତି। ଏହି ମହୋତ୍ସବ ଦେଖିବାକୁ ପ୍ରତ୍ୟହ ଯାତ୍ରୀ, ପର୍ଯ୍ୟଟକଙ୍କ ଭିଡ଼ ହେଉଛି। ଦେଶ ବିଦେଶର ପର୍ଯ୍ୟଟକ ଆସୁଥିବାରୁ ଚନ୍ଦ୍ରଭାଗା ବେଳାଭୂମିକୁ ଯେପରି ସବୁ ସମୟରେ ସ୍ୱଚ୍ଛ ଓ ପରିଷ୍କାର ରଖାଯାଇପାରିବ ସେ ଦିଗରେ ଭିନ୍ନ ପ୍ରୟାସ କରିଛି ୱାଇଲ୍ଡ ଗ୍ରାସ୍ ରେଷ୍ଟୁରାଣ୍ଟ। ବାଲୁକା କଳା ମହୋତ୍ସବ ଉପଲକ୍ଷେ ଏଠାରେ ୱାଇଲ୍ଡ ଗ୍ରାସ୍ ରେଷ୍ଟୁରାଣ୍ଟ ପକ୍ଷରୁ ଖାଦ୍ୟ ଷ୍ଟଲ ଖୋଲାଯାଇଛି। କିନ୍ତୁ ଏହି ଷ୍ଟଲରେ ସମସ୍ତଙ୍କ ପାଇଁ ଏକ ନିଆରା ଅଫର ରହିଛି। ତାହା ହେଉଛି ବେଳାଭୂମିକୁ ସଫା ରଖନ୍ତୁ, ମାଗଣାରେ ଜଳଖିଆ ଖାଆନ୍ତୁ। ଅର୍ଥାତ୍ ବେଳାଭୂମିରେ ପଡ଼ିଥିବା ଅଳିଆ ଆବର୍ଜନା ଆଣି ଯେଉଁମାନେ ଷ୍ଟଲ ପାଖରେ ପହଞ୍ଚୁଛନ୍ତି ସେମାନେ ଏହି ଅଫରର ସୁବିଧା ପାଉଛନ୍ତି। ବେଳାଭୂମିକୁ ସ୍ୱଚ୍ଛ ରଖିବା ଉଦ୍ଦେଶ୍ୟରେ ମୋ ବିଚ୍, ଓଡ଼ିଶା ଇକୋ ଟୁରିଜମ ଫାଉଣ୍ଡେଶନ ଏବଂ ହେରିଟେଜ ଟୁର୍‌ସ ସହଯୋଗରେ ୱାଇଲ୍ଡ ଗ୍ରାସ୍ ପକ୍ଷରୁ ଏହି ଭିନ୍ନ ପ୍ରୟାସ କରାଯାଇଛି।

# '୨୦ ହଜାର ଦିଅ, ପକ୍କାଘର ନିଅ'

ନୟାଗଡ଼ ଅଫିସ,୩।୧୨


ଚାଳଛପର ଘର ଆଗରେ ଅମରି ଓ ତାଙ୍କ ବୋହୂ ଆଶାମଣି।

୨୦ ହଜାର ଟଙ୍କା ଦିଅ, ପକ୍କା ଘର ନିଅ। ଏହି ଉକ୍ତି ହେଉଛି ଖୋଦ୍ ଜଣେ ସରକାରୀ କର୍ମଚାରୀଙ୍କର। ଯୋଗ୍ୟ ତାଲିକାରେ ନାମ ଥିବା ବ୍ୟକ୍ତିଙ୍କଠାରୁ ୨୦ ହଜାର ଟଙ୍କା ନିଆଯାଇ ପକ୍କାଘର କାର୍ଯ୍ୟାଦେଶ ଦିଆଯାଉଛି। ଆଉ ଯିଏ ଦେଇ ନ ପାରିଲା ତାଙ୍କ ନାମକୁ ବାଦ୍ ଦିଆଯାଇ ଅଯୋଗ୍ୟ ହିତାଧିକାରୀଙ୍କଠାରୁ ଲାଞ୍ଚ ନିଆଯାଇ ଏହା ପ୍ରଦାନ କରାଯାଉଛି। ଫଳରେ ଯେଉଁ ମହତ ଲକ୍ଷ୍ୟ ନେଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରଣୟନ ହୋଇଛି ତାହା ସାଧନ ହୋଇପାରୁନାହିଁ। ନୟାଗଡ଼ ଜିଲା ଭାପୁର ବ୍ଲକରେ ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି।

ଭାପୁର ବ୍ଲକ ଗୋଳପୋଖରୀ ପଞ୍ଚାୟତ ବେଗୁନିଆ ଗ୍ରାମର ଅମରି ସାହୁ (୬୦)। ନିଜ ପୁଅ, ବୋହୂ ଓ ଦୁଇ ନାତୁଣୀଙ୍କୁ ନେଇ ଏହି ବୃଦ୍ଧା ଜଣକ ଏକ ଚାଳଘରେ ରହି ଆସୁଛନ୍ତି। ଦୀର୍ଘବର୍ଷ ହେଲା ସେମାନେ ଏକ ପକ୍କା ଘର ପାଇଁ ଆବେଦନ କରିଥିଲେ। ପରେ ଏସ୍ଇସିସି ତାଲିକାରେ ଅମରିଙ୍କ ନାମ ଆସିଥିଲା। ତାଙ୍କର ପଞ୍ଜୀକୃତ ନମ୍ବର ହେଉଛି ଓଆର ୩୫୦୨୩୭୦। ଏହା ଜଣାପଡ଼ିବା ପରେ ଉକ୍ତ ପଞ୍ଚାୟତର ନିର୍ବାହୀ ଅଧିକାରୀ (ପିଇଓ) କୃଷ୍ଣଚନ୍ଦ୍ର ମଲ୍ଲିକ ତାଙ୍କ ପାଖକୁ ଯାଇ ତୁମେ ପକ୍କା ଘର ପାଇବା ପାଇଁ ଯୋଗ୍ୟ ହୋଇଛ, ୨୦ ହଜାର ଟଙ୍କା ଦେଲେ ତୁମର ଘର କାର୍ଯ୍ୟାଦେଶ ମିଳିବ ବୋଲି କହିଥିଲେ। ପରେ ଅମରିଙ୍କ ବୋହୂ ଆଶାମଣି ବିଭିନ୍ନ ଆଡୁ ଧାରଉଧାର କରି ୧୦ ହଜାର ଟଙ୍କା ପିଇଓଙ୍କୁ ଦେଇଥିଲେ। ମାସେ ତଳେ ୧୦ ହଜାର ଟଙ୍କା ଦେଇଥିବା ବେଳେ ସେମାନଙ୍କୁ ଆଉ ୧୦ ହଜାର ଟଙ୍କା ମଗାଯାଉଛି। ବଳକା ଟଙ୍କା ଦେଇପାରୁ ନ ଥିବାରୁ ତାଙ୍କୁ ପକ୍କା ଘର କାର୍ଯ୍ୟାଦେଶ ମିଳୁନାହିଁ। କେବଳ ଅମରି ନୁହନ୍ତି, ତାଙ୍କ ଗ୍ରାମର ବିରଞ୍ଚି ପ୍ରଧାନ, ଚନ୍ଦ୍ରଶେଖର ପ୍ରଧାନ, ବସନ୍ତ ପ୍ରଧାନଙ୍କ ନାମରେ ପ୍ରଧାନମନ୍ତ୍ରୀ ଅବାସ ଯୋଜନାରେ ଗୃହ ପାଇବା ପାଇଁ ଏସ୍ଇସିରେ ନାମ ଥିବାବେଳେ ସେମାନଙ୍କୁ ଦିଆଯାଉନାହିଁ। ବିରଞ୍ଚି କହନ୍ତି, ପିଇଓଙ୍କୁ ସେ ୧୦ ହଜାର ଟଙ୍କା ଦେଇଛନ୍ତି, ଆଉ ୧୦ ହଜାର ଟଙ୍କା ଦେଲେ ତାଙ୍କର କାର୍ଯ୍ୟାଦେଶ ମିଳିବ। ସରକାର ଗରିବ ଲୋକଙ୍କ ପାଇଁ ପକ୍କା ଘର ଦେଉଥିବା ବେଳେ ଅଧିକାରୀମାନେ ଏହାକୁ ବାଟବଣା କରୁଥିବା ସେ ପ୍ରକାଶ କରିଛନ୍ତି। ଅନ୍ୟପଟେ ଉକ୍ତ ଗ୍ରାମର କିଛି ବ୍ୟକ୍ତିଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର କରା ନ ଯାଇ ମିଥ୍ୟା ବିଲ୍ ହୋଇଥିବା ଜଣାପଡ଼ିଛି। ପ୍ରଶାସନ ପକ୍ଷରୁ ଏହାର ବିଧିବଦ୍ଧ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ପଦାକୁ ଆସିବ। ଏ ନେଇ ପିଇଓ କୃଷ୍ଣଚନ୍ଦ୍ର ମଲ୍ଲିକଙ୍କୁ ପଚାରିବାରୁ ସେ ଟଙ୍କା ମାଗିବା କଥାକୁ ଖଣ୍ଡନ କରିଥିଲେ। ହିତାଧିକାରୀମାନେ ତାଙ୍କ ନାମରେ ମିଥ୍ୟା ଅଭିଯୋଗ ଆଣିଥିବା ସେ ପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଏହାର ତଦନ୍ତ କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ପକ୍କା ଘର ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ୧୧୫ଶ ବାର୍ଷିକ ବିଗ୍ରହ ପ୍ରତିଷ୍ଠା ଉତ୍ସବ

## କଳସ ଯାତ୍ରାରେ ଭାଗନେଲେ ୧୪୨ ଭକ୍ତ

ରଣପୁର, ୩।୧୨ (ସ୍ୱ.ପ୍ର.)

ରଣପୁର ଏନଏସି ଅନ୍ତର୍ଗତ ହରଚଣ୍ଡୀ ସାହିସ୍ଥିତ ଶ୍ରୀ ରଘୁନାଥ ଦେବଙ୍କ ପୀଠରେ ୧୧୫ଶ ବାର୍ଷିକ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଯଜ୍ଞ, ଶ୍ରୀ ରାମଚରିତ ମାନସ ପାରାୟଣ ଏବଂ ସାନ୍ଧ୍ୟ ପ୍ରବଚନ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ସେହିପରି କଳସ ଯାତ୍ରାରେ ୧୪୨ ଜଣ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ । ମଧ୍ୟାହ୍ନ ୧୨ ଟାରେ ସମସ୍ତ ମହିଳା ଓ ପୁରୁଷ ସ୍ଥାନୀୟ ମନ୍ଦାକିନୀ ନଦୀରୁ ଜଳ ଉଠାଇ ସହର ପରିକ୍ରମା କରି ହରଚଣ୍ଡୀ ସାହିସ୍ଥିତ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର ଠାରେ ପହଞ୍ଚିଥିଲେ । ସେଠାରେ ଶ୍ରୀ ଜୀଉଙ୍କ ଜଳାଭିଷେକ ପରେ ଯଥାରୀତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମନ୍ଦିର ପରିଚାଳନା କମିଟି ସୂଚନା ଅନୁଯାୟୀ ଏହି ଯଜ୍ଞ ୨ ରୁ ୬ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଏହି କାର୍ଯ୍ୟକ୍ରମରେ ପ୍ରତ୍ୟହ ସାନ୍ଧ୍ୟ ପ୍ରବଚନ ରହିଛି । ଏଥିରେ ମାନସ ବ୍ୟାସ ରୂପେ ପୁରୀ ମନ୍ଦାରବସ୍ତର ଅମୂଲ୍ୟରତ୍ନ ତ୍ରିପାଠୀ ଓ ବକ୍ତା ଭାବେ ନୟାଗଡର ପଣ୍ଡିତ ଗୋପାଳ ଚନ୍ଦ୍ର ରାଜଗୁରୁ ଓ ଖଣ୍ଡପଡାର ସୁଦାମ ଚରଣ ଦାସ ଯୋଗ ଦେଇଥିବା ମନ୍ଦିର ପରିଚାଳନା କମିଟି ତରଫରୁ ଜଣାଯାଇଛି । ଏଥିସହିତ ଉକ୍ତ କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଜଗନ୍ନାଥଙ୍କ ଦଶ ବେଶ ଓ ପଞ୍ଚମୁଖୀ ହନୁମାନ ଭଗବାନଙ୍କ ପ୍ରକଳ୍ପ କାର୍ଯ୍ୟ ପ୍ରସ୍ତୁତ କରାଯାଇଛି । ସନ୍ଧ୍ୟାରେ ଶହ ଶହ ଭକ୍ତଙ୍କ ଭିଡ ଲାଗି ରହିଥିବା ଦେଖିବାକୁ ମିଳିଥିଲା ।


କଳସ ଶୋଭାଯାତ୍ରାରେ ଶ୍ରଦ୍ଧାଳୁମାନେ।

## ଜିଲା କଂଗ୍ରେସର ସାଙ୍ଗଠନିକ ଆଲୋଚନା ସଭା



ସଭାରେ ଯୋଗଦେଇଥିବା କଂଗ୍ରେସ ନେତୃବୃନ୍ଦ।

ନୟାଗଡ଼ ଅଫିସ,୩।୧୨

ଅଖିଳ ଭାରତ କଂଗ୍ରେସ କମିଟି ଅନ୍ତରୀଣ ସଭାପତି ସୋନିଆ ଗାନ୍ଧୀଙ୍କ ନିର୍ଦ୍ଦେଶକ୍ରମେ ଉପକୂଳ ଜିଲା ଦାୟିତ୍ୱରେ ଥିବା ଏଆଇସିସି ସମ୍ପାଦକ ଜି ରୁଦ୍ର ରାଜୁଙ୍କ ନେତୃତ୍ୱରେ ମଙ୍ଗଳବାର ସ୍ଥାନୀୟ କେସି କ୍ଲବଠାରେ କଂଗ୍ରେସର ଏକ ସାଙ୍ଗଠନିକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲା ସଭାପତି ରଣଜିତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଆଗାମୀ ପୌର ଓ ପଞ୍ଚାୟତ ନିର୍ବାଚନ ପାଇଁ କଂଗ୍ରେସ ଦଳକୁ ତୃଣମୂଳସ୍ତରରେ ସୁଦୃଢ଼ କରିବାକୁ ପ୍ରତି ପଞ୍ଚାୟତ ଓ ବ୍ଲକସ୍ତରରେ କର୍ମୀ ସମ୍ମିଳନୀ ଆୟୋଜନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବରିଷ୍ଠ କର୍ମୀ ସରୋଜ ପରିଡ଼ା, ଶୁଭଶ୍ରୀ ପଣ୍ଡା, ମନୋଜ କୁମାର ସାହୁ, ବସନ୍ତ କୁମାର ମହାରଣା, ହୁସେନ ଖାଁ, କମଳ ଚରଣ ସାହୁ, ଫକୀର ଚରଣ ମଲ୍ଲଙ୍କ ସମେତ ଜିଲାର ସମସ୍ତ ଜୋନ୍‌ର ସଭାପତିମାନେ ଯୋଗଦେଇ ମତ ରଖିଥିଲେ। ପ୍ରଦେଶ କଂଗ୍ରେସ ପକ୍ଷରୁ ନୟାଗଡ଼ ଜିଲା ପାଇଁ ନିଯୁକ୍ତ ପର୍ଯ୍ୟବେକ୍ଷକ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ, ଶୁଭେନ୍ଦୁ ମହାନ୍ତି ଆଗାମୀ ଦିନରେ ପ୍ରତି ବ୍ଲକରେ ବୈଠକ କରି ସଭାପତି ଓ ରୁଦ୍ର ରାଜୁ ଜିଲା ସଭାପତି ଚୟନ କରିବେ ବୋଲି ନିଷ୍ପତ୍ତି ହୋଇଥିଲା। ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଉମାରାଣୀ ପାଣି ଧନ୍ୟବାଦ ଦେଇଥିଲେ।

### ବଳାତ୍କାର ଓ ଅପହରଣ ମାମଲାକୁ ୮ମାସ ବିତିଲା

# ବଳାତ୍କାରୀଙ୍କୁ ଗିରଫ କରୁନି ପୋଲିସ

ରଣପୁର, ୩।୧୨(ସ୍ୱ.ପ୍ର.)

ନୟାଗଡ ଜିଲା ରଣପୁର ଥାନା ସୁନାଖଳା ଫାଣ୍ଡି ବାଣିକିଲୋ ପଞ୍ଚାୟତ ଅଞ୍ଚଳରେ ଜଣେ ୧୭ ବର୍ଷିୟା କଲେଜ ଛାତ୍ରୀ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର କରାଯିବା ଘଟଣାକୁ ୮ମାସ ବିତି ଗଲାଣି। ତେବେ ଏ ଯାଏଁ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିନି। ଫେରାର ବଳାତ୍କାରୀ ଅଧିକାଂଶ ସମୟ ନିଜ ଘରକୁ ଆସୁଥିଲେ ମଧ ପୋଲିସ ନୀରବ ରହିବା ଘଟଣା ମୋ ସରକାର କାର୍ଯ୍ୟକ୍ରମର ସ୍ୱଚ୍ଛତାକୁ ପଦାରେ ପକାଇଛି । ରାଜନୈତିକ ଚାପରେ ପୋଲିସ ଚୁପ୍ ହୋଇ ବସିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ଏହି ଘଟଣାକୁ ସହଯୋଗ କରିଥିବା ଅଭିଯୁକ୍ତଙ୍କ ପରିବାର ଲୋକଙ୍କ ପ୍ରତି ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଏଭଳିସ୍ଥଳେ କଲେଜ ଛାତ୍ରୀ ନାବାଳିକା ପାଢ଼ପଢ଼ା ବନ୍ଦ କରି ମାନସିକ ଦୁଶ୍ଚିନ୍ତାରେ ଘରେ ଚୁପ ହୋଇ ବସି ରହୁଛନ୍ତି । ପୋଲିସର ନୀରବତା ଓ ମୟୁରଭଞ୍ଜର ଅଧ୍ୟାପିକା ପୋଲିସ ଠାରୁ ସହଯୋଗ ନପାଇ ଆତ୍ମହତ୍ୟା କରିବା ଘଟଣା ପରେ ପୀଡିତା ଅସହାୟ ହୋଇ ପଡିଛନ୍ତି। ଅଭିଯୁକ୍ତ ପରିବାର ସଦସ୍ୟଙ୍କ ଧମକ, ପୋଲିସର ଅସହଯୋଗକୁ ନେଇ ନାବାଳିକାଙ୍କ ମା ବାପା ନ୍ୟାୟ ପାଇଁ ଥାନା ଓ କୋର୍ଟ କଚେରୀକୁ ଦୌଡି ଦୌଡି ନୟାନ୍ତ ହୋଇ ସାରିଥିଲେ ମଧ ସୁଫଳ ମିଳୁନି ବୋଲି ଅଭିଯୋଗ ହେଉଛି । ଏପରିକି ୩ ଥର ଜିଲାପାଳଙ୍କ ଅଭିଯୋଗ ଶୁଣାଣୀକୁ ଯାଇ ଜିଲାପାଳ ଓ ଏସପିଙ୍କୁ ଭେଟି ନ୍ୟାୟ ପାଇଁ ନିବେଦନ କରିଥିଲେ ମଧ୍ୟ ନିରାଶ ହେବାକୁ ପଡିଛି ବୋଲି ପୀଡିତାଙ୍କ ବାପା ପ୍ରକାଶ କରିଛନ୍ତି। ପ୍ରକାଶଥାଉକି, ଗତ ଅପ୍ରେଲ ୧ରେ ନାବାଳିକା ସାଇକେଲରେ କଲେଜକୁ ଯାଇ ଆଉ ଘରକୁ ଫେରି ନଥିଲେ । ନାବାଳିକାଙ୍କ ସାଇକେଲ ବାଟରେ ପଡି ରହିଥିବା ଦେଖି ପରିବାର ଲୋକେ ଝିଅକୁ ବହୁ ଖୋଜା ଖୋଜି କରି ନ ପାଇବାରୁ ଶେଷରେ ସୁନାଖଳା ଫାଣ୍ଡିରେ ଅଭିଯୋଗ କରିଥିଲେ । ଦୁଇ ଦିନ ପରେ ପରିବାର ଲୋକେ ବୋଲଗଡ ଥାନା ମାଣିକଗୋଡାର ଗାଁରୁ ଝିଅକୁ ବିଷ ପିଇ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୁନାଖଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ପରେ ସେ ନାବାଳିକା ସୁସ୍ଥ ହୋଇଥିଲେ। ତାଙ୍କ ବୟାନ ଅନୁସାରେ ବଡପତୁରିଆ ଗ୍ରାମର ସୁଶିଲ କୁମାର ମହାରଣା କିଛି ସମ୍ପର୍କୀୟଙ୍କ ସହ ମିଶି ଅପହରଣ କରି ନେଇଥିଲେ । ଗୋଟିଏ ଘରେ ରଖି ସୁଶିଲ ତାଙ୍କୁ ବଳାତ୍କାର କରିଥିଲେ। ପରେ ତାଙ୍କୁ ମାରିଦେବା ପାଇଁ ସେ ଓ ତାଙ୍କ ପରିବାର ସଦସ୍ୟ ମିଶି ଜୋରଜବରଦସ୍ତ ବିଷ ପିଆଇଥିଲେ । ଏ ନେଇ ପୀଡିତାଙ୍କ ପରିବାର ଲୋକେ ଅପହରଣ, ବଳାତ୍କାର ଓ ହତ୍ୟା ଉଦ୍ୟମ ପରି ଘଟଣା ସମ୍ପର୍କରେ ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ୩୬୩, ୩୬୬, ୩୭୬,(୨)(ଏନ), ୩୪ ଆଇପିସି, ୬ ଓ ୧୭ ପୋକସ ଆକ୍ଟ ରେ ୮୦/୧୯ରେ ମାମଲା ରୁଜୁ କରି ବସି ରହିଛି । ଏ ସମ୍ପର୍କରେ ସୁନାଖଳା ଫାଣ୍ଡି ଅଧିକାରୀ ପ୍ରଦୀପ କୁମାର ସାମଲଙ୍କୁ ପଚାରିବାରୁ ସେ କୁହନ୍ତି ଅଭିଯୁକ୍ତ ଫେରାର ହୋଇ ଯାଇଥିବାରୁ ଗିରଫ କରାଯାଇ ପାରୁନାହିଁ । କେଶ ଡାଏରୀ ହାଇକୋର୍ଟ ମାଗିବା ପରେ ପ୍ରଦାନ କରାଯାଇଛି ।

## ରୋଟାରି କ୍ଲବର ସଚେତନତା କାର୍ଯ୍ୟକ୍ରମ

ଖଣ୍ଡପଡା, ୩।୧୨ (ସ୍ୱ.ପ୍ର.)


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମୁଖ୍ୟଅତିଥି ଓ ରୋଟାରିଆନ୍‌ମାନେ।

ଭୁବନେଶ୍ୱରସ୍ଥିତ ରୋଟାରୀ କ୍ଲବ ମିଡୋଜ୍ ପକ୍ଷରୁ ଖଣ୍ଡପଡା ସହରର ଅରୁଣ ନିବାସ ପରିସରରେ ମଙ୍ଗଳବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆଶା ଓ କୃଷି ଜୀବିକା କମ୍ପାନୀର ମିଳିତ ସହଯୋଗରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଖଣ୍ଡପଡାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ମୁଖ୍ୟ ଅତିଥିରୂପେ ଯୋଗଦେଇଥିଲେ । ରୋଟାରୀ କ୍ଲବ ଗଭର୍ନର ଅଶ୍ୱିନୀ କର, ସଭାପତି ସୁକୁମାର ଦାଶ, ସମ୍ପାଦିକା ବିଜୟ ଲକ୍ଷ୍ମୀ କର କାର୍ଯ୍ୟକ୍ରମ ଆୟୋଜନର ମହତ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଗ୍ରାମାଞ୍ଚଳରେ କାର୍ଯ୍ୟ କରୁଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବାରେ ରୋଟାରୀ କ୍ଲବର ଭୂମିକା ସମ୍ପର୍କରେ ରୋଟାରିଆନମାନେ ମତ ରଖିଥିଲେ । ସେହିପରି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଗୁଡିକୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇଦେବା, ସେମାନଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟଗୁଡିକୁ ଉଚିତ ମୂଲ୍ୟରେ ବଜାରରେ ବିକ୍ରୟ କରିବା ନେଇ ରୋଟାରୀ କ୍ଲବ ପକ୍ଷରୁ ଗୁରୁତ୍ୱ ଦିଆଯିବ ବୋଲି ରୋଟାରିୟାନମାନେ ମତ ରଖିଥିଲେ । ରୋଟାରୀ କ୍ଲବ ପକ୍ଷରୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସହ ସଦାସର୍ବଦା ସଂଯୋଜନା ନିମନ୍ତେ ସଭାନେତ୍ରୀ ବୈଶାଖୀବାଳା ଦାଶ, ଶ୍ରଦ୍ଧାଞ୍ଜଳୀ ପ୍ରଧାନ ଓ ସାଗରିକା ସ୍ୱାଇଁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ବରିଷ୍ଠ ସଂଗଠକ ତଥା ଆଶା ସଂଗଠନର ଉପ ସଭାପତି ସନ୍ତୋଷ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ

ବୋଲଗଡ଼, ୩।୧୨(ଡି.ଏନ.ଏ.)

ବୋଲଗଡ଼ ବ୍ଲକ ସାଗରଗାଁଠାରେ ମଙ୍ଗଳବାର ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଅଲଟ୍ରା ଅନ୍ଧ ମୂକ ବଧିର ଭିନ୍ନକ୍ଷମ ବିଦ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପୋଲିସ କମିଶନର ଅରୂପ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧରେ ପ୍ରଦୀପ କୁମାର ପଟ୍ଟନାୟକ, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ସାହୁ, ସାମାଜିକ କର୍ମୀ ଶରତ ଜୟସିଂହ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସମ୍ପାଦକ ବ୍ରହ୍ମଚାରୀ ରାୟ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେ ଭିନ୍ନକ୍ଷମ ପିଲାମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଦିବ୍ୟାଙ୍ଗଙ୍କ ମନୋବଳ ବୃଦ୍ଧି କରିବା ଆବଶ୍ୟକ

ଗଣିଆ,୩।୧୨(ଡି.ଏନ.ଏ.)

ଗଣିଆସ୍ଥିତ ବେଲପଡା ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟ ପରିସରରେ ମଙ୍ଗଳବାର ବ୍ଲକସ୍ତରୀୟ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବ୍ଲକର ୫୦ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଓ ୫୦ଜଣ ଅଭିଭାବକ ହାତରେ ବ୍ୟାନର ଧରି ସ୍ଲୋଗାନ ଦେଇ ଗଣିଆ ବଜାର ଓ ଗ୍ରାମ ପରିକ୍ରମା କରିଥିଲେ । ପରେ ବିଦ୍ୟାଳୟ ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଗଣିଆ ସରପଞ୍ଚ ସସ୍ମିତା ଲେଙ୍କା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ସମିତିସଭ୍ୟା ସନ୍ଧ୍ୟାରାଣୀ ସାହୁ, ଏବିଇଓ ପ୍ରଶାନ୍ତ କୁମାର ସାହୁ, ରବୀନ୍ଦ୍ର ନାଥ ବେହେରା ଓ ରାଜକିଶୋର ମହାରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ଶାରୀରିକ ଭାବେ ଅକ୍ଷମ ହେଲେ ମଧ୍ୟ ସେମାନେ ବିଭିନ୍ନ କ୍ଷେତ୍ରରେ ସକ୍ଷମ ହୋଇ ପାରଦର୍ଶିତା ଲାଭ କରିଥାନ୍ତି। ଏପରିକି ଖେଳ, କୁଦ, କୌଶଳ, ଶିକ୍ଷାରେ କୃତିତ୍ୱ ଲାଭ କରିବା ସହ ପ୍ରଶାସନିକ ସ୍ତରରେ ମଧ୍ୟ କାର୍ଯ୍ୟସମ୍ପାଦନ କରିବାରେ ସକ୍ଷମ ହୋଇପାରିଛନ୍ତି । ତେବେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କୁ ଅଣଦେଖା କରିବା, ମନରେ କଷ୍ଟ ଦେବା ଭଳି କୌଣସି ଆଚରଣ ପ୍ରଦର୍ଶନ କରିବା ଅନୁଚିତ । ଉପଯୁକ୍ତ ସ୍ନେହ, ଆଦର କରି ସେମାନଙ୍କ ମନୋବଳକୁ ବୃଦ୍ଧି କରିବା ଆବଶ୍ୟକ ବୋଲି ଅତିଥିମାନେ ଅଭିଭାବକମାନଙ୍କୁ କହିଥିଲେ । ଏହି ଅବସରରେ ଦୃଷ୍ଟିବାଧିତ ଦିବ୍ୟାଙ୍ଗମାନଙ୍କୁ ଚଷମା ପ୍ରଦାନ କରାଯାଇଥିଲା । ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବ୍ଲକର ସମ୍ବଳ ଶିକ୍ଷା ସ୍ୱେଚ୍ଛାସେବୀ ସୁଲୋଚନା ସାହୁ, ଅନାମିକା ମିଶ୍ରଙ୍କ ସମେତ ସମସ୍ତ ସିଆରସିସି ପରିଚାଳନା କରିଥିଲେ ।



ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସଚେତନତା ଶୋଭାଯାତ୍ରା ଓ ସଭା ।

### ରାଶନ କାର୍ଡରେ ମିଳୁନି ଚାଉଳ

# ୮ ପଞ୍ଚାୟତର ଖାଉଟି ହନ୍ତସନ୍ତ

ରଣପୁର, ୩।୧୨(ସ୍ୱ.ପ୍ର.)

ନୟାଗଡ ଜିଲା ରଣପୁର ବ୍ଲକର ୮ ପଞ୍ଚାୟତରେ ୨ମାସ ହେଲା ରାଶନ କାର୍ଡରେ ଚାଉଳ ମିଳୁନି । ଫଳରେ ଗୋପାଳପୁର, ଚମ୍ପାଗଡ, କାସନ୍ଦା, ଖଇରପଲ୍ଲୀ, କୁଳାସର, ମୟୂରଝାଲିଆ, ପଟିଆ ଓ ସୁର୍କାବାଡି ପଞ୍ଚାୟତର ଖାଉଟିମାନେ ହନ୍ତସନ୍ତ ହେଉଛନ୍ତି। ଏନେଇ ଗୋପାଳପୁର ଅଞ୍ଚଳର ଖାଉଟିମାନେ ସୋମବାର ଆନ୍ଦୋଳନକୁ ଓହ୍ଲାଇ ଗୋପାଳପୁର ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିଥିଲେ। ରଣପୁର ବ୍ଲକ ଯୋଗାଣ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ । ଖାଉଟିଙ୍କୁ ତୁରନ୍ତ ଚାଉଳ ଯୋଗାଇ ଦିଆଯିବ ବୋଲି କହିବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ତେବେ ଗୋପାଳପୁର ଆନ୍ଦୋଳନରେ ପ୍ରଭାବିତ ହୋଇ ଅନ୍ୟ ପଞ୍ଚାୟତର ଖାଉଟିମାନେ ଆନ୍ଦୋଳନ କରିବାକୁ ସଜବାଜ ହେଉଛନ୍ତି।

ପ୍ରକାଶଥାଉକି, ନୟାଗଡ ଜିଲାର ବିଭିନ୍ନ ବ୍ଲକରେ ରାଶନ କାର୍ଡରେ ମିଳୁଥିବା ଚାଉଳ ନିକୃଷ୍ଟ ଧରଣର ବୋଲି ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ହୋଇଥିଲା । ଜିଲା ଯୋଗାଣ ଅଧିକାରୀଙ୍କ ସମେତ ୬ଜଣ ନିଲମ୍ବିତ ହୋଇଥିଲେ । ଏହା ପରଠାରୁ ଖାଉଟି ଆଉ ଚାଉଳ ପାଉ ନାହାନ୍ତି । ଏନେଇ ରଣପୁର ବ୍ଲକ ଯୋଗାଣ ଅଧିକାରୀ ଶ୍ରୀହର୍ଷ କୁହନ୍ତି ଚାଉଳ ଯୋଗାଣ ସମସ୍ୟା ସମାଧାନ କରିବାକୁ ବିଭାଗ ତରଫରୁ ତ୍ୱରିତ ପଦକ୍ଷେପ ନିଆଯାଇଛି ।

# ଖଣ୍ଡପଡ଼ାରେ ବିଶ୍ୱ ଦିବ୍ୟାଙ୍ଗ ଦିବସ

ଖଣ୍ଡପଡା, ୩।୧୨(ସ୍ୱ.ପ୍ର.)


ଦିବ୍ୟାଙ୍ଗ ସଂଘ ପକ୍ଷରୁ ଶୋଭାଯାତ୍ରା।

ଖଣ୍ଡପଡା ସହରର ସାମନ୍ତ ଛକରେ ପଠାଣି ସାମନ୍ତ ଦିବ୍ୟାଙ୍ଗ ସଂଘ ପକ୍ଷରୁ ମଙ୍ଗଳବାର ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସଂଘ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସହରର ସାମନ୍ତ ଛକ ଓ ବଜାର ମଧ୍ୟରେ ଅବସ୍ଥିତ ବିଶ୍ୱ ବିଖ୍ୟାତ ଜ୍ୟୋତିର୍ବିଦ ପଠାଣି ସାମନ୍ତଙ୍କ ପ୍ରତିମୂର୍ତ୍ତିରେ ସଂଘ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ପୂର୍ବାହ୍ନରେ ସଂଘର ସଭ୍ୟା, ସଭ୍ୟମାନେ ଖଣ୍ଡପଡା ସହର ପରିକ୍ରମା କରିବା ସହ ମା' ଉମାଦେବୀଙ୍କ ମନ୍ଦିର ପରିସରକୁ ସଫା କରିବା ସହ ବୃକ୍ଷ ରୋପଣ କରିଥିଲେ। ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ସଂଘର ସଭାପତି ନୀଳମଣି ମହାନ୍ତି ପୌରହିତ୍ୟ କରିଥିବାବେଳେ ମୁଖ୍ୟଅତିଥି ଭାବେ ଖଣ୍ଡପଡାର ପୂର୍ବତନ ବିଧାୟକ ତଥା ଇଟି ଆଇଟି ବିଭାଗର ଉପଦେଷ୍ଟା ଅନୁଭବ ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଦିବ୍ୟାଙ୍ଗମାନେ ସମାଜର ଉନ୍ନତି ନିମନ୍ତେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଖଣ୍ଡପଡା ବିଡିଓ ପ୍ରମୋଦ କୁମାର ନାୟକ, ଏନଏସିର ଗୋଷ୍ଠୀ ସଙ୍ଗଠିକା ଇନ୍ଦୁମତୀ ପରିଡା, ପୂର୍ବତନ କାଉନସିଲର ମିହିର କୁମାର ମିଶ୍ର, ପଣ୍ଡିତ ମନୋଜ କୁମାର ଦାଶ ଯୋଗଦେଇଥିଲେ । ଖଣ୍ଡପଡା କଳା ବିକାଶ ପରିଷଦର ସଭାପତି ପ୍ରଦୀପ୍ତ କିଶୋର ମିଶ୍ର ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ । ସମ୍ପାଦକ ଅଚ୍ୟୁତାନନ୍ଦ ମହାରଣା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ସଂଘର ଉପସଭାପତି ପ୍ରଶାନ୍ତ କୁମାର ମହାରଣା, ସହ ସମ୍ପାଦକ ବିକ୍ରମ ଭୂୟାଁ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ । ଏ ଅବସରରେ ଖଣ୍ଡପଡା ସହରର ବିଶିଷ୍ଟ କଣ୍ଠଶିଳ୍ପୀ ଭିକାରୀ ମହମ୍ମଦ, ତବଲା ବାଦକ ବାବାଜୀ ନାୟକ, କାଷ୍ଠ ହସ୍ତଶିଳ୍ପ କାରିଗର ପ୍ରଶାନ୍ତ କୁମାର ମହାରଣା, ଦିବ୍ୟାଙ୍ଗ ସକୁର ଖାନ୍‌ଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।